ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଫେବୃୟାରୀ ୫/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, February 5/2023 Page 16 ₹ 7.00
୪୯ଶ ଭାଗ ୭୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 73 ମୂଲ୍ୟ ₹୭/-



## ଅଡୁଆରେ ଦୀପା କର୍ମକାର

ଡୋପ୍ ଟେଷ୍ଟରେ ବିଫଳ ପାଇଁ ଭାରତର ଷ୍ଟାର ମହିଳା ଜିମ୍ନାଷ୍ଟ ଦୀପା କର୍ମକାର ଖେଳରୁ ୨୧ ମାସ ବାସନ୍ଦ ହୋଇଛନ୍ତି।

୧୬

୧୨

## ବହୁତ ଭଲ ନୟନତାରା

ସାଉଥ୍ ଫିଲ୍ମ ଅଭିନେତ୍ରୀ ନୟନତାରା ଖୁବ୍ ଅଭିଜ୍ଞ ଓ ଜଣେ ବହୁତ ଭଲ ମଣିଷ କହି ଶାହରୁଖ ଖାନ୍ ତାଙ୍କ ପ୍ରଶଂସା କରିଛନ୍ତି।



# କମ୍ପ୍ରେସର ଫାଟି ୨ ମୃତ

## ଗ୍ୟାସ୍ ପାଇପ୍ ଲାଇନ୍ କାମ ବେଳେ ଅଘଟଣ

- **୩ ଶ୍ରମିକ ଆହତ**
- **ଗେଲ୍ ଇଣ୍ଡିଆ ପକ୍ଷରୁ ବିଶାଖାପାଟଣାରୁ ପାରାଦୀପ ଯାଏ ଚାଲିଛି କାମ**
- **ଲାଇସେନ୍ସ ନ ଥାଇ କାମ କରୁଥିଲେ ପ୍ରବାସୀ ଶ୍ରମିକ**
- **ଆଞ୍ଚଳିକ ଶ୍ରମ କମିଶନର ତଦନ୍ତ କରିବେ**

ନୟାଗଡ଼ ଅଫିସ,୪।୨

ନୟାଗଡ ଜିଲା ଇଟାମାଟି ଥାନା ସୁନାଲଟି ନିକଟରେ ଶନିବାର ସନ୍ଧ୍ୟାରେ ବଡ଼ଧରଣର ଅଘଟଣ ଘଟିଛି। ଗ୍ୟାସ୍ ପାଇପ୍ ଲାଇନ୍ କାମ ଚାଲିଥିବାବେଳେ ଏକ କମ୍ପ୍ରେସର ଫାଟିଯିବାରୁ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ୩ଜଣ ଶ୍ରମିକ ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ସୋନୁ ଗାଙ୍ଗୁଲି ଓ ବିଜୟ ଗାଙ୍ଗୁଲି। ଉଭୟଙ୍କର ବୟସ ପ୍ରାୟ ୩୫ ବର୍ଷ ହେବ। ସେମାନଙ୍କ ଘର ମହାରାଷ୍ଟ୍ରରେ ବୋଲି ଜଣାପଡ଼ିଛି। ଆହତମାନେ ହେଲେ ଉତ୍ତରପ୍ରଦେଶ ବନାରସର ସୁନୀଲ କୁମାର(୪୩), ମହାରାଷ୍ଟ୍ର ପୋଲିସ୍ ଗ୍ରାମର ରାମସିଂ ଉତ୍ତମ ସିଂ ମୋରେ(୩୬) ଏବଂ ବୋଲଡା ଗ୍ରାମର ଆୟୁବ କରିମ୍ ପଟେଲ(୩୫)। ଶ୍ରମିକମାନେ ସୁରକ୍ଷା ଉପକରଣ ନ ପିନ୍ଧି କାମ କରୁଥିବା ଜଣାପଡ଼ିଛି। ଏହାର ତଦନ୍ତ ପାଇଁ ଦାବି ହେଉଛି। ଖବର ପାଇ ଇଟାମାଟି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖିଛି। ଏହାସହ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛି ।

ଗେଲ୍ ଇଣ୍ଡିଆ ପକ୍ଷରୁ ବିଶାଖାପାଟଣାଠାରୁ ପାରାଦୀପ ପର୍ଯ୍ୟନ୍ତ ଗ୍ୟାସ୍ ପାଇପ୍ ଲାଇନ କାମ ଚାଲୁ ରହିଛି। ସୁନାଲଟି ନିକଟରେ ଶ୍ରମିକମାନେ ପାଇପ୍ ଲାଇନ୍‌କୁ କମ୍ପ୍ରେସର ଯୋଗେ ସଫା କରୁଥିଲେ। ପାଇପ୍ ଭିତରେ ସୋନୁ ଓ ବିଜୟ ରହି କାମ କରୁଥିବାବେଳେ କମ୍ପ୍ରେସରଟି ଫାଟିଯାଇଥିଲା। ଏହି ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ସୋନୁ ଏବଂ ବିଜୟ ସେଠାରେ ଚାପି ହୋଇଯାଇଥିବାବେଳେ ଅନ୍ୟ ୩ ଶ୍ରମିକ ଛିଟିକି ପଡ଼ିଥିଲେ। ଏହି ୫ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସୋନୁ ଓ ବିଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନ କ୍ଷତାକ୍ତ ହୋଇଛି। ଆହତମାନେ ବିପଦମୁକ୍ତ ଥିବା ଜଣାପଡ଼ିଛି। ☞ପୃଷ୍ଠା-୪



ଜି-୨୦ ପ୍ରତିନିଧିମାନେ ଶନିବାର ଆସାମର ମୋରିଗାଁଓ ଜିଲାରେ ଥିବା ପୋବିତୋରା ବନ୍ୟପ୍ରାଣୀ ଅଭୟାରଣ୍ୟରେ ହାତୀ ସଫାରିର ମଜା ନେଉଛନ୍ତି।

## ସଡ଼କ ଦୁର୍ଘଟଣାରେ ପୂର୍ବତନ ବିଧାୟକ ଅର୍ଜୁନ ଦାସଙ୍କ ମୃତ୍ୟୁ



- **ବିଞ୍ଝାରପୁରରୁ କଂଗ୍ରେସ ଟିକେଟ୍‌ରେ ବିଜୟୀ ହୋଇଥିଲେ**
- **ଦୁର୍ଘଟଣାରେ ସହଯୋଗୀଙ୍କ ମଧ ମୃତ୍ୟୁ**

ଯାଜପୁର ଅଫିସ୍/ଯାଜପୁର ଟାଉନ/ବିଞ୍ଝାରପୁର, ୪।୨ ( ଡି.ଏନ୍.ଏ.)

ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଅର୍ଜୁନ ଚରଣ ଦାସଙ୍କର ଶନିବାର ସକାଳେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ପୂର୍ବାହ୍ନ ପ୍ରାୟ ୯ଟାରେ ଦାସ ନିଜ ସହଯୋଗୀ ଅନନ୍ତ ମହାନ୍ତିଙ୍କ ସହ ବାଇକ୍ ଯୋଗେ ଏକ କୃଷକ ସମ୍ମିଳନୀରେ ଯୋଗଦେବାକୁ ଭୁବନେଶ୍ୱର ଯାଉଥିଲେ। ଅନନ୍ତ ବାଇକ୍ ଚଳାଉଥିଲେ। ଏହି ସମୟରେ ଯାଜପୁର ଖରସ୍ରୋତା ରାଜଘାଟ ସେତୁ ଉପରେ ସେମାନଙ୍କୁ ଏକ ବାଲି ବୋଝେଇ ହାଇୱା (ଓଆର୍ ୧୦ଏଚ୍ ୬୦୧୯) ସମ୍ମୁଖ ପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ☞ପୃଷ୍ଠା-୪

## ବର୍ଷୀୟାନ ଗାୟିକା ବାଣୀ ଜୟରାମଙ୍କ ପରଲୋକ

**ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ**

ଚେନ୍ନାଇ/ଭୁବନେଶ୍ୱର (ବ୍ୟୁରୋ),୪।୨

ମେଘ ବରଷିଲା ଟୁପୁରୁ ଟୁପୁରୁ କେଶୁର ମାଇଲା ଗଜା...। ୭୦ ଦଶକର ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର 'ଶେଷ ଶ୍ରାବଣ'ର ଏହି ହୃଦୟଛୁଆଁ ଗୀତ ଗାଇ ଘରେ ଘରେ ପରିଚିତ ବର୍ଷୀୟାନ ପ୍ରଚ୍ଛଦପଟ ଗାୟିକା ବାଣୀ ଜୟରାମ ଆଉ ନାହାନ୍ତି। ଶନିବାର ଚେନ୍ନାଇସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ସକାଳେ ବାଣୀଙ୍କ ଘରୋଇ ସହାୟିକା ମାଲାରକୋଡ଼ି କାମ କରିବା ପାଇଁ ତାଙ୍କ ଘରେ ପହଞ୍ଚି ଭିତରପଟୁ କବାଟ ବନ୍ଦଥିବା ଦେଖିଥିଲେ। ସେ ବାରମ୍ବାର ଡାକିବା ସତ୍ତ୍ୱେ କୌଣସି ଉତ୍ତର ନ ମିଳିବାରୁ ସମ୍ପର୍କୀୟଙ୍କୁ ଜଣାଇଥିଲେ। ତାଙ୍କ ଭଉଣୀଙ୍କ ପାଖରେ ଥିବା ଡୁପ୍ଲିକେଟ ଚାବି ସହାୟତାରେ ଘର ଖୋଲାଯିବା ପରେ ବାଣୀଙ୍କ ମୁଣ୍ଡରେ ଆଘାତ ଚିହ୍ନ ରହିଥିବା ଓ ତାଙ୍କର ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଥିଲା। ପୋଲିସକୁ ଖବର ଦିଆଯିବା ପରେ ତାଙ୍କ ମୃତଦେହକୁ ହସ୍ପିଟାଲ ନିଆଯାଇଥିଲା। ତଳେ ପଡ଼ି ମୁଣ୍ଡ ଫାଟିଯିବାରୁ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ତାମିଲନାଡୁ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଇବା ସହ ☞ପୃଷ୍ଠା-୪



ବାଣୀ ଜୟରାମ

# ଅପରେଶନ 'ସ୍ୟାଣ୍ଡ ଷ୍ଟର୍ମ'

- **ବାଲି ଚୋରାଚାଲାଣକାରୀଙ୍କୁ ସାବାଡ୍ କରିବାକୁ ଆକ୍ସନ ମୁଡ୍‌ରେ ପ୍ରଶାସନ**
- **ଇଟାଭାଟିରେ ବୁଲଡୋଜର ବୁଲାଇ ଲାଲ୍‌ପତାକା ପୋତିଲା**

ବାଲେଶ୍ୱର ଅଫିସ, ୪।୨

ବାଲେଶ୍ୱର ଉପଜିଲାପାଳ କୁନାଲ ମୋତିରାମ ଚଭନଙ୍କୁ ଆକ୍ରମଣ ପରେ ବାଲି ଚୋରା ଚାଲାଣକାରୀଙ୍କୁ ସାବାଡ୍ କରିବା ଲାଗି ଆକ୍ସନ ମୁଡ୍‌ରେ ଉଭୟ ପ୍ରଶାସନ ଓ ପୋଲିସ। ମୋରମ, ପଥର, ବାଲି ଓ ମାଟି ଚୋରା ଚାଲାଣକାରୀଙ୍କ ଉପରେ ଆରମ୍ଭ ହୋଇଛି ଅପରେଶନ 'ସ୍ୟାଣ୍ଡ ଷ୍ଟର୍ମ'। ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ଏହି ଅପରେଶନ ଆରମ୍ଭ କରିଛନ୍ତି।

ବାଲେଶ୍ୱର ଜିଲା ବୁଢାବଳଙ୍ଗ ନଦୀ କୂଳରେ ଅନବରତ ଚାଲିଥିବା ବେଆଇନ ବାଲି ଉତ୍ତୋଳନ ଓ ଗଢ଼ି ଉଠିଥିବା ଇଟାଭାଟି ଉପରେ ଶନିବାର ଜିଲା ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ସେଠାରେ ବର୍ଷ ବର୍ଷ ଧରି ରହିଥିବା ଇଟାଭାଟିରେ ବୁଲଡୋଜର ଚଳାଯାଇ ଲାଲ୍ ପତାକା ପୋତାଯାଇ ବନ୍ଦ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ୨ ଅଭିଯୁକ୍ତ ଚିତ୍ତରଞ୍ଜନ ବେହେରା ଓ ମନୋରଞ୍ଜନ ବେହେରାଙ୍କ ବେଆଇନ ଇଟାଭାଟି ଉପରେ ପ୍ରଶାସନ ବୁଲଡୋଜର ବୁଲାଇ ଘଟଣାସ୍ଥଳରେ ୧୪୪ ଧାରା ଜାରି କରାଯାଇଛି। ୨ରୁ ଊର୍ଦ୍ଧ୍ୱ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛି। ଉଭୟଙ୍କ ଜମି ଚିହ୍ନଟ କରି ବେଆଇନ ଜାଗାରେ ପ୍ରଶାସନ ଲାଲ୍ ପତାକା ଉଡ଼ାଇଛି। କେଉଁଠି ବେଆଇନ ଅର୍ଥ ବିନିଯୋଗ ହୋଇଛି ତାହା ଉପରେ ମଧ୍ୟ ନଜର ରଖିଛି ପ୍ରଶାସନ। ଏହାସହ ଗଢ଼ି ଉଠିଥିବା ଘର ଟାଉନ୍ ପ୍ଲାନିଂ ନିୟମ ଅନୁସାରେ ହୋଇଛି କି ନାହିଁ ତାହାର ତଦାରଖ ପାଇଁ ବ୍ରିଟ୍‌ର ଏକ ଟିମ୍ ଆସି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ବୋଲି ବ୍ରିଟ୍ ସେକ୍ରେଟାରି ☞ପୃଷ୍ଠା-୪

## ଉପଜିଲାପାଳଙ୍କୁ ଆକ୍ରମଣ ଘଟଣା: ୩ ମହିଳାଙ୍କ ସମେତ ୧୧ ଗିରଫ

ବାଲେଶ୍ୱର ଅଫିସ, ୪।୨

ବାଲେଶ୍ୱର ଜିଲା ରେମୁଣା ବ୍ଲକ ମନ୍ଦାରପୁର ଓ ଦହପଡ଼ା ଅଞ୍ଚଳରେ ଶୁକ୍ରବାର ଉପଜିଲାପାଳ କୁନାଲ ମୋତିରାମ ଚଭନ ଓ ତାଙ୍କ ଡ୍ରାଇଭର ଗଗନ ବିହାରୀ ସାହୁଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୩ ମହିଳାଙ୍କ ସମେତ ୧୧ ଜଣଙ୍କୁ ଗିରଫ କରିଛି। ଏ ନେଇ ଡ୍ରାଇଭର ସାହୁ ସହଦେବଖୁଣ୍ଟା ମଡେଲ୍ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ.୪୦/୨୦୨୩) ରୁଜୁ କରାଯାଇ ☞ପୃଷ୍ଠା-୪

## ସୁପ୍ରିମକୋର୍ଟରେ ୫ ବିଚାରପତି ନିଯୁକ୍ତ

- **୬ରେ ଶପଥ ନେବେ**

ନୂଆଦିଲ୍ଲୀ,୪।୨(ପି.ଟି.)

ସୁପ୍ରିମକୋର୍ଟରେ ଶନିବାର ୫ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ସୋମବାର ପୂର୍ବାହ୍ନ ୧୦ଟା ୩୦ରେ ଶପଥ ଗ୍ରହଣ କରିବେ। ସୁପ୍ରିମକୋର୍ଟର ନୂଆ ବିଲ୍ଡିଂ କମ୍ପ୍ଲେକ୍ସ ଅଡିଟୋରିୟମରେ ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ସେମାନଙ୍କୁ ଶପଥ ପାଠ କରାଇବେ। ୫ ନବନିଯୁକ୍ତ ବିଚାରପତିଙ୍କୁ ମିଶାଇ ସର୍ବୋଚ୍ଚ ଅଦାଲତର ବିଚାରପତି ସଂଖ୍ୟା ୩୨ରେ ପହଞ୍ଚିଛି। ବିଚାରପତି ନିଯୁକ୍ତିକୁ ନେଇ କେନ୍ଦ୍ର ସରକାର ଓ ନ୍ୟାୟପାଳିକା ମଧ୍ୟରେ ଟଣାଓଟରା ଲାଗି ରହିଥିବାବେଳେ ଦୁଇ ଦିନ ପୂର୍ବରୁ ସୁପ୍ରିମକୋର୍ଟ କଡ଼ା ଚେତାବନୀ ଦେଇଥିଲେ। ଏହା ପରେ ସରକାର ୫ ବିଚାରପତିଙ୍କ ନିଯୁକ୍ତିକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବିଫଳ ରଣନୀତି

## ଚାଇନା ଗୋଇନ୍ଦା ବେଲୁନ୍‌କୁ ଖସାଇବା ସହଜ ନୁହେଁ

ୱାଶିଂଟନ,୪।୨

ଆମେରିକାର ସମ୍ବେଦନଶୀଳ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଗଚ୍ଛିତ ରହିଥିବା ସ୍ଥାନ ଉପରେ ଚାଇନାର ପ୍ରଥମ ଗୋଇନ୍ଦା ବେଲୁନ୍ ଉଡୁଥିବା ପେଣ୍ଟାଗନ ଠାବ କରିଛି। ଏହା ଅତ୍ୟାଧୁନିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ହୋଇଥାଇପାରେ ବୋଲି ଆମେରିକା ବିଶେଷଜ୍ଞ କହିଛନ୍ତି। ଏହାର କିଛି ଘଣ୍ଟା ପରେ ଲାଟିନ୍ ଆମେରିକା ଉପରେ ଚାଇନାର ଦ୍ୱିତୀୟ ଗୁପ୍ତଚର ବେଲୁନ୍ ଠାବ ହୋଇଛି। ଏହା ପୂର୍ବଦିଗରେ ଗତିକରି କେନ୍ଦ୍ରୀୟ ଆମେରିକା ଆଡ଼େ ମୁହାଁଇଛି। ଏହି ବେଲୁନ୍‌ଗୁଡ଼ିକ ପର୍ଯ୍ୟବେକ୍ଷଣର ମୂଲ୍ୟବାନ୍ ମାଧ୍ୟମ, ଯାହାକୁ ଗୁଳିକରି ଖସାଇବା ସହଜ ନୁହେଁ ବୋଲି ୱାଶିଂଟନର ମାରାଥନ ଇନିସିଏଟିଭ୍ ଥିଙ୍କ୍‌ଟ୍ୟାଙ୍କର ସର୍ଭିଲାନ୍ସ ବେଲୁନ୍ ବିଶେଷଜ୍ଞ ୱିଲିୟମ୍ କିମ୍ କହିଛନ୍ତି। ପ୍ରଥମଟି ଏକ ଜଳବାୟୁ ବେଲୁନ୍ ଭଳି ଦେଖାଯାଉଥିଲେ ହେଁ ଏହାର ଭିନ୍ନ ବିଶେଷତ୍ୱ ରହିଛି। ବୃହତ ସୋଲାର ପ୍ୟାନେଲ ଶକ୍ତିରେ ପରିଚାଳିତ ଏହି ବେଲୁନ୍ ଏକ ବୃହତ ପ୍ଲେଲୋଡ୍। ମାର୍ଗଦର୍ଶନ ଓ ତଥ୍ୟ ସଂଗ୍ରହ ଲାଗି ଏଥିରେ ଇଲେକ୍ଟ୍ରୋନିକ୍ ସରଞ୍ଜାମ ରହିଛି। ଚାଇନାର ଗୁପ୍ତଚରଗିରି ଉଦ୍ୟମ ବଢ଼ିବାରେ ଲାଗିଥିବାରୁ ଆମେରିକାର ସୁରକ୍ଷା ଅଧିକାରୀମାନେ ଲଗାତର ସତର୍କ କରାଇଆସୁଛନ୍ତି। ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ ଆସନ୍ତା ୫-୬ରେ ଚାଇନା ଯିବାର କାର୍ଯ୍ୟକ୍ରମ ଥିବାବେଳେ ସନ୍ଦିଗ୍ଧ ବେଲୁନ୍‌ର ଉପସ୍ଥିତିକୁ ଦେଖି ପାଗ ଅନୁକୂଳ ନ ଥିବା ଦର୍ଶାଇ ତାଙ୍କ ଗସ୍ତକୁ ସ୍ଥଗିତ ରଖାଯାଇଛି।



## ପୁଣି ୪ଦିନ ରିମାଣ୍ଡରେ ଗୋପାଳ

**ମନ୍ତ୍ରୀ ନବ ଦାସ ହତ୍ୟା ମାମଲା**

ଭୁବନେଶ୍ୱର, (ବ୍ୟୁରୋ)/ ବ୍ରଜରାଜନଗର (ଡି.ଏନ୍.ଏ.), ୪।୨

ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଅଭିଯୁକ୍ତ ଏଏସ୍ଆଇ ଗୋପାଳ କୃଷ୍ଣ ଦାସଙ୍କୁ କ୍ରାଇମବ୍ରାଞ୍ଚ ଆଉ ୪ଦିନିଆ ରିମାଣ୍ଡରେ ନେଇଛି। ପୂର୍ବରୁ ଗୋପାଳଙ୍କୁ ୪ଦିନ ରିମାଣ୍ଡରେ ନେଇଥିବାବେଳେ ଏହାର ଅବଧି ଶନିବାର ଶେଷ ହୋଇଥିଲା। ଅଧିକ ତଦନ୍ତର ଆବଶ୍ୟକତା ଦର୍ଶାଇ କ୍ରାଇମବ୍ରାଞ୍ଚ ଝାରସୁଗୁଡ଼ା ଜେଏମ୍ଏଫ୍‌ସି କୋର୍ଟରେ ୯ଦିନ ରିମାଣ୍ଡ ପାଇଁ ଆବେଦନ କରିଥିଲା। ଏହାର ବିଚାରକରି କୋର୍ଟ ୪ଦିନ ରିମାଣ୍ଡରେ ଯିବାକୁ ଅନୁମତି ଦେଇଛନ୍ତି ବୋଲି ଅଭିଯୁକ୍ତଙ୍କ ଓକିଲ ହରିଶଙ୍କର ଅଗ୍ରୱାଲଙ୍କ ସୂତ୍ରରୁ ଜଣାପଡିଛି। ଶନିବାର କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ଗୋପାଳଙ୍କୁ କଡ଼ା ସୁରକ୍ଷା ମଧ୍ୟରେ କୋର୍ଟରେ ହାଜର କରି ପୁଣି ରିମାଣ୍ଡରେ ନେଇଥିଲା । ଏବେ ଅଭିଯୁକ୍ତ ଗୋପାଳଙ୍କୁ ଝାରସୁଗୁଡା ଓଏସ୍ଏପି ୨ୟ ବାଟାଲିୟନ ରିଜର୍ଭ ପୋଲିସ୍ କ୍ୟାମ୍ପରେ ରଖାଯାଇଛି। ରିମାଣ୍ଡ ଅବଧି ବୃଦ୍ଧିପରେ କ୍ରାଇମବ୍ରାଞ୍ଚ ତରଫରୁ ଅଭିଯୁକ୍ତ ଗୋପାଳଙ୍କୁ ପୁଣି ମାରାଥନ ଜେରା କରାଯିବା ସହ ଗୁଳିକାଣ୍ଡ ସ୍ଥାନକୁ ନେଇ ସିନ୍ ରିକ୍ରିଏଶନ ଆଦି କରାଯିବ ବୋଲି ଜଣାପଡିଛି। ଅପରପକ୍ଷରେ ଗୋପାଳଙ୍କ ସୂଚନା ଅନୁସାରେ ପାଇଖାନା ଟାଙ୍କିରୁ ଜବତ ହୋଇଥିବା ହାତଲେଖା କାଗଜଗୁଡ଼ିକର ଯାଞ୍ଚ ଏବଂ ପରୀକ୍ଷା ପାଇଁ ହସ୍ତଲେଖା ବ୍ୟୁରୋକୁ ଶନିବାର ପଠାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଗତ ୨୯ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ବ୍ରଜରାଜନଗରଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ☞ପୃଷ୍ଠା-୪



ଅଭିଯୁକ୍ତ ଗୋପାଳ କୃଷ୍ଣ ଦାସ

## ୱିକିପିଡିଆକୁ ବ୍ଲକ୍ କଲା ପାକିସ୍ତାନ

ପାକିସ୍ତାନ ସରକାର ୱିକିପିଡିଆକୁ ବ୍ଲକ୍ କରିଛନ୍ତି। ଏହି ଅନ୍‌ଲାଇନ ଏନ୍‌ସାଇକ୍ଲୋପିଡିଆ ଆପରାଧିକ ତଥା ଧର୍ମନିନ୍ଦାକାରୀ ବିଷୟବସ୍ତୁ ହଟାଇବାରେ ବିଫଳ ହେବାରୁ ଇସ୍‌ଲାମାବାଦ ଏଭଳି ପଦକ୍ଷେପ ନେଇଛି। ପାକିସ୍ତାନ ଟେଲିକମ୍ ଅଥରିଟି ୱିକିପିଡିଆ ସର୍ଭିସକୁ ୪୮ ଘଣ୍ଟା ପାଇଁ ଡିଗ୍ରେଡେଡ୍ କରିବା ସହ ଧର୍ମନିନ୍ଦା ବିଷୟବସ୍ତୁ ନ ହଟାଇଲେ ବ୍ଲକ୍ କରିଦିଆଯିବ ବୋଲି ଧମକ ଦେଇଥିଲା।

### ସଂକ୍ଷେପରେ

## ଶାଢ଼ି ବଣ୍ଟନ ବେଳେ ଦଳାଚକଟା: ୪ ମୃତ

**ଚେନ୍ନାଇ, ୪।୨:** ତାମିଲନାଡୁ ତିରୁପତ୍ତୁର ଜିଲା ଭାନିୟାମ୍ବାଡିରେ ଶାଢ଼ି ବଣ୍ଟନ ବେଳେ ଦଳାଚକଟା ହୋଇ ୪ ମହିଳାଙ୍କ ମୃତ୍ୟୁ ଘଟିଛି। ୧୧ ଗୁରୁତର ଆହତ ହୋଇଛନ୍ତି। ଆଞ୍ଚଳିକ ଥାଇପୁସମ ପର୍ବ ଅବସରରେ ଆଇୟାପାନ ନାମକ ଜଣେ ବ୍ୟକ୍ତି ମାଗଣାରେ ଶାଢ଼ି ବାଣ୍ଟୁଥିଲେ। ଶାଢ଼ି ଲାଗି ମହିଳାଙ୍କୁ ଟୋକନ ଦେଖାଇବାର ଆବଶ୍ୟକତା ଥିବାବେଳେ କାଉଣ୍ଟରରେ ମହିଳା ଠେଲାପେଲା ହୋଇଥିଲେ। ଘଟଣା ନେଇ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ଶୋକବ୍ୟକ୍ତ କରି ମୃତକଙ୍କ ପାଇଁ ୨ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

## ସନିଙ୍କ ଫ୍ୟାଶନ୍ ଶୋ' ନିକଟରେ ବିସ୍ଫୋରଣ



**ଇମ୍ଫାଲ, ୪।୨:** ବଲିଉଡ୍ ଅଭିନେତ୍ରୀ ସନି ଲିଓନ ଯୋଗଦେବାକୁ ଥିବା ଫ୍ୟାଶନ ଶୋ' କାର୍ଯ୍ୟକ୍ରମ ନିକଟରେ ଶନିବାର ସନ୍ଧ୍ୟାରେ ବଡ଼ ଧରଣର ବିସ୍ଫୋରଣ ଘଟିଛି। ରବିବାର ଦିନ ସନି ମଣିପୁର ଇମ୍ଫାଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥାନ୍ତେ। ତେବେ ବିସ୍ଫୋରଣରେ କୌଣସି ଧନ ଜୀବନ ନଷ୍ଟ ହୋଇ ନ ଥିବା କୁହାଯାଉଛି। ବିସ୍ଫୋରଣର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ସ୍ଥାନୀୟ ବୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

## ଏସ୍‌ଆଇଙ୍କ କାନକୁ କାମୁଡ଼ି ଦେଲେ ଅଭିଯୁକ୍ତ

**କାସାରଗୋଡ, ୪।୨:** କେରଳର କାସାରଗୋଡ ପୋଲିସ ଗାଡ଼ିରେ ଜଣେ ଅଭିଯୁକ୍ତଙ୍କୁ ଥାନାକୁ ନିଆଯାଉଥିବାବେଳେ ଅଭିଯୁକ୍ତଜଣକ ଏସ୍‌ଆଇଙ୍କ କାନ କାମୁଡ଼ି ଦେଇଛନ୍ତି। ଅଭିଯୁକ୍ତଙ୍କ କାମୁଡ଼ାରେ ଏସ୍‌ଆଇ ଆହତ ହୋଇଯାଇଥିବାବେଳେ ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ଏକ ବାଇକ୍ ଧକ୍କା ଘଟେଇଥିବା ଅଭିଯୁକ୍ତ ଷ୍ଟେନି ରୋଡ୍ରିଗୁଇଜଙ୍କୁ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରୁ ଗୁରୁବାର ଥାନାକୁ ନେଉଥିଲା। ଗାଡ଼ିର ପଛସିଟ୍‌ରେ ବସିଥିବା ଷ୍ଟେନି ଆଗରେ ବସିଥିବା ଏସ୍‌ଆଇଙ୍କ ବାମ କାନକୁ କାମୁଡ଼ି ଦେଇଥିଲେ। ଏସ୍‌ଆଇଙ୍କୁ ପ୍ରଥମେ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିବାବେଳେ ପରେ ଏକ ଘରୋଇ ଡ଼ାକ୍ତରଖାନାରେ ତାଙ୍କ ଚିକିତ୍ସା କରାଯାଇଥିଲା। ଏ ନେଇ ଅଭିଯୁକ୍ତଙ୍କ ପୋଲିସ ଗିରଫ କରିଛି।

### ମୋର୍ବି ପୋଲ ଭୁଶୁଡ଼ିବା ମାମଲା

## ୭ ଅଭିଯୁକ୍ତଙ୍କ ଜାମିନ ଖାରଜ

**ମୋର୍ବି,୪।୨:** ଗୁଜରାଟର ମୋର୍ବି ଝୁଲା ପୋଲ ଭୁଶୁଡ଼ିବା ଘଟଣାରେ ଗିରଫ ୭ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ସ୍ଥାନୀୟ ସେସନ୍ସ କୋର୍ଟ ଖାରଜ କରିଦେଇଛନ୍ତି। ଗତବର୍ଷ ଅକ୍ଟୋବର ୩୦ରେ ବ୍ରିଟିଶ ଅମଳର ଏହି ପୋଲ ଭୁଶୁଡ଼ି ପଡ଼ିବାରୁ ୧୩୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ପୋଲର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଓରେଭା ଗ୍ରୁପ୍‌ର ୨ ମ୍ୟାନେଜରଙ୍କ ସମେତ ୭ ଜଣଙ୍କ ଜାମିନ ଆବେଦନକୁ ପ୍ରିନ୍ସିପାଲ ସେସନ୍ସ ଜଜ୍ ପି.ସି. ଜୋଶୀଙ୍କ କୋର୍ଟ ଖାରଜ କରିଦେଇଛନ୍ତି। ଓରେଭା ଗ୍ରୁପ୍‌ର ଏମ୍‌ଡି ଜୟସୁଖ ପଟେଲ ଗତ ୧ ତାରିଖରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ପଟେଲଙ୍କ ସମେତ ୧୦ ଜଣ ଗିରଫ ହୋଇଥିବାବେଳେ ସେମାନଙ୍କ ବିରୋଧରେ ଗତ ସପ୍ତାହରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା।

# ଆମେରିକାରେ ବିଯୁକ୍ତ ୪୬ ଡିଗ୍ରୀ ତାପମାତ୍ରା



ଆମେରିକାର ଉତ୍ତରପୂର୍ବ ଭାଗରେ ଭୀଷଣ ଶୀତ ଲହରି ଜାରି ରହିଛି। ଫଳରେ ନ୍ୟୁ ହାମ୍ପସାୟାର ମାଉଣ୍ଟ ୱାଶିଂଟନ ସମେତ ମାସାଚୁସେଟ୍ସରେ ତାପମାତ୍ରା ବିଯୁକ୍ତ ୪୬ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚିଛି। ଶୀତ ଲହରି ନ୍ୟୁୟର୍କ ସମେତ ମାସାଚ୍ୟୁସେଟ୍ସ, କନେକ୍ଟିକଟ, ରୋଡେ ଆଇଲାଣ୍ଡ, ନ୍ୟୁ ହାମ୍ପିଶାୟାର, ଭରମୋଣ୍ଟ ଏବଂ ମାଇନେରେ ଜାରି ରହିବ ବୋଲି ସତର୍କ କରିଦିଆଯାଇଛି। ଏହି ଅଞ୍ଚଳରେ ୧୬ ନିୟୁତ ଲୋକ ବସବାସ କରନ୍ତି। ବହୁବର୍ଷ ପରେ ଆମେରିକାରେ ଏଭଳି ଥଣ୍ଡା ଅନୁଭୂତ ହୋଇଛି। ଜାତୀୟ ପାଣିପାଗ ସେବା ବିଭାଗ ଅନୁଯାୟୀ ଏଭଳି ଥଣ୍ଡା ପାଗ ବେଶୀଦିନ ରହି ନ ଥାଏ। ତେବେ ପ୍ରବଳ ଥଣ୍ଡା ସାଙ୍ଗକୁ କାଲୁଆ ପବନ ଯୋଗୁ ଭୟଙ୍କର ପାଗ ସୃଷ୍ଟି ହୋଇଛି। ଥଣ୍ଡା ଯୋଗୁ ଶୁକ୍ରବାର ଦୁଇଟି ସହରର ଶିକ୍ଷାନୁଷ୍ଠାନକୁ ବନ୍ଦ ଘୋଷଣା କରାଯାଇଥିଲା। ରବିବାର ପର୍ଯ୍ୟନ୍ତ ବୋଷ୍ଟନରେ ଏମର୍ଜେନ୍ସି ଜାରି ହୋଇଛି ଏବଂ ଲୋକମାନଙ୍କୁ ସହାୟତା ଲାଗି ୱାର୍ମିଂ ସେଣ୍ଟରମାନ ଖୋଲାଯାଇଛି।

# ଚିଲିରେ ଜଳୁଛି ଜଙ୍ଗଲ: ୧୩ ମୃତ

ସାଣ୍ଟିଆଗୋ,୪।୨



ଚିଲିର ୧୫୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଜଙ୍ଗଲ ଜଳୁଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଘର ଧ୍ୱଂସ ହେଲାଣି। ପ୍ରବଳ ଗ୍ରୀଷ୍ମପ୍ରବାହ ଲାଗିରହିଥିବାବେଳେ ଏହି ଦକ୍ଷିଣ ଆମେରିକୀୟ ଦେଶର ହଜାର ହଜାର ଏକର ଜଙ୍ଗଲ ଜଳିଗଲାଣି। ରାଜଧାନୀ ସାଣ୍ଟିଆଗୋଠାରୁ ୫୬୦ କିଲୋମିଟର ଦକ୍ଷିଣରେ ଅବସ୍ଥିତ ବିଓବିଓ ଅଞ୍ଚଳରେ ଜଙ୍ଗଲ ନିଆଁରେ ୧୧ ଜଣଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ଜଣେ ଅଗ୍ନିଶମ କର୍ମଚାରୀ ଅଛନ୍ତି। ସେ ନିଆଁ ଲିଭାଉଥିବାବେଳେ ଦମକଳ ଗାଡ଼ି ତାଙ୍କ ଉପରେ ମାଡ଼ିଯାଇଥିଲା। ସେହିପରି ଅରୋକାନିଆ ଅଞ୍ଚଳରେ ନିଆଁଲିଭାରେ ନିୟୋଜିତ ଥିବା ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ଏହାର ପାଇଲଟ ଓ ମେକାନିକ୍‌ଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ମଧ୍ୟାହ୍ନ ସୁଦ୍ଧା ୧୫୧ଟି ସ୍ଥାନରେ ଜଙ୍ଗଲ ଜଳୁଥିବାବେଳେ ୬୫ଟି ନିୟନ୍ତ୍ରଣକୁ ଆସିଲାଣି। ୩୪,୫୯୫ ଏକର ଜଙ୍ଗଲରେ ନିଆଁ ଲାଗିଛି। ଗ୍ରୀଷ୍ମ ଲହରି ଲାଗି ରହିଥିବାର ଚିଲିର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ପ୍ରବଳ ବେଗରେ ପବନ ବହୁଥିବାରୁ ନିଆଁ ଲିଭାଇବାରେ ଏହା ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ନିଆଁ ଲିଭାଇବା ସହ କ୍ଷତିଗ୍ରସ୍ତଙ୍କୁ ଥଇଥାନ କରିବା ଉପରେ ସରକାର ପ୍ରାଥମିକତା ଦେଉଛନ୍ତି। ତେବେ ଜଙ୍ଗଲ ନିଆଁରେ କେତେ ଘର ଧ୍ୱଂସ ହେଲାଣି ତାହା ସ୍ପଷ୍ଟ ହୋଇନାହିଁ।

# ଶର୍ଜିଲ ଇମାମଙ୍କୁ ମୁକ୍ତ କଲେ ଦିଲ୍ଲୀ କୋର୍ଟ

ନୂଆଦିଲ୍ଲୀ,୪।୨

### ଜାମିଆ ହିଂସା ମାମଲା



ଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟିରେ ହିଂସା ମାମଲାର ଅଭିଯୁକ୍ତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ପୂର୍ବତନ ଛାତ୍ର ଶର୍ଜିଲ ଇମାମ ଏବଂ ସହଅଭିଯୁକ୍ତ ଅସିଫ୍ ଇକ୍‌ବାଲ ତନ୍‌ହାଙ୍କୁ ଦିଲ୍ଲୀର ଏକ ଅଦାଲତ ମୁକ୍ତ କରିଦେଇଛନ୍ତି। ସାକେତ୍ କୋର୍ଟର ଅତିରିକ୍ତ ସେସନ୍ସ ଜଜ୍ ଅରୁଣ ବର୍ମା ଏହି ରାୟ ପ୍ରଦାନ କରିଛନ୍ତି। ୨୦୧୯ ଡିସେମ୍ବରରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ବିକ୍ଷୋଭ ଚାଲିଥିବାବେଳେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ପରେ ହିଂସା ସୃଷ୍ଟି ହୋଇଥିଲା। ଏନେଇ ଇମାମ ଏବଂ ତନ୍‌ହାଙ୍କ ବିରୋଧରେ ଦଙ୍ଗା ସୃଷ୍ଟି, ବେଆଇନ ସମାବେଶ ସମେତ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା। ଅନ୍ୟତମ ଅଭିଯୁକ୍ତ ମହମ୍ମଦ ଇଲିୟାସଙ୍କ ବିରୋଧରେ ବେଆଇନ ଭାବେ ଏକାଠି ହେବା ଏବଂ ଦଙ୍ଗା ଅଭିଯୋଗରେ ଚାର୍ଜଫ୍ରେମ୍ ହୋଇଥିଲା। ତେବେ ଇମାମଙ୍କ ବିରୋଧରେ ୨୦୨୦ର ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗା ମାମଲାରେ ଷଡ଼ଯନ୍ତ୍ର ପାଇଁ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ମାମଲା ରୁଜୁ ହୋଇଥିବାରୁ ସେ ଏବେ ଜେଲରେ ରହିବେ।

# କେଜରିୱାଲଙ୍କ ଇସ୍ତଫା ଦାବିରେ ଭାଜପାର ବିକ୍ଷୋଭ

ନୂଆଦିଲ୍ଲୀ,୪।୨

### ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା

ଦିଲ୍ଲୀ ସରକାରଙ୍କ ନୂଆ ଅବକାରୀ ନୀତି ଯୋଗୁ ହୋଇଥିବା ଦୁର୍ନୀତି ପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଦାୟୀ କରି ଭାଜପା ଶନିବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି) କାର୍ଯ୍ୟାଳୟ ବାହାରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରିଛି। ମୁଖ୍ୟମନ୍ତ୍ରୀ ପଦରୁ କେଜରିୱାଲଙ୍କ ଇସ୍ତଫା ଲାଗି ଭାଜପା ଦାବି କରିଛି। ବିକ୍ଷୋଭକାରୀମାନେ ବାରିକେଡ୍ ଭାଙ୍ଗି ଆଗକୁ ଯିବାକୁ ଉଦ୍ୟମ କରିବାରୁ ପୋଲିସ ସହ ସେମାନଙ୍କର ସଂଘର୍ଷ ହୋଇଥିଲା। କେଜ୍‌ରିୱାଲଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱିତୀୟ ଚାର୍ଜଶିଟ୍ ଦାଖଲ କରିଥିବାରୁ ଦୁର୍ନୀତିରେ ତାଙ୍କର ସମ୍ପୃକ୍ତି ପ୍ରମାଣିତ ହୋଇଥିବା ଭାଜପା କହିଛି। ଦିଲ୍ଲୀ ଅବକାରୀ ନୀତି ଅନିୟମିତତା ଅଭିଯୋଗରେ ଗୁରୁବାର ୫ ଅଭିଯୁକ୍ତ ଏବଂ ୭ କମ୍ପାନୀ ବିରୋଧରେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ ହୋଇଥିଲା। ଅବକାରୀ ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ ଉପରାଜ୍ୟପାଳ ଭି.କେ. ସାକ୍ସେନା ନିର୍ଦ୍ଦେଶ ଦେବା ପରେ ଏଏପି ସରକାର ଗତବର୍ଷ ବିବାଦୀୟ ଅବକାରୀ ନୀତିକୁ ପ୍ରତ୍ୟାହାର କରିନେଇଥିଲେ। ଏହି ଅବକାରୀ ନୀତିରେ ଏଏପି ସରକାର ମଦ ବ୍ୟବସାୟ ପାଇଁ ଲାଇସେନ୍ସ ଦେଇ ୧୦୦ କୋଟି ଟଙ୍କା ଲାଞ୍ଚ ସଂଗ୍ରହ କରିଥିବା ଅଭିଯୋଗ ହୋଇଥିଲା। ଏହି ଅର୍ଥକୁ ଏଏପି ଗୁଜରାଟ ନିର୍ବାଚନ ପ୍ରଚାରରେ ଖର୍ଚ୍ଚ କରିଥିବା ଭାଜପା ଅଭିଯୋଗ କରିଛି।



ବିକ୍ଷୋଭବେଳେ ଜଣେ ଭାଜପା କର୍ମୀ ପୋଲିସ ବ୍ୟାରିକେଡ୍ ଡେଉଁଛନ୍ତି।

## ମନ୍ଦିରରୁ ଚୋରି ସନ୍ଦେହରେ ଯୁବକଙ୍କୁ ପିଟି ହତ୍ୟା

ରାଜକୋଟ,୪।୨

ଗୁଜରାଟର ପୋରବନ୍ଦର ଅଞ୍ଚଳରେ ଏକ ମନ୍ଦିରରୁ ଦାନବାକ୍ସ ଚୋରି କରିଥିବା ସନ୍ଦେହରେ ଜଣେ ୩୫ ବର୍ଷୀୟ ଯୁବକଙ୍କୁ ୩ ଜଣ ପିଟି ମାରିଦେଇଛନ୍ତି। ଗତ ଗୁରୁବାର ରାତିରେ ଶ୍ୟାମ ବଥିୟା ସାଇକେଲରେ ଫିନାଇଲ ଏବଂ ଏସିଡ୍ ବିକୁଥିବାବେଳେ ମନ୍ଦିର ଟ୍ରଷ୍ଟିମାନେ ବଚ୍ଛା ଦାଦା ମନ୍ଦିରରୁ ଚୋରି ସମ୍ପର୍କରେ ଆଲୋଚନା କରୁଥିଲେ। ଏହି ସମୟରେ ସେମାନେ ଶ୍ୟାମକୁ ମନ୍ଦିର ନିକଟରେ ଦେଖି ସେ ଚୋରି କରିଥିବା ସନ୍ଦେହ କରିଥିଲେ। ଶ୍ୟାମଙ୍କୁ ୩ ଜଣ ଧରିନେଇ ଲାଠି ଓ ପ୍ଲାଷ୍ଟିକ୍ ପାଇପ୍‌ରେ ନିର୍ଘାତ ପିଟିଥିଲେ। ଖବର ପାଇ ପୋଲିସ ଶ୍ୟାମଙ୍କୁ ଥାନାକୁ ନେଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମାଡ଼ ମାରିବା ଘଟଣା ମନ୍ଦିର ସିସିଟିଭିରେ କଏଦ ହୋଇଥିଲେ ହେଁ ଅଭିଯୁକ୍ତମାନେ ଉକ୍ତ ଫୁଟେଜ୍‌କୁ ଡିଲିଟ୍ କରିଦେଇଥିବା ଅଭିଯୋଗ ହୋଇଛି। ପୋଲିସ ୩ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବାଲ୍ୟ ବିବାହ ବିରୋଧୀ ଅଭିଯାନ: ମହିଳାଙ୍କ ଆତ୍ମହତ୍ୟା



ଗିରଫଦାରୀ ଅଭିଯାନକୁ ବିରୋଧ କରି ଆସାମର ଧୁବ୍ରି ଥାନା ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ।

ଦିଶପୁର, ୪।୨

ଆସାମରେ ବାଲ୍ୟ ବିବାହ ବିରୋଧରେ ଆରମ୍ଭ କରାଯାଇଥିବା ଗିରଫଦାରି ଡରରେ ଜଣେ ମହିଳା ଶନିବାର ଆତ୍ମହତ୍ୟା କରିଛନ୍ତି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ମହିଳାଙ୍କ ବାଲ୍ୟ ବିବାହ କରାଯାଇଥିଲା। ପୋଲିସ ତାଙ୍କ ବାପାଙ୍କୁ ଗିରଫ କରିନେବ ଡରରେ ମହିଳା ଏହି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଅନ୍ୟପକ୍ଷେ ଜିଲା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ବିରୋଧ କରି ଶନିବାର ହଜାରେ ସଂଖ୍ୟାରେ ମହିଳା ଧୁବ୍ରି ଥାନା ଆଗରେ ଜମା ହୋଇଥିଲେ। ଦୁଇଦିନରେ ପୋଲିସ ମୋଟ ୨୨୫୭ ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଛାଡ଼ିବା ଦାବିରେ ମହିଳା ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ପୋଲିସ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିଯାନରେ ମୋଟ ୮ ହଜାର ଲୋକଙ୍କ ନାମ ଥିବାବେଳେ ୪,୦୦୪ ଟି ମାମଲା ରୁଜୁ କରାଯାଇଛି। ଗିରଫ ହୋଇଥିବା ଲୋକଙ୍କ ମଧ୍ୟରେ ୫୧ ଜଣ ପୁରୋହିତ ଏବଂ କାଜି ରହିଥିବା ପୋଲିସ କହିଛି। ତେବେ ରାଜ୍ୟ ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୨୦୨୬ ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଶନିବାର କହିଛନ୍ତି।

# ରାମ ମନ୍ଦିର ଉଡ଼ାଇଦେବାକୁ ଧମକ

ମୋତିହାରି,୪।୨

### ବିହାରରୁ ୩ ପିଏଫ୍‌ଆଇ ସନ୍ଦିଗ୍ଧ ଗିରଫ

ଅଯୋଧ୍ୟାର ରାମମନ୍ଦିରକୁ ବିସ୍ଫୋରଣରେ ଉଡ଼ାଇଦେବାକୁ ଧମକ ଦେଇଥିବା ଅଭିଯୋଗରେ ବେଆଇନ ଘୋଷିତ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ)ର ୩ ଜଣ ସନ୍ଦିଗ୍ଧଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶନିବାର ସକାଳେ ବିହାରର ମୋତିହାରି ଜିଲାରେ ଅଟକ ରଖିଛି। ଏନ୍‌ଆଇଏ ଏବଂ ବିହାର ପୋଲିସ ଜିଲାର କୌନୱାନ ଗ୍ରାମରେ ମିଳିତ ଚଢ଼ାଉ କରିଥିଲେ। ଅଭିଯୁକ୍ତମାନଙ୍କୁ ଏନ୍‌ଆଇଏ ଏବଂ ଅନ୍ୟ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଜେରା କରୁଛନ୍ତି। ଜାନୁୟାରୀ ୩୧ରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଥିଲା। ଫେସ୍‌ବୁକ୍‌ରେ ଉସ୍‌ମାନ ନାମକ ଜଣେ ବ୍ୟକ୍ତି ରାମମନ୍ଦିରକୁ ଉଡାଇଦେବା ସହ ସେଠାରେ ବାବ୍ରୀ ମସ୍‌ଜିଦ ନିର୍ମାଣ କରିବାକୁ ଧମକ ଦେଇଥିଲେ। ଏହି ଭିଡିଓ ଭାଇରାଲ ପରେ ଏନ୍‌ଆଇଏ ପକ୍ଷରୁ ଚଢ଼ାଉ ଜାରି ରହିଛି। ରାମଲାଲାଙ୍କ ମୂର୍ତ୍ତି ନିର୍ମାଣ ଲାଗି ନେପାଳରୁ ଅଯୋଧ୍ୟାକୁ ଦେବଶିଳା ଯାତ୍ରା ବେଳେ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହୋଇଥିଲା।

# ଗର୍ଭଧାରଣ କରିଛନ୍ତି ଟ୍ରାନ୍ସ ମ୍ୟାନ୍

ଥିରୁଭାନନ୍ତପୁରମ୍,୪।୨

କେରଳର ଏକ ଟ୍ରାନ୍ସଜେଣ୍ଡର କପୁଲ ସେମାନଙ୍କର ପ୍ରଥମ ସନ୍ତାନକୁ ଜନ୍ମ ଦେବାକୁ ଯାଉଛନ୍ତି। ଆସନ୍ତା ମାର୍ଚ୍ଚ ମାସରେ ଟ୍ରାନ୍ସ ମ୍ୟାନ୍ (ଲିଙ୍ଗ ପରିବର୍ତ୍ତନ କରି ପୁରୁଷ ହୋଇଥିବା ଯୁବତୀ) ଜହାଦ ସନ୍ତାନ ପ୍ରସବ କରିବେ। ୩ ବର୍ଷ ଧରି କେରଳର କୋଝିକୋଡେରେ ଟ୍ରାନ୍ସ ଜେଣ୍ଡର କପୁଲ ଜହାଦ ଏବଂ ଜିୟା ପାଭାଲ ରହୁଛନ୍ତି। ଜହାଦ ୮ ମାସର ଶିଶୁକୁ ଗର୍ଭରେ ଧାରଣ କରିବା କଥାକୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ଜିୟା ପ୍ରଥମେ ଜଣାଇଥିଲେ। ତେବେ ଜହାନ ଦେଶର ପ୍ରଥମ ଲିଙ୍ଗପରିବର୍ତ୍ତନକାରୀ ଯେ ଗର୍ଭଧାରଣ କରିଥିବା କୁହାଯାଉଛି। ଜିୟା ପେସାରେ ଜଣେ ଡ୍ୟାନ୍ସର। ସେ ଜନ୍ମରୁ ପୁରୁଷ ଥିବାବେଳେ ପରବର୍ତ୍ତୀ ସମୟରେ ସେ ଲିଙ୍ଗ ପରିବର୍ତ୍ତନ କରି ଝିଅ ହୋଇଥିଲେ। ସେହିପରି ଜହାନ ଝିଅରୁ ପୁଅ ହୋଇଛନ୍ତି। ଦୁଇଜଣଯାକ ଜଣେ ଜଣେ ଟ୍ରାନ୍ସଜେଣ୍ଡର ଜାଣିବା ପରେ ଘରଛାଡ଼ି ବାହାରେ ଏକାକୀ ରହୁଥିଲେ। ପ୍ରଥମେ ଜିୟା ଓ ଜହାନ ଦୁହେଁ ଭଲ ବନ୍ଧୁ ହୋଇରହିବା ପରେ ସେମାନେ ପରସ୍ପରର ପ୍ରେମରେ ପଡ଼ିଥିଲେ, ଯାହାପରେ ସେମାନେ ଏକାଠି ରହିବାର ନିଷ୍ପତ୍ତି ନେଲେ। ଜିଆ ସବୁବେଳେ ଜଣେ ମା' ହେବା ନେଇ ଯେଉଁ ସ୍ୱପ୍ନ ଦେଖୁଥିଲେ, ତାକୁ ଜହାଦ ପୂରଣ କରିଥିବା ସେ କହିଛନ୍ତି। ଜହାଦ ଜନ୍ମରୁ ଜଣେ ମହିଳା ହୋଇଥିବାବେଳେ ତାଙ୍କ ଦେହରେ ଗର୍ଭାଶୟ ଥିବା ହେତୁ ସେ ଗର୍ଭଧାରଣ ପାଇଁ ସକ୍ଷମ ବୋଲି ଡାକ୍ତର କହିଛନ୍ତି। ଅନ୍ୟପକ୍ଷେ ଲିଙ୍ଗ ପରିବର୍ତ୍ତନ ସମୟରେ ଅସ୍ତ୍ରୋପଚାର ଦ୍ୱାରା ତାଙ୍କ ସ୍ତନକୁ କାଟିଯାଇଥିବା ଯୋଗୁ ଏହି ଟ୍ରାନ୍ସ ଜେଣ୍ଡର କପୁଲ ସେମାନଙ୍କ ସନ୍ତାନକୁ ମିଲ୍କ ବ୍ୟାଙ୍କରୁ କ୍ଷୀର ଦେବା କଥା ଜିୟା କହିଛନ୍ତି। ସୋସିଆଲ ମିଡିଆରେ ଜିୟା ଶେୟାର କରିଥିବା ପୋଷ୍ଟକୁ ୟୁଜର୍ସଙ୍କ ଭଲ ରେସ୍ପନ୍ସ ମିଳିଛି। ଅନେକେ ଏହି ଟ୍ରାନ୍ସ ଜେଣ୍ଡର କପୁଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ପରଲୋକରେ କଣ୍ଠଶିଳ୍ପୀ ବାଣୀ ଜୟରାମ




# ବର୍ଷକ ମଧ୍ୟରେ କେନ୍ଦ୍ରାପଡ଼ାରେ ଶିଳ୍ପ ପ୍ରତିଷ୍ଠା

## ସମ୍ଭାବ୍ୟ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଅନୁଧ୍ୟାନ କଲେ ଶିଳ୍ପ ମନ୍ତ୍ରୀ

ଭୁବନେଶ୍ୱର,୪।୨(ବ୍ୟୁରୋ)

ଶକ୍ତି, ଶିଳ୍ପ ଓ ଏମ୍ଏସ୍ଏମ୍ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଶନିବାର ଡୁବୁରୀ-ପାରାଦୀପ ଏକ୍ସପ୍ରେସ୍ ହାଇୱେ କଡ଼ରେ ଶିଳ୍ପ ପ୍ରତିଷ୍ଠା ଲାଗି ଜମି ଚିହ୍ନଟ ପାଇଁ ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍ସିଂହପୁର ଜିଲାର କେତେକ ସ୍ଥାନ ବୁଲି ଦେଖିଛନ୍ତି। ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଇଡ୍କୋର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ଓପିସିସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର, କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ, କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକ ସନ୍ଦୀପ ସମ୍ପତ୍ ମାଡ୍କର, ଇଡ୍କୋ ଜିଏମ୍. କଲ୍ୟାଣ ମହାନ୍ତିଙ୍କ ସହ ଆସି ସେ ପ୍ରଥମେ ଯାଜପୁର ଜିଲାର ଦର୍ପଣ ତହସିଲ, ଚଣ୍ଡିଖୋଲ-ପାରାଦୀପ ଟୋଲଗେଟ୍ ସନ୍ନିକଟ ଶ୍ରୀରାମପୁର ମୌଜାର କେତେକ ଅବ୍ୟବହୃତ ଜମି ଦେଖିଥିଲେ। ଏସବୁ ସ୍ଥାନ ଘରୋଇ ମାଲିକାନାରେ ଥିବା ସତ୍ତ୍ୱେ ଚାଷ କରାଯାଉ ନ ଥିବା ଦେଖାଯାଇଛି। ପରେ ମନ୍ତ୍ରୀ କେନ୍ଦ୍ରାପଡ଼ା ଜିଲା ରାଜନଗର ତହସିଲର କେତେକ ସ୍ଥାନ ବୁଲି ଦେଖିଥିଲେ।

ସେଠାରୁ କେନ୍ଦ୍ରାପଡ଼ା ଯାଇ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଏକ ବୈଠକ କରି ଜିଲାପାଳଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ମହାକାଳପଡ଼ା ତହସିଲର ଅମେଇପାଳ ମୌଜା, କଳଗଡ଼ା, ଯଦୁପୁର, ଅଗ୍ନିଳାଇ, ବେରୁହାଁ ମୌଜା, ଡେରାବିଶ ତହସିଲର ଫକୀରାବାଦ, ତିଳକପୁର ଓ ନୂଆହାଟ ମୌଜାଗୁଡ଼ିକରେ ଉପଲବ୍ଧ ଜମି ନକ୍ସା ଅନୁଧ୍ୟାନ କରିଥିଲେ। କେନ୍ଦ୍ରାପଡ଼ା ଜିଲାରେ କୌଣସି ଶିଳ୍ପ ପ୍ରତିଷ୍ଠାନ ହୋଇପାରୁନାହିଁ। ତେଣୁ ଏସବୁ ଚିହ୍ନଟ ଜମିକୁ ଶିଳ୍ପ ପ୍ରତିଷ୍ଠାନ ନିର୍ମାଣ ସକାଶେ କିପରି ପ୍ରସ୍ତୁତ କରାଯାଇ ପାରିବ ସେନେଇ ଆଲୋଚନା କରାଯାଇଛି। ଯେଉଁ ବେସରକାରୀ ଜମି ଏହି ଉଦ୍ଦେଶ୍ୟରେ କ୍ରୟ କରାଯିବ ତାର ମୂଲ୍ୟ ପଟ୍ଟାଦାରଙ୍କ ଖାତାରେ ଜମାହେବ ବୋଲି ସେ ସୂଚନା ଦେଇଥିଲେ। ତେବେ ସମସ୍ତ ଜଣାପଡିବା ପରେ ଶର୍ମା କଳଗଡ଼ାଠାରେ ଥିବା ଜମି ଚକଡ଼ାକୁ ପ୍ରଥମ, କଳଗଡ଼ାର ଦ୍ୱିତୀୟ ଚକଡ଼ାକୁ ଦ୍ୱିତୀୟ ଓ ମଣିକୁନ୍ଦା ଜମି ଚକଡ଼ାକୁ ତୃତୀୟ ଭାବେ ପ୍ରାଥମିକତା ସୂତ୍ରରେ ବାଛିବାକୁ କହିଛନ୍ତି। ଏ ସବୁ ଜମିର କିସମ, ଜମି ମାଲିକଙ୍କ ଜାତି, ବିକ୍ରି ପାଇଁ ମତାମତ ଉପରେ ଅନୁଧ୍ୟାନ କରିବାକୁ ସେ ଜିଲାପାଳ, ଜମି ଅଧିଗ୍ରହଣ ଅଧିକାରୀ ଓ ରାଜସ୍ୱ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସେଠାରୁ ମନ୍ତ୍ରୀ ପାରାଦୀପ ଯାଇ ପ୍ଲାଷ୍ଟିକ୍ ପାର୍କଠାରେ ସିପେଟ୍ ଦ୍ୱାରା ପରିଚାଳିତ ତାଲିମ କାର୍ଯ୍ୟକ୍ରମର ସଂଚାଳନ ସହ ପ୍ଲାଷ୍ଟିକ୍ର ବିଭିନ୍ନ ବ୍ୟବହାରଯୋଗ୍ୟ ଉପକରଣର ନିର୍ମାଣଶୈଳୀ ବୁଲି ଦେଖିଥିଲେ। ସମ୍ପ୍ରତି ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ମହାନଦୀ କୋଲ୍ଡ ଫିଲ୍ଡ ଲିମିଟେଡ୍ ଏବଂ ଓଡ଼ିଶା ଅନୁସୂଚିତ ଜାତି/ଜନଜାତି ଉନ୍ନୟନ ନିଗମ ଦ୍ୱାରା ପ୍ରାୟୋଜିତ ଯୁବତୀଯୁବକଙ୍କୁ ତାଲିମ ଦିଆଯାଉଥିବା ଅନୁଧ୍ୟାନ କରିଛନ୍ତି। ପରେ ସେଠାରେ ଜଗତ୍ସିଂହପୁର ଜିଲାପାଳ ସୁଶ୍ରୀ ପାରୁଲ ପଟ୍ଟୱାରୀ ଓ ଜିଲାସ୍ତରୀୟ ଅଧିକାରୀ ତଥା ଇଡ୍କୋର ଜମି ଅଧିଗ୍ରହଣ ଅଧିକାରୀମାନଙ୍କ ଉପସ୍ଥିତିରେ ଇଡ୍କୋ ଦ୍ୱାରା ଶିଳ୍ପପୁଞ୍ଜି ପ୍ରତିଷ୍ଠା ଓ ବିକାଶ ନିମନ୍ତେ କରାଯାଉଥିବା ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପର୍କରେ ଏକ ବୈଠକ କରାଯାଇଥିଲା। ଓଡ଼ିଶା ଶକ୍ତି ସଂଚରଣ ନିଗମ ଓ ଟିପିସିଓଡିଏଲ୍ ଦ୍ୱାରା କରାଯାଉଥିବା ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ସମୀକ୍ଷା କରାଯାଇ ଆଗାମୀ ୨୦/୩୦ ବର୍ଷକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ର ଆବଶ୍ୟକତାକୁ ଆକଳନ କରି ଯୋଜନା ପ୍ରସ୍ତୁତ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ କୁହାଯାଇଛି।



# ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହୋଇଛି ୯୮୫ ରାସ୍ତା

## ମୁଖ୍ୟରାସ୍ତା ସହ ୧୧୭୨ ଗ୍ରାମ ସଂଯୋଗ

ଭୁବନେଶ୍ୱର,୪।୨(ବ୍ୟୁରୋ)

ଗ୍ରାମାଞ୍ଚଳର ବିକାଶ ଏବଂ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ସବୁଦିନିଆ ଗମନାଗମନକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ରାସ୍ତା ସଂଯୋଗୀକରଣ ନିମନ୍ତେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ପ୍ରଚଳନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ୨୦୧୫-୧୬ ଆର୍ଥିକ ବର୍ଷଠାରୁ କାର୍ଯ୍ୟକାରୀ ହୋଇଛି। ଏହି ଯୋଜନାରେ ଅଦ୍ୟାବଧି ରାଜ୍ୟରେ ମୋଟ୍ ୯୮୫ ରାସ୍ତା ନିର୍ମାଣ କରାଯାଇଛି। ୩୯୫୧.୨୦ କିମି ଦୈର୍ଘ୍ୟବିଶିଷ୍ଟ ଏହି ରାସ୍ତାଗୁଡ଼ିକ ଦ୍ୱାରା ୧୧୭୨ ଗ୍ରାମକୁ ନିକଟବର୍ତ୍ତୀ ମୁଖ୍ୟରାସ୍ତା ସହ ସଂଯୋଗ ହୋଇଛି। ଏହା ରାଜ୍ୟ ସରକାରଙ୍କ ଅନୁଦାନ ଦ୍ୱାରା ପରିଚାଳିତ ଏକ ପ୍ରମୁଖ କାର୍ଯ୍ୟକ୍ରମ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଗମନାଗମନ ତଥା ଯୋଗାଯୋଗ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ପରିବହନ କ୍ଷେତ୍ରରେ ମଧ୍ୟ ଏହା ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେବା ସହ ଏହାଦ୍ୱାରା ସ୍ଥାନୀୟ ଅଧିବାସୀ ନିକଟସ୍ଥ ସହରରେ ନିଜ ଉତ୍ପାଦନର ଉପଯୁକ୍ତ ବଜାର ସୁବିଧା ପାଇପାରୁଛନ୍ତି। ରାଜ୍ୟର ଅପହଞ୍ଚ ଅଞ୍ଚଳକୁ ଯୋଗାଯୋଗ ବ୍ୟବସ୍ଥା ନିମନ୍ତେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳଠାରୁ ଅନ୍ୟ ସ୍ଥାନର ଦୂରତା କମିବା ସହ ଲୋକେ ଅଯଥା ଖର୍ଚ୍ଚାନ୍ତରୁ ରକ୍ଷା ପାଉଛନ୍ତି।

ସବୁଦିନିଆ ରାସ୍ତା ନିର୍ମାଣ ଦ୍ୱାରା ଅନୁସୂଚିତ ଜାତି ଓ ଜନଜାତିଙ୍କ ଜୀବନଜୀବିକା କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଏମାନଙ୍କ ଦମନ ନିମନ୍ତେ ପୋଲିସ କୋମ୍ବିଂ ଅପରେଶନ୍ ପାଇଁ ଲାଭଜନକ ସାବ୍ୟସ୍ତ ହୋଇପାରିଥିବା ବେଳେ ସେ ଅଞ୍ଚଳର ଉନ୍ନୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରିଛି। ଏହିସବୁ ଅଞ୍ଚଳକୁ ଯିବା ପାଇଁ ଏହା ସିଆର୍ପିଏଫ୍ ଆରକ୍ଷୀ ବାହିନୀ ଲାଗି ସୁବିଧାଜନକ ହୋଇପାରିଛି।

Shri Dharmasthala Manjunatheshwara Institute for Management Development (SDMIMD) Mysore, Karnataka

2-Year Fully Residential Post Graduate Diploma in Management (PGDM)-2023-25
Approved by AICTE | Accredited by NBA | MBA Equivalence by AIU

- Ranked among top B-Schools in India and Internationally accredited
- International Tie-up with 17 reputed Universities across the world
- Placements of 2022-23 Completed: 9.8 Lakhs Average Salary, 13 Lakhs Highest Salary
- Scholarships worth Rs. 75 Lakhs to meritorious students
- Single Occupancy hostel rooms | Students from 20 states
- Collateral Free Educational loan support from SBI (Scholar Loan) & HDFC CREDILA
- Partnership with TCS iON for Academic Enhancement with Joint Certification
- Partnership with BCIC for Industry Projects

Last date to apply: 28th February 2023
www.sdmimd.ac.in | e-mail: admissions@sdmimd.ac.in
Contact: 95350 07893
EFMD ACCREDITED | PGDM | ACBSP ACCREDITED | AACSB Business Education Alliance Member | tcs iON | QS I-GAUGE DIAMOND

# ବଂଶୀଧର ପ୍ରତିହାରୀଙ୍କୁ ଧର୍ମପଦ ପୁରସ୍କାର, ୫ଜଣଙ୍କୁ ଶିଳ୍ପୀ ସମ୍ବର୍ଦ୍ଧନା

ଭୁବନେଶ୍ୱର,୪।୧(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ୨୦୨୨ ବର୍ଷ ପାଇଁ ଚିତ୍ରକଳା ଓ ସ୍ଥାପତ୍ୟ କଳା କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ 'ଧର୍ମପଦ ପୁରସ୍କାର' ସହ ଶିଳ୍ପୀ ସମ୍ବର୍ଦ୍ଧନା ଲାଗି ନାମ ଘୋଷଣା କରାଯାଇଛି। ବିଶିଷ୍ଟ ଚିତ୍ରଶିଳ୍ପୀ ୯୪ ବର୍ଷୀୟ ବଂଶୀଧର ପ୍ରତିହାରୀଙ୍କୁ ୨୦୨୨ର ଧର୍ମପଦ ପୁରସ୍କାର ପ୍ରଦାନ କରାଯିବ। ସେହିପରି ଭାସ୍କର୍ଯ୍ୟ ଓ ଚିତ୍ରଶିଳ୍ପୀ ବ୍ରଜବନ୍ଧୁ ମିଶ୍ର, ତାଳପତ୍ର ଚିତ୍ରଶିଳ୍ପୀ ଲକ୍ଷ୍ମୀଧର ସୁବୁଦ୍ଧି, ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ଭ୍ରମରବର ନାୟକ, ଚିତ୍ରଶିଳ୍ପୀ ରମେଶ କୁମାର ବେହେରା ଓ ପ୍ରସ୍ତର ଶିଳ୍ପୀ କେଶବ ଚନ୍ଦ୍ର ମହାରଣାଙ୍କୁ 'ଶିଳ୍ପୀ ସମ୍ବର୍ଦ୍ଧନା' ଦିଆଯିବ। ଧର୍ମପଦ ପୁରସ୍କାର ବିଜେତାଙ୍କୁ ୫ଲକ୍ଷ ଟଙ୍କାର ଅର୍ଥରାଶି ଓ ସମ୍ବର୍ଦ୍ଧିତ ହେବାକୁ ଥିବା ଶିଳ୍ପୀମାନଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। ଆସନ୍ତା ୬ ତାରିଖ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରି ପୁରସ୍କାର ପ୍ରଦାନ ଓ ସମ୍ବର୍ଦ୍ଧନା ଦିଆଯିବ ବୋଲି ଏକାଡେମୀ ସଚିବ ପଞ୍ଚାନନ ସାମଲ ସୂଚନା ଦେଇଛନ୍ତି।


ବଂଶୀଧର ପ୍ରତିହାରୀ

## ମହୁମାଛି ଆକ୍ରମଣରେ ବିଧାୟକ ଆହତ



ଆନନ୍ଦପୁର,୪।୨(ସ୍ୱ.ପ୍ର): କେନ୍ଦୁଝର ଜିଲା ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କ ଶରୀରର ୨୦ରୁ ୨୫ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ସେ ଚିକିତ୍ସା ନିମନ୍ତେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବିଧାୟକ ସେଠୀ ଶନିବାର ପ୍ରାତଃ ଭ୍ରମଣ କରୁଥିବା ସମୟରେ ଆନନ୍ଦପୁର ବ୍ଲକ ଛକ ନିକଟରେ ମହୁମାଛି ଆକ୍ରମଣ କରିଥିଲେ। ନିଜକୁ ବଞ୍ଚାଇ ବିଧାୟକ ନିକଟରେ ଥିବା ଏକ କ୍ଲବ୍ କାର୍ଯ୍ୟାଳୟକୁ ଦୌଡ଼ି ପଳାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ଜାରି ରହିଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି।

## ରାଜ୍ୟ ସରକାରଙ୍କ ମାଗଣା ସିଭିଲ ସର୍ଭିସ କୋଚିଂ

### ନିଜ ଇନ୍ଷ୍ଟିଚ୍ୟୁଟ୍ରେ କୋଚିଂ ଦେବାକୁ ପ୍ରସ୍ତାବ ଦେଲା 'ନିଶ୍ୱାସ'

ଭୁବନେଶ୍ୱର,୪।୨(ବ୍ୟୁରୋ): କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍ସି) ପକ୍ଷରୁ ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷା(ପ୍ରିଲିମ/ମୁଖ୍ୟ) ପାଇଁ ରାଜ୍ୟ ସରକାର ମାଗଣା କୋଚିଂ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥର ୨୦୦ ସିଭିଲ ସର୍ଭିସ ଆଶାୟୀଙ୍କୁ କୋଚିଂ ଦେବାକୁ ଉଚ୍ଚଶିକ୍ଷା ବିଭାଗ ଯୋଜନା କରିଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ୱାର୍କ ଆଣ୍ଡ୍ ସୋସିଆଲ ସାଇନ୍ସେସ୍(ନିଶ୍ୱାସ) ଏହି କୋଚିଂ ଦେବା ପାଇଁ ଆଗ୍ରହ ପ୍ରକାଶ କରିଛି। ନିଜ କୋଚିଂ ସେଣ୍ଟରରେ ଛାତ୍ରୀଛାତ୍ରଙ୍କୁ ଏକାଡେମିକ କୋଚିଂ ସହ ରହିବା ସୁବିଧା ପ୍ରଦାନ କରିବା ନେଇ ନିଶ୍ୱାସ ଡାଇରେକ୍ଟର ଜେନେରାଲ ଉଚ୍ଚଶିକ୍ଷା ବିଭାଗକୁ ଏକ ପ୍ରସ୍ତାବ ଦେଇଛନ୍ତି। ତେଣୁ ନିଶ୍ୱାସ ଏହି ୨୦୦ ଛାତ୍ରୀଛାତ୍ରଙ୍କୁ ଉପରୋକ୍ତ ସୁବିଧା ଯୋଗାଇବା ପାଇଁ ଉପଯୁକ୍ତ କି ନାହିଁ ତାହା ଜାଣିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।






**ଆଜିର ମନ୍ତବ୍ୟ** — ଅଦାଲତ ପାଇଁ ପ୍ରତ୍ୟେକ ମାମଲା ଗୁରୁତ୍ୱପୂର୍ଣ୍ଣ। କୌଣସି ମାମଲା ଛୋଟ କିମ୍ବା ବଡ଼ ନୁହେଁ। କୋଭିଡ୍ ମହାମାରୀବେଳେ ସୁପ୍ରିମକୋର୍ଟ ୩ ଲକ୍ଷରୁ ଊର୍ଦ୍ଧ୍ୱ ମାମଲାର ଶୁଣାଣି କରିଥିଲେ। **-ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼, ସିଜେଆଇ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ଉତ୍ଫୁଲ୍ଲ ହୁଅନା କରଡ଼ି**
**ବଢ଼ିଗଲେ ହବୁ ବାଉଁଶ ;**
**ଚିରିଦେଲେ ହବୁ କୁଲା ବାଉଁଶିଆ**
**ପୋଡ଼ିଦେଲେ ହବୁ ପାଉଁଶ।**

କଣିଟିଏ ବଢି ବଢି ବାଉଁଶ ହେଉଥିବାବେଳେ ସେହି ବାଉଁଶକୁ ଚିରି ଉକ୍ତ ବାଉଁଶ ପାତିଆରେ କୁଲା ଟୋକେଇ ଆଦି ପ୍ରସ୍ତୁତ କରାଯାଇଥାଏ। ପରିଶେଷରେ ସେହି ବାଉଁଶ ଦ୍ୱାରା ପ୍ରସ୍ତୁତ ଉପକରଣକୁ ପୋଡ଼ିଦେଲେ ଏହା ମୁଠାଏ ପାଉଁଶରେ ପରିଣତ ହେବାଭଳି ବଡ଼ ଲୋକର ଆମ୍ବଡ଼ିମା କିଭଳି ଦିନେ ପତନୋନ୍ମୁଖୀ ହୁଏ ଏହା ତାହାର ଏକ ନିଚ୍ଛକ ଉଦାହରଣ ଭାବେ ଏଠାରେ ବର୍ଣ୍ଣନା କରାଯାଇଛି।

**ଅଣପୁରୁଷା,**
**ନିତି ଘି'ପିଠା, ନିଇତି ରୁଷା।**

ଅପଦାର୍ଥ ଲୋକକୁ ଯେତେ ସନ୍ତୋଷ ମିଳିଲେ ସୁଦ୍ଧା ସେ ଆହୁରି ପାଇବା ପାଇଁ ଅଭିମାନ କରିଥାଏ। କାମଦାମ ନ କରି ସବୁଦିନେ ଆରାମରେ ଖାଇପିଇ ଘୁରିବୁଲୁଥିବା ବ୍ୟକ୍ତି ସାମାନ୍ୟ ତ୍ରୁଟିବିଚ୍ୟୁତି ବା ଅସୁବିଧା ଦେଖି ମୁହଁ ଫୁଲେଇ ରୁଷି ବସୁଥିବା ନେଇ ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୩ ଜିଲାରେ ଶୀତ ଲହରି

ଭୁବନେଶ୍ୱର,୪।୨(ବ୍ୟୁରୋ)

ଗତ ୨/୩ ଦିନ ହେବ ରାଜ୍ୟରେ ହାଲୁକା ଶୀତ ଲାଗି ରହିଛି। ରାଜ୍ୟକୁ ଉତ୍ତରପୂର୍ବ ଦିଗରୁ ଥଣ୍ଡାବାୟୁ ପ୍ରବାହ ଜାରି ରହିଛି। ଏଥିଯୋଗୁ ରାଜ୍ୟର କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କନ୍ଧମାଳର କେତେକ ସ୍ଥାନରେ ଥଣ୍ଡା ଲହରି ପ୍ରବାହିତ ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ସ୍ଥାନରେ ପାରଦ ତଳମୁହାଁ ହୋଇଛି। ଏପରି କି ୬ଟି ସହରରେ ରାତ୍ରିର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୮.୬, ସୁନ୍ଦରଗଡ଼ ୯, ଭବାନୀପାଟଣା ୯.୫, କୋରାପୁଟ ୮.୫, ରାଉରକେଲା ୮.୩, ଦାରିଙ୍ଗବାଡି ୧୦.୫ ଏବଂ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୦.୪ ଡିଗ୍ରୀ ସେଲ୍‌ସିୟସ ଥିବା ଜଣାଯାଇଛି।



୫-ଟି ସଚିବଙ୍କୁ ଭେଟି ଆଲୋଚନା କରିବାକୁ ମାଳି ପାହାଡ଼ ଉପରେ ଶନିବାର ଅପେକ୍ଷାରତ ଗ୍ରାମବାସୀ।

# ୫-ଟି ସଚିବଙ୍କ ନାରାୟଣପାଟଣା, ଦେଓମାଳି ଗସ୍ତ

## ଜଗନ୍ନାଥ ମନ୍ଦିର, ଝଞ୍ଜାବତୀ ବ୍ୟାରେଜ ବୁଲି ଦେଖିଲେ

କୋରାପୁଟ/ନାରାୟଣପାଟଣା
୪।୨(ସ୍ୱ.ପ୍ର./ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର କୋରାପୁଟ ଜିଲା ଗସ୍ତ କରି ନାରାୟଣପାଟଣା ପାଇଁ ଶିକ୍ଷା,ସାସ୍ଥ୍ୟ, ରାସ୍ତା, ପାନୀୟ ଜଳ ସମସ୍ୟା ଦୂର ନେଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ପରିପ୍ରେକ୍ଷୀରେ ଶନିବାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ସହ ନାରାୟଣପାଟଣା ଗସ୍ତ କରିଥିଲେ। ଏଠାରେ ପହଞ୍ଚିବା ପରେ ସେ ପ୍ରଥମେ ୫ଶହ ବର୍ଷର ଐତିହାସିକ ତଥା ପୁରାତନ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିର ଚତୁଃପାର୍ଶ୍ୱ ବୁଲି ଦେଖିଥିଲେ। ଏଠାରେ ଥିବା ଅର୍ଦ୍ଧନିର୍ମିତ ନୂତନ ମନ୍ଦିର କାର୍ଯ୍ୟ କିପରି ଖୁବ ଶୀଘ୍ର ଶେଷ ହେବ ସେନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ୫ଟି-ସଚିବ ପାଣ୍ଡିଆନ ଚିନ୍ତାଗୁଡ଼ାସ୍ଥିତ ଝଞ୍ଜାବତୀ ବ୍ୟାରେଜ ପରିଦର୍ଶନ କରିଥିଲେ। ଦୁଇ ବର୍ଷ ମଧ୍ୟରେ ଏହି ବ୍ୟାରେଜ୍ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ସେ ଦଣ୍ଡାବାଡି ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ, ସ୍କୁଲ କୋଠା ସ୍ଥିତି ପରଖିଥିଲେ। ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ସମସ୍ତେ ଆଇଏଏସ, ଡକ୍ଟର ହେବାକୁ ଲକ୍ଷ୍ୟ ରଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପରେ ୫-ଟି ସଚିବ ବୋରିଗୁମ୍ମା ଓ ଲକ୍ଷ୍ମୀପୁର ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ।

### ମିଶନ ଶକ୍ତି ମହିଳାଙ୍କ ଦକ୍ଷତାକୁ ପ୍ରଶଂସା କଲେ

ବୋରିଗୁମ୍ମାଠାରେ ମିଶନ ଶକ୍ତି ମହିଳାଙ୍କ ଦକ୍ଷତାରେ ଖୁସି ପ୍ରକାଶ କରିଥିଲେ। ଏଥିସହ ସମସ୍ତ ସହଯୋଗ ପ୍ରଦାନ ସହ ସେମାନଙ୍କ ବିକାଶ ନେଇ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବାପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ବିଜୁ ଗ୍ରାମୋଦ୍ୟୋଗ କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ଗୋଷ୍ଠୀମହିଳାଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ଦ୍ୱାରା ଚପଲ ତିଆରି, ଖାଦ୍ୟ ପ୍ରକ୍ରିୟା କରଣ, କୁକୁଡା ଚାଷ, ପାଉଁଶ ଇଟା ପ୍ରସ୍ତୁତ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସେମାନଙ୍କ ଏଭଳି କାର୍ଯ୍ୟକୁ ନେଇ ଅନ୍ୟ ଜିଲା ମଧ୍ୟ ଅନୁକରଣ କରିବା ଆବଶ୍ୟକ ବୋଲି କହିଥିଲେ। ପରେ ଆଉଁଳିଠାରେ ମିଶନ ଶକ୍ତି ମହିଳାଙ୍କ ଫୁଡ୍‌କୋର୍ଟ ପରିଦର୍ଶନ କରି ସେମାନଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ଏଥିପୂର୍ବରୁ ୫-ଟି ସ୍କୁଲ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟତଦାରଖ କରିଥିଲେ। ସ୍କୁଲ କର୍ତ୍ତୃପକ୍ଷ ଆଧୁନିକ ପ୍ରଣାଳୀରେ ଶିକ୍ଷା ଦାନକୁ ଗୁରୁତ୍ୱ ଦେଉଥିବାରୁ ପ୍ରଶଂସା କରିଥିଲେ। ସେଠାରୁ ଲକ୍ଷ୍ମୀପୁର ଗସ୍ତରେ ଯାଇ କଫିଫାର୍ମ ବୁଲି ଦେଖିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ଆବଶ୍ୟକତା ପଚାରି ବୁଝିଥିଲେ। ସେଠାରେ ୫-ଟିରେ ନିର୍ମାଣ ସରିଥିବା ସ୍କୁଲ ପରିଦର୍ଶନ କରି ଖୁସି ପ୍ରକାଶ କରିଥିଲେ। ୫-ଟି ସଚିବଙ୍କ ସହ କ୍ରୀଡା ସଚିବ ଭିନିଲ୍ କ୍ରିଷ୍ଣା, କୋରାପୁଟ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ ସମ୍ପର୍କରେ ଆଲୋଚନା

ପଟ୍ଟାଙ୍ଗି,୪।୨(ଡି.ଏନ.ଏ.)

କୋରାପୁଟ ଜିଲାକୁ ଦିନିକିଆ ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫେରି ଯାଇଥିବା ବେଳେ ତାଙ୍କ ସହ ଆସିଥିବା ୫-ଟିସଚିବ ଭି.କେ. ପାଣ୍ଡିଆନ ଜିଲାରେ ରହି ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରୁଛନ୍ତି। ଏହି ଅବସରରେ ସେ ଶନିବାର ପଟ୍ଟାଙ୍ଗି ବ୍ଲକର ପର୍ଯ୍ୟଟନସ୍ଥଳୀ ଦେଓମାଳିକୁ ଗସ୍ତ କରି ଜିଲାର ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଅଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କୁ କିପରି ଏଠାକୁ ଆକୃଷ୍ଟ କରି ଅଣାଯିବ ସେନେଇ ୫-ଟି ସଚିବ ଗୁରୁତ୍ୱାରୋପ କରିଥିଲେ। ସଚିବଙ୍କ ଗସ୍ତ ପୂର୍ବରୁ ଦେଓମାଳି ପର୍ଯ୍ୟଟନସ୍ଥଳୀକୁ ସ୍ଥାନୀୟ, ବିଭିନ୍ନ ଜିଲା ଓ ଜିଲା ବାହାରୁ ଆସିଥିବା ପର୍ଯ୍ୟଟକଙ୍କୁ କିଛି ସମୟ ପାଇଁ ଅଟକାଇ ରଖାଯାଇଥିଲା। ଖବର ସଂଗ୍ରହ କରିବାକୁ ଆସିଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶ ଉପରେ ମଧ୍ୟ କଟକଣା ଲାଗିଥିଲା। ଏ ସମ୍ପର୍କରେ ବିଡିଓ ସୌମ୍ୟ ସାର୍ଥକ ମିଶ୍ର ଓ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧରୁଆଙ୍କୁ ପଚାରିବାରୁ ଉଭୟେ ଜିଲା ପ୍ରଶାସନ ପକ୍ଷରୁ ଏପରି କଟକଣା ଜାରି ହୋଇଥିବା ପ୍ରକାଶ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### କମ୍ପ୍ରେସର ଫାଟି ...

ଏନେଇ ଇଟାମାଟି ଥାନା ଆଇଆଇସି ବିଶ୍ୱଜିତ ରାଉତ କୁହନ୍ତି, ଦୁର୍ଘଟଣାର କାରଣ ତଦନ୍ତ ଚାଲିଛି। ମାମଲା ରୁଜୁ ହୋଇନାହିଁ। ଅନ୍ୟପକ୍ଷରେ ୫ରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ନିୟୋଜିତ ହୋଇଥିଲେ ଠିକାଦାର ଏବଂ ମୁଖ୍ୟ ନିଯୁକ୍ତି କର୍ତ୍ତା ଶ୍ରମ ବିଭାଗରେ ସେମାନଙ୍କ ନାମ ପଞ୍ଜୀକରଣ କରିବା ଓ ଲାଇସେନ୍ସ ନେବା ବାଧ୍ୟତାମୂଳକ। ପ୍ରବାସୀ ଶ୍ରମିକ ଆଇନ ୧୯୭୯ରେ ଏହା ସ୍ପଷ୍ଟ ଉଲ୍ଲେଖ ରହିଛି। ତେବେ ସୁନାଲଟିଠାରେ ଚାଲିଥିବା ପାଇପ୍ ଲାଇନ୍ କାମରେ ୫ରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ନିୟୋଜିତ ହୋଇଥିଲେ ହେଁ ଶ୍ରମ ବିଭାଗରେ ପଞ୍ଜୀକରଣ କରାଯାଇ ନ ଥିଲା। ପ୍ରବାସୀ ଶ୍ରମିକ କାମ କରିବା ପାଇଁ ଲାଇସେନ୍ସ ନ ଥିବା ଅନୁରୂପ ଭାବେ ସୂଚନା ମିଳିଛି। ଭାରତ ସରକାରଙ୍କ ଏତେ ବଡ଼ ପ୍ରକଳ୍ପରେ ବିନା ଲାଇସେନ୍ସ ଓ ପଞ୍ଜୀକରଣରେ କାମ କିପରି ହେଉଛି ସେନେଇ ପ୍ରଶ୍ନ ଉଠିଛି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶ୍ରମ କମିଶନର (ସେଣ୍ଟ୍ରାଲ୍) ପ୍ରଦ୍ୟୁମ୍ନ ରଣାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ କରାଯିବ। କେଉଁଥିପାଇଁ ଠିକାଦାର ଓ ମୁଖ୍ୟନିଯୁକ୍ତି କର୍ତ୍ତା ପ୍ରବାସୀ ଶ୍ରମିକଙ୍କ ନାମ ପଞ୍ଜୀକରଣ କରିନାହାନ୍ତି କିମ୍ବା ଲାଇସେନ୍ସ ନେଇନାହାନ୍ତି ତାହା ତଦନ୍ତ ପରେ ଜଣାପଡ଼ିବ। କାମ ସମୟରେ ଶ୍ରମିକମାନେ ପ୍ରାଣ ହରାଇଥିଲେ ସହାୟତା ରାଶି ମିଳିବା ନିୟମ ରହିଛି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

### ସଡ଼କ ଦୁର୍ଘଟଣାରେ ପୂର୍ବତନ ...

ସେମାନେ ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଅନନ୍ତଙ୍କ ଘର ନନ୍ଦିପୁର ତରାଙ୍ଗ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଯାଜପୁର ଜିଲା ଦଶରଥପୁର ବ୍ଲକ ଖଣ୍ଡରା ଗ୍ରାମପଞ୍ଚାୟତ ବିଜିପୁର ଗ୍ରାମରେ ୧୯୫୭ ନଭେମ୍ବର ୧୬ରେ ଅର୍ଜୁନ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଅନାଦି ଚରଣ ଦାସ ଯାଜପୁର ଲୋକ ସଭା ଆସନରୁ ନିର୍ବାଚିତ ହୋଇଥିଲେ। ପିଲାବେଳୁ ଅର୍ଜୁନ ରାଜନୀତିରେ ଆଗ୍ରହ ଦେଖାଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସେ ୧୯୯୫ରେ କଂଗ୍ରେସ ଟିକେଟ୍‌ରେ ବିଞ୍ଝାରପୁର ଆସନରେ ବିଧାନସଭା ନିର୍ବାଚନ ଲଢ଼ି ତତ୍କାଳୀନ ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ହରାଇଥିଲେ। ନିକଟରେ ଅର୍ଜୁନ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଦ୍ୱାରା ଗଠିତ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ରେ ଯୋଗଦେଇଥିଲେ ବୋଲି ଜଣାପଡ଼ିଛି। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଅର୍ଜୁନଙ୍କର ୩ ପୁଅ ଏବଂ ସ୍ତ୍ରୀ ପ୍ରମିଳା ଦାସ ଅଛନ୍ତି। ବିଞ୍ଝାରପୁର ବିଧାୟିକା ତଥା ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଶୋକ ପ୍ରକାଶ କରିବା ସହିତ ବିଜିପୁର ସ୍ଥିତ ଅର୍ଜୁନଙ୍କ ବାସଭବନରେ ପହଞ୍ଚି ତାଙ୍କ ପାର୍ଥିବ ଶରୀରରେ ପୁଷ୍ପ ଅର୍ପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ଜିଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ନନ୍ଦ କିଶୋର ସାମଲ, ଖଗେଶ୍ୱର ମହାନ୍ତି, ସୁନୀତା ନାୟକ, ଅହଲ୍ୟା ସ୍ୱାଇଁଙ୍କ ସମେତ କଂଗ୍ରେସ ନେତା ଚନ୍ଦ୍ରଶେଖର ଧଳ, କନକଲତା ମଲ୍ଲିକ, କୁଞ୍ଜ ବିହାରୀ ବେହେରା, ଗୋବିନ୍ଦ ପରିଡ଼ା, ଶିଶିର ନାୟକ, ପଦ୍ମାକର ଗୁରୁ, ଭାଜପା ଜିଲା ସଭାନେତ୍ରୀ ବବିତା ମଲ୍ଲିକ, କୃଷକ ନେତା ଅକ୍ଷୟ କୁମାର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

### ଅପରେଶନ 'ସ୍ୟାଣ୍ଡ ...

ନବୀନ ଚନ୍ଦ୍ର ସିଂ କହିଛନ୍ତି। ପରବର୍ତ୍ତୀ ସମୟରେ ଚୋରାଚାଲାଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଜୋରଦାର ହେବ ବୋଲି ଉପଜିଲାପାଳ କହିଛନ୍ତି। ପ୍ରଶାସନର ଆକ୍ସନ ଦେଖି ଇଟାଭାଟି ମାଲିକମାନେ ଫେରାର ହୋଇଯାଇଛନ୍ତି। ଅପରେଶନ 'ସ୍ୟାଣ୍ଡ ଷ୍ଟର୍ମ' ମାଧ୍ୟମରେ ଆଗାମୀ ଦିନରେ ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଚାଲିଥିବା ପଥରକ୍ୱାରୀ, ବାଲି ଉତ୍ତୋଳନ, ମୋରମ ଖନନ ଓ ପଥର ଚୋରଚାଲାଣ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବାଲେଶ୍ୱର ଏସ୍‌ପି ସାଗରିକା ନାଥ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ଉପଜିଲାପାଳଙ୍କୁ ଆକ୍ରମଣ ...

ତଦନ୍ତ ଆରମ୍ଭ ହୋଇଥିବା ଶନିବାର ଏସ୍‌ପି ସାଗରିକା ନାଥ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶୁକ୍ରବାର ଅପରାହ୍ନରେ ଉପଜିଲାପାଳ କର୍ମଚାରୀଙ୍କ ସହ ରୂପ୍‌ସାରୁ ଫେରୁଥିବା ବେଳେ ବୁଢାବଳଙ୍ଗ ନଦୀ ସେତୁ ନିକଟରେ ଥିବା ସରକାରୀ ଜମିରୁ ମାଟି ଉଠାଯାଉଥିବା ଖବର ପାଇଥିଲେ। ଉପଜିଲାପାଳ ସେଠାରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିବାକୁ ଉଦ୍ୟମ କରୁଥିବା ବେଳେ ସେଠାରେ କଣ୍ଟାବଣିଆ ଗ୍ରାମର ୨୦ରୁ ୩୦ ମହିଳା ଓ ପୁରୁଷ ପହଞ୍ଚି ଜବତ ଟ୍ରାକ୍ଟରକୁ ଛଡ଼ାଇ ନେଇଥିଲେ। ଏହାପରେ ସେମାନେ ଉପଜିଲାପାଳଙ୍କ ଉପରକୁ ପଥର ଫିଙ୍ଗିବା ଆରମ୍ଭ କରିଥିଲେ। ଫଳସ୍ୱରୂପ ଗାଡି ଭାଙ୍ଗିରୁଜି ଯିବା ସହ ଉପଜିଲାପାଳ ଏବଂ ତାଙ୍କ ଡ୍ରାଇଭର ଆହତ ହୋଇଥିଲେ। ଓଆର-୦୧ ଇଟାଭାଟିର ମାଲିକ ମନୋରଞ୍ଜନ ବେହେରା, ଚିତ୍ତରଞ୍ଜନ ବେହେରା, ସେମାନଙ୍କ ପୁଅ ଏବଂ କ୍ୱାଇଁ ଏହି ଆକ୍ରମଣ କରିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ୩୦ରୁ ଊର୍ଦ୍ଧ୍ୱ ସାମିଲ ଥିବାବେଳେ ୧୧ ଜଣଙ୍କୁ ଗିରଫ କରାଯାଇଛି। ମାଷ୍ଟରମାଇଣ୍ଡ କୁହାଯାଉଥିବା ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ କୌଣସି ଟେର୍ ପାଇପାରିନି। ଗିରଫ ଅଭିଯୁକ୍ତମାନେ ହେଲେ କଣ୍ଟାବଣିଆ ଗ୍ରାମର ରାଜେଶ ଦାସ, ବିବେକ କୁମାର ପ୍ରଧାନ, ରମେଶ ପ୍ରଧାନ, ହିମାଂଶୁ ଶେଖର ଦାସ, ମିଥୁନ ଦାସ, ରବିନାରାୟଣ ଦାସ, ଦୀପୁ ଦାସ, ସାଗର ଦେହୁରୀ, ଗୀତାଣୀ ପ୍ରଧାନ, ବାସନ୍ତୀ ବିଶ୍ୱାଳ ଓ ଜୟନ୍ତୀ ପ୍ରଧାନ। ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

### ବର୍ଷୀୟାନ ଗାୟିକା ବାଣୀ ...

ସନ୍ଦେହଜନକ ମୃତ୍ୟୁ ମାମଲା ରୁଜୁ କରିଛି। ୨୦୧୮ରେ ତାଙ୍କ ସ୍ୱାମୀଙ୍କର ମଧ୍ୟ ଦେହାନ୍ତ ହୋଇଥିଲା। ଏହାପରଠାରୁ ସେ ଉକ୍ତ ଆପାର୍ଟମେଣ୍ଟରେ ଏକାକୀ ରହୁଥିଲେ। ଓଡ଼ିଆ ସମେତ ବିଭିନ୍ନ ଭାରତୀୟ ଭାଷାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଗୀତ ଗାଇଛନ୍ତି ବାଣୀ ଜୟରାମ। ସଙ୍ଗୀତ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଭାରତର ତୃତୀୟ ସର୍ବୋଚ୍ଚ ବେସାମରିକ ପୁରସ୍କାର 'ପଦ୍ମ ଭୂଷଣ'ରେ ସମ୍ମାନିତ କରିବା ଲାଗି କେନ୍ଦ୍ର ସରକାର ଗତମାସ ୨୫ ତାରିଖରେ ଘୋଷଣା କରିଥିଲେ। ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ସଙ୍ଗୀତ ସାଧନାରେ ନିଜକୁ ନିୟୋଜିତ କରିଥିଲେ। ସେ ଓଡ଼ିଆ ସମେତ ହିନ୍ଦୀ, ତାମିଲ, ତେଲୁଗୁ, ମାଲୟାଲମ, ଅସମୀୟା ଏବଂ ବଙ୍ଗଳା ଭାଷାର ଅନେକ ସଙ୍ଗୀତରେ କଣ୍ଠଦାନ କରିଛନ୍ତି। ସେଥିପାଇଁ ତାଙ୍କୁ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଭାବେ ଜାତୀୟ ପୁରସ୍କାର ସମେତ ତାମିଲନାଡୁ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଓଡ଼ିଶା, କେରଳ ଏବଂ ଗୁଜରାଟରୁ ରାଜ୍ୟ ପୁରସ୍କାର ମିଳିଥିଲା। ବାଣୀ ୧୯୭୬ରେ ଓଡ଼ିଆ ଚଳଚ୍ଚିତ୍ର ଶେଷ ଶ୍ରାବଣ, କୃଷ୍ଣ ସୁଦାମା, ସିନ୍ଦୂର ବିନ୍ଦୁ, ୧୯୭୭ରେ ବନ୍ଧୁ ମହାନ୍ତି, ୧୯୭୮ରେ ସତୀ ଅନସୂୟା ଏବଂ ୧୯୭୯ରେ ବିଲ୍ୱମଙ୍ଗଳ ପାଇଁ କଣ୍ଠଦାନ କରିଥିଲେ। ୧୯୭୧ରେ ହିନ୍ଦୀ ଚଳଚ୍ଚିତ୍ର 'ଗୁଡ଼୍ଡି' ତାଙ୍କୁ ଜାତୀୟ ସ୍ତରରେ ବେଶ୍ ପରିଚିତ କରାଇଥିଲା। ସେ କମ୍ପୋଜର ବସନ୍ତ ଦେଶାଇଙ୍କ ପାଇଁ ମଧ ଗାଇଥିଲେ। ତାଙ୍କର ସୁମଧୁର ସ୍ୱରରେ 'ହମ୍ କୋ ମନ୍ କୀ ଶକ୍ତି ଦେନା' ଗୀତ ସବୁବେଳ ପାଇଁ ମନେରହିବ। ବାଣୀ ତାଙ୍କ କ୍ୟାରିୟରରେ ଏମ୍.ଏସ୍. ବିଶ୍ୱନାଥନ୍, କେ.ଭି. ମହାଦେବନ୍, କେ.ଚକ୍ରବର୍ତ୍ତୀ, ଇଲିୟାରାଜା ଏବଂ ସତ୍ୟମ୍‌ଙ୍କ ଭଳି ବହୁ କିମ୍ବଦନ୍ତୀ ସଙ୍ଗୀତକାରଙ୍କ ସହ କାମ କରିଛନ୍ତି। ବାଣୀଙ୍କ ପରଲୋକରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ବିଶିଷ୍ଟ ପ୍ରଚ୍ଛଦପଟ ଗାୟିକା ବାଣୀ ଜୟରାମଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଅନେକ ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ରରେ କଣ୍ଠଦାନ କରି ସେ ପ୍ରତିଷ୍ଠା କରିଥିବା କୀର୍ତ୍ତିମାନ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ପୁଣି ୪ଦିନ ରିମାଣ୍ଡରେ ....

ଯୋଗଦେବାକୁ ଯାଇଥିଲେ। ସେ ଗାଡ଼ିରୁ ଓହ୍ଲାଉଥିବାବେଳେ ଅତି ନିକଟରୁ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସ ତାଙ୍କୁ ଗୁଳି କରିଥିଲେ। ଗୁଳିଟି ମନ୍ତ୍ରୀ ଦାସଙ୍କ ଛାତିରେ ବାଜିଥିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ଏଏସ୍‌ଆଇ ଗୋପାଳଙ୍କୁ ଗିରଫ କରିଥିଲା। ଘଟଣାର ତଦନ୍ତ ଭାର ରାଜ୍ୟ ସରକାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। କ୍ରାଇମବ୍ରାଞ୍ଚ ତରଫରୁ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସବ୍‌ଜେଲ୍‌କୁ ପଠାଇ ଦିଆଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ କ୍ରାଇମବ୍ରାଞ୍ଚ ଗତ ୧ତାରିଖରେ ସବ୍‌ଜେଲ୍‌ରୁ ୪ଦିନିଆ ରିମାଣ୍ଡରେ ଆଣି ସ୍ଥାନୀୟ ଓଏସ୍‌ଏପି ୨ୟ ବାଟାଲିୟନ ରିଜର୍ଭ କ୍ୟାମ୍ପରେ ରଖି ଜେରା କରିବା ସହ ବିଭିନ୍ନ ସ୍ଥାନକୁ ନେଇ ତଦନ୍ତ କରିଥିଲା। ରିମାଣ୍ଡର ପ୍ରଥମ ଓ ଦ୍ୱିତୀୟ ଦିନରେ ତାଙ୍କୁ କଡା ସୁରକ୍ଷା ମଧ୍ୟରେ ଝାରସୁଗୁଡ଼ା ବିମାନ ବନ୍ଦର ଥାନାକୁ ଅଣାଯାଇଥିଲା। ସେଠାରେ ଅଭିଯୁକ୍ତ ଗୋପାଳ ଥାନା ପାଇଖାନା ଟାଙ୍କିରେ ପକାଇଥିବା କହିବା ପରେ କାଗଜ ଖଣ୍ଡକୁ ଉଦ୍ଧାର କରାଯାଇଥିଲା। ରିମାଣ୍ଡର ୩ୟ ଦିନରେ କ୍ରାଇମ୍‌ବ୍ରାଞ୍ଚ ତରଫରୁ ଅଭିଯୁକ୍ତ ଗୋପାଳଙ୍କୁ ବ୍ରଜରାଜନଗର ବୁଢୀଜାମସ୍ଥିତ ତାଙ୍କ ଏମ୍‌ସିଏଲ୍ କ୍ୱାର୍ଟର୍ସକୁ ନିଆଯାଇ ସେଠାରେ ଦୀର୍ଘ ୪ଘଣ୍ଟା ଧରି ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଥିଲା। ପରେ ଅଭିଯୁକ୍ତ ଗୋପାଳ ଚାକିରି କରୁଥିବା ଗାନ୍ଧୀଛକ ଫାଣ୍ଡିକୁ ଅଣାଯାଇଥିଲା। ସେଠାରେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ ଫାଣ୍ଡି ପରିସରରେ ଥିବା ଏକ କାର୍ ଯାହାକୁ ଗୋପାଳ ବ୍ୟବହାର କରୁଥିବା କୁହାଯାଉଛି ତାହାକୁ ଯାଞ୍ଚ କରାଯାଇଥିଲା। ଏହି କାର୍ ଭିତରୁ କ୍ରାଇମବ୍ରାଞ୍ଚ ଏକ ଡାଏରି ଓ କେତେକ କାଗଜପତ୍ର ଜବତ କରିଥିଲା। ହେଲେ ହତ୍ୟାର ରହସ୍ୟ ଜାଣିବାରେ କ୍ରାଇମ୍‌ବ୍ରାଞ୍ଚ ବିଫଳ ହୋଇଥିଲା। ତେଣୁ ଅଭିଯୁକ୍ତଙ୍କୁ ଆଉ ଥରେ ରିମାଣ୍ଡରେ ନେବାକୁ ଶନିବାର କୋର୍ଟରେ ଆବେଦନ କରିଥିଲା। ଅଦାଲତ ୪ଦିନ ମଞ୍ଜୁର କରିଥିବାରୁ ଏହି ସମୟ ମଧ୍ୟରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତକୁ କେଉଁ ଦିଗକୁ ନେଉଛି ଏବଂ କ'ଣ ନିଷ୍କର୍ଷ ବାହାରୁଛି ତାହା ଉପରେ ସମସ୍ତଙ୍କ ନଜର ରହିବ।

### ସୁପ୍ରିମକୋର୍ଟରେ ୫...

ଶନିବାର ଅନୁମୋଦନ କରିଥିଲେ। ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି ପଙ୍କଜ ମିଥାଲ, ପାଟନା ହାଇକୋର୍ଟ ମୁଖ୍ୟ ବିଚାରପତି ସଞ୍ଜୟ କାରୋଲ, ମଣିପୁର ହାଇକୋର୍ଟ ମୁଖ୍ୟ ବିଚାରପତି ପି.ଭି. ସଞ୍ଜୟ କୁମାର, ପାଟନା ହାଇକୋର୍ଟ ବିଚାରପତି ଅସାନୁଦ୍ଦିନ ଅମାନୁଲ୍ଲା ଏବଂ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ମନୋଜ ମିଶ୍ରାଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ମିଳିଛି। ଗତ ଡିସେମ୍ବର ୧୩ରେ ସୁପ୍ରିମକୋର୍ଟ କଲେଜିୟମ ବିଚାରପତି ନିଯୁକ୍ତି ଲାଗି ଉପରୋକ୍ତ ନାମ ସୁପାରିସ କରିଥିଲେ। ନିଯୁକ୍ତିରେ ବିଳମ୍ବକୁ ନେଇ ସର୍ବୋଚ୍ଚ ଅଦାଲତରୁ କଡ଼ା ପ୍ରଶ୍ନର ସମ୍ମୁଖୀନ ହେବା ପରେ କଲେଜିୟମ ସୁପାରିସ କରିଥିବା ନାମକୁ ରବିବାର ସୁଦ୍ଧା ମଞ୍ଜୁରୀ ପ୍ରଦାନ କରାଯିବ ବୋଲି ସରକାର ଦିନକ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ହାଇକୋର୍ଟ ବିଚାରପତିମାନଙ୍କ ବଦଳି ସୁପାରିସକୁ ସରକାର କାର୍ଯ୍ୟକାରୀ କରିବାରେ ବିଳମ୍ବ କରୁଥିବାରୁ ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏ.ଏସ୍. ଓକାଙ୍କ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ। ବଦଳିରେ ବିଳମ୍ବ ହେଲେ ଉଭୟ ପ୍ରଶାସନିକ ଏବଂ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣ୍ଡପୀଠ ଚେତାବନୀ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି କର୍ମକ୍ଷେତ୍ରର କିଛି ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି। ଅବଶ୍ୟ ବନ୍ଧୁମାନେ ସାହାଯ୍ୟ କରିବେ ଓ କୌଣସି କାମ ମଧ୍ୟ ଅଟକିବ ନାହିଁ। ଲେଖାପଢ଼ା, ଧର୍ମକାର୍ଯ୍ୟ, ସାଂସ୍କୃତିକ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ବିବାଦୀୟ ଘଟଣା ଓ ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ** — ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ଆଲୋଚନା ପରିସରରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ମାନସିକ ଅବସାଦ ହେତୁ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ମିଥୁନ** — ପାରିବାରିକ ସମସ୍ୟା ପୂର୍ବପରି ରହିବା ସାଙ୍ଗକୁ ସାଧାରଣ କଥାକୁ କେନ୍ଦ୍ରକରି ମାନସିକ ଅସ୍ଥିରତା ସୃଷ୍ଟିହେବ। ସରକାରୀ ସ୍ତରରୁ କର୍ମକ୍ଷେତ୍ରରେ କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ କିଛି ଅସୁବିଧା ହେବ ନାହିଁ। ଅର୍ଥାଭାବ, ନିର୍ମାଣ, ପ୍ରକଳ୍ପ, ନୂତନ ଯୋଜନା ପାଇଁ ବାଧକ ସାଜିପାରେ।

**କର୍କଟ** — ଗୁରୁଜନଙ୍କ ପରାମର୍ଶକୁ ଗ୍ରହଣ କରି କେତେକାଂଶରେ ସୁଯୋଗର ସଦ୍ ବ୍ୟବହାର କରିପାରିବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ମନୋରଞ୍ଜନ ଜିନିଷ କ୍ରୟ ସକାଶେ ମନ ବଳାଇପାରନ୍ତି। ପାରିବାରିକ ସମସ୍ୟା ଅନ୍ୟ ଆଗରେ ପ୍ରକାଶ କରି ଓଲଟା ଫଳ ପାଇବେ। ସହକର୍ମୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ।

**ସିଂହ** — କର୍ମକ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। କିଣାବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ପ୍ରତ୍ୟେକ କଥାକୁ ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ। ନିଜ ଲୋକଙ୍କଠାରୁ ଯାହା ଯେତିକି ପରିମାଣରେ ପାଇବା କଥା, ତାହା ପାଇବା ଦୁର୍ବିଷହ ହୋଇପାରେ।

**କନ୍ୟା** — ପାରିବାରିକ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ମାଦକ ଦ୍ରବ୍ୟ ସେବନରୁ ବକ୍ଷ ବେଦନା ସୃଷ୍ଟି ହେବାର ସୂଚନା ରହିଛି। ଉପରିସ୍ଥଙ୍କ ଆଶ୍ୱସନା ଲାଭକରି ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ଧାରକରଜ କରି କାମ ଚଳାଇ ନେବେ।

**ତୁଳା** — ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ନୂତନ ଗୃହ ନିର୍ମାଣ, ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନା ପ୍ରଭୃତିରେ ସମୟ କଟାଇ ପାରନ୍ତି। କୌଣସି ଏକ ବନ୍ଧୁମିଳନ ଅବସରରେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ।

**ବିଛା** — ଆପୋସ ଆଲୋଚନା ହେତୁ ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହେବ। ଆଜିହିଁ ଶେଷ କରିବାକୁ ଚାହୁଁଥିଲେ ମଧ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହୋଇପାରନ୍ତି। ପ୍ରଶାସନିକ ସ୍ତରରେ ତଥା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ଧନୁ** — ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଚେଷ୍ଟା କଲେ ଉପକୃତ ଅବଶ୍ୟ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ତଥାପି ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**ମକର** — ଯେତେ କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହୋଇ ପାରିବ ନାହିଁ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବାରୁ ମନ ଭଲ ରହିନପାରେ। ସଭାସମିତିରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ** — ଯୋଜନା ଅନୁଯାୟୀ କାମ କରିଚାଲନ୍ତୁ, ନିଶ୍ଚୟ ଉପକୃତ ହେବେ। ପିଲାଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ, ତଥାପି ସମସ୍ୟା ଅତି ସହଜରେ ସମାଧାନ ହୋଇଯିବ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଆତ୍ମୀୟମାନେ ଶତ୍ରୁତା କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସାମାନ୍ୟ ବିଘ୍ନ ଆସିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**ମୀନ** — ଦୀର୍ଘ ଦିନରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ପୂର୍ବରୁ ସୁପରିକଳ୍ପିତ ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ସାମୟିକ ଚିନ୍ତା ଉଦ୍ରେକ କରିବ।

ଆଜି ମାଘ ପୂର୍ଣ୍ଣିମା ରବିବାର, ଶ୍ରୀମନ୍ଦିରରେ ଗଜ ଉଦ୍ଧାରଣ ବେଶ, ମାଘବ୍ରତ ସମାପନ, ଅଦ୍ୟ ପୂର୍ଣ୍ଣିମା ବିହତ ଚନ୍ଦ୍ରୋପବାସ, ଫେବୃୟାରୀ ୫ ତାରିଖ, ରାଶିନକ୍ଷତ୍ର-ଦିବା ଘ.୧୨।୧୨ମି. ପର୍ଯ୍ୟନ୍ତ ପୁଷ୍ୟା/କର୍କଟ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୪ ଗତେ ଘ.୧୦।୦୮ ମଧ୍ୟେ, ଘ.୦୧।୨୪ ଗତେ ଘ.୦୧।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨।୦୦ ଗତେ ଘ.୦୧।୨୪ ମଧ୍ୟେ ରାହୁକାଳ।

# A HISTORIC VISIT BY CHIEF MINISTER HEMANT SOREN USHERS A NEW DAWN FOR BUDHA PAHAD

**Launch of Budha Pahad Development Project (BPDP) worth ₹100 crore**



## More than 11 thousand people of Tehri, Khapri Mahua, Hesatu, Baheratoli, Tumera, Turer and other villages of Budha Pahad, deprived of the benefits of public welfare schemes for decades have been rendered their rights

**Benefits of Select Public Welfare Schemes have been extended such as -**

- Sarvajan Pension Yojana
- Aawas Yojana
- Ration card
- Antyodaya Ration Card
- Job Card
- e-Shram Card
- MGNREGA job card
- Didi Bari Yojana
- Chief Minister Pashudhan Yojana
- Birsa Aawas Yojana
- Chief Minister Employment Generation Scheme

## Highlights of the Budha Pahad Development Project (BPDP) :

- Under this project, overall development has been envisaged for 11 villages of Tehri Panchayat of Garhwa district and 11 villages of Aksi panchayat of Latehar district
- Thrust will be given to infrastructure development such as roads, bridges, school buildings, anganwadi centers, health sub-centres, irrigation facilities and playgrounds in these villages
- Construction work has started for 25 KV power supply in Jhaul Dera of the remote Budha Pahad area and 5-5 KV power supply under solar electrification to Hesatu, Baheratoli, Tumera, Khapri Mahua, Turer, Polpol villages




## Stories of Change



I am a happy recipient of the Chief Minister Employment Generation Scheme under which I got a Bolero vehicle. I thank the government for the support provided to me.

**-Vinco Toppo, Tehri**

After the arrival of the Chief Minister, I received benefits of many government schemes. What delighted me the most was the construction of a goat shed that will aid me in goat rearing. My wife, Gudiya Devi has also been extended the benefits of various schemes.

**-Mangan Kisan, Turer**





After the unfortunate demise of my son and daughter-in-law, the responsibility of their four children came on my shoulders. I am grateful to the government for providing the children a monthly financial assistance of ₹6,000 as well as linking me and my husband to Old Age Pension.

**-Dheeran Brijia, Tumera**

I am a widow and was compelled to live a life of misery. Upon the recent visit of the Chief Minister I have been extended the benefit of Pension, Aawas, Ration & Job card for which I am very thankful.

**-Mayanti Minj, Tehri**



Information & Public Relations Department, Govt. of Jharkhand

PR-289341(IPRD) 2022-23

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୫ ଫେବୃୟାରୀ, ୨୦୨୩

ପ୍ରକୃତ ଗୁଣବାନ ଓ ବୁଦ୍ଧିମାନ ମଣିଷଟିଏ– ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା'ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ମହାନ୍ ଆଦର୍ଶ ସଙ୍ଗେ ସେ ନିଜର ସଙ୍ଗତି ରକ୍ଷା କରି ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ। –ଶ୍ରୀମା



# ବିଫଳ ରଣନୀତି



ଆକାର ପଟେଲ

୨୦୧୮ରେ ଭାରତ ସରକାର ନୀତି ଆୟୋଗ ଦ୍ୱାରା ଇଣ୍ଡିଆ @୭୫ ଶୀର୍ଷକ ରିପୋର୍ଟ ପ୍ରକାଶ କରିଥିଲେ। ଏଥିରେ ସରକାର ତାଙ୍କ ନିଜର ଲକ୍ଷ୍ୟ ସ୍ଥିର କରି ୨୦୨୨ ସୁଦ୍ଧା ତାହା ହାସଲ କରିବେ ବୋଲି ଦର୍ଶାଇଥିଲେ। ୨୩୦ ପୃଷ୍ଠାର ଉକ୍ତ ରିପୋର୍ଟରେ ଆରମ୍ଭରୁ ପ୍ରଧାନମନ୍ତ୍ରୀଙ୍କ ଆଲେଖ୍ୟ ରହିଛି। ସେ ଲେଖିଛନ୍ତି, ୨୦୨୨ ସୁଦ୍ଧା ଏକ ନୂଆ ଭାରତ ଗଠନ ପାଇଁ ଲୋକଙ୍କ ପ୍ରୟାସରେ କେନ୍ଦ୍ର ସରକାରଙ୍କ ସକ୍ରିୟ ଭାଗୀଦାରି ଅଛି; ଆସନ୍ତୁ ଉଲ୍ଲିଖିତ ରଣନୀତିରେ ଥିବା ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ଲାଗି ଟିମ୍ ଇଣ୍ଡିଆ ସ୍ପିରିଟ୍‌ରେ ଆମର ସବୁ ଶକ୍ତି ଏକାଠି କରିଦେବା। ତାଙ୍କ ପରେ ନୀତି ଆୟୋଗ ଅଧ୍ୟକ୍ଷ ଲେଖିଥିଲେ, ବିଗତ ୪ ବର୍ଷ ମଧ୍ୟରେ ପରିବର୍ତ୍ତନ କରାଯାଇଆସୁଛି। ବାସ୍ତବରେ ଦେଖିବାକୁ ଗଲେ ବିଗତ ୪ ବର୍ଷ(୨୦୧୪–୨୦୧୮) ମଧ୍ୟରେ ଯେଉଁ ପରିଣାମ ମିଳିଥିଲା ତାହା ଅଧିକ ସମୟ ଧରି ଜାରି ରହିବ। ତେବେ ସରକାର ଯେଉଁ କ୍ଷେତ୍ରରେ ତାଙ୍କ ଲକ୍ଷ୍ୟ ସ୍ଥିର କରିଥିଲେ ଓ ତାହାର ପରିଣାମ ସବୁ କ'ଣ ହେଲା ତାହା ଦେଖିବା। ପ୍ରଥମଟି ଥିଲା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଅଭିବୃଦ୍ଧି ହାରରେ ଉନ୍ନତି। ଉକ୍ତ ରିପୋର୍ଟ ପ୍ରକାଶ କରିଥିଲା ଯେ, ୨୦୧୭–୧୮ରେ ଥିବା ଜିଡିପିର ନିବେଶ ହାର (ଜିଡିପିର ଅଂଶ ଭାବେ ମୋଟ ସ୍ଥାୟୀ ପୁଞ୍ଜି) ପାଖାପାଖି ୨୯%ରୁ ବୃଦ୍ଧି ଘଟାଇ ୨୦୨୨–୨୩ ସୁଦ୍ଧା ପାଖାପାଖି ୩୬% କରାଯିବ ଏବଂ ଏଥିପାଇଁ ଉଭୟ ଘରୋଇ ଓ ସାର୍ବଜନୀନ ନିବେଶକୁ ପ୍ରୋତ୍ସାହିତ କରିବାକୁ ଅନେକ ପଦକ୍ଷେପ ନେବାକୁ ହେବ। ସମ୍ଭବତଃ, ଏହି ପଦକ୍ଷେପଗୁଡ଼ିକ ନିଆଯାଇଥିଲା। ତେବେ ଏଥିରୁ କି ଫଳ ମିଳିଲା ? ୨୦୨୧ରେ ଏହା ୨୯% ବୋଲି ବିଶ୍ୱବ୍ୟାଙ୍କର ସଦ୍ୟତମ ତଥ୍ୟରୁ ଜଣାପଡ଼ିଛି; ଯେଉଁଥିରୁ ବୁଝାପଡୁଛି କିଛି ପରିବର୍ତ୍ତନ ହୋଇନାହିଁ। କାରଣ ଏହା ୨୦୧୪ରେ ଥିଲା ୩୦%, ଅର୍ଥାତ୍ ତା'ଠାରୁ କମିଛି। ସାମଗ୍ରିକ ଭାବେ ୨୦୧୮ରେ ଜିଡିପି ଅଭିବୃଦ୍ଧି ହ୍ରାସ ପାଇବା ଆରମ୍ଭ ହୋଇଥିଲା ଏବଂ କୋଭିଡ୍ ମହାମାରୀ ପ୍ରକାଶ ପାଇବା ସମୟ ୨୦୨୦ ମାର୍ଚ୍ଚକୁ ମିଶାଇ ଲଗାତର ୯ଟି ତ୍ରୈମାସିକରେ ଅଭିବୃଦ୍ଧି ତଳକୁ ଖସିଥିଲା। ଅବଶ୍ୟ ସେତେବେଳେ ଏହି ରିପୋର୍ଟ ଲେଖାହେଲାବେଳକୁ ଲେଖକମାନେ ଏହା ବୋଧହୁଏ ଜାଣି ନ ଥିଲେ। ଏହା ବ୍ୟତୀତ ସେମାନେ କହିଛନ୍ତି, ଟ୍ୟାକ୍ସ–ଜିଡିପି ଅନୁପାତ ୧୭% ଯାହା ଓଇସିଡି ଦେଶଗୁଡ଼ିକର(୩୫%) ତୁଳନାରେ ଅଧା। ଏପରି କି ଏହା ଅନ୍ୟ ବିକାଶଶୀଳ ଅର୍ଥବ୍ୟବସ୍ଥା ବ୍ରାଜିଲ(୩୪%), ଦକ୍ଷିଣ ଆଫ୍ରିକା(୨୭%) ଏବଂ ଚାଇନା(୨୨%) ତୁଳନାରେ କମ୍। ଏଣୁ ସାର୍ବଜନୀନ ନିବେଶ ବୃଦ୍ଧି କରିବାକୁ ଭାରତ ୨୦୨୨ ସୁଦ୍ଧା ଟ୍ୟାକ୍ସ–ଜିଡିପି ହାର ଅତି କମ୍‌ରେ ୨୨%କୁ ବୃଦ୍ଧି କରିବା ଦରକାର। କିନ୍ତୁ ଗତ ବର୍ଷ ମୋଟ ଟ୍ୟାକ୍ସ – ଜିଡିପି ଅନୁପାତ ଥିଲା ୧୭%। ବୁଝାପଡୁଛି, ଏଥିରେ ବି କିଛି ପରିବର୍ତ୍ତନ ହୋଇନାହିଁ।

ଅଭିବୃଦ୍ଧି ରଣନୀତିରେ ଆଉ ଏକ ଅଧ୍ୟାୟ ଭାବେ ସରକାର ବେରୋଜଗାର ସଙ୍କଟ ସମାଧାନ କରିବାକୁ ଦାବି କରିଥିଲେ। ଏହାର ପରିଣାମ ସମ୍ପର୍କରେ ମୁଁ ପୂର୍ବରୁ ଲେଖିଥିଲେ ବି ପୁନର୍ବାର ସଂକ୍ଷେପରେ ଦୋହରାଉଛି। ଏକ ସରକାରୀ ସର୍ଭେ ଅନୁଯାୟୀ ୨୦୧୮ରେ ବେରୋଜଗାର ହାର ୬% ଥିଲା ଓ ସେବେଠାରୁ ଏହା ଅଧିକ ରହିଆସିଛି। ୨୦୧୭ ପରଠାରୁ ପ୍ରତିବର୍ଷ କୃଷିକୁ ଫେରୁଥିବା ଲୋକଙ୍କ ହାର ବୃଦ୍ଧି ପାଇବାରେ ଲାଗିଛି। ଏହାପରେ ରିପୋର୍ଟ ମାନୁଫାକ୍ଚରିଂକୁ ଫେରିଛି। ୨୦୨୨ ସୁଦ୍ଧା ମୋଦି ସରକାର ମାନୁଫାକ୍ଚରିଂ ସେକ୍ଟରରେ ଅଭିବୃଦ୍ଧି ଦୁଇଗୁଣ କରିବାକୁ ଚାହାନ୍ତି ବୋଲି ଏହା ଦର୍ଶାଇଛି। କିନ୍ତୁ ୨୦୧୮ରେ ମାନୁଫାକ୍ଚରିଂ ଅଭିବୃଦ୍ଧି ହାର ଥିଲା ୧୬% ଓ ଏବେ ଏହା ୧୪%। ଅର୍ଥାତ୍ ବୃଦ୍ଧିପାଇବା ବଦଳରେ ଏହା କମିଛି। ଏହାପରେ ରିପୋର୍ଟରେ କୃଷକଙ୍କ ଦୁଇଗୁଣ ଆୟ ବିଷୟ ବି ରହିଛି। ଏହା ଉପରେ ଅଧିକ ସମୟ ନଷ୍ଟ କରିବା ଉଚିତ ନୁହେଁ, କାରଣ କୃଷକମାନେ ଏକ ଦୀର୍ଘ ସଫଳ ପ୍ରତିବାଦରେ ସେମାନଙ୍କ ମତ ପ୍ରକାଶ କରିସାରିଛନ୍ତି।

ଭାରତକୁ ବିଭିନ୍ନ ଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ଆଗମନ ହାର ୧.୧୮%ରୁ ୩%କୁ ବୃଦ୍ଧି କରାଯିବା ପାଇଁ ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଏହା ମଧ୍ୟ ଉଲ୍ଲେଖ କରାଯାଇଥିଲା ଯେ, ଭାରତକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୮୮ ଲକ୍ଷରୁ ବୃଦ୍ଧି କରି ୧.୨ କୋଟି କରାଯିବ। ହେଲେ ଏସବୁ ହୋଇପାରିଲା ନାହିଁ। ଏହି ରିପୋର୍ଟ ଏମିତି ବହୁ ବିଷୟରେ ପ୍ରତିଶ୍ରୁତି ଦେଇଛି,ଯାହା ବାସ୍ତବତାରୁ ବହୁ ଦୂରରେ। ୨୦୨୨ ଆସି ଚାଲିଗଲାଣି ଓ ଆମେ ସବୁ ପରିଣାମ ଦେଖିବାକୁ ପାଇଛୁ। କିନ୍ତୁ ଏବେ ଏହି ରିପୋର୍ଟ ସମ୍ପର୍କରେ କେହି ଆଲୋଚନା କରୁଥିବା କେବେ ଶୁଣିଛନ୍ତି କି? ମନେରଖିବାକୁ ହେବ, ଏହାକୁ ସ୍ୱୟଂ ପ୍ରଧାନମନ୍ତ୍ରୀ ସବୁଜ ସଙ୍କେତ ଦେଇଥିଲେ। କେରଳର ସାହିତ୍ୟ ଉତ୍ସବରେ ୨୦୧୪ ପରଠାରୁ ସମସ୍ତ ତଥ୍ୟ ଉପସ୍ଥାପନ କରିବା ପରେ ଜଣେ ମୋତେ ପଚାରିଲେ, କାହିଁକି ଏସବୁ ବିଷୟରେ ଅଧିକ ଲୋକ ଜାଣିପାରିଲେ ନାହିଁ। କିନ୍ତୁ ବାସ୍ତବରେ ସେମାନେ ଏହା ଜାଣିଛନ୍ତି। ଏ ସମ୍ପର୍କିତ ଅଧିକ ସୂଚନା ଓ ତଥ୍ୟ ସରକାର ପକ୍ଷରୁ ହିଁ ପ୍ରକାଶପାଇଛି। ପିରିୟଡିକ୍ ଲେବର ଫୋର୍ସ ସର୍ଭେ ସ୍ୱୀକାର କରିଛି, ଆଧୁନିକ ଅର୍ଥ ବ୍ୟବସ୍ଥାରେ ସାମିଲ ହେବା ବଦଳରେ ଅଧିକ ଲୋକ କୃଷି ମୁହାଁ ହୋଇଛନ୍ତି। ନିବେଶ ହାର, ପର୍ଯ୍ୟଟକ ଆଗମନ ଓ ଜିଡିପି ଅଭିବୃଦ୍ଧି ହାର ଏବଂ ଟ୍ୟାକ୍ସ–ଜିଡିପି ଅନୁପାତ ସମ୍ପର୍କରେ ତଥ୍ୟ ମଧ୍ୟ ସରକାର ତାଙ୍କ ପକ୍ଷରୁ ପ୍ରକାଶ କରିଛନ୍ତି। ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ କାହିଁକି ତା' ପାଇଁ ଉତ୍ତରଦାୟୀ ହେଉନାହାନ୍ତି କିମ୍ବା ସେ ସମ୍ପର୍କରେ କିଛି କହୁ ନାହାନ୍ତି ତାହା ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ବାସ୍ତବରେ ଭାରତର ଜଟିଳ ସମସ୍ୟାଗୁଡ଼ିକୁ କିଭଳି ସମାଧାନ କରିବାକୁ ହେବ ସେ ସମ୍ପର୍କରେ ସରକାରଙ୍କର କୌଣସି ଧାରଣା ନାହିଁ। ଯଦି ଆମେ ନୀତି ଆୟୋଗର ରଣନୀତି କଥା ବିଚାର କରିବା ଓ ସେଥିରୁ ନିର୍ଯ୍ୟାସ କ'ଣ ଆସିଲା ସେଥିରେ ବି ଯେ କେହି ଆଶ୍ଚର୍ଯ୍ୟ ହେବେ। ପ୍ରକୃତ କଥା ହେଉଛି, ନୀତି ଆୟୋଗର କିଛି ଯୋଜନା ନାହିଁ। ପୁନଶ୍ଚ, ନୀତି ଆୟୋଗ ତା' ବିଫଳତାକୁ ନେଇ ଉତ୍ତରଦାୟୀ ହେବା ପାଇଁ କୌଣସି ଚାପରେ ଥିବାଭଳି ମନେ ହେଉନାହିଁ। ବାସ୍ତବତା ହେଉଛି, ସରକାର ଅତୀତରେ ଯାହା କରିଥିଲେ ତାହାକୁ ଏଡ଼ାଇ ଯାଇ କେବଳ ଆଗ କଥା କହୁଥିବାରୁ ସରକାରଙ୍କୁ ଉତ୍ତରଦାୟୀ କରିବା କଷ୍ଟକର

Email:aakar.patel@gmail.com

# କାହା ପାଇଁ ବଜେଟ



ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃୟାରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୩–୨୪ ବର୍ଷ ପାଇଁ କେନ୍ଦ୍ର ବଜେଟ ଉପସ୍ଥାପନ କରିଛନ୍ତି। ଏହା ତାଙ୍କ ଜୀବନର ୫ମ ତଥା ଆଗାମୀ ଲୋକ ସଭା ନିର୍ବାଚନ ପୂର୍ବର ପୂର୍ଣ୍ଣାଙ୍ଗ ବଜେଟ। ସାଧାରଣତଃ ଯେଉଁ ଦଳ ଶାସନ କରୁ ବା ଯିଏ ପ୍ରଧାନମନ୍ତ୍ରୀ ବା ଅର୍ଥମନ୍ତ୍ରୀ ହୁଅନ୍ତୁନା କାହିଁକି, ପ୍ରତ୍ୟେକ ବର୍ଷ ଅଧିକ ଟିକସ ଆଦାୟ ବୃଦ୍ଧି ଘଟିବ ଏବଂ ବଜେଟର ଆକାର ବୃଦ୍ଧି ପାଇବ। ଏପରିକି ମୁଦ୍ରାସ୍ଫୀତି ଯୋଗୁ ନାମାଙ୍କନ ମୂଲ୍ୟରେ ଆପେ ଆପେ ବୃଦ୍ଧି ହେବ। ୨୦୨୨–୨୩ରେ ମୁଦ୍ରାସ୍ଫୀତି ଯୋଗୁ ନାମାଙ୍କନ ଜିଡିପି ଧାର୍ଯ୍ୟ ୧୧.୧% ବଦଳରେ୧୫.୪% ବୃଦ୍ଧି ପାଇବା ଯୋଗୁ ରାଜସ୍ୱ ବୃଦ୍ଧି ସହିତ ବିଭିନ୍ନ ନିଅଣ୍ଟକୁ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ନିୟନ୍ତ୍ରଣ କରିଛନ୍ତି।

ଯେପରି ୧୯୫୦–୫୧ରେ ନାମାଙ୍କନ ଜିଡିପି ୧୦,୦୩୬ କୋଟି ଟଙ୍କା ଥିଲାବେଳେ ବଜେଟର ଆକାର ମାତ୍ର ୩୫୬.୪୯ କୋଟି ଟଙ୍କା ଥିଲା। ୨୦୨୨–୨୩ରେ ନାମାଙ୍କନ ଜିଡିପି ୨୭୩.୦୮ ଲକ୍ଷ କୋଟି ଟଙ୍କା ଏବଂ ୨୦୨୩–୨୪ରେ ୩୦୧. ୭୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ୨୦୨୨–୨୩ରେ ମୋଟ ବ୍ୟୟ ବରାଦ ୩୯.୪୫ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ସଂଶୋଧିତ ଅଟକଳରେ ଏହା ୪୧.୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ୨୦୨୩–୨୪ ବଜେଟରେ ୪୫ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଯେହେତୁ ବଜେଟ ଆକାର ଆପେ ଆପେ ବୃଦ୍ଧି ପାଉଛି, ଯିଏ ଶାସନ କରୁନା କାହିଁକି କିଛି ନୂତନ ଯୋଜନା କରିବ, ପୁରୁଣା ଯୋଜନାକୁ ଅଧିକ ସକ୍ରିୟ କରିବ। ଏଣୁ କିଛି ଯୋଜନାକୁ ଭିତ୍ତିକରି ବଜେଟର ଭଲ ମନ୍ଦ ବିଚାର କରାଯାଏ ନାହିଁ।

ଏକ ବଜେଟରେ ବ୍ୟୟ ବୃଦ୍ଧି ଘଟିଛି ବୋଲି କୁହାଯିବ, ଯଦି ଏହା ନାମାଙ୍କନ ବୃଦ୍ଧି ସହିତ ତାଳ ଦେଇ ବୃଦ୍ଧିପାଏ ବା ମୋଟ ଜିଡିପି ଅନୁସାରେ ବୃଦ୍ଧିପାଏ। ଅର୍ଥମନ୍ତ୍ରୀ ୨୦୨୨–୨୩ ବଜେଟ ଆକଳନ ବେଳେ ନାମାଙ୍କନ ଅଭିବୃଦ୍ଧି ୧୧.୧% ଏବଂ ବାସ୍ତବ ଅଭିବୃଦ୍ଧି ୮ରୁ ୮.୫% ହେବ ବୋଲି ଆକଳନ କରିଥିଲେ। କିନ୍ତୁ ବାସ୍ତବ ଅଭିବୃଦ୍ଧି ମାତ୍ର ୭% ହୋଇଛି। ମୁଦ୍ରାସ୍ଫୀତି ଯୋଗୁ ନାମାଙ୍କନ ଅଭିବୃଦ୍ଧି ୧୯% ହୋଇଛି। ୨୦୨୩–୨୪ ନାମାଙ୍କନ ଅଭିବୃଦ୍ଧି ୧୦.୫% ଧାର୍ଯ୍ୟ କରାଯାଇଥିଲାବେଳେ ବଜେଟ ବ୍ୟୟବରାଦ ଗତବର୍ଷର ସଂଶୋଧିତ ଅଟକଳ ଉପରେ ମାତ୍ର ୭% ବୃଦ୍ଧି କରାଯାଇଛି, ଯାହା ଧାର୍ଯ୍ୟ ନାମାଙ୍କନ ବୃଦ୍ଧିଠାରୁ କେବଳ କମ୍ ନୁହେଁ, ବାସ୍ତବ ବୃଦ୍ଧି (ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ) ମଧ୍ୟ ବିୟୁକ୍ତାତ୍ମକ ହେବ। ଏହା ସୂଚାଉଛି ଏକ ସଙ୍କୁଚିତ ବଜେଟ ଉପସ୍ଥାପନ କରାଯାଇଛି। ଅତ୍ୟନ୍ତ ଚିନ୍ତାଜନକ ୨୦୨୦–୨୧ରେ ମୋଟ ବ୍ୟୟବରାଦ ଜିଡିପିର ୨୦% ଥିଲାବେଳେ ୨୦୨୧–୨୨ରେ ୧୫.୯୩%, ୨୦୨୨–୨୩ରେ ୧୫.୩୪%କୁ ଖସି ଆସିଛି। ୨୦୨୩–୨୪ରେ ଏହା ହ୍ରାସ ପାଇ ୧୪.୯୧% ହେବ ବୋଲି ଆକଳନ କରାଯାଇଛି। ପୁନଶ୍ଚ ଅନ୍ୟ ଦେଶ ତୁଳନାରେ ଭାରତରେ ଏହା ବହୁତ କମ। ଏହା ଫ୍ରାନ୍ସରେ ୫୯.୦୫%, ୟୁରୋ ଅଞ୍ଚଳ (୫୪.୧%), ସିଡେନ (୪୯.୮୬ %), ଆମେରିକାରେ ୪୨.୯୬%, ବ୍ରିଟେନ (୪୪.୮୭%)।

କେନ୍ଦ୍ର ସରକାରଙ୍କ ବ୍ୟୟ ଜିଡିପି ଅନୁସାରେ କେବଳ ସଙ୍କୁଚିତ ହେଉନି ବରଂ ରାଜ୍ୟକୁ ଦେଉଥିବା ତାଙ୍କ ଅଂଶ ହ୍ରାସ ପାଉଛି, ଯାହା ସଙ୍ଘୀୟ ବ୍ୟବସ୍ଥାର ପରିପନ୍ଥୀ। ଅର୍ଥ କମିଶନ ଅନୁସାରେ ବିଭାଜିତ ପାଣ୍ଠିରୁ ରାଜ୍ୟଗୁଡ଼ିକ ୪୨% (ଜମ୍ମୁ ଓ କଶ୍ମୀରକୁ ଦୁଇଭାଗ ଯୋଗୁ ପଞ୍ଚଦଶ ଅର୍ଥ କମିଶନ ଅନୁସାରେ ୪୧%) ପାଇବା କଥା। କିନ୍ତୁ ସରଚାର୍ଜ, ସେସ୍ ଯୋଗୁ ଏହା କମ୍ ମିଳୁଛି। କାରଣ ସରଚାର୍ଜ, ସେସ୍ ଦ୍ୱାରା ସଂଗୃହିତ ସମ୍ବଳରେ ରାଜ୍ୟର କିଛି ଅଂଶ ନଥାଏ। ୨୦୧୬–୧୭ ବେଳେ ରାଜ୍ୟଗୁଡ଼ିକ କେନ୍ଦ୍ରୀୟ ବିଭାଜନ ପାଣ୍ଠିରୁ ୩୫% ପାଉଥିଲା ବେଳେ ୨୦୨୨–୨୩ରେ ୩୧.୧୭% ପାଇଥିଲେ। ୨୦୨୩–୨୪ରେ ଏହା ୩୦.୩% ହ୍ରାସ ପାଇବ। ପୁନଶ୍ଚ ଜିଡିପି ଅନୁସାରେ ରାଜ୍ୟକୁ କେନ୍ଦ୍ରର ମୋଟ ସମ୍ବଳ ହସ୍ତାନ୍ତର ଯାହା ୨୦୨୦–୨୧ରେ ୬.୯୧% ଥିଲା, ତାହା ୨୦୨୨–



୨୩ରେ ୬.୨୬%କୁ ହ୍ରାସ ପାଇଥିଲା। ପୁନଶ୍ଚ ୨୦୨୩–୨୪ରେ ଏହା ୬.୧୭%କୁ ହ୍ରାସ ପାଇବ।

ପ୍ରଧାନମନ୍ତ୍ରୀ କହିଛନ୍ତି, ବଜେଟ ଅମୃତ କାଳର ପ୍ରଥମ ବଜେଟ ଏବଂ ଏହା ସମାଜର ଅବହେଳିତ ଶ୍ରେଣୀଙ୍କ ଆଶା ପୂରଣ କରିବ। କିନ୍ତୁ ଯେଉଁ ମନରେଗା ଯୋଜନା ଅନେକ ଗରିବଙ୍କୁ ନିଯୁକ୍ତି ଯୋଗାଇଥିଲା, ବିଶେଷକରି କରୋନା ସମୟରେ ତାଙ୍କ ଜୀବନ ଓ ଜୀବିକା ବଞ୍ଚାଇଦେଇଛି ସେହି ଯୋଜନାରେ ବ୍ୟୟ ବରାଦ ହ୍ରାସ କରାଯାଇଛି। ୨୦୨୨–୨୩ର ସଂଶୋଧିତ ଅଟକଳରେ ଏହି ଯୋଜନା ବାବଦ ବ୍ୟୟ ବରାଦ ୯୮,୦୦୦ କୋଟି ଟଙ୍କା ହୋଇଥିଲାବେଳେ ୨୦୨୨–୨୩ ସଂଶୋଧିତ ଅଟକଳରେ ଏହା ୮୯,୪୦୦ କୋଟି ଟଙ୍କାକୁ ହ୍ରାସ ପାଇଥିଲା। ଏହି ବଜେଟରେ ମାତ୍ର ୬୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଗରିବ, ଚାଷୀଙ୍କ ପାଇଁ ଆବଶ୍ୟକ ପେଟ୍ରୋଲିୟମ, ଖାଦ୍ୟ ଓ ତୈଳ ସବ୍‌ସିଡି ପରିମାଣ ୨୦୨୨–୨୩ ଅନୁସାରେ ୨୮.୩% ହ୍ରାସ କରାଯାଇ ଏହି ବଜେଟରେ ୩.୭୪ ଲକ୍ଷ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଛି। ଚାଷୀଙ୍କ ମୁଣ୍ଡପିଛା ଆୟ ଦେଶବାସୀଙ୍କ ହାରାହାରି ମୁଣ୍ଡପିଛା ଆୟଠାରୁ କମ ରହିଛି। ମହାମାରୀ ସମୟରେ କୃଷିକ୍ଷେତ୍ରରେ ଯୁକ୍ତାତ୍ମକ ଅଭିବୃଦ୍ଧି ହୋଇଥିଲା। କିନ୍ତୁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ବ୍ୟୟ ବରାଦ ୭% ହ୍ରାସ କରାଯାଇଛି। ପିଏମ୍ କିଶାନ ଯୋଜନାରେ ବ୍ୟୟ ବରାଦ ଆଦୌ ବୃଦ୍ଧି ହୋଇନାହିଁ। ଶିକ୍ଷା ସ୍ୱାସ୍ଥ୍ୟ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବ୍ୟୟବରାଦ ସାମାନ୍ୟ ବୃଦ୍ଧି ଘଟିଛି। ବଜେଟରେ, ପୁଞ୍ଜି ବ୍ୟୟ କଥା କୁହାଯାଉଛି, କିନ୍ତୁ ଅନେକ ପ୍ରକଳ୍ପ ଠିକ୍ ସମୟରେ ସମ୍ପୂର୍ଣ୍ଣ ନ ହେବା ଯୋଗୁ ଧାର୍ଯ୍ୟ ବ୍ୟୟବରାଦ ବୃଦ୍ଧି ପାଉଛି। ସଞ୍ଚୟ ଓ ନିବେଶ ୨୦୦୭–୦୮ଠାରୁ ଜିଡିପି ଅନୁସାରେ ଦ୍ରୁତ ଗତିରେ ହ୍ରାସ ପାଇ ଚାଲିଛି।

ଏକ ବଜେଟକୁ ଭଲ କୁହାଯିବ, ଯଦି ବିତ୍ତୀୟ ଶୃଙ୍ଖଳା ବଜାୟ ରଖିବା ସହିତ ସରକାର ପୁଞ୍ଜିପତି, ଶିଳ୍ପପତିଙ୍କ ତଥା ଧନିକ ଶ୍ରେଣୀଠାରୁ ଅଧିକ ହାରରେ ଟିକସ ଆଦାୟ କରି ବିଭିନ୍ନ କ୍ଷେତ୍ରରେ ମୁଦ୍ରାସ୍ଫୀତିକୁ ବିଚାରକୁ ନେଲା ପରେ ଆହୁରି ଅଧିକ ବ୍ୟୟ କରନ୍ତି ଏବଂ ବିଭିନ୍ନ ଜନହିତକର କ୍ଷେତ୍ରରେ ଅଧିକ ବ୍ୟୟ କରିବା ସହିତ ନିଯୁକ୍ତି ବୃଦ୍ଧି ଓ ଦାରିଦ୍ର୍ୟ, ବେକାରି, କ୍ଷୁଧା, ବାସହୀନତା ଓ ବୈଷମ୍ୟ ହ୍ରାସ କରିବା ସହିତ ସାମ୍ପ୍ରତିକ ଆର୍ଥିକ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିଥା'ନ୍ତି ଏବଂ ସର୍ବୋପରି ସାଧାରଣ ଜନତାଙ୍କ ଜୀବନ ଧାରଣର ମାନରେ ଉନ୍ନତି ଆଣିବା ସହିତ ପ୍ରୟାସ କରିଥା'ନ୍ତି। କିନ୍ତୁ ବଜେଟରେ ଏସବୁ ପ୍ରତି ଧ୍ୟାନ ଦିଆଯାଇନାହିଁ। ଅତି ଧନୀଙ୍କ ଉପରୁ ଆଦାୟ ହେଉଥିବା ସରଚାର୍ଜ ହାର ହ୍ରାସ କରିବା ବେଳେ ଗରିବ ଓ ମଧ୍ୟବିତ୍ତକୁ ବାଧୁଥିବା ଓ ମୁଦ୍ରାସ୍ଫୀତି ବୃଦ୍ଧି କରୁଥିବା ପରୋକ୍ଷ କର ମାଧ୍ୟମରେ ଅଧିକ ସମ୍ବଳ ସଂଗ୍ରହ କରୁଛନ୍ତି। ଏହି ବଜେଟ ଗରିବଙ୍କ ପାଇଁ ନୁହେଁ, ଧନୀଙ୍କ ପାଇଁ ଉଦ୍ଦିଷ୍ଟ।

ମୋ: ୯୪୩୭୨୦୮୭୬୨

# ମହିମା ଗୋସେଇଁଙ୍କ ମହିମା ଧର୍ମ



ଡ. ଉଦ୍ଧବ ଚରଣ ନାୟକ

ମହିମା ଧର୍ମ ଓଡ଼ିଶାର ନିଜସ୍ୱ ଧର୍ମ। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଏକେଶ୍ୱରବାଦ ଧର୍ମ ଭାବରେ ଏହା ସୁପରିଚିତ। ମହିମା ଧର୍ମ ଏକ ସ୍ୱତନ୍ତ୍ର ଧର୍ମ ନୁହେଁ। ଏହା ଏକ ରୁଚିପୂର୍ଣ୍ଣ ବିଚାର। ହିନ୍ଦୁଧର୍ମରେ ସଂସ୍କାର ଆନୟନକାରୀ ମହାନ୍ ମତବାଦ। ହିନ୍ଦୁ ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା ଓ ବ୍ରାହ୍ମଣ୍ୟ ଧର୍ମର ପରାଭବରୁ ସମାଜକୁ ମୁକ୍ତ କରି ସୁସ୍ଥ ରଖିବା ହେଲା ମହିମା ଧର୍ମର ମୂଳଲକ୍ଷ୍ୟ। କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ପରିହାର ପୂର୍ବକ ଶୂନ୍ୟ ବ୍ରହ୍ମଙ୍କଠାରେ ଶରଣ ପଶିବା ବା ଆତ୍ମସମର୍ପଣ କରିବା ହେଲା ଏହି ଧର୍ମର ମୂଳତତ୍ତ୍ୱ। ବିଶ୍ୱନିୟନ୍ତା ଶୂନ୍ୟପୁରୁଷ ବା ଅଲେଖ ପୁରୁଷ ସର୍ବବ୍ୟାପୀ। ତାଙ୍କର ଆକାର ନାହିଁ, ସେ ନିରାକାର, ଅଣାକାର। ତାଙ୍କ ମହିମାରେ ଚନ୍ଦ୍ର ସୂର୍ଯ୍ୟ ଗ୍ରହ ନକ୍ଷତ୍ର ଆଦି ଆତଯାତ। ତାଙ୍କ ମହିମା ଲେଖିବା ସମ୍ଭବ ନୁହେଁ। ତେଣୁ ସେ 'ଅଲେଖ'। ହିନ୍ଦୁ ଜଗତରେ ପ୍ରଚଳିତ ତେତ୍ରିଶ କୋଟି ଦେବଦେବୀଙ୍କ କଳ୍ପନା ଓ ଆରାଧନା, ବ୍ରାହ୍ମଣ୍ୟ ଧର୍ମର ଆଧିପତ୍ୟ ତଥା ବାହ୍ୟ ଆଡ଼ମ୍ବରକୁ ପ୍ରତ୍ୟାଖ୍ୟାନ ପୂର୍ବକ ଶୂନ୍ୟ ବ୍ରହ୍ମଙ୍କ ଉପାସନା ହେଉଛି ଏହି ଧର୍ମର ମୂଳଲକ୍ଷ୍ୟ। ମହିମା ଧର୍ମର ପ୍ରାଣ ପ୍ରତିଷ୍ଠାତା ହେଉଛନ୍ତି 'ମହିମା ସ୍ୱାମୀ' ବା 'ମହିମା ଗୋସେଇଁ'। ତାଙ୍କର ଜନ୍ମସ୍ଥାନ, ପିତାମାତା ଓ ଜନ୍ମ ସମୟ ସମ୍ପର୍କରେ କୌଣସି ସଠିକ୍ ତଥ୍ୟ ମିଳେ ନାହିଁ। ଫଳରେ ମହିମା ଧର୍ମୀମାନେ ତାଙ୍କୁ 'ଅଯୋନି ସମ୍ଭୂତ' ଭାବରେ ଆଖ୍ୟାୟିତ କରନ୍ତି। ଯାହା ଜଣାଯାଏ ୧୮୨୬ ମସିହାରେ ମହିମା ସ୍ୱାମୀଙ୍କର ଆବିର୍ଭାବ ଘଟିଥିଲା ଶ୍ରୀକ୍ଷେତ୍ର ପୁରୀ ବଡ଼ଦାଣ୍ଡରେ 'ଧୂଳିଆ ଗୋସେଇଁ' ଭାବରେ। ଏହାପରେ ସେ ଖଣ୍ଡଗିରି ଚାଲିଆସି ନିଭୃତ ଅରଣ୍ୟରେ ସାଧନାରତ ଥିଲେ। ଏଠାରେ ବରମୁଣ୍ଡା ଗ୍ରାମନିବାସୀ ଭାଗ୍ୟଧର ଦଳେଇ ତାଙ୍କୁ ପ୍ରତ୍ୟହ ନୀର ଯୋଗାଉଥିଲେ। ସେ ତାକୁ ପାନ କରି ୧୨ ବର୍ଷ ବିତାଇଥିବାରୁ ଏହି ସମୟରେ ତାଙ୍କୁ ନିରାହାରୀ ଗୋସେଇଁ ଭାବରେ ଆଖ୍ୟାୟିତ କରାଯାଇଥିଲା। ୧୮୩୮ରେ ସେ ଢେଙ୍କାନାଳର କପିଳାସଠାରେ ୨ଟି ପର୍ଯ୍ୟାୟରେ ଦୀର୍ଘ ୨୪ ବର୍ଷ କାଳ ଆତ୍ମଯୋଗ ସମାଧିରେ ରହିଥିଲେ। ପ୍ରଥମ ୧୨ ବର୍ଷ ସଦାନନ୍ଦ ଶବର ଦ୍ୱାରା ଫଳମୂଳ ପ୍ରାପ୍ତ ହୋଇ ଜୀବନ ଧାରଣ କରିଥିବାରୁ ତାଙ୍କୁ ଫଳାହାରୀ ଗୋସେଇଁ ଭାବରେ ଆଖ୍ୟାୟିତ କରାଯାଇଥିଲା। ସେହିପରି ଦ୍ୱିତୀୟ ୧୨ ବର୍ଷ ତତ୍କାଳୀନ ଢେଙ୍କାନାଳ ରାଜା ଭଗୀରଥ ମହିନ୍ଦ୍ର ବାହାଦୁର ତାଙ୍କୁ ପ୍ରତ୍ୟହ ଗୋ ଦୁଗ୍ଧ ନୂତନ ମୃତ୍ତିକା ଭାଣ୍ଡରେ ଯୋଗାଉଥିଲେ। ରାଜା ଭଗୀରଥ ଓ ତାଙ୍କର ପତ୍ନୀ ହୀରାପ୍ରଭା ଦେବୀ ମହିମା ସ୍ୱାମୀଙ୍କର ଗୃହୀଭକ୍ତ ପାଲଟି ଯାଇଥିଲେ। ୧୮୬୨ରେ ମହିମା ସ୍ୱାମୀ ତାଙ୍କର ଆତ୍ମଯୋଗ ସମାଧି ଶେଷ କରୁଥିବା ସମୟରେ ଗୋବିନ୍ଦ ବାବାଙ୍କୁ ସନ୍ନ୍ୟାସୀ ଧର୍ମରେ ଦୀକ୍ଷିତ କରି



ମିଶନ ଆରମ୍ଭ କରିଥିଲେ। ଏହାପରେ ମହିମା ସ୍ୱାମୀ ଖୋର୍ଦ୍ଧା ଜିଲାର ଦାରୁଠେଙ୍ଗ, ଅନ୍ଧାରୁଆ, ପଟିଆ ଆଦି ଅଞ୍ଚଳରେ ଭ୍ରମଣ କରି ପ୍ରଥମେ ଧୁନି ଘର ପ୍ରତିଷ୍ଠା କରି ବଉଦର ନରସିଂହ ଦାସ, କଟକ ସାଇଁଲୋ ଥାନା ଅନ୍ତର୍ଗତ ବ୍ରାହ୍ମଣବସ୍ତ ଗ୍ରାମର ଭଗବାନ ଦାସ, ଅନ୍ଧାରୁଆର କୃଷ୍ଣ ଦାସ, ଭାଇଗ ଦାସ ଓ ଦାରୁଠେଙ୍ଗର ମାଧବ ଦାସ, କୃପାସିନ୍ଧୁ ଦାସ ଓ ଅଚ୍ୟୁତାନନ୍ଦ ଦାସଙ୍କୁ ଶିଷ୍ୟତ୍ୱ ପ୍ରଦାନ ସହ ଗୋବିନ୍ଦ ବାବାଙ୍କ ଦ୍ୱାରା ବଲ୍କଳ ପ୍ରଦାନ କରି ସନ୍ନ୍ୟାସୀ ଶ୍ରେଣୀ ଅନ୍ତର୍ଭୁକ୍ତ କରିଥିଲେ। ସେହିଠାରେ ମହିମା ଧର୍ମର ନୀତିନିୟମ ଓ ତାଙ୍କ ପରିପ୍ରଚାରିତ ଧର୍ମକୁ ମହିମା ଧର୍ମ ଭାବରେ ଅଭିହିତ କରିଥିଲେ। ସେ ମହିମା ଧର୍ମ ପ୍ରଚାର ଆରମ୍ଭ କରିଥିବାରୁ ଶିଷ୍ୟ ସନ୍ନ୍ୟାସୀମାନେ ତାଙ୍କୁ ମହିମା ଗୋସେଇଁ ଭାବରେ ଆଖ୍ୟାୟିତ କରିଥିଲେ। ୧୮୬୨ରେ ରେଢ଼ାଖୋଲ କାଙ୍କଣପଡ଼ାଠାରେ ଭୀମଭୋଇଙ୍କୁ କୂପରୁ ଉଦ୍ଧାର କରି ମହିମା ଧର୍ମରେ ଦୀକ୍ଷିତ କରିବା ସହ ତାଙ୍କୁ କବିତ୍ୱ ପ୍ରଦାନ କରିଥିଲେ।

ଏହାପରେ ମହିମା ସ୍ୱାମୀ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହିମା ଟୁଙ୍ଗି ଓ ଧୁନିଘର ସ୍ଥାପନ କରି ଧର୍ମ ପ୍ରଚାରରେ ବ୍ରତୀ ଥିଲେ। ସେ ଯେଉଁ ସ୍ଥାନରେ ଧୁନିଘର ସ୍ଥାପନ କରିଥିଲେ ସେଗୁଡ଼ିକ ହେଲା ଅନୁଗୋଳର ଅଙ୍ଗାରବନ୍ଧ, ହିନ୍ଦୋଳର ବ୍ରହ୍ମପୁର, ଆଠଗଡ଼ର ଖୁଣ୍ଟୁଣୀ, ଢେଙ୍କାନାଳର ମଡ଼ି(କାମାକ୍ଷାନଗର), ଯୋରନ୍ଦା, ବଉଳପୁର, କାଲୁରିଆ, କାଶିପୁର ଓ ଚୌଦ୍ୱାରର ଆଗ୍ରାହାଟ ଆଦି ପ୍ରଧାନ। ଏହି ସ୍ଥାନଗୁଡ଼ିକ ମହିମା ଧର୍ମ ଶିକ୍ଷାକେନ୍ଦ୍ର ବା ପ୍ରଚାର କେନ୍ଦ୍ର ଭାବରେ ବିବେଚିତ ହୋଇଥିଲା। ଏହାପରେ ବାଙ୍କୀର ମାଳବିହାରପୁର ଠାରେ ଧୁନିଘର ସ୍ଥାପନ କରି ବଲ୍କଳଧାରୀ ଶିଷ୍ୟ ନୃସିଂହ ଦାସ ବାବାଙ୍କ ଦ୍ୱାରା ୯୧ ଜଣଙ୍କୁ ବଲ୍କଳ ପ୍ରଦାନ କରି ସେମାନଙ୍କ ମଧ୍ୟରେ ୬୪ଜଣଙ୍କୁ ସିଦ୍ଧଭାବେ ଆଖ୍ୟାୟିତ କରିଥିଲେ। ନୃସିଂହବାବା ପରେ କୌପିନ ଧାରଣ କରି ବଲ୍କଳ ପ୍ରଦାନ କରୁଥିଲେ। ବଲ୍କଳ ପ୍ରଦାନରେ ନିଷେଧାଜ୍ଞା ଜାରି କରି ସେ ୧୮୭୪ରେ ଢେଙ୍କାନାଳର ଜହ୍ନାଠାରେ ୮୦ଜଣଙ୍କୁ ସିଦ୍ଧ କୌପିନ ବାନା ପ୍ରଦାନ କରି ସେମାନଙ୍କ ମଧ୍ୟରେ ୩୪ ଜଣଙ୍କୁ ସିଦ୍ଧ ଆଖ୍ୟା ପ୍ରଦାନ କରିଥିଲେ।

୧୮୭୬ରେ ମହିମା ସ୍ୱାମୀ ଯୋରନ୍ଦା ଆଶ୍ରମଠାରେ ଇହଲୀଳା ସାଙ୍ଗ କରିଥିଲେ। ସେଠାରେ ତାଙ୍କର ପ୍ରସିଦ୍ଧ ଶିଷ୍ୟ ସିଦ୍ଧ ବଡ଼ କୃପାସିନ୍ଧୁ ବାବା, ନୀଳାଦ୍ରି ବାବା, ସିଦ୍ଧ କୌପିନଧାରୀ ବିଦ୍ୟାଧର ବାବା ଓ ପରମାନନ୍ଦ ବାବାଙ୍କ ସହାୟତାରେ ସମାଧି ମନ୍ଦିର ନିର୍ମାଣ କରିବା ସହ ମଠ ଆଦି ନିର୍ମାଣ କରିଥିଲେ। କାରଣ ତାଙ୍କୁ ଢେଙ୍କାନାଳ ରାଜା ଭଗୀରଥ ମହିନ୍ଦ୍ର ବାହାଦୁର ଯୋରନ୍ଦା, ନାଟିମା ଓ ପଟଣା ଗ୍ରାମରେ ମଠ ନିର୍ମାଣ ପାଇଁ ୭୬ ଏକର ଜମି ନିଷ୍କର ଭାବରେ ପ୍ରଦାନ କରିଥିଲେ। ମହିମା ସ୍ୱାମୀ ଯୋରନ୍ଦା ଆଶ୍ରମ ଠାରେ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମେଳା ମହୋତ୍ସବ ପାଳନ କରୁଥିବାରୁ ତାଙ୍କର ବ୍ରହ୍ମଲୀନ ପରେ ଭକ୍ତ ଓ ସନ୍ନ୍ୟାସୀମାନେ ସ୍ମୃତି ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ଏହି ତିଥିରେ ମେଳା ଅନୁଷ୍ଠିତ କରୁଛନ୍ତି।

ମୋ: ୯୪୩୮୨୯୯୧୭୪

## ଏଇ ଭାରତରେ

କଦଳୀ ବର୍ଜ୍ୟରୁ ଆକର୍ଷଣୀୟ ଜିନିଷ ତିଆରିକରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ମଧ୍ୟପ୍ରଦେଶର ମେହୁଲ ଶ୍ରଫ୍। ସେ ପରିବେଶ ଉପଯୋଗୀ ଷ୍ଟାର୍ଟଅପ୍ 'ମେହୁଲ ଇଣ୍ଡଷ୍ଟ୍ରିଜ୍' ପ୍ରତିଷ୍ଠା କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। କଦଳୀ ବର୍ଜ୍ୟର ତନ୍ତୁରୁ ସୁନ୍ଦର ଝୁଡ଼ି, ବ୍ୟାଗ୍, ଦଉଡ଼ି, ଝାଡୁ, କାଛଘଣ୍ଟା ଫ୍ରେମ୍, ମ୍ୟାଟ୍, ଯୋଗ ମ୍ୟାଟ୍ ଆଦି ଜିନିଷ ତିଆରି କରାଯାଉଛି। ପ୍ରତିମାସରେ ୫ ଟନ୍ କଦଳୀ ବର୍ଜ୍ୟର ଉପଯୋଗ ହେଉଛି ଓ ଏହି ବ୍ୟବସାୟରୁ ମେହୁଲ ବର୍ଷକୁ ୩୦ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି। ଏମ୍‌ବିଏ ଶେଷକରି ମେହୁଲ ତାଙ୍କ ପାରିବାରିକ ବିଜ୍‌ନେସରେ ଯୋଗଦେଇଥିଲେ। କିନ୍ତୁ ପରେ ତାଙ୍କ ଅଞ୍ଚଳରେ ବିପୁଳ ପରିମାଣର କଦଳୀ ବର୍ଜ୍ୟକୁ କାମରେ ଲଗାଇବା ପାଇଁ ଯୋଜନା କରିଥିଲେ। ବୁରୁହାଁପୁରସ୍ଥିତ ନଭସାରି କୃଷି ବିଶ୍ୱବିଦ୍ୟାଳୟର କର୍ମଶାଳାରେ ଯୋଗ ଦେଇ କଦଳୀ ବର୍ଜ୍ୟର ଉପଯୋଗ ବିଷୟରେ ପ୍ରଶିକ୍ଷଣ ହାସଲ କରିବା ପରେ ୨୦୧୮ରେ ମେହୁଲ ଇଣ୍ଡଷ୍ଟ୍ରିଜ୍ ପ୍ରତିଷ୍ଠା କରିଥିଲେ। ବୁରୁହାଁପୁରରେ ୧୬,୦୦୦ ହେକ୍ଟର ଜମିରେ କଦଳୀ ଚାଷ ହେଉଥିବାରୁ ସେ ସହଜରେ ବର୍ଜ୍ୟ ପାଇପାରୁଛନ୍ତି ଓ କୃଷକମାନେ ବି ଆର୍ଥିକ ଦୃଷ୍ଟିରୁ ଲାଭବାନ୍ ହେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୫ ଫେବୃୟାରୀ ୧୯୯୮**

- ବ୍ରାଜିଲର ଜନବହୁଳ ସହର ସାଓପୋଲଠାରେ ନିଶା ଔଷଧର ଚେରା ବେପାରି ଏବଂ ପ୍ରଚୁର ମଦ୍ୟପାନ କାରଣରୁ ୬୭ ଜଣଙ୍କ ମୃତ୍ୟୁ।
- ଭାରତରତ୍ନ ଏ.ପି.ଜେ. ଅବଦୁଲ କାଲାମଙ୍କୁ 'ମ୍ୟାନ୍ ଅଫ୍ ଦି ଇୟର' ପୁରସ୍କାର ପ୍ରଦାନ।

## ଚିରନ୍ତନୀ

ଆସ ଗୋ ମୋର ଚପଳ ତାରା
ସନ୍ଧ୍ୟାରାଣୀ ଗଳାର ହାରା,
ଚାତକ ପ୍ରାଣେ ବରଷା ଧାରା, ସୁନ୍ଦରୀ
ଆସ ଗୋ ପ୍ରିୟେ ପରାଣ–ପଥେ ଗୁଞ୍ଜରି।
(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 8 | 3 | |
| | 6 | | | | 2 | | | 1 |
| 2 | 1 | | | | | | | |
| 9 | | | 5 | | | 4 | | |
| 1 | | | 6 | | | | 2 | |
| | | | | 4 | | | 1 | 5 |
| 6 | | | | | | | | |
| 8 | 9 | | | 5 | | 6 | | |
| | 4 | | | | 7 | | | 8 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 9 | 2 | 6 | 3 | 7 | 4 | 8 |
| 7 | 2 | 8 | 5 | 4 | 1 | 6 | 9 | 3 |
| 4 | 6 | 3 | 9 | 8 | 7 | 1 | 2 | 5 |
| 5 | 8 | 6 | 4 | 9 | 2 | 3 | 1 | 7 |
| 2 | 1 | 4 | 3 | 7 | 5 | 9 | 8 | 6 |
| 3 | 9 | 7 | 8 | 1 | 6 | 2 | 5 | 4 |
| 6 | 4 | 2 | 1 | 3 | 8 | 5 | 7 | 9 |
| 8 | 7 | 1 | 6 | 5 | 9 | 4 | 3 | 2 |
| 9 | 3 | 5 | 7 | 2 | 4 | 8 | 6 | 1 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଦୁର୍ନୀତି ବଢ଼ୁଛି କାହିଁକି

ମହାଶୟ,

କେନ୍ଦ୍ର ଓ ରାଜ୍ୟ ସରକାରମାନେ ଦୁର୍ନୀତିମୁକ୍ତ ପ୍ରଶାସନ ଯୋଗାଇ ଦେଉଛନ୍ତି ଓ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି ବୋଲି ଦାବି କରୁଥିବା ବେଳେ ପ୍ରକୃତରେ ଦୁର୍ନୀତି କର୍କଟ ରୋଗ ପରି ମାଡ଼ିଯାଉଛି। ଏଥିପାଇଁ ସମଗ୍ର ଦେଶ ଭାରତକୁ ନିନ୍ଦା ଦୃଷ୍ଟିରେ ଦେଖୁଛନ୍ତି। ଏବେ ଦେଶବାସୀଙ୍କ ମନରେ ସ୍ୱତଃ ପ୍ରଶ୍ନ ହେଉଛି ଯେ, ଦୁର୍ନୀତି କରୁଛି କିଏ ଏବଂ ଏହା ହଟିବ କିପରି ? ଏହାର ଅତି ସହଜ ଉତ୍ତର ଅଛି। ରାଜନେତା ଓ ଅମଲାତନ୍ତ୍ରୀମାନେ ସବୁଠାରୁ ଅଧିକ ଦୁର୍ନୀତିଗ୍ରସ୍ତ। ଲୋକଦେଖାଣିଆ ଭାବରେ କିଛି ଅମଲାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଛି। ଅବଶ୍ୟ ଏହା ସମୁଦ୍ରକୁ ଶଙ୍ଖେ ପରି। ତେବେ ସବୁଠାରୁ ଅଧିକ ସୁରକ୍ଷିତ ଅଛନ୍ତି ଦୁର୍ନୀତିଗ୍ରସ୍ତ ରାଜନେତାମାନେ। ସିବିଆଇ, ଇଡି, ଆୟକର ବିଭାଗ ଓ ଭିଜିଲାନ୍ସ ପରି ତଦନ୍ତକାରୀ ସଂସ୍ଥାଗୁଡ଼ିକ ରାଜନେତାଙ୍କ ପାଖରେ ପହଞ୍ଚି ପାରୁନାହାନ୍ତି। ବାସ୍ତବରେ ଦୁର୍ନୀତିର ମୁଖ୍ୟକାରଣ ହେଉଛି ସରକାରଙ୍କ ଉଦାସୀନତା ଓ ଜନସାଧାରଣଙ୍କର ଦୁର୍ନୀତି ସହିଷ୍ଣୁତା ଏବଂ ପ୍ରତିବାଦ ବିମୁଖତା। ରାଜନୀତିକୁ ସାଧୁ, ସଚ୍ଚୋଟ ଓ ନିଃସ୍ୱାର୍ଥପର ଲୋକ ଆସିଲେ ଓ ରାଜନେତା ତଥା ଅମଲାତନ୍ତ୍ରୀମାନେ ଦେଶବାସୀଙ୍କୁ ନିଜ ପରିବାର ବୋଲି ଭାବି ନିଃସ୍ୱାର୍ଥପର ଭାବେ କାର୍ଯ୍ୟ ସମ୍ପାଦନ କଲେ ହିଁ ଦେଶରୁ ଦୁର୍ନୀତି ହଟିପାରିବ।

**– ଅକ୍ଷୟ କୁମାର ମହାନ୍ତି,**
**ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କ୍ୟାମ୍ପ ଅଫିସରେ ଡିଜିପିଙ୍କ ବୈଠକକୁ ନେଇ ଚର୍ଚ୍ଚା

ଭୁବନେଶ୍ୱର,୪ା୨(ବ୍ୟୁରୋ)

ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ଗୁଳି କରି ହତ୍ୟା କରିବା ଘଟଣାକୁ ଶନିବାର ସପ୍ତାହେ ପୂରିଛି। ହେଲେ ମନ୍ତ୍ରୀଙ୍କୁ ହତ୍ୟା କରିବା ପଛରେ କ'ଣ ରହିଛି ରହସ୍ୟ, ତାହା ଏଯାବତ ସ୍ପଷ୍ଟ ହୋଇନାହିଁ। ଏହା ଭିତରେ ଶୁକ୍ରବାର ପୋଲିସ ଡିଜି ସୁନୀଲ ବଂଶଲ ଖବରଦାତା ସମ୍ମିଳନୀ କରି ମୁହଁ ଖୋଲିଥିଲେ। ହେଲେ ଶନିବାର ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ ଅଫିସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଥିଲେ ଡିଜିପି ବଂଶଲ। ଫଳରେ ବହୁ ଅଧିକାରୀ ତଥା ଆଇନଶୃଙ୍ଖଳା ବିଭାଗର ଏଡିଜି ଆର. କେ. ଶର୍ମା,ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଗୋଇନ୍ଦା ଡିଆଇଜି ଅନୁପ ସାହୁଙ୍କ ସହ ଆଇଜି ପ୍ରୋଭିଜନ ଯତୀନ୍ଦ୍ର କୋଏଲ ଓ ଏଡିଜି ହେଡ୍‌କ୍ୱାର୍ଟର ଏସ୍. ଦେବଦତ୍ତ ସିଂ ମଧ୍ୟ ଉପସ୍ଥିତ ହୋଇଥିଲେ। ତେବେ ଏହି ବୈଠକରେ କ'ଣ ଆଲୋଚନା ହେଲା ତାହା ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ଏହାକୁ ନେଇ ନାନା ଚର୍ଚ୍ଚା ଚାଲିଛି। ଅନ୍ୟପଟେ ଆସନ୍ତା ୧୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସୁଥିବାରୁ ସୁରକ୍ଷା ବ୍ୟବସ୍ଥା କିଭଳି କଡ଼ାକଡ଼ି କରାଯିବ ସେନେଇ ଆଲୋଚନା ହୋଇଥିବା କୁହାଯାଉଛି। କିନ୍ତୁ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀଙ୍କୁ ଡାକି ରୁଦ୍ଧଦ୍ୱାର ବୈଠକ କରିବା ଓ ଏବାବଦରେ କୌଣସି ବି

## ଅଡୁଆରେ ରାଜ୍ୟ ପୋଲିସ

■ ମୁହଁ ଖୋଲୁନାହାନ୍ତି କୌଣସି ଅଧିକାରୀ

■ ବଡ଼ କାର୍ଯ୍ୟାନୁଷ୍ଠାନ ହୋଇପାରେ

ଜଣେ ଅଧିକାରୀ ମୁହଁ ନ ଖୋଲିବା ସନ୍ଦେହ ବଢ଼ାଉଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ହତ୍ୟା ଘଟଣାକୁ ନେଇ ରାଜନୀତି ଜୋର ଧରିଥିବାବେଳେ ଅନ୍ୟପଟେ ଓଡ଼ିଶା ପୋଲିସର ଭୂମିକାକୁ ନେଇ ସାଧାରଣରେ ନାନା ଚର୍ଚ୍ଚା ଚାଲିଛି। କିଏ କହୁଛି ଘଟଣାର ପ୍ରକୃତ ସତ ପଦାକୁ ଆସିବନି ତ ପୁଣି କିଏ କହୁଛି ଘଟଣାକୁ ଚାପି ଦିଆଯିବ। ଏଭଳି ଘଟଣାର ପୁନରାବୃତ୍ତି ନ ହେବା ଲାଗି ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ)ଙ୍କୁ କିଭଳି ତାଲିମ ଦିଆଯିବ ଓ ଭିଆଇପିଙ୍କୁ କିପରି ସୁରକ୍ଷା ଯୋଗାଇ ଦିଆଯିବ ତାହାର ତମାମ ଦିଗକୁ ନେଇ ଆଲୋଚନା ହୋଇଥିବା ଶୁଣିବାକୁ ମିଳିଛି। ଅନ୍ୟପଟେ ଅବହେଳା ଏଡ଼ାଇବା ପାଇଁ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ହୋଇପାରେ ନଚେତ ବଡ଼ ଧରଣର ଅଦଳବଦଳ ହେବାର ସମ୍ଭାବନା ରହିଛି।

# ଜଷ୍ଟିସ ଜେ.ପି. ଦାସଙ୍କୁ ଭେଟିଲେ କ୍ରାଇମବ୍ରାଞ୍ଚ ଏଡିଜି

## ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା

କଟକ ଅଫିସ,୪ା୨

ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା ତଦନ୍ତର ତଦାରଖ କରୁଥିବା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଜେ.ପି. ଦାସଙ୍କୁ କଟକ ସିଡିଏସ୍ଥିତ ତାଙ୍କ ବାସଭବନରେ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ଶନିବାର ଭେଟିଛନ୍ତି। ସେଠାରେ ସେମାନେ ଏହି ହତ୍ୟା ମାମଲାର ବହୁ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାପରେ ଜଷ୍ଟିସ ଦାସ ଗଣମାଧ୍ୟମକୁ କହିଛନ୍ତି, କ୍ରାଇମବ୍ରାଞ୍ଚର ତଦନ୍ତ ସମ୍ପର୍କରେ ଏଡିଜି ବୋଥ୍ରା ତାଙ୍କ ସହ ଆଲୋଚନା କରିଛନ୍ତି। ଆଉ ଯେଉଁ ଦିଗରେ ତଦନ୍ତ କରିବାର ଆବଶ୍ୟକତା ଅଛି ସେ ସମ୍ପର୍କରେ ତାଙ୍କୁ କହିଛି। ଖୁବ୍‌ଶୀଘ୍ର ଘଟଣାସ୍ଥଳକୁ ଯାଇ ତଦନ୍ତର ତଦାରଖ କରିବି। ଏଥିସହ କ୍ରାଇମବ୍ରାଞ୍ଚ ଘଟଣାର ମୂଳ ଯାଏ ଯିବ ବୋଲି ଆଶାବ୍ୟକ୍ତ କରୁଛି। ଅପରପକ୍ଷରେ ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଏବଂ ଡିଆଇଜି ଅନୁପ ସାହୁ ଶନିବାର ଡିଜିପି ସୁନୀଲ କୁମାର ବଂଶଲଙ୍କୁ ଭେଟିଛନ୍ତି। ପୂର୍ବରୁ ଆଇନଶୃଙ୍ଖଳା ଏଡିଜି ଆର୍. କେ. ଶର୍ମା ମଧ୍ୟ ଭେଟିଥିଲେ।

ସୂଚନାଯୋଗ୍ୟ, ନବ ଦାସ ହତ୍ୟା ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି। ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟର ଜଣେ ସିଟିଂ କିମ୍ବା ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ତଦାରଖ କରାଇବାକୁ ହାଇକୋର୍ଟଙ୍କୁ ଚିଠି ଲେଖି ରାଜ୍ୟ ସରକାର ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ ହାଇକୋର୍ଟ ଜଷ୍ଟିସ ଜେ.ପି. ଦାସଙ୍କୁ ତଦନ୍ତର ତଦାରଖ ନିମନ୍ତେ ନିଯୁକ୍ତ କରିଛନ୍ତି।

# ଲକ୍ଷେ ଟଙ୍କାରେ କାର୍ କିଣିଥିଲେ ଅଭିଯୁକ୍ତ ଗୋପାଳ

ବ୍ରଜରାଜନଗର,୪ା୨ (ଡି.ଏନ୍.ଏ.)



ଗାନ୍ଧୀଛକ ଫାଣ୍ଡି ପରିସରରେ ଥିବା ହୁଣ୍ଡାଇ ଭର୍ନା କାର୍।

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିବା ପାଇଁ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି। ହତ୍ୟାକାରୀ ପୋଲିସ୍ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସଙ୍କୁ କ୍ରାଇମବ୍ରାଞ୍ଚ ମାରାଥନ ଜେରା କରୁଛି। ଗୋପାଳ ବିମାନବନ୍ଦର ଥାନା ପାଇଖାନା ସେପ୍ଟିଟାଙ୍କିରେ ପକାଇଥିବା କାଗଜ ଖଣ୍ଡକୁ ଉଦ୍ଧାର କରାଯାଇ ଏଥିରେ ଲେଖାଥିବା ହସ୍ତାକ୍ଷର କାହାର ଜାଣିବା ପାଇଁ ଏହାକୁ ଫୋରେନସିକ ଲାବ୍‌କୁ ପଠାଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷେ ତଦନ୍ତ ବେଳେ ଗାନ୍ଧୀଛକ ଫାଣ୍ଡି ପରିସରରେ ଅଭିଯୁକ୍ତ ଗୋପାଳ ବ୍ୟବହାର କରୁଥିବା ଏକ କାର୍ ଥିବା ଜଣାପଡ଼ିଥିଲା। ଏହି କାର୍‌କୁ କ୍ରାଇମବ୍ରାଞ୍ଚ ଶୁକ୍ରବାର ଯାଞ୍ଚ କରିବା ପରେ ଏଥିରୁ ଏକ ଡାଏରି ଓ କେତେକ କାଗଜପତ୍ର ମିଳିଥିଲା। ଏହି ଡାଏରିରେ କ'ଣ ଲେଖା ରହିଛି ତାହାକୁ ନେଇ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛି। ଓଆର୍୧୫ଏନ୍-୪୨୬୩ନଂ. ହୁଣ୍ଡାଇ ଭେର୍ନା କାର୍ ବ୍ରଜରାଜନଗରର ଅରୁଣ କୁମାର ମୁଦ୍ରାଙ୍କ ନାମରେ ରହିଛି। ଏହି କାର୍‌ଟି ସମ୍ବଲପୁର ଆଞ୍ଚଳିକ ପରିବହନ ବିଭାଗ ଅଧୀନରେ ୨୦୦୯ରେ ରେଜିଷ୍ଟ୍ରେଶନ ହୋଇଥିବା ଜଣାପଡ଼ିଛି। ଏହାର ଫିଟ୍‌ନେଶ ୨୦୨୪ ଜୁଲାଇ ୨୧ ପର୍ଯ୍ୟନ୍ତ ରହିଛି। ଏ ନେଇ କାର୍ ମାଲିକ ଅରୁଣ କହିଛନ୍ତି, ସେ ଏହାକୁ ବିକ୍ରି କରିବା ପାଇଁ କାର୍ ଶୋ'ରୁମ୍‌କୁ ନେଇଥିଲେ। ସେଠାରେ କାର୍ ମୂଲ୍ୟ ୮୦ହଜାର ଟଙ୍କା ହୋଇଥିଲା। ଏହା ଜାଣିବାପରେ ଏଏସ୍‌ଆଇ ଗୋପାଳ ଏହାକୁ ଗତ ନଭେମ୍ବର ମାସରେ ୧ଲକ୍ଷ ଟଙ୍କାରେ କିଣିଥିଲେ। କାର୍ ମାଲିକଙ୍କୁ ଗୋପାଳ ପ୍ରଥମେ ୫୦ହଜାର ଟଙ୍କା ଦେଇଥିଲେ। ବାକି ଟଙ୍କା ଦେଲେ କାର୍‌ର ମାଲିକାନା ଗୋପାଳଙ୍କ ନାମରେ ହେବ ବୋଲି ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଥିଲା ବୋଲି ଅରୁଣ କହିଛନ୍ତି। ଅରୁଣ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ। ତାଙ୍କର କୋଲ୍ ଟ୍ରାନ୍ସପୋର୍ଟ, ପେଟ୍ରୋଲ ପମ୍ପ, ହିରୋ ବାଇକ୍ ଶୋ'ରୁମ୍ ଆଦି ବ୍ୟବସାୟ ରହିଛି। ଏଭଳି ଜଣେ ବ୍ୟବସାୟୀଙ୍କ ନିକଟରୁ ଏଏସ୍‌ଆଇ ଗୋପାଳ କାର୍ କିଣିବାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ବ୍ୟବସାୟୀଙ୍କ ସହିତ ଏଏସ୍‌ଆଇ ଗୋପାଳଙ୍କ କ'ଣ ଲିଙ୍କ୍ ରହିଛି ତାହାକୁ ନେଇ ସାଧାରଣରେ ନାନା କଥା ଆଲୋଚନା ହେଉଛି। କ୍ରାଇମବ୍ରାଞ୍ଚ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ପ୍ରକୃତ ରହସ୍ୟ ଖୋଲିବ ବୋଲି କୁହାଯାଉଛି।

# ଗୋପାଳଙ୍କ ଘର ପରେ ବ୍ୟାଙ୍କରେ ଯାଞ୍ଚ



କ୍ରାଇମବ୍ରାଞ୍ଚ ଟିମ୍‌ର ବଡ଼ ମେଡିକାଲସ୍ଥିତ ଏସ୍‌ବିଆଇ ଶାଖାରେ ଯାଞ୍ଚ।

ବ୍ରହ୍ମପୁର ଅଫିସ,୪ା୨

■ ୫ ଦିନ ଧରି କ୍ରାଇମବ୍ରାଞ୍ଚର ତନାଘନା ଜାରି

■ ବସ୍ କଣ୍ଡକ୍ଟର, ଡ୍ରାଇଭରଙ୍କୁ ଜେରା

ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ପୋଲିସ ଗୁଳିରେ ମୃତ୍ୟୁ ପରେ ବ୍ରହ୍ମପୁରରେ ଥିବା ଗୋପାଳଙ୍କ ଘର ଓ ଅନ୍ୟାନ୍ୟ ସ୍ଥାନରେ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଜାରି ରଖିଛି। ଡିଏସ୍‌ପି ଶିଶିର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗତ ୩୧ ତାରିଖରୁ ୫ ଦିନ ଧରି ବିଭିନ୍ନ ଦିଗକୁ ନେଇ ତନାଘନା ଚଳାଇଛି। ଶନିବାର ପୁଣିଥରେ ଅଭିଯୁକ୍ତ ପୋଲିସ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସଙ୍କ ଶିଳ୍ପାଞ୍ଚଳ ପଞ୍ଚଶୀଳମାର୍ଗସ୍ଥିତ ଘରକୁ ଯାଇଥିଲା। ସେଠାରେ ତାଙ୍କ ସ୍ତ୍ରୀ ଜୟନ୍ତୀ ଦାସ ଓ ପଡ଼ୋଶୀଙ୍କ ଉପସ୍ଥିତିରେ ଘର ଯାଞ୍ଚ କରିଥିଲା। ଗୋପାଳ ଓ ତାଙ୍କ ପରିବାରବର୍ଗଙ୍କ କେତେକ ବ୍ୟାଙ୍କ କାଗଜପତ୍ର ଓ ପ୍ରେସ୍‌କ୍ରିପ୍‌ଶନ ଜବତ କରିଥିଲା। ଏହାପରେ ଟିମ୍ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପରିସରରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାକୁ ଯାଇ ସେଠାରେ ଗୋପାଳ ଏବଂ ପରିବାରବର୍ଗଙ୍କ ପକ୍ଷରୁ ବ୍ୟାଙ୍କରେ କରାଯାଇଥିବା ଆର୍ଥିକ କାରବାର ଉପରେ ତଥ୍ୟ ସଂଗ୍ରହ କରିଥିଲା। ଏହା ପୂର୍ବରୁ ଟିମ୍ ସିଟି ବସ୍‌ଷ୍ଟାଣ୍ଡକୁ ଯାଇ ବ୍ରହ୍ମପୁରରୁ ଝାରସୁଗୁଡ଼ା ଅଭିମୁଖେ ଯାଉଥିବା ଦୁଇଟି ବସ୍‌ର କଣ୍ଡକ୍ଟର ଓ ଡ୍ରାଇଭରଙ୍କୁ ଜେରା କରିଥିଲା। ସେମାନେ ଗୋପାଳଙ୍କ ପାଇଁ କେବେ କି ପ୍ରକାର ଔଷଧ କିମ୍ବା କୌଣସି ପାର୍ସଲ ନେଇଥିଲେ କି ନାହିଁ ସେ ନେଇ ତଥ୍ୟ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଡିଏସ୍‌ପି ମିଶ୍ର କହନ୍ତି, ବର୍ତ୍ତମାନ ତଦନ୍ତ ଜାରି ରହିଛି। ଗୋପାଳଙ୍କ ପରିବାରବର୍ଗଙ୍କୁ ପୁଣିଥରେ ପଚରାଉଚରା ସହ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଯାଞ୍ଚ କରାଯାଇଛି।

# ଝାରସୁଗୁଡ଼ାରେ ସିଏଫ୍‌ଏସ୍‌ଏଲ୍ ଟିମ୍

କଟକ ଅଫିସ, ୪ା୨

ନୂଆଦିଲ୍ଲୀରୁ ଆସିଥିବା ସେଣ୍ଟ୍ରାଲ ଫୋରେନ୍‌ସିକ ସାଇନ୍ସ ଲାବୋରେଟୋରି (ସିଏଫ୍‌ଏସ୍‌ଏଲ୍)ର ବିଶେଷଜ୍ଞମାନେ ଝାରସୁଗୁଡ଼ାରେ ଅଭିଯୁକ୍ତଙ୍କ ଫୋରେନ୍‌ସିକ ସାଇକୋଲୋଜିକାଲ ଆସେସ୍‌ମେଣ୍ଟ ଓ ଏଲ୍‌ଭିଏ ଟେଷ୍ଟ କରିଛନ୍ତି। ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଏକ ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଗଠନ କରାଯାଇଛି। ଏଥିସହ ଗୋପାଳଙ୍କ ବ୍ରହ୍ମପୁର ଶିଳ୍ପାଞ୍ଚଳସ୍ଥିତ ପୈତୃକ ଘର ଓ ଝାରସୁଗୁଡ଼ାର ସରକାରୀ କ୍ୱାର୍ଟରରୁ ମିଳିଥିବା କାଗଜପତ୍ରଗୁଡ଼ିକୁ ଯାଞ୍ଚ କରାଯାଉଛି। ଗୋପାଳ, ତାଙ୍କ ସ୍ତ୍ରୀ, ଭାଇ ଓ ଅନ୍ୟ ନିକଟ ସମ୍ପର୍କୀୟଙ୍କ ଅର୍ଥନୈତିକ କାରବାର ସମ୍ପର୍କିତ ତଥ୍ୟ କ୍ରାଇମବ୍ରାଞ୍ଚ ତଦନ୍ତକାରୀ ଟିମ୍ ଦ୍ୱାରା ସଂଗ୍ରହ କରାଯାଉଥିବା ସୂଚନା ମିଳିଛି।

# ୪ ଓଡ଼ିଆଙ୍କୁ ମିଳିବ ସିଭି ରମଣ ପୁରସ୍କାର



ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ପ୍ରଫେସର ଶିବ ପ୍ରସାଦ ଅଧିକାରୀ, ଜିସୁ ଦାସ ଓ ଡ. ଶେଷ କିଷାନ।

ଭୁବନେଶ୍ୱର,୪ା୨(ବ୍ୟୁରୋ)

ଚଳିତବର୍ଷ ବିଜ୍ଞାନ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୪ ଓଡ଼ିଆ ବିଜ୍ଞାନୀଙ୍କୁ ସିଭି ରମଣ ପୁରସ୍କାର ପ୍ରଦାନ କରାଯିବ। ଏ ନେଇ ଶନିବାର ଓଡ଼ିଶାର ସିଭି ରମଣ ଚୟନ ପରିଷଦ ମହାସଚିବ ଡ. ବିଶ୍ୱଜିତ ପ୍ରଧାନ ଘୋଷଣା କରିଛନ୍ତି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଟେରିଆଲ୍ସର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ଫକୀର ମୋହନ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଶିବ ପ୍ରସାଦ ଅଧିକାରୀଙ୍କୁ 'ବରିଷ୍ଠ ବୈଜ୍ଞାନିକ ସମ୍ମାନ' ଓ ଜର୍ମାନୀର ଜର୍ଜ ଅଗଷ୍ଟ ବିଶ୍ୱବିଦ୍ୟାଳୟର ଯୁବ ରସାୟନ ବିଜ୍ଞାନୀ ଡ. ଶେଷ କିଷାନଙ୍କୁ 'ସିଭି ରମଣ ଯୁବ ବୈଜ୍ଞାନିକ ପୁରସ୍କାର' ପ୍ରଦାନ କରାଯିବ। ଏଥିସହିତ ପୁଣେସ୍ଥିତ ଆଇଜରରେ ଗବେଷଣାରତ ଛାତ୍ର ଜିସୁ ଦାସଙ୍କୁ 'ବିଜ୍ଞାନ ଜ୍ୟୋତି ସମ୍ମାନ' ପ୍ରଦାନ କରାଯିବ ବୋଲି ସିଭି ରମଣ ଚୟନ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# କରେସପଣ୍ଡେନ୍ସ କୋର୍ସ ନାମଲେଖା ତଥ୍ୟ ଦାଖଲ ନିର୍ଦ୍ଦେଶ

**ଭୁବନେଶ୍ୱର, ୪ା୨(ବ୍ୟୁରୋ):** ୨୦୨୨-୨୩ ଶିକ୍ଷା ବର୍ଷରେ ଯୁକ୍ତ୨ ପ୍ରଥମ ବର୍ଷ କରେସପଣ୍ଡେନ୍ସ କୋର୍ସ (ଆନୁଷଙ୍ଗିକ ପାଠ୍ୟକ୍ରମ)ରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ତଥ୍ୟ ଦାଖଲ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ନିର୍ଦ୍ଦେଶ ଦେଇଛି। ଏ ନେଇ ଶନିବାର ପରିଷଦ ପକ୍ଷରୁ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ପ୍ରତି ଛାତ୍ରୀଛାତ୍ରଙ୍କ କମନ ଆପ୍ଲିକେଶନ ଫର୍ମ, ଦଶମ ମାର୍କଶିଟ୍ ଓ ସାର୍ଟିଫିକେଟ୍, ଲିଭିଂ ସାର୍ଟିଫିକେଟ୍, କଣ୍ଡକ୍ଟ ସାର୍ଟିଫିକେଟ୍, ମାଇଗ୍ରେଶନ ସାର୍ଟିଫିକେଟ୍, ନାମଲେଖା ଫି' ଦାଖଲର ରସିଦ ଏବଂ କାଷ୍ଟ ସାର୍ଟିଫିକେଟ୍ ଆଦି ତଥ୍ୟ ଦାଖଲ କରିବା ପାଇଁ କୁହାଯାଇଛି। ଆସନ୍ତା ୧୫ ତାରିଖ ସୁଦ୍ଧା ଏ ସମସ୍ତ ତଥ୍ୟ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକ ସେମାନଙ୍କ ଜୋନ୍ ଅଫିସ ଡେପୁଟି ସେକ୍ରେଟେରୀଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଏହାର ସଫ୍ଟ କପି ଏକ୍ସେଲ ଫାଇଲ୍‌ରେ ପରିଷଦର ୱେବ୍‌ସାଇଟ୍ chseodisha@gmail.comକୁ ମଧ୍ୟ ପଠାଇବେ। ଯେଉଁ ଉଚ୍ଚ ମାଧ୍ୟମିକ ସ୍କୁଲରେ ଆନୁଷଙ୍ଗିକ ପାଠ୍ୟକ୍ରମ ନାମଲେଖା ହୋଇନାହିଁ, ସେମାନେ ମଧ୍ୟ ଯଥାଶୀଘ୍ର ପରିଷଦକୁ ଅବଗତ କରାଇବେ ବୋଲି ଚିଠିରେ ଉଲ୍ଲେଖ ରହିଛି।


**ଭାରତ ସରକାର**

**ରାଜକୁମାରୀ ଅମ୍ରିତ କୌର କଲେଜ ଅଫ୍ ନର୍ସିଂ**

ଲଜପତ ନଗର IV, ମୂଲଚାନ୍ଦ ମେଟ୍ରୋ ଷ୍ଟେଶନ ନିକଟ,
ନୂଆଦିଲ୍ଲୀ - ୧୧୦୦୨୪ । ଟେଲି. ନଂ.୦୧୧-୨୬୪୩୬୭୮୮, ୨୬୪୩୫୨୭୦
ଇ-ମେଲ୍: PRINCIPAL@RAKCON.COM

**ନାମଲେଖା ବିଜ୍ଞପ୍ତି**

**ଏମ୍.ଏସ୍‌ସି. ନର୍ସିଂ (ଶିକ୍ଷାବର୍ଷ ୨୦୨୩-୨୦୨୫)**

**ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧିତ**

ଶିକ୍ଷାବର୍ଷ ୨୦୨୩-୨୦୨୫ ନିମନ୍ତେ ଏମ୍.ଏସ୍. ନର୍ସିଂ (୨ ବର୍ଷ)ରେ ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ସହିତ ସୂଚନା ପୁସ୍ତିକା କଲେଜ ୱେବ୍‌ସାଇଟ୍ www.rakcon.comରୁ ଡାଉନ୍‌ଲୋଡ୍ କରାଯାଇପାରିବ ଏବଂ **ପ୍ରିନ୍ସିପାଲ, ରାଜକୁମାରୀ ଅମ୍ରିତ କୌର କଲେଜ ଅଫ୍ ନର୍ସିଂଙ୍କ** ସପକ୍ଷରେ **ନୂଆଦିଲ୍ଲୀ**ଠାରେ ପୈଠଯୋଗ୍ୟ ଟ.୭୫୦/-ର ଡିମାଣ୍ଡ ଡ୍ରାଫ୍ଟ ସହିତ **ତା୧୫।୦୨।୨୦୨୩ରିଖରୁ ୧୭।୦୩।୨୦୨୩ରିଖ ଅପରାହ୍ନ ୫ ଘଟିକା** ସୁଦ୍ଧା କଲେଜରେ (ହାତରେ କିମ୍ବା ଡାକ ଯୋଗେ) ଦାଖଲ କରାଯାଇପାରିବ । ଫର୍ମ ଦାଖଲର ସମୟ ନିର୍ଘଣ୍ଟ ହେଉଛି ସମସ୍ତ କାର୍ଯ୍ୟଦିବସ ଅର୍ଥାତ୍ ଗେଜେଟେଡ୍ ଛୁଟିଦିନଗୁଡ଼ିକୁ ଛାଡ଼ି ସୋମବାରରୁ ଶୁକ୍ରବାର ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫ ଘଟିକା ।

**ନାମଲେଖା ପାଇଁ ଆବଶ୍ୟକତା**

ପ୍ରାର୍ଥୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟର (୧୨+୪) ବର୍ଷିଆ ବି.ଏସ୍‌ସି. (ସମ୍ମାନ) ନର୍ସିଂ ପରୀକ୍ଷା କିମ୍ବା ସମତୁଲ୍ୟ ସ୍ୱୀକୃତିପ୍ରାପ୍ତ ଡିଗ୍ରୀ ପରୀକ୍ଷାରେ ସର୍ବମୋଟ ୫୫% ମାର୍କ ସହିତ ଉତ୍ତୀର୍ଣ୍ଣ ହୋଇଥିବେ ଏବଂ ଏକ ଚିକିତ୍ସାଳୟ/ବିଶେଷଜ୍ଞତା ଅନୁଷ୍ଠାନ/ଶିକ୍ଷାନୁଷ୍ଠାନ କିମ୍ବା ଜନ ସ୍ୱାସ୍ଥ୍ୟ/ଏଜେନ୍ସିରେ ଏକ ବର୍ଷର ଅଭିଜ୍ଞତା ହାସଲ କରିଥିବେ । ଅଭିଜ୍ଞତାକୁ **୧୭ ମାର୍ଚ୍ଚ, ୨୦୨୩** ପର୍ଯ୍ୟନ୍ତ ହିସାବ କରାଯିବ । ଚୟନ ପରୀକ୍ଷା **୩୦ ଏପ୍ରିଲ, ୨୦୨୩ ପୂର୍ବାହ୍ନ ୧୦.୦୦** ଘଟିକାରେ ଅନୁଷ୍ଠିତ ହେବ ।

CBC 17149/12/0002/2223



**ଜିଲ୍ଲା ପରିଷଦ, ମାଲକାନଗିରି**

Dist.: Malkangiri - 764048, Phone No.: 06861-230409,
Fax No.: 06861-230279, E-Mail: ori-dmalkangiri@nic.in

ପତ୍ର ସଂଖ୍ୟା:......../LIII-04/2023 ତାରିଖ:....../୦୧/୨୦୨୩

**ବିଜ୍ଞାପନ**

ଏତଦ୍ୱାରା ମାଲକାନଗିରି ଜିଲ୍ଲାର ୦୭ ଗୋଟି ପଞ୍ଚାୟତ ସମିତିର ସମସ୍ତ ଅଧିବାସୀ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଏବଂ ଜବ୍ କାର୍ଡ଼ଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ୨୦୨୨-୨୩ ଆର୍ଥିକ ବର୍ଷରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ପଞ୍ଚାୟତ ସମିତିସ୍ତରୀୟ ଜଣଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି। ଅତଏବ ଏଥିନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣି ଶିବିରରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାର ବିମର୍ଶ କରାଯିବ।

| କ୍ରମିକ ସଂଖ୍ୟା | ପଞ୍ଚାୟତ ସମିତିରେ ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ୧୧.୦୦ଟିକା ଠାରୁ | ନୋଡାଲ ଅଧିକାରୀ | ସ୍ଥାନ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧ | କାଲିମେଲା | ୨୦।୦୨।୨୦୨୩ | ଉପ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, କାଲିମେଲା |
| ୨ | ମାଥିଲି | ୨୨।୦୨।୨୦୨୩ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ମାଥିଲି |
| ୩ | ଚିତ୍ରକୋଣ୍ଡା | ୨୪।୦୨।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ଚିତ୍ରକୋଣ୍ଡା |
| ୪ | ପଡ଼ିଆ | ୨୮।୦୩।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ପଡ଼ିଆ |
| ୫ | ଖଇରପୁଟ | ୨୯।୦୩।୨୦୨୩ | ଉପ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ଖଇରପୁଟ |
| ୬ | କୋରୁକୋଣ୍ଡା | ୩୦।୦୩।୨୦୨୩ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, କୋରୁକୋଣ୍ଡା |
| ୭ | ମାଲକାନଗିରି | ୩୧।୦୩।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ମାଲକାନଗିରି |

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ମାଲକାନଗିରି



**Government of Odisha "e" Procurement Notice**

**WORKS DEPARTMENT**

No. B-1218

Bid Identification No. C.C.E.K.C., Keonjhar No. 38/2022-23
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com

Letter No. 516 Dt. 31.01.2023

| | | |
|---|---|---|
| 1. No. of the Work | : | 2 Number Bridge Works |
| 2. Estimated Cost | : | Rs.529.20 lakhs to Rs.926.14 lakhs |
| 3. Class of Contractor | : | "A" Class & "Special" Class |
| 4. Period of Completion | : | 9 (Nine) Calendar Months to 18 (Eighteen) Calendar Months |
| 5. Date and time of availability of Bid document in the portal | : | From 11.30 hours of 08.02.2023 to 16.00 hours of 23.02.2023 |
| 6. Last date/time for receipt of bids in the portal | : | 16.00 hours of 23.02.2023 |
| 7. Date of Opening of Bid from Portal | : | 11.30 hours on 24.02.2023 |
| 8. Name and address of the Officer Inviting Bid | : | Chief Construction Engineer, Keonjhar (R&B) Circle, Keonjhar - 758001 |

Further details can be seen from the e-procurement portal "**http://tendersodisha.gov.in**".

**Sd./- Chief Construction Engineer**
**Keonjhar (R&B) Circle, Keonjhar**

OIPR-34033/11/0049/2223



**SITUATION VACANT**

CTTC, Bhubaneswar intends to hire trainers in the different sectors in following job roles. Those who are having experience in following job roles can apply. Preference will be given to **NSDC, Sector Skill Council Certified Trainer** in respective job roles and the assignment will be purely on Project basis.

| Sl. No. | Sector | Job Role | Qualification Pack No. |
|---|---|---|---|
| 1. | Agriculture | Power Tiller Operator | AGR/Q1103 |
| | | Floriculturist | AGR/Q0701 |
| | | Gardener | AGR/Q0801 |
| | | Mushroom Grower | AGR/Q7803 |
| | | Beekeeper | AGR/Q5301 |
| 2. | Automotive | Electric Vehicle Service Assistant | ASC/Q1435 |
| 3. | Tourism & Hospitality | Housekeeping Attendant (Manual Cleaning) | THC/Q0203 |
| 4. | Construction | Mason General | CON/Q0103 |
| | | Helper Mason | CON/Q0101 |
| 5. | Health Care | Diet Assistant | HSS/Q5201 |
| | | General Duty Assistant | HSS/Q5101 |
| 6. | Painting & Coating | Painting Helper | PCS/Q5005 |
| 7. | Plumbing | Plumber General | PSC/Q0104 |
| | | Plumber General Assistant | PSC/Q0102 |
| 8. | Food Processing | Baking Technician / Operative | FIC/Q5005 |
| 9. | Electronics | LED Light Repair Technician | ELE/Q9302 |
| 10. | Handicrafts and Carpet | Engraving and Stamping Artisan | HSC/Q2802 |
| | | Casting Operator (Metal Handicrafts) | HSC/Q2801 |
| | | Bamboo Work Artisan | HSC/Q8702 |
| | | Candle Making | NARQ30036 |
| | | Agrabatti Maker | HSC/Q7901 |

**Last date for receiving application : 18.02.2023**

**How to apply :** The interested candidates may apply with updated CV/Bio-data along with all their certificates, Mark sheets, experience certificate and recent passport size photograph. Shortlisted candidates will be called for interview. No TA/DA shall be provided for attending the interview.

Scan & Apply

**Link : https://forms.gle/NWwwTVVX8JeHEzcVA**
**For Details Contact : 9861162688 / 9338061473**

Ministry of MSME Govt. of India

**CENTRAL TOOL ROOM & TRAINING CENTRE**
(Ministry of Micro, Small & Medium Enterprises , Govt. of India)
B-36, Chandaka Industrial Area, Bhubaneswar - 751024,
Ph. No.- (0674) 2654742 / 2654743
E-mail : cttc@cttc.gov.in, Website : www.cttc.gov.in

ISO-9001, 29990 ISO-14001 OHSAS 18001



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**KEONJHAR (R&B) DIVISION, KEONJHAR**

GOVT. OF ODISHA

No. G2/983/Date: 01.02.2023

**RFQ Identification No.SE-PWD-K-01/2022-23**

**Request for Qualification**

No.B-1221:- The Superintending Engineer, Keonjhar (R&B) Division, Keonjhar (the "Authority") on behalf of the Works Department, Government of Odisha (the "Government") invites Request for Qualification (RFQ) from Registered firms for the following works.

| Sl. No. | Name of the work | RFQ invitation for | Period of engagement |
|---|---|---|---|
| 1 | Empanelment of Design/ Consultancy/ Supervision Agencies for Various Works in Keonjhar District | Design/ Consultancy/ Supervision Service | 36 months |

2. In accordance with the provisions under the Guidelines for Engagement of Consultants and Outsourcing of Services issued in the Office Memorandum No. 37323/F Dt. 30. 11.2018 of the Finance Department, Government of Odisha, the Authority now invites eligible consulting firms / joint ventures to apply for above assignments.

3. Letter of Invitation of the Authority along with all other relevant details of Request for Qualification (RFQ) will be available in the website: www.odisha.gov.in from **10.00 A.M. of 07.02.2023 to 5.00 P.M. of 13.03.2023.**
Further details with any addendum, corrigendum and cancellation can be seen from www.odisha.gov.in.

4. Request for Qualification (RFQ) should be submitted by Speed Post / Registered Post only to the following address latest by **5.00 P.M. on 13.03.2023** during office hours only. Submission of bid through any other mode and late bid will be rejected.

5. Proposals received shall be opened at **11.00 A.M. on 14.03.2023** in the Office of the Superintending Engineer, Keonjhar (R&B) Division, Keonjhar- 758001.

6. The Authority reserves all rights to cancel any or all proposals without assigning any reason.

**Address of Authority**
**Superintending Engineer**, Keonjhar (R&B) Division, Keonjhar, Odisha, Pin-758001, Tel: +916766255473, Email: eepwdkeonjhar@yahoo.com / sepwdkeonjhar2022@gmail.com

**Sd./- Superintending Engineer, Keonjhar (R&B) Divison**

OIPR-34004/11/0016/2223



**ବିଜ୍ଞାପନ**

**ସହକାରୀ ନିର୍ଦ୍ଦେଶକ, ରେଶମ ଶିଳ୍ପ, ଭୁବନେଶ୍ୱର - ୭୫୧୦୨୪**

No. L-130: ନିମ୍ନଲିଖିତ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଗୁଡ଼ିକ ପୂରଣ କରିବା ପାଇଁ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ପୁନଃ ଦରଖାସ୍ତ ଆହ୍ୱାନ କରାଯାଉଅଛି।

**ପଦବୀ ସଂଖ୍ୟା:** (୧) କନିଷ୍ଠ ସହକାରୀ (Junior Helper) - ୧ (ଅନୁସୂଚିତ ଜନଜାତି), ୧୮ରୁ ୩୮ବର୍ଷ ବୟସ ମଧ୍ୟରେ ହୋଇଥିବା ଆବଶ୍ୟକ। ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ କୋହଳ କରାଯିବ।

**ଚୟନ ପ୍ରକ୍ରିୟା:** ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୧୧୭୫୨/ସା.ପ୍ର. ତା୧୯।୦୪।୧୯୮୯ ଓ ସଂଖ୍ୟା ୧୯୮୧୫/ସା.ପ୍ର. ତା୨୨।୦୯।୧୯୮୯ ଅନୁସାରେ ମନୋନୟନ କେବଳ ସ୍ଥାନୀୟ ତହସିଲଦାରଙ୍କ ନିକଟରୁ ଆବାସିକ ପ୍ରମାଣପତ୍ର ଏବଂ ସ୍ଥାନୀୟ ନିଯୋଜନ କାର୍ଯ୍ୟାଳୟ ବିଧିମାନ୍ୟ ରେଜିଷ୍ଟ୍ରେସନ ପତ୍ର ଗ୍ରହଣ କରିଥିବା ଖୋର୍ଦ୍ଧା ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ମଧ୍ୟରେ ହିଁ କରାଯିବ। ପ୍ରକାଶ ଥାଉକି ଭୁବନେଶ୍ୱର ତହସିଲ ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଯିବ।

**ଶିକ୍ଷାଗତ ଯୋଗ୍ୟତା:** ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ମଧ୍ୟ ଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଲେଖି ଓ ପଢ଼ି ପାରୁଥିବେ। ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ସାଇକେଲ ଚାଳନା ଜାଣିଥିବା ଆବଶ୍ୟକ।

**ଚାକିରି ସର୍ତ୍ତାବଳୀ:** Odisha Group 'B', Group 'C', Group 'D' (Repeal & Special Provision) Rules - 2022 notified by GA & PG Dept. Notification No. 29076-PT 1-GAD-SC-GCS-0090/2022/Gen. ଅନୁସାରେ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ।

**ବେତନ:** ମନୋନୀତ ପ୍ରାର୍ଥୀ କିମ୍ବା ପ୍ରାର୍ଥିନୀଙ୍କୁ Odisha Group 'B', Group 'C', Group 'D' Post (Repeal & Special Provision) Rules - 2022ର ପରିଶିଷ୍ଟରେ ପ୍ରଦତ୍ତ Fitment ସାରଣୀ ଆଧାରରେ ମାସିକ Cell-1, Level - 2, Rs.17200/- ମୂଳ ବେତନ କରାଯିବ।

**କିପରି ଆବେଦନ କରିବେ:** ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ନିଜର ନାମ, ପିତା/ସ୍ୱାମୀଙ୍କ ନାମ, ସ୍ଥାୟୀ ଠିକଣା, ବର୍ତ୍ତମାନ ରହୁଥିବା ସ୍ଥାନର ଠିକଣା, ଜନ୍ମ ତାରିଖ, ଶିକ୍ଷାଗତ ଯୋଗ୍ୟତା, ଜାତୀୟତା, ଲିଙ୍ଗ, ଧର୍ମ, ଜାତି, ବୈବାହିକ ଅବସ୍ଥା, ଲେଖି ପଢ଼ି ପାରୁଥିବା ଭାଷା ଓ ମୋବାଇଲ ନମ୍ବର ଏକ ବାୟୋଡାଟା ଫର୍ମରେ ପୂରଣ କରି ବର୍ତ୍ତମାନର ପାସ୍‌ପୋର୍ଟ ଆକାରର ଦୁଇଗୋଟି ଫଟୋ ସହିତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ନକଲ, ଦୁଇଟି ଗେଜେଟେଡ୍ ଅଫିସରଙ୍କଠାରୁ ଦୁଇଟି ଚରିତ୍ର ପ୍ରମାଣପତ୍ର, ନିଯୋଜନ କାର୍ଯ୍ୟାଳୟରୁ ପ୍ରାପ୍ତ ହୋଇଥିବା ବିଧିମାନ୍ୟ ରେଜିଷ୍ଟ୍ରେସନ ପତ୍ରର ନକଲ, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ରର ନକଲ ଓ ନିଜ ଠିକଣା ଲେଖାଥିବା ଏବଂ ଡାକ ଟିକଟ ଲଗାଯାଇଥିବା ଦୁଇଟି ଲଫାପା ସଂଲଗ୍ନ କରି ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ସହକାରୀ ନିର୍ଦ୍ଦେଶକ, ରେଶମ ଶିଳ୍ପ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୨୪ଙ୍କ ଠିକଣାରେ ଆବେଦନ କରିପାରିବେ। କୌଣସି କାରଣ ନ ଦର୍ଶାଇ ଏହି ନିଯୁକ୍ତି ବିଜ୍ଞାପନକୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ, ସହକାରୀ ରେଶମ ଶିଳ୍ପ, ଭୁବନେଶ୍ୱରଙ୍କ ପରିସରଭୁକ୍ତ ଅଟେ।

**ବି.ଦ୍ର.:** ନିର୍ଦ୍ଧାରିତ ସମୟ ସୀମା ପରେ ଗ୍ରହଣ କରାଯାଇଥିବା ଆବେଦନ ପତ୍ର ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ।

ସ୍ୱା./- ସହକାରୀ ନିର୍ଦ୍ଦେଶକ
ରେଶମ ଶିଳ୍ପ, ଭୁବନେଶ୍ୱର - ୭୫୧୦୨୪

OIPR-01440/11/0005/2223

## ବେଣାବୁଦାରୁ ନରକଙ୍କାଳ ଠାବ

ଗୋପ,(ଡି.ଏନ୍.ଏ.): ପୁରୀ ଜିଲା ଗୋପ ଥାନା ଅଧୀନ ଡଭାର ପଞ୍ଚାୟତର ମୁଗେଇ ନଦୀବନ୍ଧ ନିକଟସ୍ଥ ଏକ ବେଣାବୁଦାରୁ ଗୋଟିଏ ନରକଙ୍କାଳ ଶନିବାର ଠାବ ହୋଇଛି। ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି କଙ୍କାଳ ଜବତ କରିବା ସହ ପ୍ରାୟ ୮ ଘଣ୍ଟା ଧରି ତଦନ୍ତ କରିଥିଲେ। ତେବେ କଙ୍କାଳଟି କାହାର ଜଣାପଡ଼ି ନ ଥିବାବେଳେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୩) ରୁଜୁ କରିଛି।

## ସଂକ୍ଷେପରେ

### ଲକ୍ଷ୍ମୀସାଗର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଭୁବନେଶ୍ୱର,୪।୨(ବ୍ୟୁରୋ)- ଲକ୍ଷ୍ମୀସାଗର ସରକାରୀ ଉଚ୍ଚ ବିଦ୍ୟାଳୟ ୫୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶର ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ମୋ ସ୍କୁଲ କମିଟି ସଭାପତି ପ୍ରମୋଦ କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିଳାସିନୀ ସାମନ୍ତରାୟ ଯୋଗଦେଇ ସଫଳତା କିପରି ହାସଲ କରିବେ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନଶିକ୍ଷକ ମଧୁସ୍ମିତା ବେହେରା ସଭାପତିତ୍ୱ କରିଥିବାବେଳେ ସହକାରୀ ଶିକ୍ଷକ ବିଶ୍ୱନାଥ ରାଉଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ କ୍ରୀଡ଼ା ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ସ୍ୱାଇଁ ସଂଯୋଜନା କରିଥିଲେ।

### ଭାଜପାର ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ବାଲିଅନ୍ତା,୪।୨(ଡି.ଏନ୍.ଏ.)- ଜୟଦେବ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ଶନିବାର ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ଆଗରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଜୟ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଭାଜପାର ବରିଷ୍ଠ ନେତା ସୁବାସ ଜେନା, ମାଗୁଣି ସେଠୀ, ଶିବ ମଲ୍ଲିକ, ବସନ୍ତ ନାୟକ, ଜଗନ୍ନାଥ ବେହେରା, ସଞ୍ଜୟ ଦାସ, ଯଶୋବନ୍ତ ପଟ୍ଟନାୟକ, ସଞ୍ଜୟ କୁମାର ପରିଜା, ସଞ୍ଜୟ କୁମାର ତ୍ରିପାଠୀ, ନାରାୟଣ ଖୁଣ୍ଟିଆ, ମାନସ ସାହୁଙ୍କ ସମେତ ବହୁ କର୍ମୀ ଯୋଗଦେଇ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନା ନ ମିଳିଲେ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ପ୍ରଶାସନିକ ଅଧିକାରୀମାନେ ନିରପେକ୍ଷ ତଦନ୍ତ କରିବା ପାଇଁ ପାଟିକା ସଂଘର ମହିଳାମାନେ ଦାବି କରିଥିଲେ। ଆଇନଶୃଙ୍ଖଳା ରକ୍ଷା ପାଇଁ ଜୋନ-୪ ଏସିପି ଓ ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ପୋଲିସ ଫୋର୍ସ ସହ ମୁତୟନ ଥିଲେ।

### ନଦୀ, କେନାଲ କାର୍ଯ୍ୟ ତଦାରଖ କଲେ ବିଧାୟକ

ବାଲିଅନ୍ତା,୪।୨(ଡି.ଏନ୍.ଏ.)- ବିଧାୟକ ଡ. ଅରବିନ୍ଦ ଢାଲୀ ଶନିବାର ବାଲିଅନ୍ତା ଅଞ୍ଚଳ ଗସ୍ତରେ ଆସି ଭୁବନପୁର ଓ ବେଣ୍ଟପୁର ଜଳସେଚନ ବିଭାଗରେ ଚାଲିଥିବା ନଦୀ ଓ କେନାଲ କାର୍ଯ୍ୟର ତଦାରଖ କରିଛନ୍ତି। ଭୁବନପୁର ଗ୍ରାମ ବ୍ରିଜଠାରୁ ଅଫିସ ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା ଅତ୍ୟନ୍ତ ଖରାପ ହୋଇଥିବାରୁ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ପୁରୀ ମୁଖ୍ୟ କେନାଲର ବାମପାର୍ଶ୍ୱ ରାସ୍ତାଠାରୁ ୨ କି.ମି. ଧବଳାହାର ପର୍ଯ୍ୟନ୍ତ ମାଟି ରାସ୍ତା ପକ୍କା କରିବା ପାଇଁ ସ୍ଥାନୀୟ ଲୋକେ ବିଧାୟକଙ୍କ ପାଖରେ ଦାବି କରିଥିଲେ। ବାକି ଥିବା ଏହି ୨କି.ମି. ରାସ୍ତାର ଏଷ୍ଟିମେଟ ତୁରନ୍ତ କରିବା ପାଇଁ ଉପସ୍ଥିତ ଯନ୍ତ୍ରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଭୁବନପୁର କୁଆଖାଇ ନଦୀରେ ଭାଙ୍ଗିପଡ଼ିଥିବା ପଥର ପ୍ୟାକିଂ ତୁରନ୍ତ ମରାମତି ଦିଗରେ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ତଦାରଖ ସମୟରେ ବାଲିପାଟଣା ଜଳସେଚନ ସହକାରୀ ଯନ୍ତ୍ରୀ ଜ୍ଞାନେନ୍ଦ୍ର କୁମାର ନାୟକ, ଭୁବନପୁର ସେକ୍ସନର ଯନ୍ତ୍ରୀ ଜଳନ୍ଧର ସାଠୁଆ ଓ ବେଣ୍ଟପୁର ସେକ୍ସନର ଯନ୍ତ୍ରୀ ସୁରେନ୍ଦ୍ର ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ତିଆରେ ସିରିଜ୍ ବୋମାମାଡ଼

- ୨ ଆହତ, ଜଣେ ଗୁରୁତର
- ୪ ବୋମା, ଟାଙ୍ଗିଆ ଜବତ: ୩ ଅଟକ
- ଜମି ବିବାଦକୁ ନେଇ ବୋମାମାଡ଼ ଚର୍ଚ୍ଚା

ଜଟଣୀ,୪।୨(ଡି.ଏନ୍.ଏ.)



ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ କନ୍ତିଆ ଗ୍ରାମରେ ଶନିବାର ସିରିଜ୍ ବୋମାମାଡ଼ ହୋଇଛି। ଏଥିରେ ଗ୍ରାମର ଗୋଟିଏ ପରିବାରର ତିନିଭାଇ ସଚ୍ଚିଦାନନ୍ଦ ସାମନ୍ତରାୟ, ବିଚିତ୍ରାନନ୍ଦ ସାମନ୍ତରାୟ ଏବଂ ରଚିତ୍ରାନନ୍ଦ ସାମନ୍ତରାୟ ଆହତ ହୋଇଛନ୍ତି। ତେବେ ରଚିତ୍ରାନନ୍ଦଙ୍କ ବାମ ଗୋଡ଼ ଛିଣ୍ଡି ଯାଇଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜମିଜମା ବିବାଦରୁ ଏହି ବୋମାମାଡ଼ ହୋଇଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ପୋଲିସ ଘଟଣାସ୍ଥଳରୁ ୪ଟି ବୋମା ଓ ଟାଙ୍ଗିଆ ଜବତ କରିଛି। ଏନେଇ ଗୁରୁତରଙ୍କ ସାନଭାଇ ଅଜିତ୍ ସାମନ୍ତରାୟଙ୍କ ଅଭଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୪୫/୨୩) ରୁଜୁ କରି ଉକ୍ତ ଗ୍ରାମର ଅନ୍ୟ ଏକ ପରିବାରର ୩ ଭାଇଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, କୌଣସି କାରଣକୁ ନେଇ ଶନିବାର ସକାଳେ କନ୍ତିଆ ଗ୍ରାମ ଉପରସାହିର ସାମନ୍ତରାୟ ଓ ପଡ଼ୋଶୀ ପାଟସାହାଣୀ ପରିବାର ମଧ୍ୟରେ ବଚସା ହେଇଥିଲା। ପରବର୍ତ୍ତୀ ସମୟରେ ଏହି ଘଟଣାକୁ ନେଇ ସ୍ଥାନୀୟ କୁକୁଡ଼ା ଫାର୍ମ ନିକଟରେ ପାଟସାହାଣୀ ପରିବାରର ତିନିଭାଇ ନାଲୁ ପାଟସାହାଣୀ, ଟୁଲୁ ଏବଂ କୁନା ପାଟସାହାଣୀ ମିଳିତଭାବେ ସାମନ୍ତରାୟ ପରିବାରର ଉପରୋକ୍ତ ତିନିଭାଇଙ୍କ ଉପରକୁ ୩ଟି ବୋମାମାଡ଼ କରିଥିଲେ। ଏଥିରେ ସଚ୍ଚିଦାନନ୍ଦ ଓ ବିଚିତ୍ରାନନ୍ଦ ସାମାନ୍ୟ ଆହତ ହୋଇଥିବା ବେଳେ ଘଟଣାସ୍ଥଳରେ ରଚିତ୍ରାନନ୍ଦଙ୍କ ବାମଗୋଡ଼ ଛିଣ୍ଡିଯିବା ସହ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ଏହା ପରେ ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ରଚିତ୍ରାନନ୍ଦଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ୪ଟି ବୋମା ସହ ଟାଙ୍ଗିଆ ଜବତ କରିଥିଲେ। ଭୁବନେଶ୍ୱର ଜୋନ-୩ ଏସିପି ରଜତ ରାୟ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ କରିଥିଲେ। ଏନେଇ ଗୁରୁତରଙ୍କ ଭାଇ ଅଜିତ ଜଟଣୀ ଥାନାରେ ପାଟସାହାଣୀ ପରିବାରର ତିନିଭାଇ ଓ ତାଙ୍କ ମା'ଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଥିବା ବେଳେ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଛି।




ସୂଚନା ଭବନରେ ଅନୁଷ୍ଠିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସରେ ବିଧାୟକ ଶଶିଭୂଷଣ ବେହେରା ଓ ଅନ୍ୟ ଅତିଥିମାନେ।

# ସ୍ୱତନ୍ତ୍ର ଓଡ଼ିଶା ଗଠନର ପୁରୋଧା ମଧୁବାବୁ

ଭୁବନେଶ୍ୱର,୪।୧(ବ୍ୟୁରୋ)

ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ସ୍ଥାନୀୟ ସୂଚନା ଭବନରେ ଆୟୋଜିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ସମ୍ମାନିତ ଅତିଥି ଓଡ଼ିଶା ରିଭ୍ୟୁର ସଂପାଦିକା କସ୍ତୁରୀ ମହାପାତ୍ର , ମୁଖ୍ୟବକ୍ତା ସାହିତ୍ୟିକ ବିଜୟାନନ୍ଦ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନ ଥିଲା ଏକ ଜୀବନ୍ତ ଇତିହାସ। ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ପୁରୋଧା ଓ ଓଡ଼ିଆ ଜାତିର ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମଧୁବାବୁ। ତାଙ୍କର ଦୂରଦୃଷ୍ଟି ଓ ଜାତୀୟ ଦୃଷ୍ଟି ପାଇଁ ସେ ଚିରକାଳ ପାଇଁ ଓଡ଼ିଶାବାସୀଙ୍କ ହୃଦୟରେ ବଞ୍ଚିରହିବେ। ଓଡ଼ିଶାର ହସ୍ତଶିଳ୍ପ ଓ ସ୍ୱଦେଶୀ କାରିଗରି ଜରିଆରେ ଅର୍ଥନୈତିକ ଅଭିବୃଦ୍ଧି ଆଣିବା ସହ ଓଡ଼ିଶାର ଖ୍ୟାତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ତାଙ୍କର ଉଦ୍ୟମ ପ୍ରଣିଧାନଯୋଗ୍ୟ। ଓଡ଼ିଆ ଲୋକଟିଏ ଯେତେବେଳେ କିଛି ନୂଆ କରିବାକୁ ଚେଷ୍ଟା କରିବ ସେତେବେଳେ ମଧୁବାବୁଙ୍କ ପ୍ରେରଣା ତାଙ୍କୁ ପ୍ରୋତ୍ସାହିତ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଅତିଥିମାନଙ୍କୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶନୀ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ। ପ୍ରାତଃ ସମୟରେ ରାଜଭବନସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାୟକ ସୁରେଶ ରାଉତରାୟ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ ଦାସ, ଉତ୍କଳ ସମ୍ମିଳନୀ ଓ ଅନ୍ୟାନ୍ୟ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଯନ୍ତ୍ରୀଙ୍କୁ ମାଡମାରି ଯୁବକ ଗିରଫ

ଭୁବନେଶ୍ୱର,୪।୨(ବ୍ୟୁରୋ)

ବାରମ୍ବାର ନୋଟିସ ସତ୍ତ୍ୱେ ବକେୟା ବିଦ୍ୟୁତ ବିଲ ନ ଦେବାରୁ ଜଣେ ଉପଭୋକ୍ତାଙ୍କ ସଂଯୋଗ ଛିନ୍ନ କରିବାକୁ ଆସିଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ଆକ୍ରମଣ ହୋଇଛି। ଖାରବେଳନଗର ଥାନା ପୋଲିସ ସଂପୃକ୍ତ ଉପଭୋକ୍ତାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ୟୁନିଟ-୩ ଅଞ୍ଚଳର ଅହମ୍ମଦ ଖାନ। ତାଙ୍କ ନାଁରେ ଏହି ଥାନାରେ ପୂର୍ବରୁ ମଧ୍ୟ ୪ଟି ମାମଲା ରହିଥିବା ତଦନ୍ତରୁ ଜଣାପଡିଛି ।

ସୂଚନାନୁଯାୟୀ, ସେକ ଏ ହୁସେନଙ୍କ ନାମରେ ଘରର ବିଦ୍ୟୁତ ବିଲ ୧୦ହଜାର ୪୫୧ ଟଙ୍କା ପୈଠ ହୋଇ ନ ଥିଲା। ବାରମ୍ବାର ନୋଟିସ ସତ୍ତ୍ୱେ କୌଣସି ଉତ୍ତର ନ ମିଳିବାରୁ ଶୁକ୍ରବାର ଯନ୍ତ୍ରୀ ସୁଶାନ୍ତ କୁମାର ପୃଷ୍ଟି ଅନ୍ୟ କର୍ମଚାରୀଙ୍କ ସହ ଆସି କ୍ୱାର୍ଟସ ନମ୍ବର.ଏସ୍‌୫୬ରୁ ବିଦ୍ୟୁତ୍ ସଂଯୋଗ ଛିନ୍ନ କରିବାବେଳେ ଅଭିଯୁକ୍ତ ଅହମ୍ମଦ ସେମାନଙ୍କ ସହିତ ଝଗଡା କରିଥିଲେ। ଏହାପରେ ମୋଟରସାଇକେଲ ଚଳାଇ ବିଦ୍ୟୁତ୍ କର୍ମଚାରୀଙ୍କୁ ଧକ୍କା ଦେବା ସହିତ ବି.ଟିକେଶ୍ୱର ରାଓଙ୍କ ବେକକୁ ଚିପି ଧରି କିଛି ବାଟ ଘୋଷାଡି ନେଇଯାଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଏହାସହ ଆଦାୟ ହୋଇଥିବା ବିଦ୍ୟୁତ ଦେୟ, ମୋବାଇଲ ଫୋନ ଏବଂ ଗାଡି ଚାବିକୁ ଛଡାଇ ନେଇଯିବା ଲାଗି ଉଦ୍ୟମ କରିଥିଲେ। ଏ ନେଇ ଯନ୍ତ୍ରୀ ପୃଷ୍ଟି ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ।

## ବିଧାନସଭା ପରିସରରେ ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସ



ଭୁବନେଶ୍ୱର,୪।୨(ବ୍ୟୁରୋ)

ଓଡ଼ିଶା ବିଧାନସଭା ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୯ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଶନିବାର ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପବାଚସ୍ପତି ରଜନୀକାନ୍ତ ସିଂ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିଧାୟକ ପ୍ରଫୁଲ୍ଲ ସାମଲ, ଅମର ପ୍ରସାଦ ଶତପଥୀ , ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ରଙ୍କ ସମେତ ବିଧାନସଭା ସଚିବ ଦାଶରଥି ଶତପଥୀ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ପ୍ରମୁଖ ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ସହକାରୀ ନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ରର କଣ୍ଠଶିଳ୍ପୀଙ୍କ ଦ୍ୱାରା ମଧୁବାବୁଙ୍କ କାଳଜୟୀ ରଚନା 'ତୁ ପରା ବୋଲାଉ ଉତ୍କଳ ସନ୍ତାନ' ପରିବେଷଣ କରାଯାଇଥିଲା ।

## ସିଂହନାଥ ପୀଠରେ ଜାଗର କଟକଣା

- ଟି-ସେତୁରେ ଯାନବାହାନ ଚଳାଚଳ ମନା
- ୧୮ ତାରିଖ ୪ଟାରୁ ୧୯ ତାରିଖ ୭ଟା ପର୍ଯ୍ୟନ୍ତ ବନ୍ଦ ରହିବ

ବଡ଼ମ୍ବା, ୪।୨(ଡି. ଏନ. ଏ )

ଆସନ୍ତା ୧୮ରେ ମହାଶିବରାତ୍ରି ଉପଲକ୍ଷେ ସିଂହନାଥ ପୀଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ସିଂହନାଥ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଓ ଆଠଗଡ଼ ଉପଜିଲାପାଳ ତତ୍ତ୍ୱାବଧାନରେ ଏହି ବୈଠକ ଆୟୋଜନ କରାଯାଇଛି। ବୈଠକରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇଥିବାବେଳେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ରବୀନ୍ଦ୍ର କୁମାର ସାହୁ, ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ବଡ଼ମ୍ବା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳକଣ୍ଠ ବେହେରା, ବାଙ୍କୀ ତହସିଲଦାର ପ୍ରଜ୍ଞା ପରମିତା ପୃଷ୍ଟି, ବାଙ୍କୀ ପୋଲିସ ଅଧୀକ୍ଷକ ଜ୍ଞାନରଞ୍ଜନ ମିଶ୍ର, ବୈଦେଶ୍ୱର ଥାନା ଅଧିକାରୀ ସମରେନ୍ଦ୍ର ପାଇକରାୟ, ଗୋପୀନାଥପୁର ସରପଞ୍ଚ ଯଯାତି କେଶରୀ ନାୟକ, ସିଂହନାଥ ମନ୍ଦିର ଉନ୍ନୟନ ପରିଷଦର ସମ୍ପାଦକ ନିରଞ୍ଜନ ଶତପଥୀ ଏବଂ ବୈଦେଶ୍ୱର ସରପଞ୍ଚ ସୁରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ କେତୋଟି ନିଷ୍ପତ୍ତି ନିଆଯାଇଥିଲା। ଶିବରାତ୍ରି ଦିନ ଅର୍ଥାତ୍ ୧୮ ତାରିଖ ଭୋର ୪ଟାରୁ ୧୯ ତାରିଖ ସକାଳ ୭ ପର୍ଯ୍ୟନ୍ତ ଟି-ସେତୁ ଦେଇ ସମସ୍ତ ଯାନବାହନ ଚଳାଚଳ ବନ୍ଦ ରହିବ। ଏନେଇ ଟି-ସେତୁରେ ପ୍ରଶାସନ ପକ୍ଷରୁ ବାଉଁଶ ବାରିକେଡ୍ କରାଯିବ। ସେତୁର ଉଭୟ ପାର୍ଶ୍ୱର ୧୦ କିଲୋମିଟର ପରିଧି ଭିତରେ ଯାନବାହନ ଚଳାଚଳ ବନ୍ଦ ନେଇ ପ୍ରଚାର ପ୍ରସାର କରାଯିବ ବୋଲି ଉପଜିଲାପାଳ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ଦର୍ଶନ ପାଇଁ ଆସୁଥିବା ଭକ୍ତମାନଙ୍କ ପାଇଁ ପାନୀୟ ଜଳ ସହ ସେତୁ ଉପରେ ଆଲୋକୀକରଣ ପାଇଁ ବ୍ୟବସ୍ଥା କରାଯିବ। ଭକ୍ତଙ୍କ ଲାଗି ପ୍ରବେଶିକା ଅର୍ଥ ୫ ଟଙ୍କା କରାଯିବା। ଶ୍ରଦ୍ଧାଳୁମାନେ ଧାଡିରେ ଯାଇ ସିଂହନାଥଙ୍କୁ ଦର୍ଶନ କରିପାରିବେ। ଏଥିସହ ସ୍ୱାସ୍ଥ୍ୟ ସେବା ପାଇଁ ଚିକିତ୍ସା ସେବା ନିମନ୍ତେ ମେଡିକାଲ ଟିମ୍ ଓ ଦମକଳ ବିଭାଗକୁ ନିୟୋଜିତ କରାଯିବା ବୋଲି ଉପଜିଲା ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସିଂହନାଥ ମନ୍ଦିରର ସେବାୟତମାନେ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ପିଏମ୍‌ଏୱାଇ ଚଞ୍ଚକତା ବନ୍ଦ କରନ୍ତୁ ରାଜ୍ୟ ସରକାର : ବାବୁ ସିଂ

ଭୁବନେଶ୍ୱର,୪।୨(ବ୍ୟୁରୋ)

ରାଜ୍ୟରେ ଥିବା ବାସହୀନଙ୍କ ପାଇଁ ଓଡ଼ିଶା ସରକାର ୨୭ ଲକ୍ଷ ପକ୍କାଘର ମାଗିଥିଲେ। ଆଉ କେନ୍ଦ୍ରର ମୋଦି ସରକାର ୨୮ ଲକ୍ଷ ଦେଲେ । ଶାସକ ବିଜେଡିର ଚଞ୍ଚକତା କାରଣରୁ ଆଜିବି ରାଜ୍ୟର ଲକ୍ଷ ଲକ୍ଷ ଲୋକ ବାସହୀନ ହୋଇ ରହିଯାଇଛନ୍ତି । କେନ୍ଦ୍ରୀୟ ଟଙ୍କାକୁ ହଡ଼ପ କରି ଶାସକ ଦଳର ନେତା ଓ ମନ୍ତ୍ରୀମାନେ ଓଡ଼ିଶାବାସୀଙ୍କୁ ତାଙ୍କ ନ୍ୟାଯ୍ୟ ହକ୍ ପାଇବାରୁ ବଞ୍ଚିତ ରଖୁଛନ୍ତି । ଦୀର୍ଘ ୨୩ ବର୍ଷର ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟ ନିନ୍ଦନୀୟ । ଦଳୀୟ ଆଧାରରେ ହିତାଧିକାରୀ ଚୟନ କରାଯାଇ ଅନେକ ଯୋଗ୍ୟଙ୍କୁ ତାଲିକାରୁ ବାଦ୍ ରଖାଯାଇଛି । ମନ୍ଦ ଉଦ୍ଦେଶ୍ୟ ରଖି ଗରିବ ଲୋକଙ୍କୁ ବାସହୀନ କରି ରଖିଥିବା ଶାସକ ବିଜେଡିର ଏଭଳି ଜନବିରୋଧୀ ମନୋଭାବକୁ ବିରୋଧକରି ଭୁବନେଶ୍ୱର ଜିଲା ତରଫରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି । ଯଥାଶୀଘ୍ର ରାଜ୍ୟ ସରକାର ଚଞ୍ଚକତା ବନ୍ଦକରି ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇ ଦିଅନ୍ତୁ ବୋଲି ଭୁବନେଶ୍ୱର ଜିଲା ଭାଜପା ସଭାପତି ବାବୁ ସିଂ କହିଛନ୍ତି। ବାବୁ ସିଂଙ୍କ ନେତୃତ୍ୱରେ ଶନିବାର ଭୁବନେଶ୍ୱର ଜିଲା ସାଙ୍ଗଠନିକ ଭାଜପା ତରଫରୁ ଶହ ଶହ କାର୍ଯ୍ୟକର୍ତ୍ତା ଏବଂ ପକ୍କାଘର ପାଇ ନ ଥିବା ହିତାଧିକାରୀମାନେ ସାମନ୍ତରାପୁରରୁ ଯାଇ ବ୍ଲକ ଘେରାଉ କରିଛନ୍ତି। ଆଗାମୀ ଦିନରେ ଭାଜପା ଜାଗ୍ରତ ରହି ଆନ୍ଦୋଳନକୁ ତୀବ୍ର କରିବ। ସାଧାରଣ ଗରିବ, ଖଟିଖିଆ ଯୋଗ୍ୟ ହିତାଧିକାରୀ ପକ୍କାଘର କିପରି ପାଇବେ ସେନେଇ ଭାଜପା ଉଦ୍ୟମ ଜାରି ରଖିବ ବୋଲି ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ହିମାଂଶୁ ଶେଖର ଛୋଟରାୟ, ଦିଲୀପ ବେହେରା, ଜିଲା ଓବିସି ମୋର୍ଚ୍ଚା ସଭାପତି ଉପେନ୍ଦ୍ର ଭଞ୍ଜ, ଜିଲା ଯୁବମୋର୍ଚ୍ଚା ସଭାପତି ସ୍ୱୟଂସେବକ ରାୟ, ଜିଲା ମହିଳା ମୋର୍ଚ୍ଚା ସଭାପତି ମନ୍ଦାକିନୀ ପାତ୍ର ପ୍ରମୁଖ ବିକ୍ଷୋଭ ସମାବେଶରେ ଯୋଗଦେଇଥିଲେ।

# ୧୦ରୁ ଫାଇଲେରିଆ ନିବାରକ ସାମୂହିକ ଔଷଧ ସେବନ

ଭୁବନେଶ୍ୱର,୪।୨(ବ୍ୟୁରୋ)

ବାତଜ୍ୱର ବା ଫାଇଲେରିଆ ଏକ ସଂକ୍ରାମକ ରୋଗ। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଏହାର ପ୍ରଭାବ ରହିଥିବାରୁ ସରକାରଙ୍କ ନିଷ୍ପତ୍ତି ଅନୁସାରେ ପ୍ରତିବର୍ଷ ପ୍ରତ୍ୟେକ ପରିବାରକୁ ସାମୂହିକ ଔଷଧ ସେବନ ପାଇଁ କାର୍ଯ୍ୟକ୍ରମ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ଫେବୃୟାରୀ ୧୦ରୁ ୧୯ ମଧ୍ୟରେ କାର୍ଯ୍ୟକ୍ରମ କରାଯିବ। ଏହା ବିଏମ୍‌ସିର ସମୁଦାୟ ୬୭ ୱାର୍ଡରେ କରାଯିବ। ଏଥିପାଇଁ ପ୍ରାୟ ୨ହଜାର ୫ଶହ ଔଷଧ ବିତରକ ରହିବେ ବୋଲି ସୂଚନା ଦିଆଯାଇଛି। ଶନିବାର ବିଏମ୍‌ସି ସଭାଗୃହରେ ଫାଇଲେରିଆ (ବାତଜ୍ୱର) ନିରାକରଣ ଏବଂ ଏଥିପାଇଁ ସାମୂହିକ ଔଷଧ ସେବନ ସମ୍ପର୍କିତ ଆନ୍ତଃବିଭାଗୀୟ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ବିଏମ୍‌ସି ଅଞ୍ଚଳରେ ସାମୂହିକ ଔଷଧ ସେବନକୁ ତ୍ୱରାନ୍ୱିତ କରିବାକୁ ରଣନୀତି ପ୍ରସ୍ତୁତ କରିଥିଲେ।

ଖାଦ୍ୟ ପରେ ଗୋଟିଏ ଥରରେ ଫାଇଲେରିଆ ପ୍ରତିରୋଧୀ ଔଷଧ ସହିତ କୃମିନାଶକ ବଟିକା, ଔଷଧ ବିତରକଙ୍କ ସମ୍ମୁଖରେ ଖାଇବାକୁ ଦିଆଯିବ। ୨ବର୍ଷରୁ କମ ବୟସର ଶିଶୁ, ଗର୍ଭବତୀ ଓ ଅତିଶୟ ରୋଗାକ୍ରାନ୍ତ ବ୍ୟକ୍ତିଙ୍କୁ ଏହା ଖାଇବାକୁ ଦିଆଯିବ ନାହିଁ। ସମସ୍ତ ୱାର୍ଡରେ ସବୁ ବିଦ୍ୟାଳୟ, ଆବାସିକ ସଂଗଠନ, ଆଦର୍ଶ କଲୋନୀ ଇତ୍ୟାଦିକୁ ପରିଦର୍ଶନ କରି ଔଷଧ ବିତରକ ଏବଂ ସହଯୋଗୀ ସାମାଜିକ ଅନୁଷ୍ଠାନର କର୍ମୀମାନେ ଏହି କାର୍ଯ୍ୟ ସମ୍ପାଦନ କରିବେ। ଔଷଧ ବିତରକ ଭାବେ ମୁଖ୍ୟତଃ ଆଶା, ଅଙ୍ଗନୱାଡି କର୍ମୀ, ସାମାଜିକ ସଂଗଠନ କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ଆରୋଗ୍ୟ ସମିତିର କର୍ମୀମାନେ କାର୍ଯ୍ୟ କରିବେ। ଏଥିପାଇଁ ଭୁବନେଶ୍ୱରରେ ୨୫୦ଜଣ ସୁପରଭାଇଜର ୨୨ଟି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟ କରିବେ। ଏପରିକି ଭୁବନେଶ୍ୱରରେ ଥିବା ୭ଟି ସହରାଞ୍ଚଳ ଆଶ୍ରୟସ୍ଥଳୀ ଏବଂ ୩ଟି ଭିକ୍ଷୁକ ଥଇଥାନ କେନ୍ଦ୍ରରେ ମଧ୍ୟ ଏହି ଔଷଧ ସେବନ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିବା ସୂଚନା ଦିଆଯାଇଛି। ବାତଜ୍ୱର ଭଳି ସଂକ୍ରାମକ ରୋଗର ଦମନ ପାଇଁ ସମସ୍ତେ ଆଗେଇ ଆସିବାକୁ ମେୟର ନିବେଦନ କରିଛନ୍ତି।

# 'ଶିଶୁ ସହାୟ କେନ୍ଦ୍ର ଦ୍ୱାରା ଶିଶୁ ଅପରାଧ ମାମଲା କମୁଛି'

ଭୁବନେଶ୍ୱର,୪।୨(ବ୍ୟୁରୋ)




ରାଜ୍ୟରେ ଶିଶୁ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଶନିବାର ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ମନ୍ଦାକିନୀ କର, ରାଜ୍ୟ ଶ୍ରମ ଆୟୋଗର ଅଧ୍ୟକ୍ଷ ଡ. ତିରୁମାଲା ନାୟକ ଏବଂ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ କମିଶନର ପ୍ରିୟଦର୍ଶୀ କହିଲେ, ଶିଶୁ ସହାୟ କେନ୍ଦ୍ର ଶିଶୁ ସୁରକ୍ଷା ପାଇଁ ଏକ ସଫଳ କାର୍ଯ୍ୟକ୍ରମ। ଏହାଦ୍ୱାରା ଶିଶୁ ଅପରାଧ ମାମଲା ହ୍ରାସ ପାଉଛି। ହମାରା ବଚପନ୍ ଟ୍ରଷ୍ଟ ଏବଂ ରେଲୱେ ଚିଲଡ୍ରେନ୍ ଇଣ୍ଡିଆର ମିଳିତ ଉଦ୍ୟମରେ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ ଟ୍ରେନ୍ ଦ୍ୱାରା ଆସୁଥିବା ଅସୁରକ୍ଷିତ ଶିଶୁଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ୨୦୧୮ ରୁ ଶିଶୁ ସହାୟ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏହି କେନ୍ଦ୍ର ଦ୍ୱାରା ରାଜ୍ୟର ବିଭିନ୍ନ ଜିଲାରୁ ଶିଶୁ ଶ୍ରମିକ, ବାଲ୍ୟବିବାହ, ଶିଶୁ ଚାଲାଣ ଉଦ୍ଦେଶ୍ୟରେ ଅନ୍ୟ ରାଜ୍ୟକୁ ଯିବା ପାଇଁ ଅସୁରକ୍ଷିତ ଅବସ୍ଥାରେ ଆସୁଥିବା ଲୋକମାନଙ୍କୁ ସୁରକ୍ଷିତ ଭାବେ ଘରକୁ ଫେରାଇବା କାର୍ଯ୍ୟ କରାଯାଉଛି। ହମାରା ବଚପନ୍‌ର ପ୍ରତିଷ୍ଠାତ୍ରୀ ଓ ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକ ରାଜ୍ୟ ଓ ବିଭିନ୍ନ ଜିଲାର ଶିଶୁ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ।

# ଚନ୍ଦ୍ରଶେଖରପୁରରେ ବାର୍ ଭଙ୍ଗାରୁଜା ଘଟଣା: କେବିଏନ୍ ଗ୍ୟାଙ୍ଗ ମୁଖ୍ୟ ବୁବୁ ଜେନା ପୁଣି ଗିରଫ

ଭୁବନେଶ୍ୱର,୪।୨(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଏମ୍ବାସି ବାର୍ ଭଙ୍ଗାରୁଜା ଏବଂ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଫେରାର ଥିବା ଅନ୍ୟଜଣେ ଅଭିଯୁକ୍ତ ତଥା କେବିଏନ ଗ୍ୟାଙ୍ଗର ମୁଖ୍ୟଙ୍କୁ ମାସକ ପରେ ଧରିଛି ପୋଲିସ। ସେ ହେଲେ ଏୟାରପୋର୍ଟ ଥାନା ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡାର ବୁବୁ ଜେନା ଓରଫ ଦେବୀ ପ୍ରସାଦ ଜେନା। ତାଙ୍କଠାରୁ ଗୋଟିଏ କାର୍ ଜବତ ହୋଇଛି। କିନ୍ତୁ ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଏକ ନିର୍ଦ୍ଦିଷ୍ଟ ଦଳର ଛାତ୍ର ନେତା ସଞ୍ଜୀବ ସ୍ୱାଇଁ ଏବେ ବି ଫେରାର ରହିଥିବା ଜଣାପଡିଛି। ସେହିପରି ଏହି ଘଟଣାରେ ପୂର୍ବରୁ ୩୪ଜଣ ଗିରଫ ହୋଇ ସାରିଛନ୍ତି।



ଅଭିଯୁକ୍ତ ବୁବୁଙ୍କ ନାଁରେ ଖଣ୍ଡଗିରି ଥାନାରେ ସର୍ବାଧିକ ୧୦ଟି ଅପରାଧିକ ମାମଲା ରହିଥିବାବେଳେ ନୟାପଲ୍ଲୀ ଥାନାରେ ୫ଟି ଏବଂ କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ରାଜନଗର ଥାନାରେ ଗୋଟିଏ ଆପରାଧିକ ମାମଲା ରହିଥିବା ତଦନ୍ତରୁ ଜଣାପଡିଛି। ଅଭିଯୁକ୍ତ ଜଣକ କ୍ରମାଗତ ଭାବେ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ରହୁଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି -୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପଦକ୍ଷେପ ନିଆଯାଉଛି।

### ଛାତ୍ର ନେତା ସଞ୍ଜୀବ ଏବେ ବି ଫେରାର

ସୂଚନାନୁଯାୟୀ, ଜାନୁୟାରୀ ୭ ବିଳମ୍ବିତ ରାତିରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଛାତ୍ରନେତା ସଞ୍ଜୀବ ସାଙ୍ଗଙ୍କ ସହ ଦେବକୁଣ୍ଡ ଅଭିମୁଖେ ପିକ୍‌ନିକ୍ ଯିବାକୁ ବାହାରିଥିଲେ। ଯିବାପୂର୍ବରୁ ମଦ ପିଇବାକୁ ଘଟଣାଦିନ ଏମ୍ବାସି ବାରକୁ ସଞ୍ଜୀବ ଯାଇଥିବାବେଳେ ସେଠାରେ ସିକ୍ୟୁରିଟି ଗାର୍ଡ ଗେଟ ନ ଖୋଲିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ ଆରମ୍ଭ ହୋଇଥିଲା। ଏହାପରେ ସଞ୍ଜୀବ ବରମୁଣ୍ଡା ବସଖଷ୍ଟାଣ୍ଡରେ ଅପେକ୍ଷା କରିଥିବା ତାଙ୍କର ସାଙ୍ଗମାନଙ୍କୁ ଫୋନ କରି ଡ଼ାକିଥିଲେ। ପିକନିକ ପାଇଁ ବାହାରିଥିବା ସମସ୍ତେ ଏକାଠି ହୋଇ ବସ ସହାୟତାରେ ଘଟଣା ସ୍ଥଳରେ ପହଞ୍ଚି ବାର୍ କର୍ମଚାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମୁନିଆ ପଥର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାସହ ବାର୍‌ର ସମସ୍ତ ଆସବାବପତ୍ର ସବୁକୁ ବାଡ଼େଇ ଭାଙ୍ଗି ଦେଇଥିଲେ। ଏନେଇ ବାରର ମ୍ୟାନେଜର ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ।

## ଆଜି କ'ଣ କେଉଁଠି

କଟକ

- ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ୭୨ତମ ଅଧିବେଶନର ଦ୍ୱିତୀୟ ସନ୍ଧ୍ୟା, ଉପର ବାଲିଯାତ୍ରା ପଡ଼ିଆ, ପୂର୍ବାହ୍ନ ୯ଟା ୩୦ ।
- ଅବସରପ୍ରାପ୍ତ ପୋଲିସ ଅଧିକାରୀ ଉନ୍ନୟନ ସଂଘର ବାର୍ଷିକ ସମ୍ମିଳନୀ, ଓସିଏ ସମ୍ମିଳନୀ କକ୍ଷ, ବାରବାଟୀ ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା ୩୦।
- ଶ୍ରମିକ, କୃଷକଙ୍କ ପକ୍ଷରୁ ହେବାକୁ ଯାଉଥିବା ଦିଲ୍ଲୀ ମହାସମାବେଶ ସଫଳତା ପାଇଁ ଜିଲାସ୍ତରୀୟ କନଭେନସନ, ଏସ.ଏନ୍. ସରକାର ସ୍ମୃତି ସଦନ, ଯୋବ୍ରା ରୋଡ୍, ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ଅଷ୍ଟପ୍ରହର ନାମଯଜ୍ଞ, ଗୋପାଳଜୀଉ ମନ୍ଦିର ପ୍ରାଙ୍ଗଣ, ଖାନନଗର, ସକାଳ ୫ଟା ।
- ରାଷ୍ଟ୍ରଦୀପର ୨୯ତମ ବସନ୍ତ ମିଳନ ଉତ୍ସବ, କଳାବିକାଶ କେନ୍ଦ୍ର, ଅପରାହ୍ନ ୫ଟା ୩୦।
- ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ସ୍ମୃତିସଭା, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।
- ଓଡ଼ିଶୀ ନୃତ୍ୟ ମଣ୍ଡଳ ପକ୍ଷରୁ ଚିଲିକା ବଞ୍ଚାଅ, ଅନ୍ନପୂର୍ଣ୍ଣା ଥିଏଟର, ବକ୍ସିବଜାର, ସନ୍ଧ୍ୟା ୬ଟା ୩୦ ।

## ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ସାଲେପୁର,୪।୨(ଡି.ଏନ୍.ଏ.): ସାଲେପୁର ବିଦ୍ୟୁତ୍ ଡିଭିଜନ୍‌ର ସିଏସ୍ଏମ୍ ଭାବେ କାର୍ଯ୍ୟ କରୁଥିବା ବିଜୟ କୁମାର ଲେଙ୍କାଙ୍କ ୪୪ ବର୍ଷରେ ପରଲୋକ ହୋଇଯାଇଛି। ଶୁକ୍ରବାର ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଜଣାପଡିବା ପରେ ସାଲେପୁର ବିଦ୍ୟୁତ୍ ଡିଭିଜନ୍‌ର ନୀଳମଣି ମଲ୍ଲିକ, ସାବିର ଅଲ୍ଲୀ, ଶୁଭ ଚୌଧୁରୀଙ୍କ ସମେତ ସାଲେପୁର ବିଦ୍ୟୁତ୍ ଡିଭିଜନ୍‌ର ସମସ୍ତ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଶ୍ରୀ ଶ୍ରୀ ଗୋପାଳଜୀଉ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ

କଟକ ଅଫିସ,୪।୨- ମାଘପୂର୍ଣ୍ଣିମା ଉପଲକ୍ଷେ ଖାନ୍‌ନଗରସ୍ଥିତ ଶ୍ରୀ ଶ୍ରୀ ଗୋପାଳଜୀଉ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ, ମହନ୍ତ ବୈଦ୍ୟନାଥ ସାହୁ, କଟୁଆଳ ଧିରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିରରେ ରବିବାର ଅହୋରାତ୍ର ନାମ ସଂକୀର୍ତ୍ତନ, ସୋମବାର ନଗର ସଂକୀର୍ତ୍ତନ ହେବ, ମଙ୍ଗଳବାର ମହୋତ୍ସବ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଥିବା ତୈଳିକ ବୈଶ୍ୟ କୁବେର ସମାଜ ପକ୍ଷରୁ ସୂଚନା ଦିଆଯାଇଛି।

## ବିଭିନ୍ନ ଗ୍ରାମରେ ନୂତନ ମନ୍ଦିର ପ୍ରତିଷ୍ଠା, ରତ୍ନମୁଦ ସମ୍ପନ୍ନ

ଆଠଗଡ,୪।୨(ସ୍ୱ.ପ୍ର): ଆଠଗଡ ବ୍ଲକ ଖୁଣ୍ଟୁଣୀ ରମ୍ପେଇ ମୌଜାସ୍ଥିତ ନିର୍ମାଣାଧୀନ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ଫେବୃୟାରୀ ୨ ଓ ୩ରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ଅଧିବାସ ହୋଇଥିଲା। ଏହି ଅବସରରେ ଧବଳେଶ୍ୱର ଘାଟରୁ କଳସ ଯାତ୍ରା ଆରମ୍ଭ ହୋଇ ଗ୍ରାମ ପରିକ୍ରମା କରି ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ସେଠାରେ ଯଜ୍ଞକୁଣ୍ଡ ସ୍ଥାପନ, ଦଶ ଦିଗପାଳ ପୂଜା, ହବନ ସହ ନିକଟସ୍ଥ ଚଢ଼େଇପଙ୍ଗା ଠାକୁରାଣୀଙ୍କଠାରୁ ସାହାଡ଼ା ବୃକ୍ଷ ପୂଜନ, ଇନ୍ଦ୍ରଇନ୍ଦ୍ରାଣୀ ବରଣ କରାଯାଇଥିଲା। ଦ୍ୱିତୀୟ ଦିବସରେ ସୂର୍ଯ୍ୟପୂଜା, ଗୋ ପୂଜା, ଇନ୍ଦ୍ରଇନ୍ଦ୍ରାଣୀଙ୍କୁ ପୂଜନ ଓ ବନ୍ଦାଣ, ଯଜ୍ଞ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ବୈଦିକ ପଣ୍ଡିତ ମଳୟ କୁମାର ଦାଶ ଶର୍ମା ଓ ପଣ୍ଡିତ ତଥା ପ୍ରବଚକ ମାନସ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କୃଷିମନ୍ତ୍ରୀ ତଥା ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ସର୍ବ ପ୍ରଥମେ ରତ୍ନମୁଦ ଗର୍ଭରେ ଶୁକ୍ଳଧାନ ଓ ଧାତୁ ଦ୍ରବ୍ୟମାନ ଅର୍ପଣ କରିଥିଲେ। ଗ୍ରାମବାସୀ ଓ ଆଖପାଖରୁ ଆସିଥିବା ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ରତ୍ନମୁଦ ଗର୍ଭକୁ ଧାତୁ ଦ୍ରବ୍ୟ ଶୁକ୍ଳ ଧାନରେ ପୂର୍ଣ୍ଣାଙ୍ଗ କରିଥିଲେ। ଜଗନ୍ନାଥ ଯୁବ ପରିଷଦର ଉପଦେଷ୍ଟା ମଣ୍ଡଳୀ, ସଭ୍ୟ, ଗ୍ରାମ କମିଟି, ମନ୍ଦିର ଶିଳ୍ପୀ, ରଥ ମହାରଣା, ସ୍ଥାନୀୟ ଯୁବକ ସଂଘ, କୈବର୍ତ୍ତ୍ୟ ସମାଜ, ଘଣ୍ଟୁଆ ସେବକ ଓ ସର୍ବସାଧାରଣଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରତ୍ନମୁଦରେ ୧୫୦ କୁଇଣ୍ଟାଲ ଧାନ ଓ ୨ କିଲୋରୁ ଊର୍ଦ୍ଧ୍ୱ ସୁନା, ରୁପା, ଅଷ୍ଟଧାତୁ ଆଦି ବ୍ୟବହୃତ ହୋଇଛି। ସେହିପରି ଆଠଗଡ ଏନ୍ଏସି ବୀରକିଶୋର ପୁରର ଅଧିଷ୍ଠାତ୍ରୀ ଦେବୀ ମା'କଙ୍କଡେଇ ମଙ୍ଗଳା ମନ୍ଦିରର ରତ୍ନ ମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ବ୍ଲକ ରାଧାଲ୍ଲଭପୁର, ଲକ୍ଷ୍ମୀ ନାରାୟଣ ପୁର ଗ୍ରାମରେ ଶ୍ରୀରାମ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି। ସେହିପରି କରିକମଳ ଗ୍ରାମରେ ନୂତନ ଶିବମନ୍ଦିର ପ୍ରତିଷ୍ଠା କରାଯାଇଛି।

# ସିଂହନାଥ ପୀଠରେ ଜାଗର କଟକଣା

ବଡ଼ମ୍ବା, ୪।୨(ଡି. ଏନ. ଏ ):



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅତିଥିମାନେ ।

ଆସନ୍ତା ୧୮ରେ ମହାଶିବରାତ୍ରି ଉପଲକ୍ଷେ ସିଂହନାଥ ପୀଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ସିଂହନାଥ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଓ ଆଠଗଡ଼ ଉପଜିଲାପାଳ ତତ୍ତ୍ୱାବଧାନରେ ଏହି ବୈଠକ ଆୟୋଜନ କରାଯାଇଛି। ବୈଠକରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇଥିବାବେଳେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ରବୀନ୍ଦ୍ର କୁମାର ସାହୁ, ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ବଡ଼ମ୍ବା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳକଣ୍ଠ ବେହେରା, ବାଙ୍କୀ ତହସିଲଦାର ପ୍ରଜ୍ଞା ପରମିତା ପୃଷ୍ଟି, ବାଙ୍କୀ ପୋଲିସ ଅଧୀକ୍ଷକ ଜ୍ଞାନରଞ୍ଜନ ମିଶ୍ର, ବୈଦେଶ୍ୱର ଥାନା ଅଧିକାରୀ ସମରେନ୍ଦ୍ର ପାଇକରାୟ, ଗୋପୀନାଥପୁର ସରପଞ୍ଚ ଯଯାତି କେଶରୀ ନାୟକ, ସିଂହନାଥ ମନ୍ଦିର ଉନ୍ନୟନ ପରିଷଦର ସମ୍ପାଦକ ନିରଞ୍ଜନ ଶତପଥୀ ଏବଂ ବୈଦେଶ୍ୱର ସରପଞ୍ଚ ସୁରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ କେତୋଟି ନିଷ୍ପତ୍ତି ନିଆଯାଇଥିଲା। ଶିବରାତ୍ରି ଦିନ ଅର୍ଥାତ୍ ୧୮ ତାରିଖ ଭୋର ୪ଟାରୁ ୧୯ ତାରିଖ ସକାଳ ୭ ପର୍ଯ୍ୟନ୍ତ ଟି-ସେତୁ ଦେଇ ସମସ୍ତ ଯାନବାହନ ଚଳାଚଳ ବନ୍ଦ ରହିବ। ଏନେଇ ଟି-ସେତୁରେ ପ୍ରଶାସନ ପକ୍ଷରୁ ବାଉଁଶ ବାରିକେଡ୍ କରାଯିବ। ସେତୁର ଉଭୟ ପାର୍ଶ୍ୱର ୧୦ କିଲୋମିଟର ପରିଧି ଭିତରେ

### ଟି-ସେତୁରେ ଯାନବାହାନ ଚଳାଚଳ ମନା

- ୧୮ ତାରିଖ ୪ଟାରୁ ୧୯ ତାରିଖ ୭ଟା ପର୍ଯ୍ୟନ୍ତ ବନ୍ଦ ରହିବ
- ସେତୁ ଉପରେ ଆଲୋକୀକରଣ ବ୍ୟବସ୍ଥା ହେବ
- ପ୍ରବେଶିକା ଅର୍ଥ ୫ ଟଙ୍କା ଧାର୍ଯ୍ୟ କରାଯିବ

ଯାନବାହନ ଚଳାଚଳ ବନ୍ଦ ନେଇ ପ୍ରଚାର ପ୍ରସାର କରାଯିବ ବୋଲି ଉପଜିଲାପାଳ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ଦର୍ଶନ ପାଇଁ ଆସୁଥିବା ଭକ୍ତମାନଙ୍କ ପାଇଁ ପାନୀୟ ଜଳ ସହ ସେତୁ ଉପରେ ଆଲୋକୀକରଣ ପାଇଁ ବ୍ୟବସ୍ଥା କରାଯିବ। ଭକ୍ତଙ୍କ ଲାଗି ପ୍ରବେଶିକା ଅର୍ଥ ୫ ଟଙ୍କା କରାଯିବା। ଶ୍ରଦ୍ଧାଳୁମାନେ ଧାଡିରେ ଯାଇ ସିଂହନାଥଙ୍କୁ ଦର୍ଶନ କରିପାରିବେ। ଏଥିସହ ସ୍ୱାସ୍ଥ୍ୟ ସେବା ପାଇଁ ଚିକିତ୍ସା ସେବା ନିମନ୍ତେ ମେଡିକାଲ ଟିମ୍ ଓ ଦମକଳ ବିଭାଗକୁ ନିୟୋଜିତ କରାଯିବା ବୋଲି ଉପଜିଲା ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସିଂହନାଥ ମନ୍ଦିରର ସେବାୟତମାନେ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମକର ମେଳା ସମୟରେ ଟି-ସେତୁରେ ଦଳାଚକଟା ଯୋଗୁ ମୃତ୍ୟୁବରଣ କରିଥିବା ମହିଳା ଅଞ୍ଜନା ସ୍ୱାଇଁଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସୂଚନାଯୋଗ୍ୟ, ଏହି ପୀଠରେ ମକରମେଳା ସମୟରେ ଟି ସେତୁରେ ଦଳାଚକଟା ଘଟଣାର ଯେପରି ପୁନରାବୃତ୍ତି ନ ହେବ ସେନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ଗୋପୀନାଥପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଯଯାତି କେଶରୀ ନାୟକ କହିଛନ୍ତି।



ସିଂହନାଥ ପୀଠକୁ ଯାଇଥିବା ଟି-ସେତୁ ।

# ୧୨ରୁ ବାରବାଟୀ ଉତ୍ସବ

## ଚିତ୍ରକଳା ଶିବିର, ଫ୍ୟାଶନ ଶୋ' ହେବ

କଟକ ଅଫିସ, ୪।୨:

କଟକ ଉପର ବାଲିଯାତ୍ରା ପଡ଼ିଆ ବାରବାଟୀ ଦୁର୍ଗ ସମ୍ମୁଖରେ ଆସନ୍ତା ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ବାରବାଟୀ ଉତ୍ସବ ଅନୁଷ୍ଠିତ ହେବ। ବାରବାଟୀ ଉତ୍ସବ କମିଟି ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହି ଉତ୍ସବ ଆୟୋଜନ ହେବ। ଉତ୍ସବର ସଫଳତା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ଶିବ ଟପୋଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଭିନ୍ନ ବିଭାଗର ଷ୍ଟଲ ପ୍ରଦର୍ଶନୀ ସହ ଭାରତର ବିଭିନ୍ନ ରାଜ୍ୟରୁ ପ୍ରତିଷ୍ଠିତ କଳାକାରମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବରେ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ, ସାହିତ୍ୟ ଉତ୍ସବ, ୭ଦିନ ବ୍ୟାପୀ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀ, ଫ୍ୟାଶନ ଶୋ, ଚଳଚ୍ଚିତ୍ର ଉତ୍ସବ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହେବ ବୋଲି ବାରବାଟୀ ଉତ୍ସବ କମିଟି ସମ୍ପାଦକ ଆଶିଷ କୁମାର ଦାସ ସୂଚନା ଦେଇଛନ୍ତି। ଏହି ଉତ୍ସବ ପାଇଁ ଜିଲା ପ୍ରଶାସନ ତରଫରୁ ଆବଶ୍ୟକ ଆନୁଷଙ୍ଗିକ ସହଯୋଗ ଯୋଗାଇ ଦେବାକୁ ଦାସ ଅନୁରୋଧ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ବୈଠକ ପରିଚାଳନା କରିଥିବାବେଳେ ବିଦ୍ୟୁତ୍, ଜଳ, ପର୍ଯ୍ୟଟନ, ଅଗ୍ନିଶମ, ଓର୍‌ମାସ୍, ମିଶନଶକ୍ତି ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ। ପ୍ରାଧାପକ ଡ. ସେକ୍ କଲିମୁଲ୍ଲା ଧନ୍ୟବାଦ ଦେଇଥିଲେ।

# ଗ୍ରାମସଭା ବିବରଣୀ ସଂଗ୍ରହ କରିବ ଭାଜପା

କଟକ ସଦର,୪।୨(ଡି.ଏନ୍.ଏ.):

କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ଗତ ୩୦ ତାରିଖରେ ଗ୍ରାମସଭା ଡକାଯାଇ ପ୍ରଧାନମନ୍ତ୍ରୀ ଆବାସ ତାଲିକାକୁ ଅନୁମୋଦନ କରାଯାଇଥିଲା। ତେଣୁ ସୂଚନା ଅଧିକାର ଆଇନ୍ ବଳରେ ସବୁ ପଞ୍ଚାୟତ ଗ୍ରାମସଭାର ବିବରଣୀ ସଂଗ୍ରହ କରାଯିବ ବୋଲି ଭାଜପା ନେତା ଦିଲୀପ ମଲ୍ଲିକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଫଳରେ ସ୍ଥାନୀୟ ଅଧିବାସୀ ହୋଇ ଏମାନେ ବିଭ୍ରାନ୍ତି କର ତାଲିକାକୁ କିପରି ଅନୁମୋଦନ କଲେ, ତାହାର ପ୍ରକୃତ କାରଣ ଜଣାପଡିବ ବୋଲି ମଲ୍ଲିକ ଜଣାଇଛନ୍ତି। ଏହାଛଡା ସ୍ୱତନ୍ତ୍ର ଗ୍ରାମସଭାରେ ସରପଞ୍ଚମାନେ ଅଧ୍ୟକ୍ଷତା କରିଥିବାରୁ ଗୃହୀତ ପ୍ରସ୍ତାବ ଲୋକମାନଙ୍କର ଥିଲା ନା ସେମାନଙ୍କୁ ନ ଜଣାଇ ପଛରେ ଖାତାରେ ସବୁ କିଛି ଲେଖାଯାଇଛି ତାହାର ପ୍ରକୃତ ସୂଚନା ମିଳିପାରିବ। କାରଣ ସେହିଦିନ ସୋମପୁର ପଞ୍ଚାୟତ ଗ୍ରାମସଭାରେ ୨୪ ଅଯୋଗ୍ୟ ଘୋଷିତ ବ୍ୟକ୍ତିଙ୍କ କଥା ପୁନର୍ବିଚାର କରିବା ପାଇଁ ବିଡିଓଙ୍କ ଉଦ୍ଦେଶ୍ୟରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଶନିବାର ବ୍ଲକର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ପଞ୍ଚାୟତ ବୁଲି ଅଯୋଗ୍ୟ ବ୍ୟକ୍ତିଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଥିଲା।

# ଗିରଫ ଆଇନଜୀବୀଙ୍କୁ ମୁକୁଳାଇବା ଦାବିରେ ଧାରଣା

କଟକ ଅଫିସ,୪।୨:

ସମ୍ବଲପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ହୋଇଥିବା ଆନ୍ଦୋଳନରେ ସାମିଲ କେତେଜଣ ଆଇନଜୀବୀ ୨୦୨୨ ଡିସେମ୍ବର ୧୩ ତାରିଖରୁ ଗିରଫ ହୋଇ ଜେଲରେ ଅଛନ୍ତି। ସେମାନଙ୍କୁ ମୁକୁଳାଇବା ଦାବିରେ ଓଡ଼ିଶା ହାଇକୋର୍ଟ ନିକଟରେ ଆଇନଜୀବୀମାନେ ୪ ଓ ୫ ତାରିଖ ଦୁଇଦିନିଆ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ଆଇନଜୀବୀ ଦୀପାଳି ମହାପାତ୍ର ଅନଶନରେ ବସିଥିବାବେଳେ ଅନ୍ୟମାନେ ତାଙ୍କୁ ସମର୍ଥନ କରି ମୌନ ଧାରଣାରେ ବସିଛନ୍ତି। ଏନେଇ ଓଡ଼ିଶା ହାଇକୋର୍ଟରେ ମୁଖ୍ୟ ବିଚାରପତିଙ୍କୁ ଲିଖିତ ଭାବେ ପୂର୍ବରୁ ଅବଗତ କରାଇଥିବା ଧାରଣାକାରୀ ଆଇନଜୀବୀ ସୂଚନା ଦେଇଛନ୍ତି।



ହାଇକୋର୍ଟ ନିକଟରେ ଆଇନଜୀବୀମାନେ ଧାରଣାରେ ବସିଛନ୍ତି।

# ମଧୁବାବୁଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ ପାଇଁ ଦାବି

ସାଲେପୁର,୪।୨(ଡି.ଏନ୍.ଏ.):

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶନିବାର ଉତ୍କଳ ଗୌରବଙ୍କ ୮୯ତମ ଶ୍ରାଦ୍ଧବାର୍ଷିକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସାଲେପୁରରେ ଲୋକସେବା ଫାଉଣ୍ଡେଶନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଶ୍ରାଦ୍ଧ ଦିବସ ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେଶନ୍‌ର ଅଧ୍ୟକ୍ଷ ହିମାଂଶୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ.ନିଖିଳେଶ ମହାନ୍ତି, ଡ.ଗିରିଶ ସାହୁ, ଅଧ୍ୟାପକ ରାମଚନ୍ଦ୍ର ପାଣି, ଇଂ.ଅଲେଖ ଚନ୍ଦ୍ର ମଲ୍ଲିକ, ଡ.ଉଇଲିୟମ୍ ବେଜ, ବିଷ୍ଣୁଚରଣ ମିଶ୍ର, ଅବତନ ଷଡ଼ଙ୍ଗୀପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଓଡ଼ିଶା ପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚ ପକ୍ଷରୁ ଅନୁଷ୍ଠାନର ପ୍ରତିଷ୍ଠାତା ବିଶେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ଉତ୍କଳ ଗୌରବଙ୍କୁ ମରଣୋତ୍ତର ଭାରତରତ୍ନ ସମ୍ମାନରେ ସମ୍ମାନିତ କରାଇବା ପାଇଁ ଏକ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଦସ୍ତଖତ ଅଭିଯାନ ଶେଷ ହେବାପରେ ଏହି ଦାବିପତ୍ର ରାଷ୍ଟ୍ରପତି ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରାଯିବ। ଯେଉଁ ପର୍ଯ୍ୟନ୍ତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାରତ ରତ୍ନ ସମ୍ମାନରେ ସମ୍ମାନୀତ କରା ନ ଯାଇଛି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିବ ବୋଲି ସ୍ୱାଇଁ ପ୍ରକାଶ କରିଛନ୍ତି। ଅପରାହ୍ଣରେ ଅଟଳ ସେନା ପକ୍ଷରୁ ସ୍ଥାନୀୟ ପିକୋଲ ଗ୍ରାମରେ ରାଜ୍ୟ ଅଧ୍ୟକ୍ଷ ଦିବାକର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ଗୌରବ ମଧୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି।



ମଧୁସୂଦନ ଦାସଙ୍କର ତିରୋଧାନ ଦିବସରେ ଲୋକସେବା ଫାଉଣ୍ଡେଶନର କର୍ମକର୍ତ୍ତା ଓ ଅନ୍ୟମାନେ ।

## ଘଣ୍ଟିଖାଲ ପଞ୍ଚାୟତ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

ଖୁଣ୍ଟୁଣୀ,୪।୨(ଡି.ଏନ.ଏ.): ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଘଣ୍ଟିଖାଲ ପଞ୍ଚାୟତ ହାଇସ୍କୁଲର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ପ୍ରଧାନ ଶିକ୍ଷକ ହରେକୃଷ୍ଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀଙ୍କ ପ୍ରତିନିଧି ରଞ୍ଜନ କୁମାର ଆଚାର୍ଯ୍ୟ, ମୁଖ୍ୟବକ୍ତା ଆଠଗଡ଼ ବ୍ଲକ ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ସାମଲ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଆରତୀ ଷ୍ଟିଲ୍ କାରଖାନାର ସଭାପତି ଏଲ୍.ଟି.ପି. ନାରାୟଣ, ଜେକେ ସିମେଣ୍ଟ ପ୍ଲାଣ୍ଟର ବରିଷ୍ଠ ପରିଚାଳକ ଗିରିଷ ତିୱାରୀ, ପାରିପାର୍ଶ୍ୱିକ ଉନ୍ନୟନ ଅଧିକାରୀ ସୁଶୀଲ ରାଉତ, ଶ୍ରୀ ସିମେଣ୍ଟ କମ୍ପାନୀର ଏଜିଏମ୍ ପ୍ରଦୀପ କୁମାର ଭୋଇ, ଘଣ୍ଟିଖାଲ ସରପଞ୍ଚ ସୁଜାତା ମଞ୍ଜରୀ ରାଉତରାୟ, ସମିତି ସଭ୍ୟା ରଞ୍ଜୁବାଳା ପ୍ରଧାନ, ସାମାଜିକ କର୍ମୀ ସନ୍ତୋଷ ବେହେରା, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ମହାନ୍ତି, ଧୁରୁଷିଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ବିଶ୍ୱାଳ, ଖବରଦାତା ଶ୍ୱେତକାନ୍ତ ବେହେରା, ନୃସିଂହ ରାଉତ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଘଣ୍ଟିଖାଲ ପଞ୍ଚାୟତ ହାଇସ୍କୁଲ ଓ ନୋଡାଲ ଉ.ପ୍ରା. ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସୁକାନ୍ତ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଉ.ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସବିତା ମଞ୍ଜରୀ ପତ୍ରି ଧନ୍ୟବାଦ ଦେଇଥିଲେ। ନୀଳମଣି କଅଁର ଓ ମମତା ସାହୁ କ୍ରୀଡା ପରିଚାଳନା କରିଥିଲେ।

# ବିଦ୍ୟାଳୟ ନୂତନ ଗୃହର ଶିଳାନ୍ୟାସ



ଶିଳାନ୍ୟାସ ଉତ୍ସବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ଛାତ୍ରୀଛାତ୍ର ଓ ଅନ୍ୟମାନେ ।

ଆଠଗଡ,୪।୨(ସ୍ୱ.ପ୍ର.):

ଆଠଗଡ଼ ବ୍ଲକ ଖୁଣ୍ଟକଟା ଗ୍ରାମସ୍ଥିତ ଗୋପବନ୍ଧୁ ବାଳିକା ଉଚ୍ଚବିଦ୍ୟାଳୟର ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସରକାରଙ୍କ ତରଫରୁ ୧୦ଲକ୍ଷ ଟଙ୍କା ଓ ପ୍ରାଚୀର ନିର୍ମାଣ ପାଇଁ ୪ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଉକ୍ତ ବିଦ୍ୟାଳୟଟି ଆଠଗଡ଼ ମହାବିଦ୍ୟାଳୟ ପୁରୁଣା ଗୃହରେ ଚାଲୁଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ସ୍ଥାନୀୟ ସରପଞ୍ଚ ମନୋଜ ନାୟକ, ସମିତି ସଭ୍ୟ ଜୟଶ୍ରୀ ଦେହୁରୀ, ଅକ୍ଷୟ କୁମାର ମହାରଣା, ଅଶିନୀ ଜେନା, ପୂର୍ବତନ ଜିଲା ପରିଷଦ ସଦସ୍ୟ ନୃସିଂହ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ବିଶ୍ୱ କର୍କଟ ଦିବସ ଅବସରରେ ସ୍ଥାନୀୟ ତେଲେଙ୍ଗାପେଣ୍ଠ ସ୍ଥିତ ଏଚ୍‌ସିଜି ପଣ୍ଡା କ୍ୟାନସର ହସ୍ପିଟାଲ ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ହସ୍ପିଟାଲର ଏମ୍‌ଡି କୃପାସିନ୍ଧୁ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଆବାସ ଦୁର୍ନୀତି ପ୍ରତିବାଦରେ ବ୍ଲକ ଅଫିସ ଘେରାଉ

ନରସିଂହପୁର/ସାଲେପୁର, ୪।୨ (ସ୍ୱ.ପ୍ର./ଡି.ଏନ୍.ଏ.) :

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍ଷପାତିତା ଓ ଦୁର୍ନୀତି ହୋଇଥିବା ଅଭିଯୋଗ କରି ନରସିଂହପୁର ଓ ସାଲେପୁରରେ ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏହି ଯୋଜନାରୁ ଅନେକ ଯୋଗ୍ୟ ହିତାଧିକାରୀଙ୍କ ନାମ କଟାଯାଇ ଅଯୋଗ୍ୟମାନଙ୍କୁ ତାଲିକାଭୁକ୍ତ କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ଦଳବେହେରାଙ୍କ ନେତୃତ୍ୱରେ ହିତାଧିକାରୀ ଓ ଦଳୀୟ କର୍ମମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଏକ ରାଲିରେ ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଘେରାଉ କରିଥିଲେ। ମନୋଜ କୁମାର ପଣ୍ଡା, ବିରଞ୍ଚି ନାରାୟଣ ସାହୁ, ସନ୍ତୋଷ କୁମାର ସାହୁ, ମୋହନ ପ୍ରଧାନ, ଆଲୋକ ରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସେହିପରି ସାଲେପୁର ବ୍ଲକରେ ସାହେଶ୍ୱରୀ ମନ୍ଦିର ପରିସରରୁ ଭାଜପା କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ସହ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଗଣେଶ୍ୱର ରାଉତ, ସମ୍ରାଟ କେଶରୀ ଲେଙ୍କା, ରଞ୍ଜିତ୍ ଭୂୟାଁ, ପ୍ରମୁଖ ସାମିଲ ହୋଇଥିଲେ।




ସାଲେପୁରରେ ଭାଜପା କର୍ମୀମାନେ ବିକ୍ଷୋଭ କରୁଛନ୍ତି ।

# ଆଧାତ୍ମିକ ମାର୍ଗ ମନରେ ଶାନ୍ତି ଆଣିପାରିବ

## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ବାଙ୍କୀ,୪।୨(ସ୍ୱ.ପ୍ର.):

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓ ଶାଖାର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ତଥା ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଶନିବାର ବାଙ୍କୀ କଚେରି ପଡ଼ିଆ ମହୋତ୍ସବ ମଣ୍ଡପଠାରେ ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆଧାତ୍ମିକ ସଶକ୍ତୀକରଣ ବିଶ୍ୱଶାନ୍ତି ଅଭିଯାନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବାଙ୍କୀ କଚେରି ରୋଡ୍‌ସ୍ଥିତ ବ୍ରହ୍ମାକୁମାରୀ ଆଶ୍ରମର ସଞ୍ଚାଳିକା ବ୍ରହ୍ମାକୁମାରୀ ଗୌରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆଧାତ୍ମିକ ମାର୍ଗ ଜନସାଧାରଣଙ୍କ ମନରେ ଶାନ୍ତି ଆଣିପାରିବ ବୋଲି କହିଥିଲେ। ମହାସମାରୋହକୁ ଉପକ୍ଷେତ୍ରୀୟ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ କମଳେଶଜୀ ଉଦ୍‌ଘାଟନ କରି ଶାନ୍ତି ଓ ସଂହତିର ଆଶୀର୍ବାଦ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ




ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇଥିବା ମଞ୍ଚାସୀନ ଅତିଥିମାନେ ।

ରାଜ୍ୟ ଅତିରିକ୍ତ ସଞ୍ଚାଳିକା ବ୍ରହ୍ମାକୁମାରୀ ସୁଲୋଚନା ଯୋଗଦାନ କରି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ନୈତିକ ଓ ଆଧାତ୍ମିକ ଶିକ୍ଷା ଏବଂ ଶାନ୍ତିର ବାର୍ତ୍ତା ବରାବର ସାରା ବିଶ୍ୱକୁ ଦେଇଚାଲିଛି। ଆଧାତ୍ମିକ ମାର୍ଗ ହିଁ ଆଜିର ଯୁଗରେ ଧର୍ମର ପଥ ଦେଖାଇବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ଯୋଗଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାଙ୍କୀ ନଗରପାଳ ମାଣିକ ସାହୁ, ବ୍ରହ୍ମାକୁମାର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଫକୀରମୋହନ ଦାସ ଏବଂ ଡ୍ରିମ ଟିମ ସାହାରାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭ୍ରାତା ସୁଧାଂଶୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଜଟଣୀ କେନ୍ଦ୍ରର ବ୍ରହ୍ମାକୁମାରୀ ଜ୍ୟୋତି ଭଉଣୀ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ଶ୍ରେଷ୍ଠ ଚାଷୀ ଭାବେ ପଦନପୁରର ରବୀନ୍ଦ୍ରନାଥ ରାଉତ, ଶ୍ରେଷ୍ଠ ପରିବେଶବିତ୍ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ସାମ୍ବାଦିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର, ବାଙ୍କୀ ଓକିଲ ସଂଘ ସଭାପତି ଶ୍ରୀନିବାସ ମହାପାତ୍ର, କବି କୌଶିକ ନାୟକ, ଶ୍ରେଷ୍ଠ ସାହିତ୍ୟିକ ସୁରେଶ୍ୱର ବେହେରା ଓ ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘ ସଭାପତି ବିରଞ୍ଚି ନାରାୟଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଙ୍କୀ ପ୍ରେସ କ୍ଲବ ଓ ଏନଏସି ପକ୍ଷରୁ ରାଜଯୋଗିନୀ ବି.କେ.କମଳେଶଜୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଙ୍କୀ ଉପନଗରପାଳ ସନ୍ତୋଷ କୁମାର ରଣା, କାଉନସିଲର ସନାତନ ବେହେରା, ଜିଲା ପରିଷଦ ସଭ୍ୟା ମିନତି ମହାପାତ୍ର, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ସମ୍ପାଦକ ସୁବାସ ଚନ୍ଦ୍ର ପାଢ଼ୀ ପ୍ରମୁଖ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ବ୍ରହ୍ମାକୁମାର ଜୟକୃଷ୍ଣ ଭାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରହ୍ମାକୁମାର ବଳଭଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ। ପ୍ରତ୍ୟୁଷରେ ଓମ୍‌ଶାନ୍ତିର ଭଉଣୀଭାଇ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଶାନ୍ତିର ବାର୍ତ୍ତା ପ୍ରଦାନ କରିଥିଲେ। ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୫ ଫେବୃୟାରୀ, ୨୦୨୩



## ସଂକ୍ଷେପରେ

### ସହାୟକ ଯନ୍ତ୍ରୀଙ୍କୁ ମାଡମାରି ଯୁବକ ଗିରଫ

ଭୁବନେଶ୍ୱର,୪।୨(ବ୍ୟୁରୋ) : ବାରମ୍ବାର ନୋଟିସ ସତ୍ତ୍ୱେ ବକେୟା ବିଦ୍ୟୁତ୍ ବିଲ ନ ଦେବାରୁ ଜଣେ ଉପଭୋକ୍ତାଙ୍କ ସଂଯୋଗ ଛିନ୍ନ କରିବାକୁ ଆସିଥିବା ବିଭାଗୀୟ ସହାୟକ ଯନ୍ତ୍ରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ସଂପୃକ୍ତ ଉପଭୋକ୍ତାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ସେ ହେଲେ ୟୁନିଟ-୩ ଅଞ୍ଚଳର ଅହମ୍ମଦ ଖାନ। ତାଙ୍କ ନାଁରେ ଖାରବେଳନଗର ଥାନାରେ ପୂର୍ବରୁ ମଧ ୪ଟି ମାମଲା ରହିଥିବା ତଦନ୍ତରୁ ଜଣା ପଡିଛି । ପୋଲିସ ସୂଚନାନୁଯାୟୀ ସେକ ଏ ହୁସେନଙ୍କ ନାମରେ ଘରର ବିଦ୍ୟୁତ ବିଲ ପୈଠ ହୋଇ ନ ଥିଲା । ବକେୟା ବିଦ୍ୟୁତ ବିଲ ୧୦ହଜାର ୪୫୧ ପୈଠ ପାଇଁ ବାରମ୍ବାର ନୋଟିସ ସତ୍ତ୍ୱେ କୌଣସି ଉତ୍ତର ନ ମିଳିବାରୁ ଶୁକ୍ରବାର ଅଭିଯୋଗକାରୀ ସହାୟକ ଯନ୍ତ୍ରୀ ସୁଶାନ୍ତ କୁମାର ପୃଷ୍ଟି ଏବଂ ସହକର୍ମୀ ମାନେ ହୁସେନ ନାମରେ ଥିବା କ୍ୱାର୍ଟସ ନମ୍ବର-ଏସ୍୫୬କୁ ଯାଇ ତାଙ୍କ ଘରର ବିଦ୍ୟୁତ ସରବରାହ ଛିନ୍ନ କରିବା ବେଳେ ଅହମ୍ମଦ ସେମାନଙ୍କ ସହିତ ଝଗଡା କରିବା ଆରମ୍ଭ କରିଦେଇଥିଲା । ଏହାପରେ ଏକ ମୋଟରସାଇକେଲ ଚଳାଇ ଦଳର ସଦସ୍ୟଙ୍କୁ ଧକ୍କା ଦେବା ସହିତ ବି.ଟିକେଶ୍ୱର ରାଓଙ୍କ ବେକକୁ ଚିପି ଧରି କିଛି ବାଟ ଘୋଷାଡି ନେଇଯାଇଥିଲେ । ଯାହାଫଳରେ ସେ ଗୁରୁତର ଆହତ ହୋଇଥିଲେ । ଏହାସହ ଆଦାୟ ହୋଇଥିବା ବିଦ୍ୟୁତ ଦେୟ, ମୋବାଇଲ ଫୋନ ଏବଂ ଦଳର ସଦସ୍ୟମାନେ ଆସିଥିବା ଗାଡି ଚାବିକୁ ଛଡାଇ ନେଇଯିବା ଲାଗି ଉଦ୍ୟମ କରିଥିଲେ । ଏ ନେଇ ନିର୍ବାହି ଯନ୍ତ୍ରୀ ଶ୍ରୀ ପୃଷ୍ଟି ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ ।

### ଆଜି ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ

ପୁରୀ ଅଫିସ, ୪।୨: ପବିତ୍ର ମାଘ ପୂର୍ଣ୍ଣିମା ଅବସରରେ ରବିବାର ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହେବ। ଏହି ବେଶରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ଚତୁର୍ଭୁଜ ଏବଂ ସୁଭଦ୍ରା ଦୁଇଭୁଜ ବିଶିଷ୍ଟ ହୁଅନ୍ତି। ଚତୁର୍ହସ୍ତଧାରୀ ଶ୍ରୀଜଗନ୍ନାଥ ଉଡ୍ଡୟନରତ ଭଙ୍ଗୀରେ ଥିବା ଦୁଇଟି ପକ୍ଷ ବିଶିଷ୍ଟ ଗରୁଡ଼ ଉପରେ ପଦ୍ମାସନ ମୁଦ୍ରାରେ ବସିଥାନ୍ତି। ସେ ମହାଲକ୍ଷ୍ମୀଙ୍କୁ କୋଳରେ ଧାରଣ କରିଥାନ୍ତି। ତାଙ୍କ ଚାରିହସ୍ତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭାପାଇଥାଏ। ସେହିପରି ବଳଭଦ୍ର ଉର୍ଦ୍ଧ୍ୱ ଦୁଇ ହସ୍ତରେ ଶଙ୍ଖ ଓ ଚକ୍ର ତଥା ନିମ୍ନ ଦୁଇ ହସ୍ତରେ ହଳ ଓ ମୁଷଳ ଧାରଣ କରିଥାନ୍ତି। କୃଷ୍ଣଙ୍କ ଭଳି ଛନ୍ଦାୟିତ ଭଙ୍ଗୀରେ ସୁଭଦ୍ରା ଛିଡ଼ା ହୋଇଥାନ୍ତି। ତାଙ୍କ ହସ୍ତଦ୍ୱୟ ମୁଷ୍ଟିବଦ୍ଧ ତଥା ତଳଉପର ହୋଇ ରହିଥାଏ ଏବଂ ସେ ପଦ୍ମକଳିକା ହସ୍ତରେ ଧରିଥାନ୍ତି। ତିନି ଠାକୁର ମଥାରେ ଚୂଳ ଓ କିରୀଟ ସହ ସୁବର୍ଣ୍ଣ ନିର୍ମିତ ପଦ୍ମମାଳି, କଦମ୍ବମାଳି ପ୍ରଭୃତି ଭୂଷିତ ହୋଇଥାନ୍ତି। ମୁଖ୍ୟତଃ କାଠ, ଶୋଲ ଏବଂ ଜରିରେ ଏହି ବେଶ ନିର୍ମିତ ହେବା ସହ ଦୁଇଟି ହସ୍ତୀ ପ୍ରତିମୂର୍ତ୍ତି ବ୍ୟବହୃତ ହୋଇଥାଏ। ରତ୍ନ ସିଂହାସନ ସମ୍ମୁଖ ପୋଖରିଆରେ ଗୋଟିଏ ହସ୍ତୀ ବଳଭଦ୍ର ଏବଂ ଅନ୍ୟଟି ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଆଗରେ ରଖାଯାଏ। ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଗଜଟି ଆର୍ତ୍ତ ହରଣ ପାଇଁ ଆକୁଳ ନିବେଦନ କରୁଥିବା ଭଙ୍ଗୀରେ ରହିଥାଏ। ତା'ର ପାଦଗୁଡ଼ିକ ମଧରେ ଆକ୍ରମଣ କରୁଥିବା କୁମ୍ଭୀରର ପିତୁଳା ଥାଏ ଏବଂ ସେ ଟେକି ହୋଇଥିବା ଶୁଣ୍ଢରେ ପଦ୍ମଫୁଲ ଧରିଥାଏ।

### ୨୫ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ: ୪ ଗିରଫ

ପୁରୀ ଅଫିସ, ୪।୨: ପୁରୀ ପୋଲିସର ଏସ୍‌ଟିଏଫ୍ ଓ ବାସେଳି ସାହି ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରି ୨୫ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧରେ ଦୁଇଜଣ ମହିଳା ଓ ଦୁଇଜଣ ପୁରୁଷ ରହିଛନ୍ତି। ସେମାନେ ହେଲେ ଖୋର୍ଦ୍ଧା ଜଙ୍କିଆର ଅଜୟ ମହାପାତ୍ର(୪୧), ପ୍ରମୋଦ କୁମାର ବେହେରା(୪୭), ପୁରୀ ଟାଉନ ଥାନା ଅନ୍ତର୍ଗତ ଗୁଡ଼ିଆ ସାହିର ପ୍ରତିମା ଚୌଧୁରୀ(୨୮) ଏବଂ ପୁରୀ ଟାଉନ ଥାନା ଅଧୀନ ହାଡ଼ଗୋଡ଼ିଆ ସାହିରେ ରହୁଥିବା ଅନୁଗୋଳ ଜିଲା ଟାଉନ ଥାନା ଅର୍ନ୍ତଗତ ଛେଳିଆପଡ଼ାର ପିଙ୍କି ଷଡ଼ଙ୍ଗୀ(୨୭)। ଏମାନଙ୍କ ନିକଟରୁ ୨୫୬ ଗ୍ରାମ୍ ବ୍ରାଉନ ସୁଗାର ଜବତ ହୋଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ କହିଛି। ଏଥିସହ ୨୫୦୦ ଟଙ୍କା, ୪ଟି ମୋବାଇଲ ଫୋନ, ୨ଟି ଗାଡ଼ି ଏବଂ ଗୋଟିଏ ଓଜନ ମେଶିନ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୩୮/୨୩) ରୁଜୁ କରିଛି। ଶନିବାର ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା ଏହି ସୂଚନା ଦେଇଛନ୍ତି।

# କନ୍ତିଆରେ ସିରିଜ୍ ବୋମାମାଡ଼

- ୨ ଆହତ, ଜଣେ ଗୁରୁତର
- ୪ ବୋମା, ଟାଙ୍ଗିଆ ଜବତ: ୩ ଅଟକ
- ଜମି ବିବାଦକୁ ନେଇ ବୋମାମାଡ଼ ଚର୍ଚ୍ଚା

ଜଟଣୀ,୪।୨(ଡି.ଏନ୍.ଏ.)


ବୋମାମାଡ଼ ହୋଇଥିବା ଘଟଣାସ୍ଥଳ ।


ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ କନ୍ତିଆ ଗ୍ରାମରେ ଶନିବାର ସିରିଜ୍ ବୋମାମାଡ଼ ହୋଇଛି। ଏଥିରେ ଗ୍ରାମର ଗୋଟିଏ ପରିବାରର ତିନିଭାଇ ସଚ୍ଚିଦାନନ୍ଦ ସାମନ୍ତରାୟ, ବିଚିତ୍ରାନନ୍ଦ ସାମନ୍ତରାୟ ଏବଂ ରଚିତ୍ରାନନ୍ଦ ସାମନ୍ତରାୟ ଆହତ ହୋଇଛନ୍ତି। ତେବେ ରଚିତ୍ରାନନ୍ଦଙ୍କ ବାମ ଗୋଡ଼ ଛିଣ୍ଡି ଯାଇଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜମିଜମା ବିବାଦରୁ ଏହି ବୋମାମାଡ଼ ହୋଇଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ପୋଲିସ ଘଟଣାସ୍ଥଳରୁ ୪ଟି ବୋମା ଓ ଟାଙ୍ଗିଆ ଜବତ କରିଛି। ଏନେଇ ଗୁରୁତରଙ୍କ ସାନଭାଇ ଅଜିତ୍ ସାମନ୍ତରାୟଙ୍କ ଅଭଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୪୫/୨୩) ରୁଜୁ କରି ଉକ୍ତ ଗ୍ରାମର ଅନ୍ୟ ଏକ ପରିବାରର ୩ ଭାଇଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, କୌଣସି କାରଣକୁ ନେଇ ଶନିବାର ସକାଳେ କନ୍ତିଆ ଗ୍ରାମ ଉପରସାହିର ସାମନ୍ତରାୟ ଓ ପଡ଼ୋଶୀ ପାଇସାହାଣୀ ପରିବାର ମଧରେ ବଚସା ହେଇଥିଲା। ପରବର୍ତ୍ତୀ ସମୟରେ ଏହି ଘଟଣାକୁ ନେଇ ସ୍ଥାନୀୟ କୁକୁଡ଼ା ଫାର୍ମ ନିକଟରେ ପାଇସାହାଣୀ ପରିବାରର ତିନିଭାଇ ନାଲୁ ପାଇସାହାଣୀ, ଟୁଲୁ ଏବଂ କୁନା ପାଇସାହାଣୀ ମିଳିତଭାବେ ସାମନ୍ତରାୟ ପରିବାରର ଉପରୋକ୍ତ ତିନିଭାଇଙ୍କ ଉପରକୁ ୩ଟି ବୋମାମାଡ଼ କରିଥିଲେ। ଏଥିରେ ସଚ୍ଚିଦାନନ୍ଦ ଓ ବିଚିତ୍ରାନନ୍ଦ ସାମାନ୍ୟ ଆହତ ହୋଇଥିବା ବେଳେ ଘଟଣାସ୍ଥଳରେ ରଚିତ୍ରାନନ୍ଦଙ୍କ ବାମଗୋଡ଼ ଛିଣ୍ଡିଯିବା ସହ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ଏହା ପରେ ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ରଚିତ୍ରାନନ୍ଦଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ୪ଟି ବୋମା ସହ ଟାଙ୍ଗିଆ ଜବତ କରିଥିଲେ। ଭୁବନେଶ୍ୱର ଜୋନ-୩ ଏସିପି ରଜତ ରୟ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ କରିଥିଲେ। ଏନେଇ ଗୁରୁତରଙ୍କ ଭାଇ ଅଜିତ ଜଟଣୀ ଥାନାରେ ପାଇସାହାଣୀ ପରିବାରର ତିନିଭାଇ ଓ ତାଙ୍କ ମା'ଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଥିବା ବେଳେ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଛି।

### ୨୭ରେ ଇପିଏଫ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଭୁବନେଶ୍ୱର, ୪।୨ (ବ୍ୟୁରୋ)

ଅଲ୍ ଓଡିଶା ଇପିଏଫ ଆସୋସିଏଶନ କୋର୍ କମିଟି ବୈଠକ ଶନିବାର ବୟନିକା କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ଦାବି ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତାକୁ ବିରୋଧ କରି ୨୭ ତାରିଖରେ ଓଡିଶାର ୪ଟି ଇପିଏଫ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ଧାରଣା ଦେବାକୁ ସ୍ଥିର କରାଯାଇଛି। ଏଥିସହ ଇପିଏଫ କମିଶନରଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କମିଟିର ବହୁ ପୁରୁଣା ଦାବି ଉପରେ ଆଲୋଚନା କରାଯାଇଥିଲା। ସର୍ବନିମ୍ନ ପେନ୍‌ଶନ ୯ହଜାର ଟଙ୍କାକୁ ବୃଦ୍ଧିସହ ମହଙ୍ଗା ଭତ୍ତା ପ୍ରଦାନ ଓ ଇପିଏଫ୍ ପେନସନଭୋଗୀ ବରିଷ୍ଠ ନାଗରିକଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ବାରମ୍ବାର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଉଥିଲେ ବି କୌଣସି ସୁଫଳ ମିଳୁ ନାହିଁ। ସଂଘ ଆବାହକ ପ୍ରଫୁଲ୍ଲ ଦାସ, ନଟବର ଆଚାର୍ଯ୍ୟ, ମାୟାଧର ମଲ୍ଲିକ ଧୀରେନ୍ଦ୍ର ପ୍ରତାପ, ଅଲେଖ ଚରଣ ରାଉତ ଓ ସରୋଜକାନ୍ତ ମଲ୍ଲିକ ଉପସ୍ଥିତ ଥିଲେ।

## ନାରୀର ପରିଭାଷା ପ୍ରକାଶ କଲା 'ମେଡିଆ'

### ଜାତୀୟ ନାଟ୍ୟ ମହୋତ୍ସବ ପୂର୍ବରଙ୍ଗ ଉଦ୍‌ଯାପିତ

ଭୁବନେଶ୍ୱର,୪।୨(ବ୍ୟୁରୋ)


ନାଟକର ଏକ ଦୃଶ୍ୟ।

ନାରୀ ଅତ୍ୟାଚାରିତ। ଏହା କୌଣସି ଗୋଟିଏ ଯୁଗରେ ସୀମିତ ନଥିଲା। ବହୁ ପୂର୍ବରୁ ନାରୀମାନଙ୍କୁ ନିର୍ଯାତିତ ହେବାର ଶୁଣିବାକୁ ମିଳିଥାଏ। ବଙ୍ଗାଳୀ ଭାଷାରେ ରଚିତ ନାଟକ 'ମେଡିଆ' କାହାଣୀ କହୁଛି ନାରୀର ପରିଭାଷାକୁ ନେଇ। କାହାଣୀ ଆରମ୍ଭ ହୁଏ ଗ୍ରୀକ୍ର ଏଥେନ୍ସ ସହରରୁ। ଯେଉଁଠାରେ ପୁରୁଷମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିବା ମହିଳାମାନଙ୍କୁ ନିର୍ଯାତିତ କରି ସେମାନଙ୍କ ମୁହଁ ବନ୍ଦ କରି ଦିଆଯାଏ। ସେହି ସମୟରେ ମେଡିଆ ନାମକ ଜଣେ ରାଜକୁମାରୀ ନିଜର ପ୍ରେମ, ପ୍ରତିଶୋଧ ଓ ପ୍ରତିହିଂସା ପାଇଁ ସର୍ବ ସମ୍ମୁଖରେ ଏକ ସ୍ୱୟଂ ସମ୍ପୂର୍ଣ୍ଣ ନାରୀର ପରିଭାଷାକୁ ପ୍ରକାଶ କରିବାରେ ସକ୍ଷମ ହୋଇଥିଲା। ନାଟକର ମୁଖ୍ୟ ନାୟିକା କୋଲଚିସ୍ ରାଜ୍ୟର ରାଜକନ୍ୟା ମେଡିଆ ରାଜପୁତ୍ର ଦାସନଙ୍କୁ ବିବାହ କରିଥାନ୍ତି। ଅନ୍ୟ ପକ୍ଷରେ ରାଜପୁତ୍ର ଦାସନ ଗ୍ରୀକ୍ ରାଜକୁମାରୀ କୋରିନ୍ଥକୁ ଭଲ ପାଇ ବସନ୍ତି। ଏଥିରେ କ୍ଷୁବ୍ଧ ହୋଇ ମେଡିଆ ରାଜକୁମାର ଓ ତାଙ୍କ ୨ପୁତ୍ରଙ୍କୁ ନିଷ୍ଠୁର ଭାବେ ହତ୍ୟା କରି ଏଥେନ୍ସ ପଳାୟନ କରନ୍ତି। ପରେ ପଶ୍ଚିମ ଶାସକମାନଙ୍କର ଉପନିବେଶବାଦ ଦ୍ୱାରା ପ୍ରପିଡିତ ହୋଇ ଦୁଃଖ, ଯନ୍ତ୍ରଣା ଓ ଗ୍ଲାନି ମଧରେ ସଡ଼ି ସଡ଼ି ଗୃହଶୂନ୍ୟ ହୋଇ କିଭଳି ବ୍ୟକ୍ତିତ୍ୱର ପରାଜୟ ସ୍ୱୀକାର ନକରି ପୁରୁଷ ପ୍ରଧାନ ସମାଜର ଏକ ସ୍ୱତନ୍ତ୍ର ପରିୟ ସୃଷ୍ଟି କରି ପାରିଛନ୍ତି ତାହା ଏହି ନାଟକର କଥାବସ୍ତୁ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଓ କୋଲକାତା ଏବଂ ଓଡ଼ିଶା ନାଟ୍ୟସଂଘର ମିଳିତ ସହଯୋଗରେ ଅନୁଷ୍ଠିତ ଜାତୀୟ ନାଟ୍ୟ ମହୋତ୍ସବର ଉଦ୍‌ଯାପିତ ସନ୍ଧ୍ୟାରେ ନାଟକ ମେଡିଆ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ନାଟ୍ୟ ନିର୍ଦ୍ଦେଶକ ଧୀର ମଲ୍ଲିକ, ପ୍ରସନ୍ନ ମିଶ୍ର, ଏକାଡେମୀ ସଭାପତି ଅରୁଣା ମହାନ୍ତି, ସଚିବ ପ୍ରବୋଧ ରଥ ପ୍ରମୁଖ ଉପସ୍ଥିତ ଥିଲେ।

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ମନ୍ତ୍ରୀ

ପୁରୁଣା ଭୁବନେଶ୍ୱର,୪।୨(ଡି.ଏନ୍.ଏ.)

ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ. ୫୫ ଅନ୍ତର୍ଗତ ଗୋଷାଗରେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଅନୁଦାନରେ ପ୍ରାୟ ୨୩ ଲକ୍ଷ ଟଙ୍କାର ଅତିରିକ୍ତ ଶ୍ରେଣୀଗୃହ ଏବଂ ୧ଲକ୍ଷ ଟଙ୍କାରେ ମୋହିନୀ ଠାକୁରାଣୀ ମନ୍ଦିର ପ୍ରାଚେରି ନିର୍ମାଣକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଛନ୍ତି। ସେହିପରି କୁଞ୍ଜପାଟଣା ସାହି, ମୋହିନୀ ସାହି ଓ ରାମେଶ୍ୱର ପାଟଣାର ରାସ୍ତା ଓ ନାଳ ନିର୍ମାଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପ୍ରାୟ ୩୧ ଲକ୍ଷ ଟଙ୍କାର କାର୍ଯ୍ୟକୁ ମନ୍ତ୍ରୀ ପଣ୍ଡା ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧରେ ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ନୃପେଶ ନାୟକ, ଶିବପ୍ରସାଦ ବେହେରା, ଦାଶରଥି ଗରାବଡ୍ଡୁ, ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ନନ୍ଦ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ଦାସ, ଜୟନ୍ତ ମହାପାତ୍ର, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ନଳିନୀକାନ୍ତ ପଣ୍ଡା, ହେମାଦ୍ରି ମହାପାତ୍ର, ଅମରେନ୍ଦ୍ର ଗରାବଡ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ଖଣିରେ ଓଲଟିଲା ମାଙ୍କଡ଼ା ପଥର ବୋଝେଇ ଟ୍ରକ୍

### ପାୱାରଟିଲର ଅପରେଟର ମୃତ

ନିରାକାରପୁର,୪।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଡମଣଭୂଇଁ ଗ୍ରାମରେ ଶନିବାର ଏକ ଦୁଃଖଦ ଘଟିଣା ଘଟିଛି। ଉକ୍ତ ଗ୍ରାମରେ ଥିବା ଖଣିରେ ଏକ ଟ୍ରକ୍ ମାଙ୍କଡ଼ା ପଥର ଲୋଡ୍ କରି ଉଠୁଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ସେଠାରେ ପାୱାର ଟିଲର ଅପରଟେର ଭାବେ କାର୍ଯ୍ୟ କରୁଥିବା ଗୟାବନ୍ଧ ଗ୍ରାମର ମନସୁର ଅଲ୍ଲୀ(୪୪)ଙ୍କ ଉପରେ ଟ୍ରକଟି ଓଲଟି ପଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ଲୋକେ ମନସୁରଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ମୃତକଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ଆୟଉପୁର ପଞ୍ଚାୟତସ୍ତରୀୟ ସଂଘର ବାର୍ଷିକୋତ୍ସବ


ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଗମ୍ଭାରୀମୁଣ୍ଡା,୪।୨(ଡି.ଏନ୍.ଏ.)

ବାଣପୁର ବ୍ଲକ ଆୟଉପୁର ପଞ୍ଚାୟତ ସ୍ତରୀୟ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାନେତ୍ରୀ ବିଷ୍ଣୁପ୍ରିୟା ଜଗଦେବରାୟଙ୍କ ନେତୃତ୍ୱରେ ଏକ ସଭା ହୋଇଥିଲା। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲାପରିଷଦ ଉପସଭାପତି ଗୋପୀନାଥ ମହାରଣା, ଅତିଥିଭାବେ ବ୍ଲକ ଡିପିଏମ ଶିବଶଙ୍କର ଜାଲ୍ଲୀ, ଡିଆରସି ରଶ୍ମିତା ଇନ୍ଦ୍ରଜିତ, ପୂଜା ବେହେରା, ଗୋବିନ୍ଦ ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ଋଣ, ତାହାର ସଫଳ ବିନିଯୋଗ ଉପରେ ମିଶନ ଶକ୍ତିର ସଦସ୍ୟମାନଙ୍କୁ ବୁଝାଇଥିଲେ। ଛେଳି ଚାଷ, ଗୋପାଳନ, ପାଉଁରୁଟି ତିଆରି ଓ ମତ୍ସ୍ୟ ଚାଷ ଆଦି ସଫଳ ଭାବେ କରିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ଆର୍ଥିକ ପୋତ୍ସାହନ ରାଶି ଦିଆଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟକ୍ରମ ଉପରେ ପର୍ଯ୍ୟବେକ୍ଷିତ ଏକ ନାଟକକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ମହେଶ୍ୱର ଜେନା ନିର୍ଦ୍ଦେଶନା ଦେଇଥିଲେ। ଉକ୍ତ ବାର୍ଷିକ ଉଛବରେ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ।

## ସରିଲା ଧର୍ମସଭା, ଆଜି ଅଗ୍ନି ଉତ୍ସବ

ଭୁବନେଶ୍ୱର,୪।୨ (ବ୍ୟୁରୋ)

### ଖଣ୍ଡଗିରିରୁ ବାହୁଡ଼ିବେ ସାଧୁ ସନ୍ନ୍ୟାସୀ

ଖଣ୍ଡଗିରି ପାହାଡ଼ରେ ଚାଲିଥିବା ନବଦିନାତ୍ମକ କୁମ୍ଭମେଳାର ଅଷ୍ଟମ ଦିନରେ ସାଧୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ସାରା ଓଡ଼ିଶାରୁ ଶତାଧିକ ସନ୍ନ୍ୟାସୀ ସାମିଲ ହୋଇଥିଲେ। ସନାତନ ଧର୍ମର ପ୍ରଚାରକମାନେ ବିଗ୍ରହ ନେଇ ଆସିଥିଲେ। ବିଗ୍ରହଗୁଡ଼ିକର ପୂଜା କରାଯିବା ପରେ ସମୂହ ପ୍ରାର୍ଥନା କରାଯାଇଥିଲା। ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ଏହି ଧର୍ମସଭା ଅନୁଷ୍ଠିତ ହୋଇଥିଲା। ନାଗା ବାବାମାନଙ୍କୁ ବାଦଦେଲେ ପାହାଡ଼ରେ ଗତ ୮ଦିନ ଧରି ଯଜ୍ଞବିଧିରେ ନିମଗ୍ନ ଥିବା ସାଧୁ ସନ୍ନ୍ୟାସୀମାନେ ମଧ ଏହି ସଭାରେ ଯୋଗଦେଇଥିଲେ। ସାଧୁମାନେ ସନାତନ ଧର୍ମର ପ୍ରଚାର ତଥା ବିଶ୍ୱର କଲ୍ୟାଣ ଦିଗରେ ନିଜ ମତ ରଖିଥିଲେ। ବାରଭୂଜା ମ୍ୟାନେଜିଂ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ତଥା ପୂର୍ବତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ, ସମ୍ପାଦକ ତଥା ପୂର୍ବତନ କର୍ପୋରେଟର ରଘୁ ମହାନ୍ତି, କୋଷାଧକ୍ଷ ଦିନବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ମାଘ ପୂର୍ଣ୍ଣିମା ଅବସରରେ ମହାଆଡ଼ମ୍ବରରେ ଅଗ୍ନି ଉତ୍ସବ ପାଳନ କରାଯିବ। ଏହାସହ ୯ଦିନ ଧରି ବାରଭୂଜା ପୀଠସ୍ଥିତ ହନୁମାନ ମନ୍ଦିରରେ ପ୍ରାଙ୍ଗଣରେ ଚାଲିଥିବା ରାମଚରିତ ମାନସ ପାଠ ଉଦ୍‌ଯାପିତ ହେବ। ଶ୍ରୀରାମ ଅଭିଷେକ ସହ ବିଧି ସମାପନ ହେବ। ସେହିପରି ଅନନ୍ତଗୁମ୍ଫା ସମ୍ମୁଖରେ ଚାଲଇଥିବା ମହାଯଜ୍ଞର ମଧ ପୂର୍ଣ୍ଣାହୂତି ଅନୁଷ୍ଠିତ ହେବ। ଏହାପରେ ଏଠାରେ ତପସ୍ୟା କରୁଥିବା ସମସ୍ତ ସାଧୁ ବିଦାୟ ନେବେ। ଅନ୍ୟପଟେ ୬ଟି ପେଣ୍ଡାଲରେ ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ଯାତ୍ରା ଚାଲିବ। ସେପର୍ଯ୍ୟନ୍ତ ମିନାବଜାର ମଧ କିଣାବିକା ଜାରି ରହିବ।

### ଶ୍ରୀମଦ୍ ଭାଗବତ ପାରାୟଣ, ଶ୍ରୀମହାରୁଦ୍ର ଯଜ୍ଞ

ନିରାକାରପୁର,୪।୨(ଡି.ଏନ୍.ଏ.)

ନିରାକାରପୁର ପଞ୍ଚାୟତ ପାଣ୍ଡବପାଟଣା ଗ୍ରାମସ୍ଥିତ କପିଳେଶ୍ୱର ଦେବଙ୍କ ଗାଦିପୀଠରେ ଶ୍ରୀମଦ୍‌ଭାଗବତ ପାରାୟଣ ଓ ମହାରୁଦ୍ର ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମାନସିକଧାରୀ ନିକଟ ପୁଷ୍କରିଣୀରୁ ପାଣି ଉଠାଇ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନା କରିଥିଲେ। ପ୍ରତ୍ୟେକ ଦିନ ଭାଗବତ ପାରାୟଣ, ସୂର୍ଯ୍ୟପୂଜା ହୋଇଥିବା ବେଳେ ଶନିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ଯୋଗ ଦେଇଥିଲେ।


ବିଶିଷ୍ଟ ସାହିତ୍ୟିକ ତଥା ପଦ୍ମଶ୍ରୀ ସମ୍ମାନ ପାଇବାକୁ ଯାଉଥିବା ଅନ୍ତର୍ଯ୍ୟାମୀ ମିଶ୍ର ଶନିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଉତ୍ତରୀୟ ଓ ଶ୍ରୀଜଗନ୍ନାଥଙ୍କ ପଟୋଚିତ୍ର ପ୍ରଦାନ କରି କହିଛନ୍ତି, ଓଡ଼ିଆ ଭାଷା, ସାହିତ୍ୟର ପ୍ରସାରରେ ମିଶ୍ରଙ୍କ ଅବଦାନ ସମସ୍ତଙ୍କୁ ନିଶ୍ଚୟ ପ୍ରେରଣା ଯୋଗାଇବ। ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ଏପରି ଉଦ୍ୟମ ଜାରି ରଖିବା ସହ ସେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ବେଣାବୁଦାରୁ ନରକଙ୍କାଳ ଠାବ

### ପୋଲିସ, ସାଇଣ୍ଟିଫିକ ଟିମ୍‌ର ୮ଘଣ୍ଟା ତଦନ୍ତ

ଗୋପ,୪।୨(ଡି.ଏନ୍.ଏ.)


ମୁଗେଇ ନଦୀବନ୍ଧ କଡ଼ ବେଣାବୁଦା ମୂଳରେ ପଡ଼ିଥିବା ନରକଙ୍କାଳ।

ପୁରୀ ଜିଲା ଗୋପ ଥାନା ଅଧୀନ ଡଭାର ପଞ୍ଚାୟତର ମୁଗେଇ ନଦୀବନ୍ଧ ନିକଟସ୍ଥ ଏକ ବେଣାବୁଦାରୁ ଗୋଟିଏ ନରକଙ୍କାଳ ଶନିବାର ଠାବ ହୋଇଛି। ଖବରପାଇ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି କଙ୍କାଳ ଜବତ କରିବା ସହ ପ୍ରାୟ ୮ ଘଣ୍ଟା ଧରି ତଦନ୍ତ କରିଥିଲେ। ତେବେ କଙ୍କାଳଟି କାହାର ଜଣାପଡ଼ି ନ ଥିବାବେଳେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୩) ରୁଜୁ କରିଛି। ସୂଚନା ଅନୁଯାୟୀ, ଶନିବାର ସକାଳେ ପ୍ରାୟ ସାଢ଼େ ୬ଟା ସମୟରେ ମୁଗେଇ ନଦୀବନ୍ଧ କଡ଼ ନିକଟରେ ଜଣେ ଗାଈ ଚରାଳି ଗାଈକୁ ଚରାଇବାକୁ ନେବାବେଳେ ଗୋଟିଏ ନରକଙ୍କାଳ ପଡ଼ିଥିବା ଦେଖିଥିଲେ।

ଖବରପାଇ ଗୋପ ଥାନାଧିକାରୀ ସୁନୀଲ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି କଙ୍କାଳରେ ହାପ ପ୍ୟାଣ୍ଟ ସହ ଗଞ୍ଜି ଲାଗିଥିବା ଦେଖି କେହି ହତ୍ୟା କରି ଏଠି ଫୋପାଡ଼ି ଥିବା ସନ୍ଦେହ କରି ପୋଲିସ ଜିଲା ସାଇଣ୍ଟିଫିକ ଟିମ୍‌କୁ ଜଣାଇଥିଲେ। ପରେ ପୁରୀରୁ ୪ଜଣିଆ ସାଇଣ୍ଟିଫିକ ଟିମ୍ ପହଞ୍ଚି ପ୍ରାୟ ୮ ଘଣ୍ଟା ଧରି ତଦନ୍ତ କରିବା ପରେ ପୋଲିସ ମୁଣ୍ଡ, କଙ୍କାଳ, ଗୋଡ଼, ହାତ ସହିତ ପ୍ୟାଣ୍ଟ, ଗଞ୍ଜି ମଧ ଜବତ କରିଛନ୍ତି। ତେବେ ଏହି ନରକଙ୍କାଳଟି ପ୍ରାୟ ୧ ମାସ ହେବ ଏଠାରେ ପଡିଥିବା ସାଇଣ୍ଟିଫିକ ଟିମ୍ ଅନୁମାନ କରିଛନ୍ତି।

ନର କଙ୍କାଳଟି ଗୋଟିଏ ପୁରୁଷ ଲୋକର ହୋଇଥିବା ବେଳେ ବୟସ ୩୫/୪୦ରୁ ହେବ। ଏହି ମୁଗେଇ ନଦୀବନ୍ଧ ବେଣାବୁଦା ଅଞ୍ଚଳଟି ନିକାଞ୍ଚନ ହୋଇଥିବା ବେଳେ ବିଷଧର ସାପ ଥିବାରୁ ଏଠାକୁ କେହି ଆସନ୍ତି ନାହିଁ। ତେଣୁ କେହି ଦୁର୍ବୃତ୍ତ ହତ୍ୟା କରିବା ପରେ ଏଠି ଫିଙ୍ଗି ଦେଇଥିବେ ବୋଲି କୁହାଯାଇଛି। ଏପରି ଘଟଣା ଅଞ୍ଚଳରେ ପ୍ରଥମ ହୋଇଥିବାରୁ ପଞ୍ଚାୟତ ସହିତ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅନ୍ୟପଟେ ପୋଲିସ ଜବତ ନରକଙ୍କାଳକୁ ପୁରୀକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଥିବା ଗୋପ ଥାନାଧିକାରୀ ପ୍ରଧାନ କହିଛନ୍ତି। ଏପରିକି ନରକଙ୍କାଳ ଜବତ ସମ୍ପର୍କରେ ଜିଲାର ସମସ୍ତ ଥାନାକୁ ସୂଚନା ଦିଆଯାଇଛି। କାଳେ କିଏ ନିଖୋଜ ଥିବ ବା ହତ୍ୟାକାଣ୍ଡ ଘଟିଥିବ ସେ ସମ୍ପର୍କରେ ତଦନ୍ତ ଚାଲିଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଆଜି ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ



**ପୁରୀ ଅଫିସ, ୪।୨:** ପବିତ୍ର ମାଘ ପୂର୍ଣ୍ଣିମା ଅବସରରେ ରବିବାର ଶ୍ରୀମନ୍ଦିରରେ ମଧାହ୍ନ ଧୂପ ପରେ ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହେବ। ଏହି ବେଶରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ଚତୁଃହସ୍ତ ଏବଂ ସୁଭଦ୍ରା ଦୁଇଭୁଜ ବିଶିଷ୍ଟ ହୁଅନ୍ତି। ଚତୁଃହସ୍ତଧାରୀ ଶ୍ରୀଜଗନ୍ନାଥ ଉଡ୍ୟନରତ ଭଙ୍ଗୀରେ ଥିବା ଦୁଇଟି ପକ୍ଷ ବିଶିଷ୍ଟ ଗରୁଡ଼ ଉପରେ ପଦ୍ମାସନ ମୁଦ୍ରାରେ ବସିଥାନ୍ତି। ସେ ମହାଲକ୍ଷ୍ମୀଙ୍କୁ କୋଳରେ ଧାରଣ କରିଥାନ୍ତି। ତାଙ୍କ ଚାରିହସ୍ତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭାପାଇଥାଏ। ସେହିପରି ବଳଭଦ୍ର ଉର୍ଦ୍ଧ୍ୱ ଦୁଇ ହସ୍ତରେ ଶଙ୍ଖ ଓ ଚକ୍ର ତଥା ନିମ୍ନ ଦୁଇ ହସ୍ତରେ ହଳ ଓ ମୁଷଳ ଧାରଣ କରିଥାନ୍ତି। କୃଷ୍ଣଙ୍କ ଭଳି ଛନ୍ଦାୟିତ ଭଙ୍ଗୀରେ ସୁଭଦ୍ରା ଛିଡ଼ା ହୋଇଥାନ୍ତି। ତାଙ୍କ ହସ୍ତଦ୍ୱୟ ମୁଷ୍ଟିବଦ୍ଧ ତଥା ତଳଉପର ହୋଇ ରହିଥାଏ ଏବଂ ସେ ପଦ୍ମକଳିକା ହସ୍ତରେ ଧରିଥାନ୍ତି। ତିନି ଠାକୁର ମଥାରେ ଚୂଳ ଓ କିରୀଟ ସହ ସୁବର୍ଣ୍ଣ ନିର୍ମିତ ପଦ୍ମମାଳି, କଦମ୍ବମାଳି ପ୍ରଭୃତି ଭୂଷିତ ହୋଇଥାନ୍ତି। ମୁଖ୍ୟତଃ କାଠ, ଶୋଲ ଏବଂ ଜରିରେ ଏହି ବେଶ ନିର୍ମିତ ହେବା ସହ ଦୁଇଟି ହସ୍ତୀ ପ୍ରତିମୂର୍ତ୍ତି ବ୍ୟବହୃତ ହୋଇଥାଏ। ରତ୍ନ ସିଂହାସନ ସମ୍ମୁଖ ପୋଖରିଆରେ ଗୋଟିଏ ହସ୍ତୀ ବଳଭଦ୍ର ଏବଂ ଅନ୍ୟଟି ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଆଗରେ ରଖାଯାଏ। ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଗଜଟି ଆର୍ତ୍ତ ହରଣ ପାଇଁ ଆକୁଳ ନିବେଦନ କରୁଥିବା ଭଙ୍ଗୀରେ ରହିଥାଏ। ତା'ର ପାଦଗୁଡ଼ିକ ମଧରେ ଆକ୍ରମଣ କରୁଥିବା କୁମ୍ଭୀରର ପିତୁଳା ଥାଏ ଏବଂ ସେ ଟେକି ହୋଇଥିବା ଶୁଣ୍ଢରେ ପଦ୍ମଫୁଲ ଧରିଥାଏ।

# ହାଇକୋର୍ଟ ଯିବ ଶ୍ରୀମନ୍ଦିର ପ୍ରଶାସନ

**ଖୋର୍ଦ୍ଧା ଅଫିସ,୪।୨**



ଖୋର୍ଦ୍ଧାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଖଣିଜ ସମ୍ପଦର ସୁରକ୍ଷାରେ ଅବହେଳା ନେଇ ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି) ଶ୍ରୀମନ୍ଦିର ପ୍ରଶାସନକୁ ୧୨ କୋଟି ଟଙ୍କା ଭରଣା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଟଙ୍କା ଖୋର୍ଦ୍ଧା ଜିଲା ପ୍ରଶାସନକୁ ପ୍ରଦାନ କରାଯିବ। ଉକ୍ତ ଅର୍ଥରେ ଖୋର୍ଦ୍ଧା ଜିଲା ପ୍ରଶାସନ ଖଣିର ପୁନରୁଦ୍ଧାର, ନବୀକରଣ କାର୍ଯ୍ୟ କରିବାକୁ ଏନ୍‌ଜିଟିର ନିର୍ଦ୍ଦେଶ ରହିଥିଲା। ତେବେ ୧୨କୋଟି ଭରଣାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପ୍ରଶ୍ନ ଉଠାଇଛି। ଏପରି କି ନିକଟରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା ହୋଇଥିଲା। ତେବେ ଏ ସମ୍ପର୍କରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ ପରିଚାଳକ ବୀର ବିକ୍ରମ ଯାଦବ ସ୍ପଷ୍ଟ କରିଥିଲେ। ତେବେ ୨୦୨୨ ଅକ୍ଟୋବରରେ ଏନ୍‌ଜିଟି ଉପରୋକ୍ତ ରାୟ ଶୁଣାଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି। ମହାପ୍ରଭୁଙ୍କ ଖଣିଜ ସମ୍ପଦକୁ ସୁରକ୍ଷା ଦେବାରେ ଅବହେଳା କରିଥିବା ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କଠାରୁ ଏହି ଟଙ୍କା ଆଦାୟ କରିବା ଲାଗି ବିଭିନ୍ନ ମହଲରେ ଦାବି ହେଉଛି। ଅନ୍ୟପଟେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ହାଇକୋର୍ଟରେ କେସ୍ ଫାଇଲ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରକାଶ ଯେ, ଶ୍ରୀମନ୍ଦିର ପ୍ରଶାସନ ପ୍ରତିବର୍ଷ ପଥର ଖଣି ଲିଜ୍ ଦେଉଥିବା ବେଳେ ଏହାର ସୁରକ୍ଷା ପ୍ରତି କୌଣସି ଗୁରୁତ୍ୱ ଦେଉନାହିଁ। ଜିଲା ପ୍ରଶାସନର ମଧ ଏଥିପ୍ରତି ଆନ୍ତରିକତା ଅଭାବ ରହିଛି। ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ହରିଲୁଟ୍ ଚାଲିଥିବା ବେଳେ ଉଭୟ କେବଳ ପରସ୍ପର ପ୍ରତି ଦୋଷ ଲଦି ନିଜ ଉପରୁ ଦାୟିତ୍ୱ ଖସାଉଛନ୍ତି। ଶ୍ରୀମନ୍ଦିର ସମ୍ପତ୍ତିର ସୁରକ୍ଷା ଲାଗି ଜିଲା ପ୍ରଶାସନ କିମ୍ବା ଶ୍ରୀମନ୍ଦିର ପ୍ରଶାସନର ଆନ୍ତରିକତା ନାହିଁ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା କହିଛନ୍ତି, ଏନ୍‌ଜିଟିର ରାୟ ଉପରେ ଗତ ପରିଚାଳନା ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ଏହା ବିରୋଧରେ ଆଇନଗତ ପଦକ୍ଷେପ ଲାଗି ନିଷ୍ପତ୍ତି ନିଆଯାଇଛି। ରିପୋର୍ଟକୁ ତର୍ଜମା କରାଯାଇ ହାଇକୋର୍ଟଙ୍କ ଆଶ୍ରୟ ନିଆଯିବ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି।

**ଖୋର୍ଦ୍ଧା ପ୍ରଶାସନକୁ ୧୨ କୋଟି ଭରଣା ନେଇ ଏନ୍‌ଜିଟି ନିର୍ଦ୍ଦେଶ ପ୍ରସଙ୍ଗ**

## 'ଉଚ୍ଚମାନର ଯାତ୍ରୀ ସୁବିଧା ଯୋଗାଇବାକୁ ଗୁରୁତ୍ୱାରୋପ'



ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ ଶର୍ମା ରେଳ ଷ୍ଟେଶନ ନିରୀକ୍ଷଣ କରୁଛନ୍ତି।

**ଭୁବନେଶ୍ୱର,୪।୨**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଶନିବାର ଭୁବନେଶ୍ୱର ଓ ପୁରୀ ରେଳ ଷ୍ଟେଶନ ନିରୀକ୍ଷଣ କରିବା ସହ ପୁରୀ ଷ୍ଟେଶନ ନିକଟସ୍ଥ ଟ୍ରେନ୍ କୋଚ୍ ରକ୍ଷଣାବେକ୍ଷଣ ଡିପୋ ମଧ ଯାଞ୍ଚ କରିଛନ୍ତି। ସେହିଭଳି ଯାତ୍ରୀମାନଙ୍କ ସୁବିଧା ପାଇଁ ଟ୍ରେନ୍ କୋଚରେ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧାଗୁଡ଼ିକର ମଧ ଶର୍ମା ଯାଞ୍ଚ କରିଛନ୍ତି। ଏପରିକି ଶର୍ମା ଭୁବନେଶ୍ୱର ଷ୍ଟେଶନ ପରିଦର୍ଶନ ସହ ସେଠାରେ ଜାରି ରହିଥିବା ରେଳ ଷ୍ଟେଶନ କାର୍ଯ୍ୟ ସମୀକ୍ଷା କରିଥିଲେ। ବିଶେଷକରି ଭୁବନେଶ୍ୱରଠାରେ ଷ୍ଟେଶନ ବିଲଡିଂ ନିର୍ମାଣ କାର୍ଯ୍ୟ ଅନ୍ତର୍ଭୁକ୍ତ ଥିବାବେଳେ ଆନୁଷଙ୍ଗିକ ଯାତ୍ରୀ ସୁବିଧା ଓ ପରିସେବା ସ୍ଥାନ ପାଇବ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିପରି ପୁରୀ ରେଳ ଷ୍ଟେଶନର ବିଶ୍ୱ ସ୍ତରୀୟ ଭିତ୍ତିଭୂମି ଏବଂ ଆଧୁନିକ ଯାତ୍ରୀ ସୁବିଧା ସହିତ ପୁନଃ ବିକାଶ ପାଇଁ ଚାଲିଥିବା କାର୍ଯ୍ୟଗୁଡ଼ିକର ସମୀକ୍ଷା କରିବା ସହିତ ଉକ୍ତ ପ୍ରକଳ୍ପ କାର୍ଯ୍ୟକୁ ଏକ ଆଦର୍ଶ ନିର୍ମାଣ କାର୍ଯ୍ୟ କରାଇବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ଉଚ୍ଚମାନର ଯାତ୍ରୀ ସୁବିଧା ଯୋଗାଇବା ଉପରେ ଗୁରୁତ୍ୱାରୋପ କରି ଶର୍ମା ଉପଯୁକ୍ତ ପରିଷ୍କାର ପରିଚ୍ଛନ୍ନତା ଏବଂ କୋଚର ସ୍ୱଚ୍ଛତା ବଜାୟ ରଖିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏପରିକି ପିଟ୍ ଲାଇନ୍ ଯାଞ୍ଚ କରିବା ସମୟରେ ଶର୍ମା କୋଚ୍‌ଗୁଡିକର ସଫେଇ କାର୍ଯ୍ୟ, ଚାର୍ଜିଂ, ପାଣି ଭରିବା ସହିତ କୋଚ୍ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିବା ସହ ଟ୍ରେନ ରେକ ର ପ୍ରତ୍ୟେକ କୋଚ୍ ଗୁଡିକର ସହଜ ସୁବିଧା ଯୋଗାଇବା ପାଇଁ ଆବଶ୍ୟକ ସୁବିଧା ପ୍ରଦାନ କରିବାକୁ କହିଛନ୍ତି। ଏହି ନିରୀକ୍ଷଣ ସମୟରେ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ରିଙ୍କେଶ ରାୟଙ୍କ ସହ ପୂର୍ବତଟ ରେଳପଥ ମୁଖ୍ୟାଳୟ ଏବଂ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ବରିଷ୍ଠ ଅଧିକାରୀମାନେ ଶର୍ମାଙ୍କୁ ସହାୟତା କରିଥିଲେ।



ରାଜ୍ୟସ୍ତରୀୟ ସବ୍‌ଜୁନିୟର ଜୁଡ଼ୋ ପ୍ରତିଯୋଗିତାରେ ଅତିଥିଙ୍କ ସହ ପୁରସ୍କୃତ ହୋଇଥିବା ଖେଳାଳିମାନେ।

## ଉତ୍କଳ ଗୌରବ ମଧୁସୂଦନଙ୍କ ସ୍ମୃତିଚାରଣ

**ପୁରୀ ଅଫିସ, ୪।୨**

ଉର୍ଜାବାନ ଓଡ଼ିଶା ପରିବାର ପକ୍ଷରୁ ଶନିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଛି। ସ୍ଥାନୀୟ ବାର୍ ଆସୋସିଏଶନ ନିକଟରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସ୍ମୃତି ଚାରଣ କରାଯାଇଥିଲା। ମଧୁବାବୁଙ୍କ ଉଦ୍ୟମ ଯୋଗୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ତଥା ଓଡ଼ିଆ ରୂପେ ଆଜି ଯେଉଁ ପରିଚୟ ଆମେ ଦେଉଛୁ, ସେଥିପ୍ରତି ତାଙ୍କର ଅବଦାନ ଅତୁଳନୀୟ ବୋଲି ସଭାପତି ସନ୍ତୋଷ ସେନାପତି କହିଥିଲେ। ତେଣୁ ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ସମସ୍ତେ ଏକ ହେବା ଉଚିତ ବୋଲି ସେ ପ୍ରକାଶ କରିଥିଲେ। ସମ୍ପାଦିକା ନିହାରିକା ତ୍ରିପାଠୀ, ସାଇ ସମ୍ପନ୍ନା ପାତ୍ର, କୋଷାଧକ୍ଷ ସୀତାରାମ ସେନାପତି, ଜିତେନ୍ଦ୍ର ପାତ୍ର ଏବଂ ଅଶ୍ୱିନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ସବ୍‌ଜୁନିୟର ଜୁଡ଼ୋ | ପୁରୀ ଟିମ୍ ଜିତିଲା ୧୫ ପଦକ

**ପୁରୀ ଅଫିସ, ୪।୨**

ଭୁବନେଶ୍ୱରସ୍ଥିତ ଭଞ୍ଜ କଳା ମଣ୍ଡପରେ ଗତ ୨ତାରିଖରେ ରାଜ୍ୟସ୍ତରୀୟ ସବ୍-ଜୁନିୟର ଓ କ୍ୟାଡେଟ୍ ପର୍ଯ୍ୟାୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଓଜନ ବିଭାଗରେ ପୁରୀ ଜୁଡ଼ୋକାମାନେ ୬ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୪ଟି କାଂସ୍ୟ ପଦକ ଜିତିବା ସହ ଓଡ଼ିଶା ଜୁଡ଼ୋ ସ୍କୁଲ ପକ୍ଷରୁ ଖେଳି ଦଳଗତ ଚାମ୍ପିୟନ୍ ହୋଇଛନ୍ତି। ସବ୍ ଜୁନିୟର ୩୫ କିଲୋ ବର୍ଗରେ ନିଖିଲ କୁମାର ସାହୁ, ୫୦ କିଲୋ ବର୍ଗରେ ଏସ୍. କ୍ରିଷ୍ଣା ରେଡ୍ଡୀ, ୫୫ କିଲୋ ବର୍ଗରେ ରତ୍ନାକର ମହାକୁଡ଼, ୬୦ କିଲୋ ବର୍ଗରେ ଦେବଦତ୍ତ ରାୟ ସ୍ୱର୍ଣ୍ଣ ପଦକ ଜିତି ଥିବାବେଳେ କ୍ୟାଡେଟ ବର୍ଗରେ ୫୦ କିଲୋ ଓଜନରେ ତିଲୁ ବରାଳ ଏବଂ ୮୧ କିଲୋ ବର୍ଗରେ ରୁଦ୍ର ପ୍ରସାଦ ପଣ୍ଡା ସ୍ୱର୍ଣ୍ଣ ପଦକ ଜିତି ପୁରୀ ପାଇଁ ଗର୍ବ ଆଣିଛନ୍ତି। ପ୍ରତିଯୋଗିତା ପୂର୍ବରୁ ଓଡ଼ିଶାର ପ୍ରଥମ ମହିଳା ଜୁଡୋ କୋଚ୍ ସବିତା ନନ୍ଦଙ୍କ ତତ୍ତ୍ୱାବଧାନରେ ଜୁଡ଼ୋ ଖେଳାଳୀମାନେ ବଳିଆପଣ୍ଡାସ୍ଥିତ ବେଟ୍ରିକ୍ସ ବିଦ୍ୟାଳୟ ଏବଂ ପୁରୀ ଜିଲା ସ୍କୁଲ ପରିସରରେ ନିୟମିତ ଅଭ୍ୟାସ କରୁଥିଲେ। ଏହି ସଫଳତାରେ ଜୁଡ଼ୋ କୋଚ୍ ନନ୍ଦ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଖୁସି ବ୍ୟକ୍ତ କରିଛନ୍ତି। ଚଳିତ ମାସ ୧୭ତାରିଖରେ ଚେନ୍ନାଇରେ ହେବାକୁ ଥିବା ଜାତୀୟ ସ୍ତରୀୟ ପ୍ରତିଯୋଗିତା ପାଇଁ ପଦକ ବିଜେତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବେଟ୍ରିକ୍ସ ବିଦ୍ୟାଳୟ ପରିସରରେ ଶନିବାର ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଫାଦର ସାଇମନ୍ ଲାକ୍ରା ଯୋଗଦେଇ ପଦକ ଜିତିଥିବା ନିଜ ବିଦ୍ୟାଳୟର ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ କୋଚ୍ ଏବଂ ସିନିୟର ଖେଳାଳୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ପୁରୀରେ ଜୁଡ଼ୋ ଭିତ୍ତିଭୂମିର ବିକାଶ ହେଲେ ଜୁଡ଼ୋର ଚାହିଦା ବୃଦ୍ଧି ହେଇପାରିବ ବୋଲି ମତ ପ୍ରକାଶ ପାଇଥିଲା।

## ଆବାସ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ,୪।୨: ପୁରୀ ଚନ୍ଦନପୁର ଥାନା ଅନ୍ତର୍ଗତ ବୀରବଳଭଦ୍ର ପଞ୍ଚାୟତର ଗରିବ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବାସ ଯୋଗାଇ ଦେବାକୁ ଦାବି କରି ଶନିବାର ପଞ୍ଚାୟତର ଅଧିବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଦାବିପତ୍ରରେ ଉଲେଖ କରିଛନ୍ତି ଯେ, ପଞ୍ଚାୟତର ପିଏମ୍‌ଓ ଯୋଜନାରେ କେତେକ ଅଯୋଗ୍ୟ ହିତାଧିକାରୀ ଦଳୀୟ ଭିତ୍ତିରେ ଆବାସ ଯୋଜନା ପାଇଛନ୍ତି। କିନ୍ତୁ ଦୁଃଖର ବିଷୟ ଯେଉଁ ହିତାଧିକାରୀମାନେ ଆବାସ ପାଇବାକୁ ଯୋଗ୍ୟ ସେମାନଙ୍କୁ ମିଳୁନାହିଁ। ଫନୀ ବାତ୍ୟାରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ଘର, ପଲିଥିନ ଭିତରେ ଜୀବନ କାଟୁଥିବା ଗରିବଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ତେଣୁ ସମସ୍ତ ଘଟଣାକୁ ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଆବସ ଯୋଜନା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଯଦି ପ୍ରଶାସନ ୯ ତାରିଖରେ ସେମାନଙ୍କ ନାମ ପ୍ରକାଶ ନ କରେ ତେବେ ଅଧିବାସୀ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ସୂଚନା ଦେଇଛନ୍ତି। ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କ ଆଧାର ନମ୍ବର ଅଧିବାସୀଙ୍କ ପକ୍ଷରୁ ଦାବିପତ୍ର ମାଧମରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।



ଆବାସ ଯୋଜନାରୁ ବଞ୍ଚିତ ବୀର ବଳଭଦ୍ରପୁରର ହିତାଧିକାରୀମାନେ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

## ସାଇ ଇଣ୍ଟିଗ୍ରାଲ ସ୍କୁଲର ବାର୍ଷିକୋତ୍ସବ

**ପିପିଲି,୪।୨(ଡି.ଏନ୍.ଏ.)**

ପିପିଲିସ୍ଥିତ ସାଇ ଇଣ୍ଟିଗ୍ରାଲ ସ୍କୁଲର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଅଧକ୍ଷା ସୁନନ୍ଦା ଦାସ ଅଧକ୍ଷତା କରିଥିଲେ। ବିଧାୟକ ରୁଦ୍ର ପ୍ରତାପ ମହାରଥୀ ମୁଖ୍ୟ ଅତିଥି, ଏନ୍‌ଏସି ଅଧକ୍ଷ ସେକ୍ ବାବୁ ମୁଖ୍ୟ ବକ୍ତା ଭାବେ ଏବଂ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକ ଓ ଜିଲା ପରିଷଦ ସଭ୍ୟ ଧରଣୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବା ପାଇଁ ଅତିଥିମାନେ ଉପଦେଶ ଦେଇଥିଲେ। ସ୍କୁଲ ସମ୍ପାଦକ ଦିଲୀପ ଦାସ ବିବରଣୀ ପାଠ ଏବଂ ଶିକ୍ଷକ ଲକ୍ଷ୍ମୀଧର ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବେଷ୍ଟ ଶିକ୍ଷକ ସମ୍ମାନ ଦିଆଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଭିଡବ୍ଲ୍ୟୁଡିସି ଉଦ୍‌ଘାଟିତ



ଭିଡବ୍ଲ୍ୟୁଡିସି ଉଦ୍‌ଘାଟନ ଅବସରରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ଅନ୍ୟ ଅତିଥି।

**ପୁରୀ ଅଫିସ, ୪।୨**

ବୈଷୟିକ ଜ୍ଞାନର ଉପଯୋଗ ସହ ନ୍ୟାୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଓଡ଼ିଶା ବିଚାର ବିଭାଗ ସମଗ୍ର ଦେଶରେ ଦୃଷ୍ଟାନ୍ତ ହୋଇପାରିଛି। ଏପରିକି ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ମଧ ଏହି ପ୍ରକ୍ରିୟା ପାଇଁ ଓଡ଼ିଶା ବିଚାର ବିଭାଗକୁ ପ୍ରଶଂସା କରି ସାରା ଦେଶରେ ଏହି ପ୍ରକ୍ରିୟାକୁ ଲାଗୁ କରିବା ସକାଶେ ମତ ଦେଇଛନ୍ତି। ଶନିବାର ପୂର୍ବାହ୍ନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ. ଜଷ୍ଟିସ ଏସ୍. ମୁରଲୀଧର କୋଣାର୍କଠାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଏବଂ ପୁରୀ ଓ ବ୍ରହ୍ମଗିରିଠାରେ ଗ୍ରାମ ନ୍ୟାୟାଳୟର ନୂତନ ବିଲ୍ଡିଂ ନିର୍ମାଣ ନିମିତ୍ତ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ପୁରୀ ନୂତନ ସିଭିଲ କୋର୍ଟ ପରିସରରେ ନବନିର୍ମିତ ଅସୁରକ୍ଷିତ ସାକ୍ଷୀ ସଂରକ୍ଷଣ କେନ୍ଦ୍ର (ଭିଡବ୍ଲ୍ୟୁଡିସି)କୁ ଉଦ୍‌ଘାଟନ କରିଛନ୍ତି। ନ୍ୟାୟ ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା, ସମୟ ଅପଚୟ ରୋକିବା, ଖର୍ଚ୍ଚ ହ୍ରାସ, ହିତାଧିକାରୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା, ବୈଷୟିକ ଜ୍ଞାନର ଭରପୂର ଉପଯୋଗ କରିବା ହିଁ ନ୍ୟାୟ ବିଭାଗର ପ୍ରାଥମିକତା ବୋଲି ମୁଖ୍ୟ ବିଚାରପତି କହିଥିଲେ। ହାଇକୋର୍ଟ ବିଚାରପତି ତଥା ପୁରୀ ଜିଲାର ପ୍ରଶାସନିକ ବିଚାରପତି ଜଷ୍ଟିସ୍ ବି. ଆର୍. ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ଦୌରାଜଜ୍ ଶୀତିକଣ୍ଠ ସାମଲ, ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଏବଂ ଆଇନଜୀବୀମାନେ ଉପସ୍ଥିତ ଥିଲେ।

## ଆବାସ ଯୋଜନା ତାଲିକା ନେଇ ଭାଜପାର ବିକ୍ଷୋଭ

**ଡେଲାଙ୍ଗ,୪।୨(ଡି.ଏନ୍.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ନେଇ ଶନିବାର ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇଛି। ମଣ୍ଡଳ ସଭାପତି ଲଡୁକିଶୋର ରାୟଙ୍କ ସଭାପତିତ୍ୱରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ୩ ମଣ୍ଡଳ ସଭାପତିଙ୍କ ସହିତ ଏକ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ। ଆବାସ ସହାୟତାରେ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଉ, ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ତାଲିକା ପ୍ରସ୍ତୁତ କରାଯାଉ, ଅଯୋଗ୍ୟଙ୍କ ବିରୋଧରେ ଜଣେ ଗରିବ ହିତାଧିକାରୀ ଅଭିଯୋଗ କରିବା ସମ୍ଭବ ନୁହେଁ। ଯଦି ଜଣେ ଅଭିଯୋଗ କରେ ତେବେ ଗାଁରେ ଅନ୍ୟମାନଙ୍କର ଆକ୍ରୋଶର ଶିକାର ହେବା ଭଳି ପରିସ୍ଥିତି ସୃଷ୍ଟି ହେବ। ତେଣୁ ତୁରନ୍ତ ସରକାରୀ ଅଧିକାରୀମାନେ ଠିକ୍ ତଦନ୍ତ କରି ତାଲିକା ସଂଶୋଧନ କରିବା ଆବଶ୍ୟକ ବୋଲି ସଭାପତି ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ଆବାସ ଅନିୟମିତତା ନେଇ ବିକ୍ଷୋଭକାରୀମାନେ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହିତ ସମସ୍ୟାର ସମାଧାନ କରିବା ଓ ଠିକ୍ ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି। ତେବେ ଏହି ଆବାସ ଅନିୟମିତତା ନେଇ ଗତ ୩୦ ତାରିଖରେ ଡେଲାଙ୍ଗ -ପିପିଲି ଜନକଲ୍ୟାଣ ମଞ୍ଚ ପକ୍ଷରୁ ୩ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ନେଇ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଜନକଲ୍ୟାଣ ମଞ୍ଚର ସଂଖ୍ୟାଧିକ ହିତାଧିକାରୀଙ୍କ ବିକ୍ଷୋଭ ପରେ ଭାଜପା ନେତାଙ୍କ ନିଦ ଭାଙ୍ଗିଛି ବୋଲି ସାଧାରଣରେ ଆଲୋଚନା ହେଉଛି ।



ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ନିଶା ବେପାରୀଙ୍କୁ ଧରାଇଦେଲା 'ମାତୃଶକ୍ତି'

**୨୫ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ: ୪ ଗିରଫ**

**ପୁରୀ ଅଫିସ, ୪।୨**



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା ସୂଚନା ଦେଉଛନ୍ତି।



ଜବତ ବ୍ରାଉନ ସୁଗାର ଓ ଅନ୍ୟ ସାମଗ୍ରୀ।

ପୁରୀ ପୋଲିସର ଏସ୍‌ଟିଏଫ୍ ଓ ବାସେଳି ସାହି ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରି ୨୫ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଦୁଇଜଣ ମହିଳା ଓ ଦୁଇଜଣ ପୁରୁଷ ରହିଛନ୍ତି। ସେମାନେ ହେଲେ ଖୋର୍ଦ୍ଧା ଜଙ୍କିଆର ଅଜୟ ମହାପାତ୍ର(୪୧), ପ୍ରମୋଦ କୁମାର ବେହେରା(୪୭), ପୁରୀ ଟାଉନ ଥାନା ଅନ୍ତର୍ଗତ ଗୁଡ଼ିଆ ସାହିର ପ୍ରତିମା ଚୌଧୁରୀ(୨୮) ଏବଂ ପୁରୀ ଟାଉନ ଥାନା ଅଧୀନ ହାଡ଼ଗୋଡ଼ିଆ ସାହିରେ ରହୁଥିବା ଅନୁଗୋଳ ଜିଲା ଟାଉନ ଥାନା ଅର୍ନ୍ତଗତ ଛେଳିଆପଡ଼ାର ପିଙ୍କି ଷଡ଼ଙ୍ଗୀ(୨୭)। ଏମାନଙ୍କ ନିକଟରୁ ୨୫୬ ଗ୍ରାମ୍ ବ୍ରାଉନ ସୁଗାର ଜବତ ହୋଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ କହିଛି। ଏଥିସହ ୨୫୦୦ ଟଙ୍କା, ୪ଟି ମୋବାଇଲ ଫୋନ, ୨ଟି ଗାଡ଼ି ଏବଂ ଗୋଟିଏ ଓଜନ ମେଶିନ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୩୮/୨୩) ରୁଜୁ କରିଛି। ଶନିବାର ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା ଏହି ସୂଚନା ଦେଇଛନ୍ତି।

ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି, ବ୍ରାଉନ ସୁଗାର କାରବାର ଉପରେ ପୋଲିସ କଡ଼ା ନଜର ରଖିଛି। ଶୁକ୍ରବାର ବାସେଳୀ ସାହି ଥାନା ଅନ୍ତର୍ଗତ ଲୋକନାଥ ରୋଡ଼ର ଷଣ୍ଢ ଜାଗା ନିକଟରୁ ୪ଜଣ ବ୍ରାଉନ ସୁଗାର ବେପାରୀଙ୍କୁ ପୋଲିସ ଗିରଫ କରିଛି। ଖୋର୍ଦ୍ଧାର ଅଜୟ ଓ ପ୍ରମୋଦ ବ୍ରାଉନ ସୁଗାର ଆଣି ପୁରୀରେ ରହୁଥିବା ପିଙ୍କି ଓ ପ୍ରତିମାଙ୍କୁ ଯୋଗାଉ ଥିଲେ। ତେବେ ନିଶା ମାଫିଆଙ୍କୁ ଧରିବା ପାଇଁ ପୋଲିସ ପୁରୀ ସହରରେ ବିଭିନ୍ନ ସାହିର ମହିଳାମାନଙ୍କୁ ନେଇ 'ମାତୃଶକ୍ତି' ନାମକ ଏକ ସାମାଜିକ ଅନୁଷ୍ଠାନ ଗଠନ କରିଛି। ଯେଉଁ ସ୍ଥାନରେ ନିଶା କାରବାର ହେଉଛି ସେ ନେଇ ମାତୃଶକ୍ତିର ସ୍ୱେଚ୍ଛାସେବୀମାନେ ପୋଲିସକୁ ଖବର ଦେଉଛନ୍ତି। ଏଭଳି ଭାବେ ଲୋକନାଥ ରୋଡ ଷଣ୍ଢଯାଗାର ମାତୃଶକ୍ତି ପକ୍ଷରୁ ସୂଚନା ମିଳିବା ପରେ ବାସେଳି ସାହି ଥାନା ଏବଂ ଏସ୍‌ଟିଏଫ୍ ଟିମ୍ ମିଳିତ ଭାବେ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ କେତେଜଣଙ୍କ ନାମରେ ପୂର୍ବରୁ ବ୍ରାଉନ ସୁଗାର କାରବାର କରିବା ମାମଲା ରହିଛି ବୋଲି ପଣ୍ଡା କହିଥିଲେ। ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି କେ.କେ. ହରିପ୍ରସାଦ ଏବଂ ବାସେଳି ସାହି ଥାନା ଅଧିକାରୀ କୁଳମଣି ସେଠୀ ଉପସ୍ଥିତ ଥିଲେ।

## ଜାନୁୟାରୀରେ ୧୦୫ ଅପରାଧୀ ଗିରଫ

**ଭୁବନେଶ୍ୱର,(ବ୍ୟୁରୋ):** ରାଜଧାନୀରେ ଛିନ୍ତାଇ, ଲୁଟପାଟ୍ ଘଟଣାରେ କମିଶନରେଟ ପୋଲିସର ପିଓପିଡି ଓ ଟିମ୍-୬୦ର ମିଳିତ ଉଦ୍ୟମରେ ଜାନୁୟାରୀରେ ୧୦୫ ଅପରାଧୀଙ୍କୁ ଗିରଫ କରାଯାଇଛି। ସେଥିମଧ୍ୟରେ ୮୫ଜଣ ଜେଲ ଯାଇଥିବା ବେଳେ ୨୬ଜଣ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ସିଆରପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିପରି ଗାଡି ଚୋରି ମାମଲାରେ ୩୩ଟି ଗାଡି ଜବତ କରାଯାଇଛି। ଏହାସହ ଯଦି କୌଣସି ବ୍ୟକ୍ତିଙ୍କର ମୋବାଇଲ, ଗାଡି, ସୁନା/ରୁପା ଗହଣା ଚୋରି ହୋଇଛି, ତାହେଲେ ହ୍ୱାଟସ୍‌ଆପ ନମ୍ବର-୭୦୭୭୭୯୮୧୧୧କୁ କଲ କରିପାରିବେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ତୋଷାଳି ମେଳା, ଜନତା ମଇଦାନ, ଅପରାହ୍ନ ୨ଟା।
- କାରୁବାକି ସାହିତ୍ୟ ସଂସଦର ୨ୟ ବାର୍ଷିକ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ, ଗୀତଗୋବିନ୍ଦ ସଦନ ଗୃହ, ୩ଟା ୪୫ରୁ ଆରମ୍ଭ।
- ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୩ତମ ବାର୍ଷିକ ଉତ୍ସବ, ଶ୍ରୀଅରବିନ୍ଦ ନଗର, ଜିଜିପି କଲୋନୀ, ଅପରାହ୍ନ ୫ଟା।
- ବୈଷ୍ଣବ ପରିଡ଼ା ସ୍ମୃତି ନ୍ୟାସ ପକ୍ଷରୁ ରାଜନୀତିଜ୍ଞ, ସାହିତ୍ୟିକ ବୈଷ୍ଣବ ପରିଡ଼ାଙ୍କ ୮୨ତମ ଜୟନ୍ତୀ ସମାରୋହ, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା ୩୦।
- ସୁଷମା ସଙ୍ଗୀତ ସଦନ ପକ୍ଷରୁ 'ୟେ ଶାମ୍ ରଫି କେ ନାମ୍' କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ରେଡ୍ ସ୍ୱସ୍ତିକ ସୋସାଇଟି ପକ୍ଷରୁ ଫ୍ୟାଶନ ଶୋ ଏବଂ ପୁରସ୍କାର ବିତରଣ ଉତ୍ସବ, ଭୁବନେଶ୍ୱର ଗଲ୍ଫ କୋର୍ସ, ସନ୍ଧ୍ୟା ୬ଟା ୩୦।
- ଏକାମ୍ର ଗ୍ରାମ୍ୟ ସଂଗଠନ ପକ୍ଷରୁ ବନ୍ଧୁମିଳନ, ଶିଶୁପାଳଗଡ଼ ଦଶହରା ପଡ଼ିଆ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ବିଶ୍ୱ ଶାନ୍ତି ବିଷ୍ଣୁ ମହାଯଜ୍ଞର ପୂର୍ଣ୍ଣାହୁତି, ଭୁବନପୁର, ଅପରାହ୍ନ ୫ଟା।
- ବିଶ୍ୱ ଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ବାଲିଅନ୍ତା ତାମରାର ମଙ୍ଗଳା ପୀଠ, ଅପରାହ୍ନ ୫ଟା।

# ଡ୍ରେନ୍ ପୋତିଲେ ବିଲ୍ଡର, ଘଣ୍ଟ ଘୋଡ଼ାଇଲା ବିଏମ୍‌ସି




ବିଲ୍ଡର ସଂସ୍ଥା ପକ୍ଷରୁ ଶ୍ରମିକ ଲଗାଇ ଡ୍ରେନ୍‌କୁ ପୋତାଯାଉଛି।

- କାର୍ଯ୍ୟାନୁଷ୍ଠାନ ବଦଳରେ ଡ୍ରେନ୍ ସଫା ପାଇଁ ସଫେଇ ସଂସ୍ଥାକୁ ନିର୍ଦ୍ଦେଶ
- ସବୁ ଜାଣି ଚୁପ୍ ସ୍ଥାନୀୟ କର୍ପୋରେଟର

**ଭୁବନେଶ୍ୱର, ୪।୨ (ବ୍ୟୁରୋ)**

ଜବରଦଖଲ ସମୟରେ ବିଏମ୍‌ସି କାମ ବନ୍ଦ କରୁନାହିଁ କି କାର୍ଯ୍ୟାନୁଷ୍ଠାନ ନେଉନାହିଁ। କିନ୍ତୁ ଜବରଦଖଲକୁ ଉଚ୍ଛେଦ ପାଇଁ ଅଧିକାରୀମାନେ ଲୋକଙ୍କ ଟଙ୍କାକୁ ପାଣିଭଳି ବୁହାଇ ପକେଟ ଗରମ କରୁଛନ୍ତି। ବିଏମ୍‌ସିର ଏହି ଆଭିମୁଖ୍ୟ ପାଇଁ ସହରରେ ଜବରଦଖଲ ବଢ଼ିଚାଲିଛି। ୱାର୍ଡ ନଂ. ୩୭ରେ ଏଭଳି ଏକ ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବେହେରାସାହିର ପ୍ଲଟ୍ ନଂ.୫୬୫ରେ ଥିବା ସର୍ବସାଧାରଣ ଡ୍ରେନ୍‌କୁ ଜଣେ ବିଲ୍ଡର ନିଜର ଆପାର୍ଟମେଣ୍ଟ ନିର୍ମାଣ ପାଇଁ ପାଇପ ପକାଇ ପୋତି ଦେଇଛନ୍ତି। ବିଲ୍ଡର ଜଣକ ବେଆଇନ ଭାବେ ଘର ନିର୍ମାଣ ଓ ଡ୍ରେନ ଅବରୋଧ କରୁଥିଲେ ମଧ୍ୟ ବିଏମସି ଅଧିକାରୀ ଓ ସ୍ଥାନୀୟ କର୍ପୋରେଟରଙ୍କ ନିରବତାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ସେମାନେ ଏହି ବେଆଇନ କାମକୁ ବିରୋଧ କରିବା ସହ ବନ୍ଦ କରି ବିଏମ୍‌ସିକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ବିଲଡର୍ ଜଣକ ପୁନର୍ବାର ଜୋର ଜବରଦସ୍ତ କାର୍ଯ୍ୟ ଆରମ୍ଭ କରିଛନ୍ତି। ଲୋକେ ତାଙ୍କୁ ବିଏମ୍‌ସିର ଅନୁମତି ପତ୍ର ମାଗିବାରୁ ସେ ଲୋକଙ୍କୁ ନାଲିଆଖି ଦେଖାଉଛନ୍ତି। ଡ୍ରେନ୍ ପୋତିବା କାରଣରୁ ନିକଟରେ ରହୁଥିବା ପ୍ରାୟ ୪୦ରୁ ୫୦ ପରିବାର ପ୍ରଭାବିତ ହେବାର ଆଶଙ୍କା ରହିଛି। ଜଣେ ବିଲ୍ଡର ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଜବରଦଖଲ କରିବା ଏବଂ ସବୁ ଜାଣି ବିଏମ୍‌ସି ଅଧିକାରୀ ଓ କର୍ପୋରେଟର ଚୁପ୍ ରହିବାକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି।

ଏନେଇ ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ୍ କହିଛନ୍ତି, ବିଲ୍ଡରଙ୍କ ଏଭଳି ମନମୁଖି କାର୍ଯ୍ୟକୁ ନେଇ ଜାନୁୟାରୀ ୬ରେ ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀଙ୍କୁ ଅବଗତ କରାଇଥିଲୁ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଶୁକ୍ରବାର ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କୁ ଅଭିଯୋଗ କରାଯାଇଥିଲା। କମିଶନର ଜେଡିସିଙ୍କୁ ଏ ନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେବା ପରେ ଜେଡିସି ସଫେଇ ସଂସ୍ଥା ଜାଗୃତିକୁ ଡ୍ରେନ୍ ସଫା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କର୍ପୋରେଟର ସଫେଇ ଦେଇଛନ୍ତି। ହେଲେ ଏଯାଏ ବିଏମ୍‌ସି ପକ୍ଷରୁ ଜବରଦଖଲ କରିଥିବା ବିଲ୍ଡରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ କିମ୍ବା ତାଙ୍କୁ ତାଗିଦା କରାଯାଇ ନାହିଁ। ବରଂ ବିଲ୍ଡରଙ୍କ ବେଆଇନ କାର୍ଯ୍ୟକୁ ବିଏମ୍‌ସି ଅଧିକାରୀମାନେ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରିଛନ୍ତି। ଡ୍ରେନ ସଫା କରିବାକୁ କହିଦେଇ ବିଏମ୍‌ସି ଅଧିକାରୀ ନିଜ ମୁଣ୍ଡରୁ ଦୋଷ ଖସାଇ ଦେବାକୁ ଚାହୁଁଛନ୍ତି। ତେଣୁ ବିଏମ୍‌ସି ଅଧିକାରୀ ଏବଂ ବିଲ୍ଡରଙ୍କ ମଧ୍ୟରେ ସଲାସୁତରା ହୋଇ ଏଭଳି କାର୍ଯ୍ୟ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।



ବିଶିଷ୍ଟ ସାହିତ୍ୟିକ ତଥା ପଦ୍ମଶ୍ରୀ ସମ୍ମାନ ପାଇବାକୁ ଯାଉଥିବା ଅନ୍ତର୍ଯ୍ୟାମୀ ମିଶ୍ର ଶନିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଉତ୍ତରୀୟ ଓ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରି କହିଛନ୍ତି, ଓଡ଼ିଆ ଭାଷା, ସାହିତ୍ୟର ପ୍ରସାରରେ ମିଶ୍ରଙ୍କ ଅବଦାନ ସମସ୍ତଙ୍କୁ ନିଶ୍ଚୟ ପ୍ରେରଣା ଯୋଗାଇବ। ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ଏପରି ଉଦ୍ୟମ ଜାରି ରଖିବା ସହ ସେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଆଇଜିକେସି ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ପକ୍ଷରୁ ବିଶ୍ୱ କର୍କଟ ଦିବସ ପାଳିତ



କର୍କଟ ଦିବସ ଅବସରରେ ଆୟୋଜିତ ମାରାଥନରେ ସାମିଲ ଅତିଥିଙ୍କ ସହ ହସ୍ପିଟାଲ ଅଧିକାରୀ ଓ ଅନ୍ୟମାନେ।

**ଭୁବନେଶ୍ୱର, ୪।୨ (ବ୍ୟୁରୋ)**

ଆଇଜିକେସି ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଘାଟିକିଆ କଳିଙ୍ଗନଗର ଭୁବନେଶ୍ୱର ପକ୍ଷରୁ ଶନିବାର ବିଶ୍ୱ କର୍କଟ ଦିବସ (ୱାର୍ଲଡ କ୍ୟାନସର ଡେ) ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହସ୍ପିଟାଲ ପକ୍ଷରୁ ଏକ ସଚେତନତା ଗଣଦୌଡ (ମାରାଥନ)ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଡ଼ିଆ ଅଭିନେତା ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଜିକେସି ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ଏମ୍‌ଡି ଡା. ପି.ସି ଦଳେଇ, ଡିଏମ୍‌ଏସ୍ ଡା. ରୁପସା ନାରାୟଣ ରାଉତ ଏବଂ ଡା. ସୁଶାନ୍ତ ପାଇକରାୟଙ୍କ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ସେହିଭଳି ବିଶ୍ୱ କର୍କଟ ଦିବସ ପରିପ୍ରେକ୍ଷୀରେ ହସ୍ପିଟାଲ ପରିସରରେ ହସ୍ପିଟାଲ କର୍ମଚାରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା, ପୋଷ୍ଟର ମେକିଂ ପ୍ରତିଯୋଗିତା ଭଳି ଅନେକପ୍ରକାର ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ହାଇକୋର୍ଟ ଯିବ ଶ୍ରୀମନ୍ଦିର ପ୍ରଶାସନ

**ଖୋର୍ଦ୍ଧା ପ୍ରଶାସନକୁ ୧୨ କୋଟି ଭରଣା ନେଇ ଏନ୍‌ଜିଟି ନିର୍ଦ୍ଦେଶ ପ୍ରସଙ୍ଗ**

**ଖୋର୍ଦ୍ଧା ଅଫିସ,୪।୨:** ଖୋର୍ଦ୍ଧାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଖଣିଜ ସମ୍ପଦର ସୁରକ୍ଷାରେ ଅବହେଳା ନେଇ ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି) ଶ୍ରୀମନ୍ଦିର ପ୍ରଶାସନକୁ ୧୨ କୋଟି ଟଙ୍କା ଭରଣା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଟଙ୍କା ଖୋର୍ଦ୍ଧା ଜିଲା ପ୍ରଶାସନକୁ ପ୍ରଦାନ କରାଯିବ। ଉକ୍ତ ଅର୍ଥରେ ଖୋର୍ଦ୍ଧା ଜିଲା ପ୍ରଶାସନ ଖଣିର ପୁନରୁଦ୍ଧାର, ନବୀକରଣ କାର୍ଯ୍ୟ କରିବାକୁ ଏନ୍‌ଜିଟିର ନିର୍ଦ୍ଦେଶ ରହିଥିଲା। ତେବେ ୧୨କୋଟି ଭରଣାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପ୍ରଶ୍ନ ଉଠାଇଛି। ଏପରିକି ନିକଟରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା ହୋଇଥିଲା। ତେବେ ଏ ସମ୍ପର୍କରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭି ଭି ଯାଦବ ସ୍ପଷ୍ଟ କରିଥିଲେ। ୨୦୨୨ ଅକ୍ଟୋବରରେ ଏନ୍‌ଜିଟି ଉପରୋକ୍ତ ରାୟ ଶୁଣାଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ମହାପ୍ରଭୁଙ୍କ ଖଣିଜ ସମ୍ପଦକୁ ସୁରକ୍ଷା ଦେବାରେ ଅବହେଳା କରିଥିବା ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କଠାରୁ ଏହି ଟଙ୍କା ଆଦାୟ କରିବା ଲାଗି ଦାବି ହେଉଛି। ଅନ୍ୟପଟେ ଏନ୍‌ଜିଟି ରିପୋର୍ଟକୁ ତର୍ଜମା କରାଯାଇ ହାଇକୋର୍ଟଙ୍କ ଆଶ୍ରୟ ନିଆଯିବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା କହିଛନ୍ତି।

# ନାରୀର ପରିଭାଷା ପ୍ରକାଶ କଲା 'ମେଡିଆ'

**ଭୁବନେଶ୍ୱର,୪।୨(ବ୍ୟୁରୋ)**



ରବୀନ୍ଦ୍ର ମଣ୍ଡପରେ ପୂର୍ବ ରଙ୍ଗ ୨୦୨୩ ଜାତୀୟ ନାଟ୍ୟ ଉତ୍ସବରେ କୋଲକାତାର ନାଟକ 'ମେଡିଆ'ର ଏକ ଦୃଶ୍ୟ।

**ଜାତୀୟ ନାଟ୍ୟ ମହୋତ୍ସବ ପୂର୍ବରଙ୍ଗ ଉଦ୍‌ଯାପିତ**

ନାରୀ ଅତ୍ୟାଚାରିତ। ଏହା କୌଣସି ଗୋଟିଏ ଯୁଗରେ ସୀମିତ ନଥିଲା। ବହୁ ପୂର୍ବରୁ ନାରୀମାନଙ୍କୁ ନିର୍ଯାତିତ ହେବାର ଶୁଣିବାକୁ ମିଳିଥାଏ। ବଙ୍ଗାଳୀ ଭାଷାରେ ରଚିତ ନାଟକ 'ମେଡିଆ' କାହାଣୀ କହୁଛି ନାରୀର ପରିଭାଷାକୁ ନେଇ। କାହାଣୀ ଆରମ୍ଭ ହୁଏ ଗ୍ରୀକ୍ ଏଥେନ୍ସ ସହରରୁ। ଯେଉଁଠାରେ ପୁରୁଷମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିବା ମହିଳାମାନଙ୍କୁ ନିର୍ଯାତିତ କରି ସେମାନଙ୍କ ମୁହଁ ବନ୍ଦ କରି ଦିଆଯାଏ। ସେହି ସମୟରେ ମେଡିଆ ନାମକ ଜଣେ ରାଜକୁମାରୀ ନିଜର ପ୍ରେମ, ପ୍ରତିଶୋଧ ଓ ପ୍ରତିହିଂସା ପାଇଁ ସର୍ବ ସମ୍ମୁଖରେ ଏକ ସ୍ୱୟଂ ସମ୍ପୂର୍ଣ୍ଣ ନାରୀର ପରିଭାଷାକୁ ପ୍ରକାଶ କରିବାରେ ସକ୍ଷମ ହୋଇଥିଲା। ନାଟକର ମୁଖ୍ୟ ନାୟିକା କୋଲଚିସ୍ ରାଜ୍ୟର ରାଜକନ୍ୟା ମେଡିଆ ରାଜପୁତ୍ର ଦାସନଙ୍କୁ ବିବାହ କରିଥାନ୍ତି। ଅନ୍ୟ ପକ୍ଷରେ ରାଜପୁତ୍ର ଦାସନ ଗ୍ରୀକ୍ ରାଜକୁମାରୀ କୋରିନ୍ଥକୁ ଭଲ ପାଇ ବସନ୍ତି। ଏଥିରେ କ୍ଷୁବ୍ଧ ହୋଇ ମେଡିଆ ରାଜକୁମାର ଓ ତାଙ୍କ ୨ପୁତ୍ରଙ୍କୁ ନିଷ୍ଠୁର ଭାବେ ହତ୍ୟା କରି ଏଥେନ୍ସ ପଳାୟନ କରନ୍ତି। ପରେ ପଶ୍ଚିମ ଶାସକମାନଙ୍କର ଉପନିବେଶବାଦ ଦ୍ୱାରା ପ୍ରପିଡିତ ହୋଇ ଦୁଃଖ, ଯନ୍ତ୍ରଣା ଓ ଗ୍ଲାନି ମଧ୍ୟରେ ସଢ଼ି ସଢ଼ି ଗୃହଶୂନ୍ୟ ହୋଇ କିଭଳି ବ୍ୟକ୍ତିତ୍ୱର ପରାଜୟ ସ୍ୱୀକାର ନକରି ପୁରୁଷ ପ୍ରଧାନ ସମାଜର ଏକ ସ୍ୱତନ୍ତ୍ର ପରିୟ ସୃଷ୍ଟି କରି ପାରିଛନ୍ତି ତାହା ଏହି ନାଟକର କଥାବସ୍ତୁ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଓ କୋଲକାତା ଏବଂ ଓଡ଼ିଶା ନାଟ୍ୟସଂଘର ମିଳିତ ସହଯୋଗରେ ଅନୁଷ୍ଠିତ ଜାତୀୟ ନାଟ୍ୟ ମହୋତ୍ସବର ଉଦ୍‌ଯାପିତ ସନ୍ଧ୍ୟାରେ ନାଟକ ମେଡିଆ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ନାଟ୍ୟ ନିର୍ଦ୍ଦେଶକ ଧୀର ମଲ୍ଲିକ, ପ୍ରସନ୍ନ ମିଶ୍ର, ଏକାଡେମୀ ସଭାପତି ଅରୁଣା ମହାନ୍ତି, ସଚିବ ପ୍ରବୋଧ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ମନ୍ତ୍ରୀ

**ପୁରୁଣା ଭୁବନେଶ୍ୱର,୪।୨(ଡି.ଏନ୍.ଏ.)**

ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ. ୫୫ ଅନ୍ତର୍ଗତ ଗୋଷାଗରେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଅନୁଦାନରେ ପ୍ରାୟ ୨୩ ଲକ୍ଷ ଟଙ୍କାର ଅତିରିକ୍ତ ଶ୍ରେଣୀଗୃହ ଏବଂ ୧ଲକ୍ଷ ଟଙ୍କାରେ ମୋହିନୀ ଠାକୁରାଣୀ ମନ୍ଦିର ପ୍ରାଚେରି ନିର୍ମାଣକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଛନ୍ତି। ସେହିପରି କୁଞ୍ଜପାଟଣା ସାହି, ମୋହିନୀ ସାହି ଓ ରାମେଶ୍ୱର ପାଟଣାର ରାସ୍ତା ଓ ନାଳ ନିର୍ମାଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପ୍ରାୟ ୩୧ ଲକ୍ଷ ଟଙ୍କାର କାର୍ଯ୍ୟକୁ ମନ୍ତ୍ରୀ ପଣ୍ଡା ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ନୃପେଶ ନାୟକ, ଶିବପ୍ରସାଦ ବେହେରା, ଦାଶରଥି ଗରାବଡୁ, ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ନନ୍ଦ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ଦାସ, ଜୟନ୍ତ ମହାପାତ୍ର, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ନଳିନୀକାନ୍ତ ପଣ୍ଡା, ହେମାଦ୍ରି ମହାପାତ୍ର, ଅମରେନ୍ଦ୍ର ଗରାବଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଡିଏ ପକ୍ଷରୁ ଜବରଦଖଲ ଉଚ୍ଛେଦ ଜାରି

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ସହରର ବିଭିନ୍ନ ସ୍ଥାନରେ ବିଡିଏ ପକ୍ଷରୁ ଶନିବାର ଜବରଦଖଲ ଉଚ୍ଛେଦ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରୁ ଗାଡକଣ ମୌଜାର ସରକାରୀ ପ୍ଲଟ ନଂ.୪୬୨୧ରୁ ଜବରଦଖଲ ହଟାଯାଇଛି। ଏହି ପରିପ୍ରେକ୍ଷୀରେ ଗୋଟିଏ ଏସି ଘର, ୫୪ ଡିସିମିଲର ସରକାରୀ ମୂଲ୍ୟବାନ ଜମିରୁ ଉଚ୍ଛେଦ ହୋଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଡୁମୁଡୁମା କସ୍‌ମୋପଲିସ ଅଞ୍ଚଳର ଭେଣ୍ଡିଂ ଜୋନ୍ ନିକଟରେ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଉଚ୍ଛେଦ ଡ୍ରାଇଭ୍ ସମୟରେ ୬ଟି ପରିବାରର ୦୬ ଏସି ସେଡ୍ ହାଉସ୍ ଉଚ୍ଛେଦ ସମୟରେ ୬ଟି ପରିବାରର ୬ ଏସି ଶେଡ୍ ଘରକୁ ଭଙ୍ଗାଯାଇଥିଲା। ସେହିପରି ସହରର ଅନେକ ସରକାରୀ ଜମି, ରାସ୍ତାକଡ଼, ଫୁଟ୍‌ପାଥ୍ ଏବଂ ଡ୍ରେନ୍ ଉପରୁ ଜବରଦଖଲ ହଟାଯାଇଛି। ବିଡିଏର ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଆସିଷ୍ଟାଣ୍ଟ ନିର୍ଦ୍ଦେଶକ (ଜିଏ) ଅମିୟ ଦାଶ, ଲିଆସନ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସରିଲା ଧର୍ମସଭା, ଆଜି ଅଗ୍ନି ଉତ୍ସବ

**ଭୁବନେଶ୍ୱର,୪।୨ (ବ୍ୟୁରୋ)**

**ଖଣ୍ଡଗିରିରୁ ବାହୁଡ଼ିବେ ସାଧୁ ସନ୍ନ୍ୟାସୀ**

ଖଣ୍ଡଗିରି ପାହାଡ଼ରେ ଚାଲିଥିବା ନବଦିନାତ୍ମକ କୁମ୍ଭମେଳାର ଅଷ୍ଟମ ଦିନରେ ସାଧୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ସାରା ଓଡ଼ିଶାରୁ ଶତାଧିକ ସନ୍ନ୍ୟାସୀ ସାମିଲ ହୋଇଥିଲେ। ସନାତନ ଧର୍ମର ପ୍ରଚାରକମାନେ ବିଗ୍ରହ ନେଇ ଆସିଥିଲେ। ବିଗ୍ରହଗୁଡ଼ିକର ପୂଜା କରାଯିବା ପରେ ସମୂହ ପ୍ରାର୍ଥନା କରାଯାଇଥିଲା। ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ଏହି ଧର୍ମସଭା ଅନୁଷ୍ଠିତ ହୋଇଥିଲା। ନାଗା ବାବାମାନଙ୍କୁ ବାଦଦେଲେ ପାହାଡ଼ରେ ଗତ ୮ଦିନ ଧରି ଯଜ୍ଞବିଧିରେ ନିମଗ୍ନ ଥିବା ସାଧୁ ସନ୍ନ୍ୟାସୀମାନେ ମଧ୍ୟ ଏହି ସଭାରେ ଯୋଗଦେଇଥିଲେ। ସାଧୁମାନେ ସନାତନ ଧର୍ମର ପ୍ରଚାର ତଥା ବିଶ୍ୱର କଲ୍ୟାଣ ଦିଗରେ ନିଜ ମତ ରଖିଥିଲେ। ବାରଭୂଜା ମ୍ୟାନେଜିଂ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ତଥା ପୂର୍ବତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ, ସମ୍ପାଦକ ତଥା ପୂର୍ବତନ କର୍ପୋରେଟର ରଘୁ ମହାନ୍ତି, କୋଷାଧ୍ୟକ୍ଷ ଦିନବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ମାଘ ପୂର୍ଣ୍ଣିମା ଅବସରରେ ମହାଆଡ଼ମ୍ବରରେ ଅଗ୍ନି ଉତ୍ସବ ପାଳନ କରାଯିବ। ଏହାସହ ୯ଦିନ ଧରି ବାରଭୂଜା ପୀଠସ୍ଥିତ ହନୁମାନ ମନ୍ଦିରରେ ପ୍ରାଙ୍ଗଣରେ ଚାଲିଥିବା ରାମଚରିତ ମାନସ ପାଠ ଉଦ୍‌ଯାପିତ ହେବ। ଶ୍ରୀରାମ ଅଭିଷେକ ସହ ବିଧି ସମାପନ ହେବ। ସେହିପରି ଅନନ୍ତଗୁମ୍ଫା ସମ୍ମୁଖରେ ଚାଲଇଥିବା ମହାଯଜ୍ଞର ମଧ୍ୟ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଏହାପରେ ଏଠାରେ ତପସ୍ୟା କରୁଥିବା ସମସ୍ତ ସାଧୁ ବିଦାୟ ନେବେ। ଅନ୍ୟପଟେ ୬ଟି ପେଣ୍ଡାଲରେ ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ଯାତ୍ରା ଚାଲିବ। ସେପର୍ଯ୍ୟନ୍ତ ମିନାବଜାର ମଧ୍ୟ କିଣାବିକା ଜାରି ରହିବ।

# ଯାତ୍ରା ସମରରେ ସାଇ ସମ୍ରାଟ, ସ୍ୱର୍ଣ୍ଣ ମନ୍ଦିର

**ଭୁବନେଶ୍ୱର,୪।୨ (ବ୍ୟୁରୋ)**

**ଖଣ୍ଡଗିରି କୁମ୍ଭମେଳା**

**ଆଇଟମ୍ ବଦଳରେ ମୁଖ୍ୟ ଚରିତ୍ରରେ ଆସିଲେ ରାନୀ ପଣ୍ଡା**

ଖଣ୍ଡଗିରି କୁମ୍ଭମେଳା ଅବସରରେ ଚାଲିଥିବା ଯାତ୍ରା ମହାସମର ଧୀରେ ଧୀରେ ଜମୁଛି। ରେକର୍ଡ ଡ୍ୟାନ୍ସ ସହ ଖଳନାୟକର ଛାତି ଥରା ସଂଳାପ ରାତିର ନିରବତା ଭାଙ୍ଗୁଛି। ଯାତ୍ରାଶ୍ରୀ ବିଶ୍ୱଦରବାର ବିଦାୟ ନେବା ପରେ ଶନିବାର ଅପେରା ସାଇ ସମ୍ରାଟ ଲଢ଼େଇରେ ସାମିଲ ହୋଇଥିଲା। 'ଇଏ କେମିତିକା ପ୍ରତାରଣା' ଶୀର୍ଷକ ନାଟକ ପରିବେଷଣ କରାଯାଇଥିଲା। ବରମୁଣ୍ଡା ନୀଳକଣ୍ଠେଶ୍ୱର କମିଟି ପକ୍ଷରୁ ଅପେରା ସ୍ୱର୍ଣ୍ଣମନ୍ଦିରରେ ନାଟକ ପରିବେଷଣ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଚର୍ଚ୍ଚିତ ଅଭିନେତ୍ରୀ ରାନୀ ପଣ୍ଡାଙ୍କ ଜୀବନୀକୁ ନେଇ ପ୍ରସ୍ତୁତ 'ଘୋଡ଼ାହାତୀ ଗଣ୍ଡାକୁ ଗଣ୍ଡା, ଏକା ଲଢ଼ିବ ରାଣୀ ପଣ୍ଡା' ମଞ୍ଚସ୍ଥ ହୋଇଥିଲା। ତେବେ ପୂର୍ବରୁ ଆଇଟମ୍ ଡ୍ୟାନ୍ସ କରି ବିବାଦୀୟ ହୋଇପଡ଼ିଥିବା ରାନୀଙ୍କ ଅଭିନୟ ଯାଦୁ ମଞ୍ଚରେ ଦେଖିବାକୁ ମିଳିଥିଲା। ସେ ମୁଖ୍ୟ ଚରିତ୍ରରେ ଦର୍ଶକଙ୍କୁ ଭେଟି ଦେଇଥିଲେ। ସେହିପରି ଶିବାନୀ ଗଣନାଟ୍ୟ, ସୂର୍ଯ୍ୟମନ୍ଦିର ଓ ରାଜଧାନୀ ଅପେରା ପ୍ରତିଦିନ ସମାନ ନାଟକ ପରିବେଷଣ କରି ଫେରିଥିବାବେଳେ ୧୦ ତାରିଖ ପର୍ଯ୍ୟନ୍ତ ଅପେରା ରଙ୍ଗ ମହଲରେ ନାଟକ ପରିବେଷଣ କରିବ। ତେବେ ଚତୁର୍ଥ ରାତିରେ ମଧ୍ୟ ସମାନ ନାଟକ 'ଚାଲିବା ଆଗରୁ ବାଟ ସାରିଲା' ଦେଖିବାକୁ ମିଳିଥିଲା।

ଆସନ୍ତା ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଡ. ହରେକୃଷ୍ଣ ମହତାବ ପେଣ୍ଡାଲରେ ତୁଳସୀ ଗଣନାଟ୍ୟ ଯାତ୍ରାପ୍ରେମୀଙ୍କ ମନୋରଞ୍ଜନ କରିବ। ସେହିପରି ସନାତନ ମଣ୍ଡପରେ ୫ରୁ ୧୦ ତାରିଖ ପର୍ଯ୍ୟନ୍ତ କୋଣାର୍କ ଗଣନାଟ୍ୟ ଦମଦାର ନାଟକ ପରିଦର୍ଶନ କରିବ। ଅନ୍ୟପଟେ ଇନ୍ଦିରା ସାଂସ୍କୃତିକ ମଣ୍ଡପରେ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଗଣନାଟ୍ୟ ମଞ୍ଚ ଦୁଲୁକାଇବ। ମା' ମଙ୍ଗଳା ମଣ୍ଡପରେ ୫ରୁ ୧୦ ତାରିଖ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିବ।




ଇନ୍ଦିରା ଗାନ୍ଧୀ ପାର୍କ ପରିସରରେ ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ଶନିବାର ଅନୁଷ୍ଠିତ ମ୍ୟୁଜିକ୍ ଇନ୍ ପାର୍କରେ ସଙ୍ଗୀତ ପରିବେଷଣ ହେଉଛି।




ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଉତ୍ସବରେ ଉତ୍କଳ ସମ୍ମିଳନୀ ପକ୍ଷରୁ ରାଜଭବନ ସମ୍ମୁଖରେ ଥିବା ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

## ୨୭ରେ ଇପିଏଫ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଭୁବନେଶ୍ୱର, ୪।୨ (ବ୍ୟୁରୋ)**

**ଅଲ୍ ଓଡିଶା ଇପିଏଫ୍ ଆସୋସିଏଶନ କୋର୍ କମିଟି ବୈଠକ**

ଅଲ୍ ଓଡ଼ିଶା ଇପିଏଫ ଆସୋସିଏଶନ କୋର୍ କମିଟି ବୈଠକ ଶନିବାର ବୟନିକା କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ଦାବି ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତାକୁ ବିରୋଧ କରି ୨୭ ତାରିଖରେ ଓଡିଶାର ୪ଟି ଇପିଏଫ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯିବ। ଏଥିସହ ଇପିଏଫ କମିଶନରଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କମିଟିର ବହୁ ପୁରୁଣା ଦାବିଉପରେ ଆଲୋଚନା କରାଯାଇଥିଲା। ସର୍ବନିମ୍ନ ପେନ୍‌ସନ ୯ହଜାର ଟଙ୍କାକୁ ବୃଦ୍ଧି ସହ ମହଙ୍ଗା ଭତ୍ତା ପ୍ରଦାନ ଓ ଇପିଏଫ୍ ପେନସନଭୋଗୀ ବରିଷ୍ଠ ନାଗରିକଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଦେବାକୁ ବାରମ୍ବାର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଉଥିଲେ ବି କୌଣସି ସୁଫଳ ମିଳୁ ନାହିଁ ବୋଲି ସାଧାରଣ ସମ୍ପାଦକ ଓ ସର୍ବଭାରତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା ମତ ଦେଇଥିଲେ। ସଂଘ ଆବାହକ ପ୍ରଫୁଲ୍ଲ ଦାସ, ନଟବର ଆଚାର୍ଯ୍ୟ, ମାୟାଧର ମଲ୍ଲିକ ଧୀରେନ୍ଦ୍ର ପ୍ରତାପ, ସରୋଜକାନ୍ତ ମଲ୍ଲିକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବୃନ୍ଦାବତୀଙ୍କ ପୀଠରେ ହରେକୃଷ୍ଣ ଉତ୍ସବ



ବେଗୁନିଆ,୪।୨(ଡି.ଏନ୍.ଏ.): ବେଗୁନିଆ ବ୍ଲକ କୁଶପଲ୍ଲା ଗ୍ରାମ ଗୁଡ଼ିଆସାହିସ୍ଥିତ ବୃନ୍ଦାବତୀଙ୍କ ପୀଠ ଉତ୍ସବମୁଖର ହୋଇଉଠିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ଗ୍ରାମବାସୀଙ୍କ ପକ୍ଷରୁ ଅଷ୍ଟମ ବାର୍ଷିକ ହରେକୃଷ୍ଣ ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସ ଶୋଭାଯାତ୍ରା ସମ୍ପନ୍ନ ହୋଇଥିଲା। ରବିବାର ହରିନାମ ସଂକୀର୍ତ୍ତନ ସମାବେଶ ପରେ ସୋମବାର ନଗର ପରିକ୍ରମା କରାଯିବ ବୋଲି ପୂଜା କମିଟି ସଭାପତି ଭୋଳାନାଥ ମହାପାତ୍ର, ସଦସ୍ୟ କାଶୀନାଥ ସେନାପତି, ନିରଞ୍ଜନ ମାଟି, ଦୀନବନ୍ଧୁ ସେନାପତି ପ୍ରମୁଖ ସୂଚନା ଦେଇଛନ୍ତି।

### ଧାନ ବୋଝେଇ ଟ୍ରାକ୍ଟର ଓଲଟି ୨ ଗୁରୁତର

ବାଲୁଗାଁ,୪।୨(ଡି.ଏନ୍.ଏ.): ବାଲୁଗାଁ ବାଇପାସ୍‌ର କୋଶଡ଼ିହ ଗ୍ରାମ ଛକଠାରେ ଏକ ଧାନ ବୋଝେଇ ଟ୍ରାକ୍ଟର ଓଲଟି ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଟ୍ରାକ୍ଟର ଚାଳକ ବୋରିଗାଁ ଗ୍ରାମର ପ୍ରଦୀପ କୁମାର ଜେନା ଓ ଧାନ ବ୍ୟବସାୟୀ ସୁଧାକର ସାମନ୍ତରାୟ। ଚିକିତ୍ସା ପାଇଁ ଏମାନଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଭେଟେଶ୍ୱର ପଞ୍ଚାୟତ ବୋରିଗାଁରୁ ଟାଙ୍ଗୀ ଅଭିମୁଖେ ଏକ ଟ୍ରାକ୍ଟରରେ ଧାନ ବୋଝେଇ ହୋଇ ଯାଉଥିଲା। ଭୋର୍ ୫ଟାରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଉକ୍ତ ଟ୍ରାକ୍ଟରଟି ଓଲଟି ପଡ଼ିଥିଲା। ଫଳରେ ଟ୍ରାକ୍ଟରରେ ବସିଥିବା ବ୍ୟବସାୟୀ ସୁଧାକର ଓ ଚାଳକ ପ୍ରଦୀପଙ୍କ ଉପରେ ଧାନବସ୍ତା ପଡ଼ିଯାଇଥିଲା। ସେଠାରେ ଉପସ୍ଥିତ ଲୋକେ ସେମାନଙ୍କୁ ଉଦ୍ଧାର କରିଥିବା ବେଳେ ବାଲୁଗାଁ ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଆହତଦ୍ୱୟଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାଲୁଗାଁ ଡାକ୍ତରଖାନା ଓ ପରେ ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

### ଅଗ୍ନି ବିପନ୍ନ ପରିବାରଙ୍କୁ ସହାୟତା

କୃଷ୍ଣପ୍ରସାଦ,୪।୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଗୋମୁଣ୍ଡିଆ ପଞ୍ଚାୟତ ଟୁବୁକା ଗ୍ରାମର ଅଗ୍ନି ବିପନ୍ନ ପରିବାର ସନ୍ତୋଷ ଜେନା ଏବଂ ସୁଶାନ୍ତ ଜେନାଙ୍କୁ ଭେଟି ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ସମବେଦନା ଜଣାଇଛନ୍ତି। ଏଥିସହ ଦାସବର୍ମା ବ୍ଲକ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେଇଛନ୍ତି। ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ୭ଦିନ ପାଇଁ ରନ୍ଧାଖାଦ୍ୟ ଏବଂ ଆର୍ଥିକ ସହାୟତା ମଧ ପ୍ରଦାନ କରାଯାଇଛି। ରାଜକିଶୋର ବିଶ୍ୱାଳ, ଲକ୍ଷ୍ମୀଧର ସାହୁ, ବିଜୟ କୁମାର ତରେଇ, ମଣ୍ଡଳ ଉନ୍ନୟନ ଅଧିକାରୀ ମନୋଜ କୁମାର ନାୟକ, ତହସିଲଦାର ଶରତ ଚନ୍ଦ୍ର ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ହାଇକୋର୍ଟ ଯିବ ଶ୍ରୀମନ୍ଦିର ପ୍ରଶାସନ

**ଖୋର୍ଦ୍ଧା ପ୍ରଶାସନକୁ ୧୨ କୋଟି ଭରଣା ନେଇ ଏନ୍‌ଜିଟି ନିର୍ଦ୍ଦେଶ ପ୍ରସଙ୍ଗ**

ଖୋର୍ଦ୍ଧା ଅଫିସ,୪।୨



ଖୋର୍ଦ୍ଧାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଖଣିଜ ସମ୍ପଦର ସୁରକ୍ଷାରେ ଅବହେଳା ନେଇ ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି) ଶ୍ରୀମନ୍ଦିର ପ୍ରଶାସନକୁ ୧୨ କୋଟି ଟଙ୍କା ଭରଣା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଟଙ୍କା ଖୋର୍ଦ୍ଧା ଜିଲା ପ୍ରଶାସନକୁ ପ୍ରଦାନ କରାଯିବ। ଉକ୍ତ ଅର୍ଥରେ ଖୋର୍ଦ୍ଧା ଜିଲା ପ୍ରଶାସନ ଖଣିର ପୁନରୁଦ୍ଧାର, ନବୀକରଣ କାର୍ଯ୍ୟ କରିବାକୁ ଏନ୍‌ଜିଟିର ନିର୍ଦ୍ଦେଶ ରହିଥିଲା। ତେବେ ୧୨କୋଟି ଭରଣାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପ୍ରଶ୍ନ ଉଠାଇଛି।

ଏପରି କି ନିକଟରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା ହୋଇଥିଲା। ତେବେ ଏ ସମ୍ପର୍କରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ ପରିଚାଳକ ବୀର ବିକ୍ରମ ଯାଦବ ସ୍ପଷ୍ଟ କରିଥିଲେ। ୨୦୨୨ ଅକ୍ଟୋବରରେ ଏନ୍‌ଜିଟି ଉପରୋକ୍ତ ରାୟ ଶୁଣାଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି। ମହାପ୍ରଭୁଙ୍କ ଖଣିଜ ସମ୍ପଦକୁ ସୁରକ୍ଷା ଦେବାରେ ଅବହେଳା କରିଥିବା ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କଠାରୁ ଏହି ଟଙ୍କା ଆଦାୟ କରିବା ଲାଗି ବିଭିନ୍ନ ମହଲରେ ଦାବି ହେଉଛି। ଅନ୍ୟପଟେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ହାଇକୋର୍ଟରେ କେସ୍ ଫାଇଲ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରକାଶ ଯେ, ଶ୍ରୀମନ୍ଦିର ପ୍ରଶାସନ ପ୍ରତିବର୍ଷ ପଥର ଖଣି ଲିଜ୍ ଦେଉଥିବା ବେଳେ ଏହାର ସୁରକ୍ଷା ପ୍ରତି କୌଣସି ଗୁରୁତ୍ୱ ଦେଉନାହିଁ। ଜିଲା ପ୍ରଶାସନର ମଧ ଏଥିପ୍ରତି ଆନ୍ତରିକତା ଅଭାବ ରହିଛି। ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ହରିଲୁଟ୍ ଚାଲିଥିବା ବେଳେ ଉଭୟ କେବଳ ପରସ୍ପର ପ୍ରତି ଦୋଷ ଲଦି ନିଜ ଉପରୁ ଦାୟିତ୍ୱ ଖସାଉଛନ୍ତି। ଶ୍ରୀମନ୍ଦିର ସମ୍ପତ୍ତିର ସୁରକ୍ଷା ଲାଗି ଜିଲା ପ୍ରଶାସନ କିମ୍ବା ଶ୍ରୀମନ୍ଦିର ପ୍ରଶାସନର ଆନ୍ତରିକତା ନାହିଁ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

### ଏମାନେ ଯାହା କୁହନ୍ତି...

"ଖୋର୍ଦ୍ଧାରେ ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କ ପଥର ଖଣିରୁ ଦୀର୍ଘ ଦଶନ୍ଧି ଧରି ହରିଲୁଟ ଚାଲିଛି। ସବୁ କିଛି ଜାଣତରେ ଚାଲିଛି। ପ୍ରଚ୍ଛଦ ପଟରେ ମୋଟା ଅଙ୍କ ନେଇ ଏହାକୁ ପ୍ରୋତ୍ସାହନ ଦିଆଯାଉଛି। ଦାୟିତ୍ୱରେ ଅବହେଳା ଲାଗି ପ୍ରଶାସନିକ ଅଧିକାରୀଙ୍କ ଠାରୁ ଜରିମାନା ଆଦାୟ କରାଯାଉ।

- ଅଜିତ୍ ପଟ୍ଟନାୟକ, ଆଇନଜୀବୀ

"ଶ୍ରୀମନ୍ଦିର ସମ୍ପତ୍ତି ସୁରକ୍ଷା କେବଳ କାଗଜକଲମରେ ଚାଲିଛି। ଜିଲା ପ୍ରଶାସନର ଏହା ନୈତିକ ଦାୟିତ୍ୱ। ଯେଉଁ ଭଳି ମହାପ୍ରଭୁଙ୍କ ଅମୂଲ୍ୟ ଖଣିଜ ସମ୍ପଦ ଲୁଟ ଚାଲିଛି ଆଗକୁ ସବୁ ନିସ୍ତର୍ଣ୍ଣ ହୋଇଯିବ। ମାଫିଆଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଖଣିଜ ସମ୍ପଦ ସୁରକ୍ଷା ପାଇଁ କେବଳ ଜରିମାନା ଆଦାୟ କରି ରେଭେନ୍ୟୁ ବଢ଼ାଇଲେ ହେବନି, ଏଥିପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ।

- ପ୍ରଭାତ ମିଶ୍ର, ବରିଷ୍ଠ ଖବରଦାତା

"ଶ୍ରୀମନ୍ଦିରର ଖଣିଜ ସମ୍ପଦ ସୁରକ୍ଷା ଦିଗରେ ଜିଲା ପ୍ରଶାସନ ପକ୍ଷରୁ ଅବହେଳା କରାଯାଉଛି। ଯାହାର ପରିମାଣ ସ୍ୱରୂପ ଖୋର୍ଦ୍ଧାରେ ରହିଥିବା ଶ୍ରୀମନ୍ଦିର ଜାଗାରୁ ମାଙ୍କଡ଼ା ପଥର ଚୋରାଚାଲାଣ ଏବଂ ବେଆଇନ ଭାବେ ଖଣି ଉତ୍ତୋଳନ କରାଯାଉଛି।

- ଲୋତକ ବିନ୍ଦୁ ପଟ୍ଟନାୟକ, ଭାଜପା ନେତା

"ଖଣିଜ ସମ୍ପଦ ହରିଲୁଟ ଚାଲିଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନର ଅଧିକାରୀ ପରସ୍ପର ଉପରେ ଦୋଷ ଲଦି ଖସିଯାଉଛନ୍ତି। ସୁରକ୍ଷା ପ୍ରସଙ୍ଗରେ କାହିଁକି ଉଭୟ ପ୍ରଶାସନକୁ ଉତ୍ତରଦାୟିତ୍ୱ କରାନଯିବ। ଯେଉଁଭଳି ଲୁଟ ଚାଲିଛି ଆଗକୁ ଶ୍ରୀମନ୍ଦିର ପ୍ରଶାସନର ସମସ୍ତ ଖଣିଜ ସମ୍ପଦ ଲୁପ୍ତ ହୋଇଯିବ। ଏଥିଲାଗି ଦୃଷ୍ଟି ଦିଆଯିବା ଜରୁରୀ।

- ପ୍ଲାବନ ପଟ୍ଟନାୟକ, ସାମାଜିକ କର୍ମୀ

"ଏନ୍‌ଜିଟିର ରାୟ ଉପରେ ଗତ ପରିଚାଳନା କମିଟି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ଏହା ବିରୋଧରେ ଆଇନଗତ ପଦକ୍ଷେପ ଲାଗି ନିଷ୍ପତ୍ତି ନିଆଯାଇଛି। ରିପୋର୍ଟକୁ ତର୍ଜମା କରାଯାଇ ହାଇକୋର୍ଟଙ୍କ ଆଶ୍ରୟ ନିଆଯିବ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି।

- ଅଜୟ ଜେନା, ଉନ୍ନୟନ ପ୍ରଶାସକ, ଶ୍ରୀମନ୍ଦିର ପ୍ରଶାସନ

### ଚୋରି ବ୍ୟାଟେରି ଜବତ: ୨ ଗିରଫ

ବାଲୁଗାଁ,୪।୨(ଡି.ଏନ୍.ଏ.)

୧୬ ନଂ. ଜାତୀୟ ରାଜପଥର ବାଲୁଗାଁ ବାଇପାସ୍ ରାସ୍ତାପାର୍ଶ୍ୱରେ ଥିବା ବିଭିନ୍ନ କମ୍ପାନୀର ମୋବାଇଲ ଟାୱାର କ୍ୟାବିନ୍‌ରୁ ବ୍ୟାଟେରି ଚୋରି ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଥିଲା। ସମ୍ପୃକ୍ତ ଲୁଟେରାଙ୍କୁ ଧରିବା ପାଇଁ ବାଲୁଗାଁ ଥାନା ଆଇଆଇସି ରଶ୍ମିରଞ୍ଜନ ଦାସଙ୍କ ନେତୃତ୍ୱରେ ରାତ୍ରି ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଥିଲା। ଶୁକ୍ରବାର ରାତିରେ ବାଇପାସ୍ ରାସ୍ତାର ପାରିକଂସାରୀ ଛକ ନିକଟ ଏକ ମୋବାଇଲ ଟାୱାର କ୍ୟାବିନ୍‌ରୁ ବ୍ୟାଟେରି ଚୋରି ହେଉଥିବା ବେଳେ ପୋଲିସ ଦୁଇଜଣଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ୪୮ଟି ଏକ୍ସାଇଡ୍ କମ୍ପାନୀର ବ୍ୟାଟେରି ସମେତ ଚୋରିରେ ବ୍ୟବହୃତ ସାମଗ୍ରୀ ଏବଂ ଏକ ବାଇକ୍ ଜବତ କରାଯାଇଛି। ଜବତ ବ୍ୟାଟେରିର ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୧/୨୩) ରୁଜୁକରି ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି। ସମ୍ପୃକ୍ତ ଗିରଫ ଅଭିଯୁକ୍ତ ଜଣେ ବାଲୁଗାଁ ଏବଂ ଅନ୍ୟ ଜଣଙ୍କ ଘର ବେଗୁନିଆ ଅଞ୍ଚଳରେ ବୋଲି ଜଣାପଡ଼ିଛି। ତେବେ ଏହି ଚୋରି ର୍ୟାକେଟ୍‌ରେ ସମ୍ପୃକ୍ତ ଅନ୍ୟ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିବା ବେଳେ ତଦନ୍ତରେ ବାଧା ଉପୁଜିବା ନେଇ ଅଭିଯୁକ୍ତଙ୍କ ନାମ ଗୋପନ ରଖାଯାଇଛି।




**ଖୋର୍ଦ୍ଧା:** ସିଆଇଟିୟୁ ଜିଲା କମିଟି ଖୋର୍ଦ୍ଧା ପକ୍ଷରୁ ଶନିବାର ବିଭିନ୍ନ ଦାବି ପୂରଣ ପାଇଁ ବାହାରିଥିବା ଶୋଭାଯାତ୍ରା।

### ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଖୋର୍ଦ୍ଧା ଅଫିସ,୪।୨

ସିଆଇଟିୟୁ ଜିଲା କମିଟି ଖୋର୍ଦ୍ଧା ପକ୍ଷରୁ ଶନିବାର ଶ୍ରମିକମାନଙ୍କ ବିଭିନ୍ନ ଦାବି ପୂରଣ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ନୂଆ ବସ୍‌ଷ୍ଟାଣ୍ଡ ଠାରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସିଆଇଟିୟୁ ଖୋର୍ଦ୍ଧା ଜିଲା କମିଟି ସଭାପତି ସୁରେଶ ଚନ୍ଦ୍ର ରାଉତରାୟଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସିଆଟିୟୁର ରାଜ୍ୟ ସଭାପତି ସାଥୀ ଜନାର୍ଦ୍ଦନ ପତି, ଅନନ୍ତ ମଙ୍ଗରାଜ, ଶୈଳେଶ ବଳିୟାରସିଂହ, ଗିରିଶ ଚନ୍ଦ୍ର ମହାରଣା, ପ୍ରଦୀପ୍ତ ନାୟକ, ସାରଙ୍ଗଧର ବେହେରା, କିଶୋର ଚନ୍ଦ୍ର ପରମଗୁରୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏକ ୭ଜଣିଆ ପ୍ରତିନିଧିମଣ୍ଡଳୀ ଶ୍ରମିକମାନଙ୍କ ୧୦ଦଫା ଦାବି ଉପରେ ଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ। ଶ୍ରମ ଆଇନ ଖିଲାପ କରୁଥିବା କାରଖାନା ଉପରେ ପଦକ୍ଷେପ ନେବା, ଆଶାକର୍ମୀଙ୍କ ପାରିଶ୍ରମିକ ମାସର ୧୦ ତାରିଖ ମଧରେ ପ୍ରଦାନ କରିବା, ପାଚିକାଙ୍କ ଦରମା ପ୍ରତିମାସରେ ପ୍ରଦାନ ଆଦି ଦାବି ରହିଛି। ସଭାରେ ୧ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ, ଆଶାକର୍ମୀ, ପାଚିକା, ଅଙ୍ଗନୱାଡ଼ି, ସ୍ୱଚ୍ଛସାଥୀ, ପ୍ରିମିୟର କେବୁଲ, ବ୍ୟାଙ୍କ ମିତ୍ର, ଇଣ୍ଡିଆନ ଅଏଲର ଶ୍ରମିକମାନେ ଯୋଗଦେଇଥିଲେ।

### 'କାର୍ଯ୍ୟ ଦକ୍ଷତା ଦ୍ୱାରା ସମ୍ମାନ ମିଳେ'



ଅତିଥିମାନେ ପୁସ୍ତକ 'ସାବିତ୍ରୀ' ଲୋକାର୍ପଣ କରୁଛନ୍ତି।

ବେଗୁନିଆ,୪।୨(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ସିମୋର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଏକ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଏକ ସଭା ଆୟୋଜିତ ହୋଇଥିଲା। ସଂଘ ସଭାପତି ରାମଚନ୍ଦ୍ର ଷଣ୍ଢଙ୍କ ଅଧକ୍ଷତାରେ ବିଇଓ ଭାସ୍କର ଲେଙ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ ବକ୍ତା ଏବଂ କଟକସ୍ଥିତ ଓଷ୍ଟାର ସଭାପତି ଭାବଗ୍ରାହୀ ମହାପାତ୍ର, ରବୀନ୍ଦ୍ର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ବିଶ୍ୱଭୂଷଣ ପ୍ରହରାଜ, ଉପଦେଷ୍ଟା ବସନ୍ତ ପ୍ରହରାଜ, ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ସମ୍ପାଦକ ବସନ୍ତ ଜୟସିଂହ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଶିକ୍ଷା ବିନା ବିକଶିତ ରାଷ୍ଟ୍ର ଅସମ୍ଭବ। ସମାଜରେ ଯେକୌଣସି କାର୍ଯ୍ୟ କରିବାକୁ ହେଲେ ଉନ୍ନତ ଶିକ୍ଷାର ଆବଶ୍ୟକତା ରହିଛି। ଯିଏ ଯେଉଁ କର୍ମ କରନ୍ତି ତା'ର ମୂଲ୍ୟ ମର୍ଯ୍ୟାଦା ଓ ସମ୍ମାନରେ ହିଁ ପାଇଥାନ୍ତି ବୋଲି ଅତିଥି ଲେଙ୍କା କହିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ଦେବୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ଅତିଥିଙ୍କ ଦ୍ୱାରା ଏକ ପୁସ୍ତକ 'ସାବିତ୍ରୀ' ଉନ୍ମୋଚନ କରାଯାଇଥିଲା। ଶିକ୍ଷକ ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା, ଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରାରମ୍ଭିକ ଭଜନ ପରିବେଷଣ, ଶିକ୍ଷୟିତ୍ରୀ ବାଗ୍ମୀ ଦାଶ ସ୍ୱାଗତ ଭାଷଣ ଓ ନିରୁପମା ଭୋଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ନଳିନୀକାନ୍ତ ପଣ୍ଡା, ସୁଧାକର ସେଠୀ, କବୟିତ୍ରୀ ଶାନ୍ତିଲତା ମହାନ୍ତି, ଜନ୍ମେଶ୍ୱର ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ। ରଞ୍ଜନ ସିଂହ, ଦାଶରଥି ପ୍ରଧାନ, ବାସନ୍ତୀ ସାହୁ, ନିତ୍ୟାନନ୍ଦ ସୁବୁଦ୍ଧି, ଗଗନ ମହାପାତ୍ର, ଉମାକାନ୍ତ ନାୟକ ଏବଂ ସୂର୍ଯ୍ୟନାରାୟଣ ପଣ୍ଡା ସହଯୋଗ କରିଥିଲେ।

### ରିଲେ ଅନଶନ ପ୍ରତ୍ୟାହୃତ

**ରୟତଙ୍କ ଜମି ଫେରିପାଇବା ପ୍ରସଙ୍ଗ**

ଜଟଣୀ,୪।୨(ଡି.ଏନ୍.ଏ.)

ଜଟଣୀ ନାଗରିକ କମିଟି ପକ୍ଷରୁ ସୀତାରାମ ଛକଠାରେ ଚାଲିଥିବା ରିଲେ ଅନଶନ ଶନିବାର ପ୍ରତ୍ୟାହୃତ ହୋଇଛି। ଖୋର୍ଦ୍ଧା ଏଡିଏମ୍ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜଟଣୀ ତହସିଲଦାର ରୁମାନା ଜାଫ୍ରି ଅନଶନ ସ୍ଥଳରେ ପହଞ୍ଚି ଆସନ୍ତା ୩ ମାସ ମଧରେ ଏଖରଜାତ ମାହାଲ ଜମି ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ କମିଟି ସଭାପତି ମନ୍ମଥ ରାଉତରାୟ ଅନଶନ ଭଙ୍ଗ କରିଥିଲେ। ଦୀର୍ଘ ୧୧ ବର୍ଷ ଧରି ଜଟଣୀ, ପୁରୀ ଏବଂ ଖୋର୍ଦ୍ଧା ଅଞ୍ଚଳର ୩୬ଟି ମୌଜାର ଏଖରଜାତ ମାହାଲର ସ୍ଥିତିବାନ୍ ଜମିକୁ ରୟତମାନଙ୍କୁ ବିନା ମୂଲ୍ୟରେ ଫେରସ୍ତ କରିବା ଉଦ୍ଦେଶ୍ୟରେ କମିଟି ସଭାପତି ରାଉତରାୟଙ୍କ ନେତୃତ୍ୱରେ ଏହି ରିଲେ ଅନଶନ କରାଯାଇଥିଲା। ତେବେ ଆସନ୍ତା ୩ ମାସ ମଧରେ ଉକ୍ତ ସମସ୍ୟାର ସମାଧାନ ନ ହେଲେ ବିଭାଗୀୟ ମନ୍ତ୍ରୀଙ୍କ ଘର ସମ୍ମୁଖରେ ଧାରଣା ଦିଆଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ଅନଶନ ପରିପ୍ରେକ୍ଷୀରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା। ବିଧାୟକ ସୁରେଶ କୁମାର ରାଉତରାୟ, ଜଟଣୀ ନଗର କଂଗ୍ରେସ ସଭାପତି ଅଶୋକ କୁମାର ମଙ୍ଗରାଜ, ପୂର୍ବତନ ସରପଞ୍ଚ ସୁନୀଲ ରାଉତରାୟ, କଳିଙ୍ଗ ସାହୁ, ନୌସର ଅଲ୍ଲୀଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।



ଅନଶନ ସ୍ଥଳରେ ବିଧାୟକ ସୁରେଶ ରାଉତରାୟ ଏବଂ ଜଟଣୀ ନାଗରିକ କମିଟି କର୍ମକର୍ତ୍ତା।

## ସେମିରେ ପପୁଲାର କ୍ଲବ ଢେଙ୍କାନାଳ



ଅତିଥିଙ୍କ ଗହଣରେ ଖେଳାଳିଙ୍କ ସହ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୪।୨

**ସର୍ବଭାରତୀୟ ପ୍ରହରାଜ ଚ୍ୟାଲେଞ୍ଜ ସିଲ୍ଡ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଖୋର୍ଦ୍ଧା ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ପ୍ରହରାଜ ଚ୍ୟାଲେଞ୍ଜ ସିଲ୍ଡ ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଶନିବାର ଢେଙ୍କାନାଳର ପପୁଲାର କ୍ଲବ ଓ ପଶ୍ଚିମବଙ୍ଗ ବର୍ଦ୍ଧମାନର ବିଏମ୍‌ୱାଇ ମଧରେ ହୋଇଥିଲା। ମ୍ୟାଚ୍ ପ୍ରଥମାର୍ଦ୍ଧର ୩୩ତମ ମିନିଟ୍‌ରେ ପପୁଲାର କ୍ଲବର ୧୨ନଂ.ଖେଳାଳି ମନୋଜ ସ୍ୱାଇଁ ଗୋଟିଏ ଗୋଲ୍ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ୭ନଂ. ଖେଳାଳି ମଣ୍ଟୁ ସାହୁ ୪୭ ଓ ୬୩ତମ ମିନିଟ୍‌ରେ ୨ଟି ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷସୁଦ୍ଧା ପଶ୍ଚିମବଙ୍ଗ ବର୍ଦ୍ଧମାନର ବିଏମ୍‌ୱାଇ ଟିମ୍ କୌଣସି ଗୋଲ୍ ଦେଇ ନ ପାରି ପରାଜିତ ହୋଇଥିଲା। ପପୁଲାର କ୍ଲବ ୩-୦ ଗୋଲରେ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଜାତୀୟ ରେଫରି ଅଶୋକ କୁମାର କଅଁର, ପ୍ରଫୁଲ୍ଲ କୁମାର ବେହେରା, ମନୋରଞ୍ଜନ ଖୁଣ୍ଟିଆ ଓ ଅବ୍‌ଦୁଲ ଅହମ୍ମଦ ମ୍ୟାଚ୍ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର କଟକ ବିଡ଼ାନାସୀର ମା'ଭୁଆସୁଣୀ ଟିମ୍ ଏବଂ ଭଦ୍ରକର ୟୁନାଇଟେଡ୍ କ୍ଲବ ମଧରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଆୟୋଜିତ ହେବ ବୋଲି ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ସୂଚନା ଦେଇଛନ୍ତି।

## ୨ମାସ ବିତିଲା, ଘୋଷଣା ହୋଇନି ଅନୁଦାନ

**ମା' ଭଗବତୀ, ଉଗ୍ରତାରା ପୀଠର ବିକାଶ ପ୍ରସଙ୍ଗ**

ଖୋର୍ଦ୍ଧା ଅଫିସ,୪।୨



ରାଜ୍ୟର ଐତିହାସିକ ସ୍ଥଳ, ମନ୍ଦିର, ଶକ୍ତିପୀଠ ଆଦିର ଉନ୍ନତି ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବିଭିନ୍ନ ଐତିହ୍ୟ ସ୍ଥାନ ଓ ମନ୍ଦିର ପରିଦର୍ଶନ କରୁଛନ୍ତି। ଏହି କ୍ରମରେ ପାଣ୍ଡିଆନ ଗତ ନଭେମ୍ବର ୨୬ରେ ଖୋର୍ଦ୍ଧା ଗସ୍ତରେ ଆସି ବାଣପୁରସ୍ଥିତ ମା' ଭଗବତୀ ଓ ଟାଙ୍ଗୀ ଭୂଷଣ୍ଡପୁରସ୍ଥିତ ଉଗ୍ରତାରା ପୀଠ ପରିଦର୍ଶନ କରିଥିଲେ। ଉଭୟ ମନ୍ଦିରର ଭିତ୍ତିଭୂମି ବିକାଶ, ଅତ୍ୟାଧୁନିକ ସେବା ଯୋଗାଇଦେବା ଲାଗି ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ ଲାଗି ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ପୂର୍ତ୍ତ ସଚିବ ମଧ ଭଗବତୀଙ୍କ ମନ୍ଦିର ପରିଦର୍ଶନ କରି ପ୍ରସ୍ତାବିତ ଉନ୍ନତୀକରଣ ଉପରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ପ୍ଲାନ୍ ଏଷ୍ଟିମେଟ୍ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ ୨ ମାସ ବିତିଲାଣି। ଏଯାଏ ଉଭୟ ମନ୍ଦିରର ପାରିପାର୍ଶ୍ୱିକ ବିକାଶ ଲାଗି କୌଣସି ଘୋଷଣା କରାଯାଇନାହିଁ। ମୁଖ୍ୟମନ୍ତ୍ରୀ ଏହି ମନ୍ଦିରର ଉନ୍ନତୀକରଣ ଲାଗି ଅନୁଦାନ ଅର୍ଥ ଘୋଷଣା କରିବେ, ତାହାକୁ ଜିଲାବାସୀ ଅପେକ୍ଷା କରିଛନ୍ତି।

ମା' ଭଗବତୀ ମନ୍ଦିରର ଉନ୍ନତୀକରଣ ସମ୍ପର୍କରେ ଜିଲାପାଳ ଓ ସେବାୟତଙ୍କ ସହ ଆଲୋଚନା କରିଥିଲେ ୫-ଟି ସଚିବ। ପ୍ରମୁଖ ଉନ୍ନୟନ ପ୍ରକଳ୍ପଗୁଡିକ ମଧରେ ମନ୍ଦିର ଜମିର ସୀମା ନିର୍ଦ୍ଧାରଣ, ଜବରଦଖଲକାରୀଙ୍କୁ ଉଚ୍ଛେଦ, ମନ୍ଦିର ପଛପଟ ପ୍ରାଚୀର ସମ୍ପ୍ରସାରଣ, ବସ୍‌ଷ୍ଟାଣ୍ଡ ନିର୍ମାଣ ଓ ପାର୍କିଂ ବ୍ୟବସ୍ଥା, ଦୋଳବେଦି ଛକରୁ ଭଗବତୀ ମନ୍ଦିର ପର୍ଯ୍ୟନ୍ତ ମୁଖ୍ୟରାସ୍ତା ୧୦ ମିଟର ପ୍ରଶସ୍ତୀକରଣ, ଯାତ୍ରୀନିବାସ, କଲ୍ୟାଣମଣ୍ଡପ, ମୁଖ୍ୟ ମନ୍ଦିରର ପୁନରୁଦ୍ଧାର, ସର୍ବସାଧାରଣ ପ୍ରସାଦ ସେବନ ଗୃହ ନିର୍ମାଣ, ମନ୍ଦିର କାର୍ଯ୍ୟାଳୟ ନିଯୋଗୀ ବୈଠକ ଗୃହ ନିର୍ମାଣ ସହ ଐତିହାସିକ ଦକ୍ଷେଶ୍ୱର ମନ୍ଦିରର ପୁନରୁଦ୍ଧାର କରାଯିବ। ଏଥିସହିତ ମା' ଉଗ୍ରତାରାଙ୍କ ପୀଠର ସୌନ୍ଦର୍ଯ୍ୟକରଣ ନିମନ୍ତେ ଜିଲାପାଳ, ମନ୍ଦିର ଟ୍ରଷ୍ଟ ସଦସ୍ୟ, ପୂଜକଙ୍କ ସହ ଆଲୋଚନା କରିଥିଲେ। ଜାତୀୟ ରାଜପଥଠାରୁ ମନ୍ଦିର ପର୍ଯ୍ୟନ୍ତ ଆଲୋକୀକରଣ, ଯାତ୍ରୀନିବାସ ଓ କଲ୍ୟାଣମଣ୍ଡପ, ସେବାୟତଙ୍କ ପାଇଁ ଗୃହ ନିର୍ମାଣ ଲାଗି ପ୍ରସ୍ତାବ ଦେଇଥିଲେ। ମନ୍ଦିରର ଉନ୍ନତି ପାଇଁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ୫-ଟି ସଚିବ।

ପ୍ରକାଶ ଯେ, ଭଗବତୀ ମନ୍ଦିର ହେଉଛି ପ୍ରାଚୀନ ଐତିହାସିକ ମନ୍ଦିର। ଏଥିସହିତ ଉଗ୍ରତାରା ପୀଠ ହେଉଛି ପ୍ରସିଦ୍ଧ ଶକ୍ତିପୀଠ। ଏହାର ପୁନରୁଦ୍ଧାର ଲାଗି ସ୍ଥାନୀୟ ଗ୍ରାମବାସୀ, ଜନପ୍ରତିନିଧି ସରକାରଙ୍କୁ ନିବେଦନ କରିଥିଲେ। ତଦନୁସାରେ ୫-ଟି ସଚିବ ବାଣପୁର ଓ ଭୂଷଣ୍ଡପୁର ଗସ୍ତରେ ଆସି ମା'ଙ୍କ ମନ୍ଦିର ପରିସର ବୁଲି ଦେଖିବା ସହ ସେବାୟତ, ଟ୍ରଷ୍ଟବୋର୍ଡ ଏବଂ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ସମସ୍ତ ପ୍ରସ୍ତାବିତ ପ୍ରକଳ୍ପ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ବାଣପୁର- ବାଲୁଗାଁ ଟ୍ରାଫିକ ସମସ୍ୟା ଦୂର ଲାଗି ରାସ୍ତା ପ୍ରଶସ୍ତୀକରଣ ପାଇଁ ବିଭାଗ ଯନ୍ତ୍ରୀଙ୍କୁ ମଧ ନିର୍ଦ୍ଦେଶ ଦେଇଥିଲେ। ତେବେ ଏଯାବତ୍ ପ୍ରଶାସନ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ରାଜ୍ୟ ସରକାରଙ୍କ ନିକଟରେ ଏଷ୍ଟିମେଟ ପ୍ଲାନ ପହଞ୍ଚିନଥିବା ଜଣାପଡିଛି। ଏନେଇ ଜିଲାପାଳ ଚକ୍ରବର୍ତ୍ତୀଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ ପ୍ରତିକ୍ରିୟା ମିଳିପାରି ନାହିଁ।

## ମୋବାଇଲ ଚୋରି, ଯୁବକ ଗିରଫ

ମଙ୍ଗୁଳି-ଜଗତପୁର,(ଡି.ଏନ.ଏ.): ମୋବାଇଲ ଚୋରି ଘଟଣାରେ ଜଗତପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ବିଦ୍ୟାଧରପୁର ଅଞ୍ଚଳର ରବି ନାରାୟଣ ଜେଠି। ଚୌଦ୍ୱାର ଥାନା ଅଧୀନ ଆଗ୍ରାହାଟ ଗ୍ରାମର ସୁମନ ଜି ଗତବର୍ଷ ଜାନୁୟାରୀ ୨୮ ତାରିଖ ରାତିରେ କଟକରୁ ସାଇକେଲରେ ଘରକୁ ଫେରୁଥିବାବେଳେ ମହାନଦୀ ବ୍ରିଜ୍ ଉପରେ ଫୋନ୍‌ରେ କଥା ହେଉଥିଲେ। ଏହି ସମୟରେ ୨ ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କ ହାତରୁ ମୋବାଇଲ ଫୋନ୍ ଲୁଟି ନେଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୭/୨୨)ରୁଜୁ କରିଥିଲା। ଏଥିସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ତାଙ୍କଠାରୁ ଚୋରି ମୋବାଇଲ ଜବତ କରିଥିଲା। ହେଲେ ଏହି ଘଟଣା ପରେ ରବି ଫେରାର ଥିଲେ।

# ପର୍ଯ୍ୟଟନସ୍ଥଳୀ ପାଲଟିବ ଗୋରାକବର

କଟକ ଅଫିସ,୪।୨

କଟକ ଗୋରାକବରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମାଧିସ୍ଥଳ ନୂଆ ରୂପ ପାଇବ। ଏବେ ଏହାର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଦିଲ୍ଲୀରେ ଥିବା ମହାତ୍ମା ଗାନ୍ଧୀଙ୍କ ସମାଧିପୀଠ ରାଜଘାଟ ପରି ନଜର ଆସିବ ମଧୁବାବୁଙ୍କ ସମାଧିସ୍ଥଳ। ମଧୁବାବୁଙ୍କ ତିରୋଧାନ ଅବସରରେ ଶନିବାର ଗୋରାକବରଠାରେ ସୌନ୍ଦର୍ଯ୍ୟକରଣ ଲାଗି ଶିଳାନ୍ୟାସ କରାଯାଇଛି। ସିଏମ୍‌ସି ମେୟର ସୁବାସ ସିଂ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ଡେପୁଟି ମେୟର ଦମୟନ୍ତୀ ମାଝି, ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଡା. ରବିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗୋରାକବର ଉନ୍ନତୀକରଣ ପାଇଁ ମୋଟ ୭୫ ଲକ୍ଷ ୨୯ ହଜାର ୭୯୩ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବାବେଳେ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମକୁ ଦାୟିତ୍ୱ ଦିଆଯାଇଛି। ଏ ନେଇ ମେୟର କହିଛନ୍ତି, ଗୋରାକବର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପ୍ରକାର ଗଛ, ରାସ୍ତା ପ୍ରଶସ୍ତୀକରଣ, କାନ୍ଥରେ ମଧୁବାବୁଙ୍କ ବିଭିନ୍ନ ପଟ୍ଟଚିତ୍ର, ନୂତନ ଫାଟକ ନିର୍ମାଣ ଆଦି କରାଯିବ। ଏହାଦ୍ୱାରା ଉକ୍ତ ସ୍ଥାନ ପର୍ଯ୍ୟଟନସ୍ଥଳରେ ସ୍ଥାନ ପାଇପାରିବ ଓ କଟକର ଗୌରବ ଦ୍ୱିଗୁଣିତ ହେବ। ଏହି କାର୍ଯ୍ୟ ୧ ବର୍ଷ ମଧ୍ୟରେ ଶେଷ ହେବ। ଆବଶ୍ୟକ ହେଲେ ଏହାର ବ୍ୟୟ ଅଟକଳ ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ମଧୁବାବୁ ମରଣୋତ୍ତର ଭାରତ ରତ୍ନ ପୁରସ୍କାର ପାଇବା ଯୋଗ୍ୟ ବୋଲି ବିଧାୟକ ପଟ୍ଟନାୟକ କହିଥିଲେ। ସେହିପରି ମଧୁ ସ୍ମୃତି ସୁରକ୍ଷା ମଞ୍ଚ ପକ୍ଷରୁ କୁହାଯାଇଛି, ପୀଠକୁ ଲୋକଙ୍କ ନଜରକୁ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ଆହୁରି ପ୍ରୟାସର ଆବଶ୍ୟକତା ରହିଛି। ଏହି ଅବସରରେ ମଧୁକୁଞ୍ଜ ପାର୍କ ଓ କ୍ୟାଣ୍ଟନମେଣ୍ଟ ଛକରେ ଥିବା ମଧୁବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଗୋରାକବର ପରିଚାଳନା କମିଟି ତଥା ଖ୍ରୀଷ୍ଟିଆନ ସମାଜର ପ୍ରତିନିଧି ବିଶପ ଏସ କେ ନନ୍ଦ, ରେଭରେଣ୍ଡ ପରିତୋଷ ରାଉତ, ଅଜୟ କୁମାର ବେହେରା, ଗୋଲକ ଚନ୍ଦ୍ର ନାୟକ, କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, ବିକାଶ ରଞ୍ଜନ ବେହେରା ଓ ଅନ୍ୟ କର୍ପୋରେଟରମାନେ ଉପସ୍ଥିତ ଥିଲେ।


ଶିଳାନ୍ୟାସ କାର୍ଯ୍ୟକ୍ରମରେ ମେୟର, ଜିଲାପାଳ, ବିଧାୟକ ଓ କମିଶନରଙ୍କ ସହ ଅନ୍ୟମାନେ।

- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି
- ସମାଧିପୀଠରେ ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଶିଳାନ୍ୟାସ

### ସିଏମ୍‌ସି ପକ୍ଷରୁ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ

ହରିଣ ପାର୍କ ଅଞ୍ଚଳର ମଧୁକୁଞ୍ଜ ପାର୍କ ନିକଟରେ ମୋ ଖତ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସେହିପରି ଜୁଡିସିଆଲ ଏକାଡେମୀ ସମ୍ମୁଖ ବେଲିଭ୍ୟୁ ଛକ ନିକଟରେ ବହୁମୁଖୀ ମନୋରଞ୍ଜନ ପାର୍କର ବିକାଶ, ଫୁଡ୍‌କୋର୍ଟ, ପାର୍କିଂ ସ୍ଥାନ ସହିତ ଗୋଲେଇ ଛକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶିଳାନ୍ୟାସ କରାଯାଇଥିଲା। ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ଏହାର ନିର୍ମାଣ କାର୍ଯ୍ୟ ଓଡ଼ିଶା ପୋଲିସ ହାଉସିଂ ୱେଲଫେୟାର କର୍ପୋରେଶନକୁ ଦିଆଯାଇଛି। ସେହିପରି ବକ୍ସିବଜାର (ଭଗତ ହଷ୍ଟେଲ) ନିକଟରେ ୬୬ ଶଯ୍ୟା ବିଶିଷ୍ଟ ୱାର୍କିଂ ଓମେନ ହଷ୍ଟେଲର ଶିଳାନ୍ୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମେୟର, କମିଶନରଙ୍କ ସମେତ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ, ମୋନାଲିସା ଦାସ, ଦୀପ୍ତିମୟୀ ମୁଳିଆ, ଏ. ଶ୍ରୀଦେବୀ, ଆରତୀ ସାହୁ, ରୀତାଞ୍ଜଳି ବେହେରା, ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ ଓ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ

#### ଡାଇଗ୍ନୋଷ୍ଟିକ୍ ସେଣ୍ଟର ଉପରେ ଜରିମାନା



କଟକ ଅଫିସ,୪।୨: କଟକ ମହାନଗର ନିଗମ(ସିଏମ୍‌ସି) ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଶନିବାର ମଙ୍ଗଳାବାଗ ଥାନା ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବିଶେଷକରି ଜବରଦଖଲରେ ଥିବା ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ଏସ୍‌ସିବି ମେଡିକାଲ ନ୍ୟୁ କାର୍ଡିଓଲୋଜି ନିକଟରେ ଥିବା ସନ୍ ଡାଇଗ୍ନୋଷ୍ଟିକ୍ ନାମକ ଏକ ବ୍ୟବସାୟିକ ପ୍ରତିଷ୍ଠାନ ସମ୍ମୁଖରେ ବେଆଇନ ଭାବେ ଗାଡି ପାର୍କିଂ କରାଯାଇଥିବାରୁ ଉକ୍ତ ସଂସ୍ଥା ଉପରେ ୧୫ ହଜାର ଟଙ୍କା ଜରିମାନା କରାଯାଇଥିଲା। ସେହିପରି ରାସ୍ତା ଅବରୋଧ କରିଥିବାରୁ ଆଉ ଏକ ଦୋକାନ ଉପରେ ଜରିମାନା କରାଯାଇଛି। ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତିଙ୍କ ନେତୃତ୍ୱରେ ମଙ୍ଗଳାବାଗ ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା, ସିଏମ୍‌ସି ଏନଫୋର୍ସମେଣ୍ଟ ଇନ୍‌ଚାର୍ଜ ପଞ୍ଚାନନ ପାଲ, ସ୍କ୍ୱାର୍ଡର ପ୍ରଫୁଲ୍ଲ କୁମାର ମଙ୍ଗଳ ଓ କଟକ ଡିଷ୍ଟ୍ରିକ୍ଟ ଏନ୍‌ଫୋର୍ସମେଣ୍ଟ ଫୋର୍ସର ୩୦ ଜଣ ସଦସ୍ୟ ଏହି ଉଚ୍ଛେଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଶୈଳବାଳା କଲେଜରେ ମଧୁବାବୁଙ୍କ ତିରୋଧାନ ଦିବସ ପାଳିତ

କଟକ ଅଫିସ,୪।୨: ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରସ୍ଥିତ ମଧୁସୂଦନ ପ୍ରେକ୍ଷାଳୟରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ପୌରୋହିତ୍ୟ କରି କହିଥିଲେ, ୧୮୯୨ରୁ ୧୯୩୪ ଫେବୃୟାରୀ ୪ ତାରିଖ ପର୍ଯ୍ୟନ୍ତ ମଧୁବାବୁ ଏଠାରେ ଅବସ୍ଥାନ କରିଥିଲେ। ଏଣୁ ଏହି ପୀଠର ମହତ୍ତ୍ୱ ରହିଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଡ. ବାବାଜୀ ଚରଣ ପଟ୍ଟନାୟକ ଯୋଗ ଦେଇଥିଲେ। ମଧୁସ୍ମୃତି ପରିଷଦ ସଦସ୍ୟ ଡ. ଚିତ୍ତରଞ୍ଜନ ପଣ୍ଡା ଅତିଥି ପରିଚୟ, ଡ. ଦୀପ୍ତି ପଣ୍ଡା ବିବରଣୀ ପାଠ, ଡ. ସୁଜ୍ଞାନୀ କୁମାରୀ ସାହୁ ସଭା ପରିଚାଳନା, ଅରବିନ୍ଦ ନାୟକ ବେଦପାଠ ଓ ମଧୁସ୍ମୃତି ପରିଷଦର ଆବାହିକା ଡ. ସଞ୍ଜିତା ମିଶ୍ର ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ ମଧୁସ୍ମୃତି ପରିଷଦ ସଦସ୍ୟମାନେ ମହାବିଦ୍ୟାଳୟ ପରିସରସ୍ଥିତ ମଧୁବାବୁ ଓ ଶୈଳବାଳାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଛାତ୍ରୀମାନେ ଗୋରାକବରକୁ ଯାଇ ସେଠାରେ ମଧୁବାବୁଙ୍କ ସମାଧିପୀଠରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ଭାଜପାର କାର୍ଯ୍ୟକାରିଣୀ ବୈଠକ

ଚୌଦ୍ୱାର,୪।୨(ଡି.ଏନ୍.ଏ.): ଭାଜପା ଚୌଦ୍ୱାର ମଣ୍ଡଳର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ବୈରାଗୀ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି ଯୋଗଦେଇ ସଶକ୍ତ ମଣ୍ଡଳ ଓ ବୁଥ୍ ଗଠନ ଦିଗରେ ଉଦ୍ୟମ ପାଇଁ ପରାମର୍ଶ ଦେଇଥିଲେ। ନିର୍ବାଚନ ମଣ୍ଡଳୀର ସଂଯୋଜକ ଚିତ୍ତରଞ୍ଜନ ଖଣ୍ଡାୟତରାୟ ଯୋଗଦେଇ ଦଳୀୟ ସଙ୍ଗଠନକୁ ମଜଭୁତ୍ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ଚନ୍ଦ୍ର ବଡଜେନା ୧୧ଦଫା ସମ୍ବଳିତ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହା ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା। ବଲାରପୁର ଜମିରେ ଏକ ଶିଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟ ଅତିଥି ଗୁରୁତ୍ୱାରୋପ କରିଥିଲେ। ୧୩ନଂ. ୱାର୍ଡ କାଉନ୍‌ସିଲର ଇଂ. ସୁଜାତା ସାହୁ ୱାର୍ଡର ଉନ୍ନତିମୂଳକ କାମରେ ପୌରପାଳିକାର ଅସହଯୋଗ ବିଷୟରେ ଆଲୋଚନା କରି ସମସ୍ତଙ୍କର ସହଯୋଗ କାମନା କରିଥିଲେ।

### ୪୦ କେଜି ଖାଦ୍ୟ ନଷ୍ଟ, ୨ ଦୋକାନୀଙ୍କୁ କାରଣ ଦର୍ଶାଅ ନୋଟିସ

#### ସିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ

କଟକ ଅଫିସ,୪।୨

କଟକ ମହାନଗର ନିଗମ(ସିଏମ୍‌ସି) ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଶନିବାର ଜଗତପୁର ଆଇବି ରୋଡ ଅଞ୍ଚଳର ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇଥିଲା। ସେଥିମଧ୍ୟରେ ୬ଟି ଦୋକାନରୁ ପ୍ରାୟ ୪୦ କେଜି ଓଜନର ନିମ୍ନମାନର ଖାଦ୍ୟ ଜବତ କରାଯାଇ ନଷ୍ଟ କରାଯାଇଥିଲା। ସେହିପରି ଦୁଇଟି ଦୋକାନର ନଥିପତ୍ର ଏବଂ ଲାଇସେନ୍ସ ଠିକ୍ ନ ଥିବାରୁ ସମ୍ପୃକ୍ତ ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସେମାନେ ଦୁଇ ଦିନ ଭିତରେ ଆବଶ୍ୟକ କାଗଜପତ୍ର ସିଏମସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କୁ ଦେଖାଇବାକୁ କୁହାଯାଇଛି। ସୂଚନାଯୋଗ୍ୟ, ସହରର ବିଭିନ୍ନ ହୋଟେଲ, ଫାଷ୍ଟଫୁଡ୍, ମିଷ୍ଟାନ୍ନ ଭଣ୍ଡାରରେ ବାସି ଓ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ୪ ଦିନ ହେଲାଣି ସିଏମ୍‌ସି ପକ୍ଷରୁ ବିଭିନ୍ନ ଦୋକାନରେ ଚଢାଉ କରାଯାଇ ଖାଦ୍ୟର ମାନ ଯାଞ୍ଚ କରାଯାଉଛି।


କଟକ ବାଲିଯାତ୍ରା ଉପର ପଡ଼ିଆରେ ଶନିବାର ଅନୁଷ୍ଠିତ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀରେ ସମବେତ ଶ୍ରଦ୍ଧାଳୁ।

### ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ ଶିବିର

କଣ୍ଟାପଡା, ୪।୨(ଡି.ଏନ୍.ଏ.)

ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଆଶିଷ ରଞ୍ଜନ ପୃଷ୍ଟି ଉଦ୍‌ଘାଟନ କରିଥିଲେ। ଶିବିରରେ ୩୫ ଜଣ ଶିଶୁ, କିଶୋରୀ ଓ କିଶୋରଙ୍କର ରୋଗଚିହ୍ନଟ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡା. ସୁଶ୍ରୀ ମିଶ୍ର, ଅଡିଓଲୋଜିଷ୍ଟ ରାଜୀବ ଲୋଚନ ଭୋଇ, ମନସ୍ତତ୍ତ୍ୱବିତ୍ ଯାଜ୍ଞସେନୀ ପ୍ରଧାନ, ଫିଜିଓ ଥେରାପିଷ୍ଟ ସୁବ୍ରତା ରାଉତ ଓ ସାମାଜିକ କର୍ମୀ ସରୋଜ କୁମାର ପଣ୍ଡା ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ହିତାଧିକାରୀମାନଙ୍କୁ ଆବଶ୍ୟକ ଔଷଧ ପ୍ରଦାନ କରାଯାଇଥିଲା। ଡା. ପ୍ରିୟରଞ୍ଜନ ମହାପାତ୍ର, ଡା. ଅମ୍ରିତା ମହାନ୍ତି, ଫାର୍ମାସିଷ୍ଟ ଜଗନ୍ନାଥ ଗୋଛି, ଏ.ଏନ୍.ଏମ୍ ସୁପ୍ରିୟା ସାହୁ, ଶୁଭସ୍ମିତା ମହାନ୍ତି, ଅଜୟ ସିଂ, ବାବୁଲି ସେନାପତି ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଉତ୍କଳ ଗୌରବଙ୍କ ତିରୋଧାନ ଦିବସ ପାଳିତ

କଟକ ଅଫିସ, ୪।୨

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ଶନିବାର ପାଳିତ ହୋଇଯାଇଛି। କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ସଂଘର କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ। ସଂଘ ସଭାପତି ବିଜୟ କୁମାର ପଡିହାରୀ, ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ଶ୍ରୀନିବାସ ରେଡ୍ଡୀ, ମହତ ସାହୁ, ଶିଶିରକାନ୍ତ ସ୍ୱାଇଁ, ବଂଶୀଧର ବେହେରା, ପ୍ରଶାନ୍ତ ସାହୁ, ମନୋଜ ପାଲ, ହିମାଂଶୁ ମହାପାତ୍ର, ପ୍ରଦ୍ୟୁମ୍ନ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।


ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ସମ୍ବାଦପତ୍ର ବିକ୍ରେତା ସଂଘର ସଦସ୍ୟମାନେ।

## ଅନ୍‌ଲାଇନ୍ ଶିକ୍ଷା ଆଳରେ କର୍ମଚାରୀଙ୍କୁ ଠକେଇ

#### ଥାନାର ଦ୍ୱାରସ୍ଥ ହେଲେ କର୍ମଚାରୀ

ଚୌଦ୍ୱାର,୪।୨(ଡି.ଏନ୍.ଏ.)

ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ଅନ୍‌ଲାଇନ୍‌ରେ ଶିକ୍ଷାଦାନ କରୁଥିବା ସୁଦୀକ୍ଷା ନାମକ ଏକ ସଂସ୍ଥା ତାହାର କର୍ମଚାରୀଙ୍କୁ ଠକି ଥିବା ଚୌଦ୍ୱାର ଥାନାରେ ଶନିବାର ଅଭିଯୋଗ ହୋଇଛି। ଭୁବନେଶ୍ୱରର ଏହି ସଂସ୍ଥା ଗ୍ରାମାଞ୍ଚଳର ଛାତ୍ରୀଛାତ୍ରମାନଙ୍କୁ ଅନ୍‌ଲାଇନ୍‌ରେ ଭଲ ଶିକ୍ଷକମାନଙ୍କ ଦ୍ୱାରା ଉନ୍ନତ ମାନର ଶିକ୍ଷାଦାନ କରିବ ବୋଲି ବିଜ୍ଞପ୍ତି ଜାରି କରିଥିଲା। ଏଥିରେ ଅଧିକରୁ ଅଧିକ ପିଲା ଯୋଡ଼ିବା ପାଇଁ ଉକ୍ତ ସଂସ୍ଥା ବହୁ ସଂଖ୍ୟାରେ ଯୁବତୀଯୁବକଙ୍କୁ ନିଯୁକ୍ତି ଦେଇଥିଲା। କିଛିଦିନ କର୍ମଚାରୀଙ୍କୁ ସଂସ୍ଥା ପକ୍ଷରୁ ଦରମା ପ୍ରଦାନ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସେମାନଙ୍କ ଦରମା ବନ୍ଦ କରିଦିଆଯାଇଥିଲା। ସେମାନେ ସଂସ୍ଥାରେ ଭର୍ତ୍ତି କରିଥିବା ଛାତ୍ରୀଛାତ୍ରମାନଙ୍କ ସମସ୍ତ ପ୍ରବେଶ ଶୁଳ୍କ ସଂସ୍ଥାର ମୁଖ୍ୟ ପ୍ରତାପ ଚନ୍ଦ୍ର ସାହୁଙ୍କୁ ପ୍ରଦାନ କରିଥିଲେ ମଧ୍ୟ ସେମାନଙ୍କୁ ଧାର୍ଯ୍ୟ ବେତନ ଦିଆଯାଉ ନାହିଁ। ଫଳରେ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଘଟଣାର ବିଧିବଦ୍ଧ ତଦନ୍ତ କରି ନ୍ୟାୟ ପ୍ରଦାନ ପାଇଁ ସେମାନେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ଆଇଆଇସି ବିରଞ୍ଚି ନାରାୟଣ ପତି କହିଛନ୍ତି, ଅଭିଯୋଗପତ୍ର ରଖାଯାଇଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡିବ। ଅପରପକ୍ଷରେ ଉକ୍ତ ସଂସ୍ଥାର ମୁଖ୍ୟ ପ୍ରତାପ ଚନ୍ଦ୍ର ସାହୁ କହିଛନ୍ତି, ସମ୍ପୃକ୍ତ କର୍ମଚାରୀମାନେ କାମ ଠିକ୍ ଭାବେ କରୁନାହାନ୍ତି। ରାଜ୍ୟର ବିଭିନ୍ନ ଜିଲାରେ ଏହି କାର୍ଯ୍ୟ ଠିକ୍ ଭାବେ ଚାଲିଛି। ହେଲେ ଠିକ୍‌ଭାବେ କାର୍ଯ୍ୟ କରୁ ନ ଥିବା କେତେଜଣ କର୍ମଚାରୀ ସଂସ୍ଥାକୁ ବଦ୍‌ନାମ କରିବା ପାଇଁ ପ୍ରୟାସ କରୁଛନ୍ତି। ଏହା ବିରୋଧରେ ଅଦାଲତର ଆଶ୍ରୟ ନିଆଯିବ ବୋଲି ସେ କହିଛନ୍ତି।

### ବନ୍ଧୁମିଳନ ପ୍ରସ୍ତୁତି ବୈଠକ

ମଙ୍ଗୁଳି-ଜଗତପୁର,୪।୨(ଡି.ଏନ.ଏ.)

ଓଟିଏମ୍ ହାଇସ୍କୁଲର ୧୯୯୩ ବ୍ୟାଚ୍ ମାଟ୍ରିକ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ପାଇଁ ଜଗତପୁର ଥାନା ଅଧୀନ ଖଇରା ପୋଲ ନିକଟ ଗୁରୁସ୍ୱାମୀ ପରିସରରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସନ୍ଦୀପ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ମାନସ କୁମାର ସାମଲ, ସଞ୍ଜୟ ନାୟକ, ସୁରେନ୍ଦ୍ର ସାହୁ, ଏସ୍. ଧରମା ରାଓ, ଜ୍ୟୋତିପ୍ରକାଶ ନାୟକଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ପୁରାତନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥଲା। ଏଥିସହ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ରଶ୍ମିକାନ୍ତ ବିଶ୍ୱାଳ ବୈଠକ ପରିଚାଳନା ଓ ସୁଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ୧୨୨ ହୁକା, ୧୪୧ ପାଇପ ଜବତ

#### ହୁକାବାର୍‌ରେ ପୋଲିସ ଚଢ଼ାଉ

କଟକ ଅଫିସ,୪।୨

କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଥିବା ୧୩ଟି ହୁକାବାର୍‌ରେ ଶନିବାର ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ୧୨୨ଟି ହୁକା, ୧୪୧ ପାଇପ ଓ ୧୫୨ଟି ବିଭିନ୍ନ ଫ୍ଲେଭରର ପ୍ୟାକେଟ ଜବତ କରାଯାଇଛି। ସରକାରଙ୍କ ପକ୍ଷରୁ ନିଷିଦ୍ଧ କରାଯାଇଥିବା ମଣିଷ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ପଦାର୍ଥଗୁଡ଼ିକୁ ହୁକାରେ ଭର୍ତ୍ତି କରି ଯୁବ ସମାଜକୁ ସେବନ କରିବା ପାଇଁ ଦିଆଯାଉଥିବା ନେଇ ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ତେବେ ଜବତ ସାମଗ୍ରୀଗୁଡ଼ିକୁ ପରୀକ୍ଷା କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ଏସିପି ତାପସ ପ୍ରଧାନ କହିଛନ୍ତି।


କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ଜବତ କରାଯାଇଥିବା ହୁକା।

## ‘କର୍କଟମୁକ୍ତ ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ’

#### ବିଶ୍ୱ କର୍କଟ ଦିବସ

କଟକ ଅଫିସ, ୪।୨

ଡ୍ରିମ୍‌ସ ସ୍କୁଲ ଆଣ୍ଡ୍ କଲେଜ ଅଫ ନର୍ସିଂ ପକ୍ଷରୁ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜନସଚେତନତା ପଦଯାତ୍ରା ସହ ପଦ୍ମିନୀ କେୟାର ହସ୍ପିଟାଲ ନିକଟରେ ଛାତ୍ରୀଛାତ୍ରମାନେ କର୍କଟ ରୋଗର କାରଣ ଓ ନିରାକରଣ ଉପରେ ନାଟକ ପରିବେଷଣ କରିଥିଲେ। ଏଥିସହିତ ଚଳିତବର୍ଷର ଥିମ୍‌କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧକ୍ଷା ଏନ୍. ପ୍ରେମଲତା ଦେବୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ କହିଥିଲେ, କର୍କଟମୁକ୍ତ ଭବିଷ୍ୟତ ଗଠନ ପାଇଁ ସମ୍ମିଳିତ ଉଦ୍ୟମ ହେବା ଆବଶ୍ୟକ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ଡ. କଲ୍ୟାଣ କୁମାର ସାହୁ, ଡ. ସ୍ନିଗ୍ଧମଧୁସୂଦନ ଦାସ, କୌସ୍ତୁଭ ମୁଖାର୍ଜୀ ଯୋଗ ଦେଇଥିଲେ।

ସେହିପରି ବିଶ୍ୱ କର୍କଟ ଦିବସରେ ଆଚାର୍ଯ୍ୟ ହରିହର କ୍ୟାନସର୍ ମେଡିକାଲର ହେମାଟୋଲୋଜି ବିଭାଗ, ଏସ୍‌ସିବି ଥାଲାସେମିଆ ବିଭାଗର ରୋଗୀମାନଙ୍କୁ ଶନିବାର ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଆନନ୍ଦ ମିଶନ୍, ଦୟା ସେବା ଟ୍ରଷ୍ଟ ଓ ଇଲେଭେନ ଷ୍ଟାର ଟ୍ରଷ୍ଟ ପକ୍ଷରୁ ଏହି ଖାଦ୍ୟ ଦିଆଯାଇଛି। ଏଥିରେ ଅନୁଷ୍ଠାନ ସଦସ୍ୟ ସିଦ୍ଧାର୍ଥ ଦାସ, ସୁଦର୍ଶନ ସାହୁ, ବିଧୁ ବଳୟ ଆଚାର୍ଯ୍ୟ, ଚନ୍ଦ୍ର ଶେଖର ରାୟ, ରାକେଶ ଜେନା, ବିବେକ ସିଂ, ହରିଶ ପ୍ରସାଦ ରଥ, ମହେନ୍ଦ୍ର ତ୍ରିପାଠୀ, ସନ୍ତୋଷ ନାୟକ, ହିମାଂଶୁ ଭୋଳ, କୃଷ୍ଣ ମିଶ୍ର ସାମିଲ ହୋଇଥିଲେ। ସେହିପରି ବିଶ୍ୱ କର୍କଟ ଦିବସ ଉପଲକ୍ଷେ ଏକ ସଚେତନତା ଶିବିର ଲିଙ୍କରୋଡ୍‌ସ୍ଥିତ ଗ୍ରାଣ୍ଡ ଡାଏଗ୍ନୋଷ୍ଟିକ୍ସରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମେଡିସିନ ସ୍ପେସାଲିଷ୍ଟ ଡା. ସାଇ ସ୍ୱରୂପ ଯୋଗଦେଇ କହିଥିଲେ, ସାମ୍ପ୍ରତିକ ଜୀବନଶୈଳୀ ଯୋଗୁ କର୍କଟ ରୋଗର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ ଓ ତୁରନ୍ତ ଡାକ୍ତରୀ ଚିକିତ୍ସା କଲେ ଏହାର ସୁଫଳ ମିଳିଥାଏ ବୋଲି ସେ କହିଥିଲେ।

ଆଚାର୍ଯ୍ୟ ହରିହର ପିଜି କର୍କଟ ରୋଗ ପ୍ରତିଷ୍ଠାନରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଥିଲା। ଏଥିରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧକ୍ଷ ସୁବ୍ରତୋ ବାଗ୍‌ଚୀ, ଜନସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡ. ଅଜିତ କୁମାର ମହାନ୍ତି, ନିର୍ଦ୍ଦେଶକ ଡ. ନିରଞ୍ଜନ ମିଶ୍ର, ଏସ୍‌ସିବି ମେଡିକାଲ କଲେଜର ଡିନ୍ ତଥା ଅଧକ୍ଷ ପ୍ରଫେସର ଡ. ପ୍ରସେନ୍‌ଜିତ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଲଲାଟେନ୍ଦୁ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ଅମରେନ୍ଦ୍ରନାଥ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରେସିସନ୍ ଅଙ୍କୋଲୋଜି ଶୀର୍ଷକ ଆଲୋଚନାରେ ପ୍ରଫେସର ଡ. ସୁରେନ୍ଦ୍ର ନାଥ ସେନାପତି, ଡ. ମନୀଷ ସିଂହଲ ବକ୍ତବ୍ୟ ପ୍ରଦାନ କରିଥିଲେ।



ବିଶ୍ୱ କର୍କଟ ଦିବସ ଅବସରରେ ଡ୍ରିମ୍‌ସ ସ୍କୁଲ ଆଣ୍ଡ୍ କଲେଜ ଅଫ ନର୍ସିଂ ପକ୍ଷରୁ ବାହାରିଥିବା ସଚେତନତା ପଦଯାତ୍ରା।

## ସଂକ୍ଷେପରେ

### ବେଆଇନ ନିର୍ମାଣ ଉଚ୍ଛେଦ ନିର୍ଦ୍ଦେଶ

**ପୁରୀ ଅଫିସ, ୪।୨:** ପୁରୀ ସଦର ରୁଆ ଗ୍ରାମର ଜଣେ ବ୍ୟକ୍ତି ଭୂଇଁଚକ ସରକାରୀ କେନାଲ ବନ୍ଧ ରାସ୍ତାରେ କୋଠାଘର ନିର୍ମାଣ କରିବା ଲକ୍ଷ୍ୟରେ ସିମେଣ୍ଟ ଖୁଣ୍ଟ ବାଡ଼ ପକାଇଥିଲେ। ସେ ଜମିରେ ଚାଷ କରିବାକୁ ଚାଷୀଙ୍କୁ ଛାଡୁ ନ ଥିଲେ। ଫଳରେ ଚାଷୀମାନେ ହଇରାଣ ହେଉଥିଲେ। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଅତିରିକ୍ତ ଜିଲାପାଳ ଓ ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିଓ, କନିଷ୍ଠ ଯନ୍ତ୍ରୀ, ଆର୍‌ଆଇ, ଅମିନ ଏବଂ ଉକ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଆସନ୍ତା ୨୧ ତାରିଖରେ ଉଚ୍ଛେଦ କରାଯିବା ପାଇଁ ସ୍ଥିର ହୋଇଛି। ଏ ନେଇ ଚାଷୀମାନେ ଖୁସିବ୍ୟକ୍ତ କରିଛନ୍ତି।

### ପୁରାତନ ଛାତ୍ରୀଛାତ୍ରଙ୍କ ଗୁରୁ ପୂଜା

**ପିପିଲି, ୪।୨(ଡି.ଏନ୍‌.ଏ.):** ଦାଣ୍ଡମୁକୁନ୍ଦପୁରସ୍ଥ ସର୍ବପୁରାତନ ବିଦ୍ୟାଳୟ ଉତ୍କଳମଣୀ ଗୋପବନ୍ଧୁ ସ୍ମୃତି ଉଚ୍ଚ ବିଦ୍ୟାଳୟର ୧୯୮୫ ବ୍ୟାଚର ଛାତ୍ରୀଛାତ୍ରମାନେ ଏକ ନିଆରା ଢଙ୍ଗରେ ଗୁରୁ ପୂଜନ ଉତ୍ସବ ପାଳନ କରିଛନ୍ତି। ସମସ୍ତ ପୁରାତନ ଛାତ୍ରୀଛାତ୍ର ଏକାଠି ହୋଇ ଶିକ୍ଷାଦାନ କରିଥିବା ବର୍ଷିୟାନ ଗୁରୁମାନଙ୍କୁ ପ୍ରଥମେ ହଳଦୀ ପାଣିରେ ପାଦ ଧୋଇ, ଫୁଲ ଚନ୍ଦନ ଲଗାଇ ସଭାକୁ ଆମନ୍ତ୍ରଣ କରିଥିଲେ। ପରେ ଉପଢୌକନ ଦେଇ ଗୁରୁ ବନ୍ଦନା କରିଥିଲେ। ଛାତ୍ରୀଛାତ୍ରମାନେ ବର୍ଷିୟାନ ଶିକ୍ଷକ ରାଜକିଶୋର ଦାଶ, ଯୋଗେଶ୍ୱର ପ୍ରସାଦ ଗିରି, ବଳଭଦ୍ର ଦାସ, ବସନ୍ତ କୁମାର ମିଶ୍ର, ଉଦୟନାଥ ହୋତା, ଲକ୍ଷ୍ମଣ ସାହୁ, ଭାସ୍କର ବେହୁରା ଓ କାହ୍ନୁଚରଣ ପଟ୍ଟନାୟକ ଆଦି ଗୁରୁଙ୍କୁ ପୂଜା କରି ସେମାନଙ୍କର ସେସମୟର ପାଠପଢା ସମ୍ପର୍କିତ ସ୍ମୃତିଚାରଣ କରିଥିଲେ। ଖବରଦାତା ରାଜକିଶୋର ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ। ପୁରାତନ ଛାତ୍ର ବିରଜା ପଟ୍ଟନାୟକ, ପ୍ରସନ୍ନ ସ୍ୱାଇଁ, ଅଶ୍ୱିନୀ ଦତ, ସରୋଜ ନନ୍ଦ, ଶଶି ମିଶ୍ର, ପ୍ରକାଶ ସେଠୀ ଓ ପ୍ରଶାନ୍ତ ମିଶ୍ର ପ୍ରମୁଖ ସମସ୍ତ ଛାତ୍ରୀଛାତ୍ର ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପିପିଲି ମହାବିଦ୍ୟାଳୟରେ ଅବସର ସଭା

**ପିପିଲି,୪।୨(ସ୍ୱ.ପ୍ର.):** ପିପିଲି ମହାବିଦ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅର୍ଥନିତୀ ବିଭାଗର ବରିଷ୍ଠ ପ୍ରାଧାପକ ସୁରେଶ ଚନ୍ଦ୍ର ପଣ୍ଡା ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ରବୀନ୍ଦ୍ର ନାଥ ଘଡେଇଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧକ୍ଷ ଡା. ଶିବପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରାଧାପିକା ପ୍ରତିଭା ମହାରଥୀ, ପୂର୍ବତନ ପ୍ରାଧାପକ ଶରତ ଚନ୍ଦ୍ର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଭୟ ଅବସରପ୍ରାପ୍ତ କର୍ମଚାରୀଙ୍କ ଚାକିରି ସମୟର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟଦକ୍ଷତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଉଭୟ କର୍ମଚାରୀଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡା. ଗଦାଧର ପ୍ରଧାନ, ପ୍ରାଧାପକ ସୁଚିତ୍ର କୁମାର ସାହୁ, ଏନ୍‌ସିସି ଅଫିସର କ୍ୟାପଟେନ ଆଦିତ୍ୟ ପ୍ରସାଦ ରଥ, ପ୍ରଫେସର ଭାରତୀ ଭୂଷଣ ଦାଶ, ଅଧାପକ ସତ୍ୟନାରାୟଣ ସାମନ୍ତରାୟ, ପ୍ରାଧାପକ ଭବେଶ ପ୍ରସାଦ ତ୍ରିପାଠୀ ଏବଂ ପ୍ରାଧାପକ ସଦାଶିବ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବେଣାବୁଦାରୁ ନରକଙ୍କାଳ ଠାବ

**ଗୋପ,୪।୨(ଡି.ଏନ୍‌.ଏ.)**

ପୁରୀ ଜିଲା ଗୋପ ଥାନା ଅଧୀନ ଡଭାର ପଞ୍ଚାୟତର ମୁଗେଇ ନଦୀବନ୍ଧ ନିକଟସ୍ଥ ଏକ ବେଣାବୁଦାରୁ ଗୋଟିଏ ନରକଙ୍କାଳ ଶନିବାର ଠାବ ହୋଇଛି। ଖବରପାଇ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି କଙ୍କାଳ ଜବତ କରିବା ସହ ପ୍ରାୟ ୮ ଘଣ୍ଟା ଧରି ତଦନ୍ତ କରିଥିଲେ। ତେବେ କଙ୍କାଳଟି କାହାର ଜଣାପଡ଼ି ନ ଥିବାବେଳେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୩) ରୁଜୁ କରିଛି। ସୂଚନା ଅନୁଯାୟୀ, ଶନିବାର ସକାଳେ ପ୍ରାୟ ସାଢ଼େ ୬ଟା ସମୟରେ ମୁଗେଇ ନଦୀବନ୍ଧ କଡ଼ ନିକଟରେ ଜଣେ ଗାଈ ଚରାଳି ଗାଈକୁ ଚରାଇବାକୁ ନେବାବେଳେ ଗୋଟିଏ ନରକଙ୍କାଳ ପଡ଼ିଥିବା ଦେଖିଥିଲେ।

ଖବରପାଇ ଗୋପ ଥାନାଧିକାରୀ ସୁନୀଲ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି କଙ୍କାଳରେ ହାପ ପ୍ୟାଣ୍ଟ ସହ ଗଞ୍ଜି ଲାଗିଥିବା ଦେଖି କେହି ହତ୍ୟା କରି ଏଠି ଫୋପାଡ଼ି ଥିବା ସନ୍ଦେହ କରି ପୋଲିସ ଜିଲା ସାଇଣ୍ଟିଫିକ ଟିମ୍‌କୁ ଜଣାଇଥିଲେ। ପରେ ପୁରୀରୁ ୪ଜଣିଆ ସାଇଣ୍ଟିଫିକ ଟିମ୍ ପହଞ୍ଚି ପ୍ରାୟ ୮ ଘଣ୍ଟା ଧରି ତଦନ୍ତ କରିବା ପରେ ପୋଲିସ ମୁଣ୍ଡ, କଙ୍କାଳ, ଗୋଡ଼, ହାତ ସହିତ ପ୍ୟାଣ୍ଟ, ଗଞ୍ଜି ମଧ୍ୟ ଜବତ କରିଛନ୍ତି। ତେବେ ଏହି ନରକଙ୍କାଳଟି ପ୍ରାୟ ୧ ମାସ ହେବ ଏଠାରେ ପଡିଥିବା ସାଇଣ୍ଟିଫିକ ଟିମ୍ ଅନୁମାନ କରିଛନ୍ତି।

ନର କଙ୍କାଳଟି ଗୋଟିଏ ପୁରୁଷ ଲୋକର ହୋଇଥିବା ବେଳେ ବୟସ ୩୫/୪୦ରୁ ହେବ। ଏହି ମୁଗେଇ ନଦୀବନ୍ଧ



ମୁଗେଇ ନଦୀବନ୍ଧ କଡ଼ ବେଣାବୁଦା ମୂଳରେ ପଡ଼ିଥିବା ନରକଙ୍କାଳ।

### ପୋଲିସ, ସାଇଣ୍ଟିଫିକ ଟିମ୍‌ର ୮ଘଣ୍ଟା ତଦନ୍ତ

ବେଣାବୁଦା ଅଞ୍ଚଳଟି ନିକାଞ୍ଜନ ହୋଇଥିବା ବେଳେ ବିଷଧର ସାପ ଥିବାରୁ ଏଠାକୁ କେହି ଆସନ୍ତି ନାହିଁ। ତେଣୁ କେହି ଦୁର୍ବୃତ୍ତ ହତ୍ୟା କରିବା ପରେ ଏଠି ଫିଙ୍ଗି ଦେଇଥିବେ ବୋଲି କୁହାଯାଇଛି। ଏପରି ଘଟଣା ଅଞ୍ଚଳରେ ପ୍ରଥମ ହୋଇଥିବାରୁ ପଞ୍ଚାୟତ ସହିତ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅନ୍ୟପଟେ ପୋଲିସ ଜବତ ନରକଙ୍କାଳକୁ ପୁରୀକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଥିବା ଗୋପ ଥାନାଧିକାରୀ ପ୍ରଧାନ କହିଛନ୍ତି। ଏପରିକି ନରକଙ୍କାଳ ଜବତ ସମ୍ପର୍କରେ ଜିଲାର ସମସ୍ତ ଥାନାକୁ ସୂଚନା ଦିଆଯାଇଛି। କାଳେ କିଏ ନିଖୋଜ ଥିବ ବା ହତ୍ୟାକାଣ୍ଡ ଘଟିଥିବ ସେ ସମ୍ପର୍କରେ ତଦନ୍ତ ଚାଲିଥିବା ସେ କହିଛନ୍ତି।

# ସିଭିଲ କୋର୍ଟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ସିଭିଲ କୋର୍ଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**କୋଣାର୍କ,୪।୨(ଡି.ଏନ୍‌.ଏ.)**

କୋଣାର୍କ ଏନ୍‌ଏସି ଅନ୍ତର୍ଗତ ୧୦ନମ୍ବର ୱାର୍ଡ ମାଧିପୁର ଛକ ନିକଟରେ ଶନିବାର ନୂତନ କୋଣାର୍କ ସିଭିଲ କୋର୍ଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍. ମୁରଲୀଧର ଯୋଗଦେଇ ଶୁଭ ଦେଇଥିଲେ। ମୁଖ୍ୟ ବିଚାରପତିଙ୍କ ସହିତ ହାଇକୋର୍ଟ ଜଷ୍ଟିସ ବି.ଆର୍. ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ମାଧିପୁର ମୌଜାରେ ୪ ଏକର ଜମିରେ ଏହି ନୂତନ କୋର୍ଟ କମ୍ପ୍ଲେକ୍ସ ନିର୍ମାଣ ହେବ। ଏଥିପାଇଁ ଖର୍ଚ୍ଚ ହେବ ୮ କୋଟି ଟଙ୍କା। ଆସନ୍ତା ୬ ମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷହୋଇ ଉଦ୍‌ଘାଟନ ହେବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଦିଲୀପ ମହାପାତ୍ର, ତହସିଲଦାର ଶେଖ୍ ସାଗିର, ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ରେଜିଷ୍ଟ୍ରାର ପ୍ରତାପ କୁମାର ପାତ୍ର, ଜିଲା ଜଜ୍ ଶିତିକାନ୍ତ ସାମଲ, ଜେଏମ୍‌ଏଫ୍‌ସି ଭାନୁପ୍ରତାପ ମିଶ୍ର, କୋଣାର୍କ ଓକିଲ ସଂଘ ସଭାପତି ଶ୍ରୀଜୟ ବରାଳ, ନିମାପଡ଼ା ଓକିଲ ସଂଘ ସଭାପତି ରଞ୍ଜିତ ସାହୁ, କୋଣାର୍କ ବାର୍ ଆସୋସିଏଶନର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ରୂପକ ମହୋତ୍ସବ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ଏବଂ କଳାକାରମାନେ।

**ପୁରୀ ଅଫିସ, ୪।୨**

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ଆନୁକୂଲ୍ୟରେ ଶ୍ରୀସଦାଶିବ ପରିସର ଦ୍ୱାରା ପୁରୀ ପୌରସଦନରେ ଚାଲିଥିବା ତ୍ରିଦିବସୀୟ ଅଖିଳ ଭାରତୀୟ ରୂପକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଏକଲବ୍ୟ ପରିସର, ଅଗରତାଲାର ବିଦ୍ୟାର୍ଥୀଙ୍କ ଦ୍ୱାରା ବିଖ୍ୟାତ ବିଜୟମ୍ ଏବଂ ଶ୍ରୀସଦାଶିବ ପରିସର, ପୁରୀର ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ରିଷ୍ଣକୁତୁହଳମ୍ ରୂପକ ମଞ୍ଚସ୍ଥ ହୋଇଥିଲା। ସଭାରେ ଶ୍ରୀସଦାଶିବ ପରିସରର ନିର୍ଦ୍ଦେଶକ ଏବଂ ଅଖିଳ ଭାରତୀୟ ରୂପକ ମହୋତ୍ସବର ସଂଯୋଜକ ପ୍ରଫେସର ଖଗେଶ୍ୱର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର ସଭାପତି ସନ୍ଧ୍ୟା ପୁରେଚା ଏବଂ ସମ୍ମାନିତ ଅତିଥି ଭାବେ ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବାରଣାସୀର ପୂର୍ବତନ କୁଳପତି ପ୍ରଫେସର ଅଭିରାଜ ରାଜେନ୍ଦ୍ର ମିଶ୍ର ଯୋଗଦେଇଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର କୁଳପତି ତଥା ଅଖିଳ ଭାରତୀୟ ରୂପକ ମହୋତ୍ସବର ସମନ୍ୱୟ ପ୍ରଫେସର ଶ୍ରୀନିବାସ ବରଖେଡ଼ି ସଭାପତିତ୍ୱ କରିଥିଲେ। ମହୋତ୍ସବରେ ୧୨ଟି ରୂପକ ମଞ୍ଚସ୍ଥ ହୋଇଥିଲା।

### ଶ୍ରୀସଦାଶିବ ପରିସର, ପୁରୀ ପ୍ରଥମ

ଶ୍ରୀସଦାଶିବ ପରିସର, ପୁରୀ ପ୍ରଥମ, ଜୟପୁର ପରିସର ରାଜସ୍ଥାନ ଓ ଗୁରୁବାୟୁରୁ ପରିସର କେରଳ ଯୁଗ୍ମ ଭାବେ ଦ୍ୱିତୀୟ, ବେଦବ୍ୟାସ ପରିସର ହିମାଚଳ ପ୍ରଦେଶ ଓ ରାଜୀବ ଗାନ୍ଧୀ ପରିସର କର୍ଣାଟକ ଯୁଗ୍ମ ଭାବେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରଫେସର ବଳଦେବାନନ୍ଦ ସାଗର, ପ୍ରଫେସର ଲୋକମାନ୍ୟ ମିଶ୍ର, ପ୍ରଫେସର ସର୍ବନାରାୟଣ ଝା, ପ୍ରଫେସର ୱାଇ.ଏସ୍. ରମେଶ, ପ୍ରଫେସର ଏସ୍.କେ. ସେନାପତି, ପ୍ରଫେସର ବନମାଳି ବିଶ୍ୱାଳଙ୍କ ସମେତ ବିଚାରକମଣ୍ଡଳୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ଅତୁଲ ନନ୍ଦ ଧନ୍ୟବାଦ ଦେଇଥିଲେ। ମଧୁକେଶ୍ୱର ଭଟ୍ଟ ଏବଂ ଧର୍ମେନ୍ଦ୍ର ସିଂଦେଓ ସଂଯୋଜନା କରିଥିଲେ। ସହସଂଯୋଜକ ଅଧାପକ ବିଶ୍ୱନାଥ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଗୀତିକାର ବଦ୍ରି ମିଶ୍ର, ନିର୍ଦ୍ଦେଶକ ଚିତ୍ତରଞ୍ଜନ ଶତପଥୀ, ନାଟ୍ୟକର ଭରତ ନାୟକ, ଗବେଷକ ସୀମାଞ୍ଚଳ ପଣ୍ଡା, ଗଣେଶ୍ୱର ମହାପାତ୍ର, ଅଭିନେତା ବିଶ୍ୱନାଥ ମହାପାତ୍ର ଏବଂ ନିର୍ଦ୍ଦେଶକ ରବି ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୧୦ଦଫା ଦାବି ନେଇ ପାଚିକା ସଂଘର ବିକ୍ଷୋଭ

**ଅସ୍ତରଙ୍ଗ, ୪।୨(ଡି.ଏନ୍‌.ଏ.)**

ଓଡ଼ିଶା ଭୋଜନ ପାଚିକା ସଂଘ (ସିଆଇଟିୟୁ) କାକଟପୁର ବ୍ଲକ ଶାଖା ସଭାପତି ପୀତବାସ ବେହେରାଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶତାଧିକ ମହିଳା (ପାଚିକା) ୧୦ ଦଫା ଦାବି ନେଇ ଶୋଭାଯାତ୍ରାରେ ବାହାରିଛନ୍ତି। କାକଟପୁର ମେଡିକାଲ ଛକରୁ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ସ୍ଲୋଗାନ ଦେଇ କାକଟପୁର ବ୍ଲକ ଶିକ୍ଷାଧିକାରୀଙ୍କ ଅଫିସ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ଏବଂ ବ୍ଲକ ଶିକ୍ଷାଧିକାରୀ ଅନୁପସ୍ଥିତ ଥିବାରୁ ସହ ଶିକ୍ଷାଧିକାରୀ ଦେବରାଜ ଦାଶ ଦାବିପତ୍ର ଗ୍ରହଣ କରିଥିଲେ। ପାଚିକା ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ପାଚିକାମାନଙ୍କ ପାଇଁ ସର୍ବନିମ୍ନ ମଜୁରି ଲାଗୁ କରିବା, ଅବସର ସମୟସୀମା ୬୨ କରାଯାଉ, ବୀମା ଓ ପେନ୍‌ସନ, ବକେୟା ଦରମା ତୁରନ୍ତ ପ୍ରଦାନ ପ୍ରଭୃତି ୧୦ ଦାବି ନେଇ ବିକ୍ଷୋଭ କରିଥିଲେ। ଏହି ବିକ୍ଷୋଭରେ ଶ୍ରମିକ ନେତା ବେଣୁଧର ବେହେରା, ପାଚିକା ସଂଘର ନେତ୍ରୀ ଶୁଭଲକ୍ଷ୍ମୀ ସାହୁ, ଟିକିନା ପାଲ, ଲକ୍ଷ୍ମୀପ୍ରିୟା ସାହୁ, ସୁଲୋଚନା ବେହେରା, ଜୟନ୍ତୀ ସାହୁ, ମିନତିରାଣୀ ଘୋଷ, ମମତା ପାତ୍ର, ଜୟନ୍ତୀ ପୃଷ୍ଟି, ପ୍ରମିଳା ବେୱା, ସୋନାଲି କାଣ୍ଡି, ମିନତି ସାହୁ, ସୁଲୋଚନା ଦାଶଙ୍କ ସମେତ ଶତାଧିକ ପାଚିକା ସାମିଲ ଥିଲେ।

# ବ୍ରାଉନ ସୁଗାର ଜବତ: ଜଣେ ଗିରଫ

**ପୁରୀ ଅଫିସ, ୪।୨**

ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଥାନା ଅଧିକାରୀ ସ୍ୱୟଂପ୍ରଜ୍ଞା ଶୁଭଦର୍ଶିନୀ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ସଦର ଥାନା ଅଧୀନ ଗୋପିନାଥପୁର ଅଞ୍ଚଳରେ ଚଢ଼ାଉ କରି ବ୍ରାଉନ ସୁଗାର କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ସଦର ଥାନା ଅଧୀନ ଗୋପିନାଥପୁର ଅଞ୍ଚଳର ସୁକାନ୍ତ କୁମାର ମଲ୍ଲିକ (୪୦)। ତାଙ୍କଠାରୁ ୭୦ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି। ଏ ନେଇ ଏକ କେସ୍ (ନଂ. ୨୪୩/୨୨-୨୩) ରୁଜୁ ହୋଇଛି। ଜବତ ବ୍ରାଉନ ସୁଗାରର ଅନୁମାନିକ ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ପୋଲିସ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି।

# ରାଜ୍ୟସ୍ତରୀୟ ବାର୍ଷିକ କ୍ରିକେଟ ଲିଗ୍ ଆରମ୍ଭ



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

**ଅସ୍ତରଙ୍ଗ,୪।୨(ଡି.ଏନ୍‌.ଏ.)**

କାକଟପୁରର ପ୍ରାଚୀ ଷ୍ଟାଡିୟମରେ ରାଇଜିଙ୍ଗ ଷ୍ଟାର କ୍ଲବ ପକ୍ଷରୁ ତୃତୀୟ ବାର୍ଷିକ ରାଜ୍ୟସ୍ତରୀୟ କ୍ରିକେଟ ଲିଗ ଟୁର୍ନାମେଣ୍ଟ ଉଦ୍‌ଘାଟନ ହୋଇଯାଇଛି। ଏହି ମ୍ୟାଚରେ ବିଭିନ୍ନ ରାଜ୍ୟ ଓ ଜିଲାରୁ ୧୬ଟିମ ଭାଗ ନେଇଛନ୍ତି। ୧୬ଟିମ ମଧ୍ୟରେ ୨୭ଟି ମ୍ୟାଚ ଖେଳାଯିବ। ଉଦ୍‌ଘାଟନୀ ଉତ୍ସବ ମ୍ୟାଚରେ ଅତିଥି ରୂପେ କାକଟପୁର ପଚାୟତ ସମିତି ଅଧକ୍ଷ ଶ୍ରୀଧର ନାୟକ, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ଜେନା, ଅକ୍ଷୟ ରାଉତ, ବିପିନ ଜେନା, ରବୀନ୍ଦ୍ର ବିଶ୍ୱାଳ ଯୋଗଦେଇ ଖେଳ ଉଦ୍‌ଘାଟନ ଥିଲେ। ପ୍ରଥମ ଦିନରେ ୪ଟି ଟିମ ମଧ୍ୟରେ ୩ଟି ମ୍ୟାଚ ଖେଳାଯାଇଥିଲା।

ପ୍ରଥମ ମ୍ୟାଚରେ ନାଇଟ କିଲର ରାହାମା ଓ ଫାର୍ମା ୧୧ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଏଥିରେ ନାଇଟ କିଲର୍ ରାହାମା ୩ ଉଇକେଟରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସୁହାନି ୧୧ କୋଲାକାତା ସହିତ ଚାଲେଞ୍ଜର ୧୧ ଜଗତ୍‌ସିଂହପୁର ମଧ୍ୟରେ ଖେଳାଯାଇଥିଲା। ଚାଲେଞ୍ଜର ୧୧ ଜଗତସିଂହପୁରକୁ ୭ ଉଇକେଟରେ ହରାଇ ସୁହାନି ୧୧ କୋଲକାତା ବିଜୟ ଲାଭ କରିଥିଲା। ତୃତୀୟ ମ୍ୟାଚଟି ସୁହାନି ୧୧ କୋଲାକତା ଓ ନାଇଟ କିଲର୍ ରାହାମା ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ ନାଇଟ କିଲର୍ ରାହାମା ୩ ଉଇକେଟରେ ବିଜୟୀ କରି ସେମିଫାଇନାଲରେ ପ୍ରବେଶ କରିଛି। ଖେଳ ପରିଚାଳନା ଦାୟିତ୍ୱରେ ୩ ଅମ୍ପାୟର ମନିଷ ପାଣ୍ଡେ, ଦେବରାଜ ଖାତ୍ରୀ ଓ ସୁବ୍ରତ ରହିଥିଲେ।ଫାଇନାଲ ମ୍ୟାଚରେ ଚାମ୍ପିୟନ ଟିମ୍‌କୁ ୫୦ହଜାର ନଗଦ ପୁରସ୍କାର ସହିତ, ରନର୍ସ ଟିମକୁ ୩୦ହଜାର ନଗଦ ରାଶି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।




ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ପୁରୀ ଶାଖା ପକ୍ଷରୁ ଶନିବାର ସେସୁ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପୋପରଙ୍ଗା ସରକାରୀ ବିଦ୍ୟାଳୟର ଶତବାର୍ଷିକୋତ୍ସବ

**ପିପିଲି,୪।୨(ଡି.ଏନ୍‌.ଏ.)**

ପିପିଲି ବ୍ଲକ ପୋପରଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ମୁଖ୍ୟ ବକ୍ତା ଭାବେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍କୁଲଗୁଡ଼ିକରେ ହେଉଥିବା ସଂସ୍କାର ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ମନ୍ତ୍ରୀ ବୁଝାଇଥିବାବେଳେ ସ୍କୁଲରେ ଥିବା ଶିକ୍ଷକ ଅଭାବକୁ ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ବିଧାୟକ କହିଛନ୍ତି। ପୂର୍ବତନ ଛାତ୍ର ଲିଙ୍ଗରାଜ ପ୍ରଧାନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଅନ୍ୟତମ ଅତିଥିଭାବେ ବ୍ଲକ ଅଧକ୍ଷା ଦେବସ୍ମନୀ ନନ୍ଦ, ଉପାଧକ୍ଷ ପ୍ରଫୁଲ୍ଲ ସାଇଁ, ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ସରପଞ୍ଚ ନିରଞ୍ଜନ ସେନାପତି, ସମିତିସଭ୍ୟା ପୂଜା ବେହେରା ଓ ସୁଧୀର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଂସଦ ଦ୍ୱାରା ପ୍ରସ୍ତୁତ ସ୍ମରଣିକା 'ଶତଧୃତି'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ସ୍କୁଲର ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହିତ ପୁରାତନ ଛାତ୍ର ଓ ପୂର୍ବତନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଉତ୍ସବର ସଫଳ ଆୟୋଜନ ପାଇଁ ପୁରାତନ ଛାତ୍ର ସଂସଦକୁ ଅତିଥିମାନେ ପ୍ରଶଂସା କରିଥିଲେ।



ଉତ୍ସବରେ ଅତିଥିମାନେ ସ୍ମରଣିକା 'ଶତଧୃତି'କୁ ଉନ୍ମୋଚନ କରୁଛନ୍ତି।

# ପିପିଲି ମାଟିରେ ଥାଇଲାଣ୍ଡ ବରକୋଳି

**ପିପିଲି,୪।୨(ଡି.ଏନ୍‌.ଏ.)**

ବର୍ତ୍ତମାନ ସମୟରେ ଦିନକୁଦିନ ଚାଷରୁ ଚାଷୀ ମୁହଁ ଫେରାଉଛନ୍ତି । ଚାଷରେ ହେଉଥିବା କ୍ଷତିର ଭରଣା କରି ନ ପାରି ବାଧହୋଇ ଚାଷକାର୍ଯ୍ୟ ଛାଡ଼ି ଦାଦନ ଯାଉଥିବାର ନଜିର ରହିଛି। କିନ୍ତୁ ଏବେକାର ଯୁବପିଢ଼ି ଚାକିରିକୁ ଆଶା ନ କରି ଚାଷ ଆଡ଼କୁ ମନ ବଳାଉଛନ୍ତି। ଅନେକ ଯୁବକ ନୂତନ ପ୍ରଣାଳୀରେ ବାହାର ଦେଶର ଫଳ, ପନିପରିବା ଓଡ଼ିଶାରେ ଚାଷକରି ବେଶ୍ ସଫଳ ହେବା ସହ ଲାଭବାନ୍ ମଧ୍ୟ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା ପିପିଲି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ମାଟିଆପଡ଼ା ଗ୍ରାମର ସଫଳ ଚାଷୀ ହେଉଛନ୍ତି ମଧୁସୂଦନ ସାହାଣୀ। ମଧୁସୂଦନ ଉଚ୍ଚଶିକ୍ଷିତ ହୋଇଥିଲେ ମଧ୍ୟ ସରକାରୀ ଚାକିରି ପଛରେ ନ ଗୋଡ଼ାଇ ଚାଷକୁ ପେସା ଭାବେ ଗ୍ରହଣକରି ସ୍ୱାବଲମ୍ବୀ ହୋଇପାରିଛନ୍ତି।

ସେ ଥାଇଲାଣ୍ଡର ବରକୋଳିକୁ ପିପିଲି ମାଟିରେ ଚାଷକରି ବେଶ୍ ସଫଳ ହୋଇପାରିଛନ୍ତି। ବଜାରରେ ଏହି ଥାଇଲାଣ୍ଡ ବରକୋଳିର ଚାହିଦା ଅଧିକ ଥିବାରୁ ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀ ଆସି ଏହାକୁ କ୍ରୟ କରୁଥିବା ମଧୁସୂଦନ କହିଛନ୍ତି। ରାସାୟନିକ ସାର ପ୍ରୟୋଗ ନ କରି ଜୈବିକ ପଦ୍ଧତିରେ ଚାଷ କରି ନିଜର ପରିଚୟ ସୃଷ୍ଟି କରିଥିବା ବେଳେ ଏବେ ଥାଇଲାଣ୍ଡ ବରକୋଳି ଫଳାଇ ଲକ୍ଷାଧିକ ଟଙ୍କା ରୋଜଗାର କରିବାରେ ସକ୍ଷମ ହୋଇଛନ୍ତି। ଏହାଦ୍ୱାରା ସେ ଅନ୍ୟମାନଙ୍କ ପାଇଁ ପାଲଟିଛନ୍ତି ପ୍ରେରଣା। ଏପରି କି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ କାମ ଦେଇ ରୋଜଗାର ମଧ୍ୟ ଯୋଗାଇ ଦେଉଛନ୍ତି।

ମଧୁସୂଦନ ଯୁକ୍ତ୨ ପଢ଼ିବା ପରେ ଚାକିରି ଖୋଜୁଥିବା ବେଳେ ବଜାରରେ ଲୋକଙ୍କଠାରୁ ଥାଇଲାଣ୍ଡ ବରକୋଳି କଥା ଶୁଣିବା ସହ ୟୁଟ୍ୟୁବ୍‌ରୁ ସେହି ଚାଷ ବିଷୟରେ ଦେଖିଥିଲେ। ସେହି ଚାଷ ପ୍ରତି ଆଗ୍ରହୀ ହୋଇ ପ୍ରଥମେ କୋଲ୍‌କାତାରୁ ୧୦୦ ଟଙ୍କା ମୂଲ୍ୟରେ ୨୫୦ଟି ଥାଇଲାଣ୍ଡ ବରକୋଳି ଚାରା ଆଣି ଲଗାଇଥିଲେ। ପରେ ଭଲ ବିକ୍ରି ହୋଇଥିବାବେଳେ ଏବେ ଦୈନିକ କୁଇଣ୍ଟାଲରୁ ଅଧିକ ଅମଳ କରୁଛନ୍ତି। କେଜି ପ୍ରତି ୬୫ରୁ ୭୦ ଟଙ୍କାରେ ନିଜ ଜମି ପାଖରେ ବେପାରୀଙ୍କୁ ବିକ୍ରି କରୁଥିବା ବେଳେ ବଜାରରେ ଏହାର ମୂଲ୍ୟ ୧୦୦ ଟଙ୍କାରୁ ଊର୍ଦ୍ଧ୍ୱ ରହିଛି। ବିଶେଷକରି ଜୈବିକ ସାର ପ୍ରୟୋଗ କରି ସୁନାର ଫସଲ ଫଳାଇ ମଧୁସୂଦନ ଜଣେ ସଫଳ ଚାଷୀ ହୋଇପାରିଥିବାବେଳେ ଆବଶ୍ୟକ ଅନୁସାରେ ଜମିରେ ବିଭିନ୍ନ ଫସଲ କରିଥାନ୍ତି। ଏଥିସହ ମଧୁସୂଦନ ଅନ୍ୟ ଚାଷୀମାନଙ୍କୁ ମଧ୍ୟ ଏହି ଚାଷ କରିବା ପାଇଁ ଉତ୍ସାହିତ କରୁଛନ୍ତି।

ପୂର୍ବରୁ ଏହି ଥାଇଲାଣ୍ଡ ବରକୋଳିକୁ ବଜାରରୁ କିଣିଆଣୁଥିବା ବେଳେ ଏବେ ନିକଟରେ ଚାଷ ହେଉଥିବା ଦେଖି ବେଶ୍ ଖୁସି ଅନୁଭବ କରୁଛନ୍ତି ଗ୍ରାମବାସୀ। ଏଥିସହ କୃଷି ବିଭାଗର ଅନେକ ଅଧିକାରୀ ମଧ୍ୟ ଆସି ଏହି ଚାଷ ପ୍ରଣାଳୀ ଦେଖୁଛନ୍ତି। ସେପଟେ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କ ପାଇଁ ଅନେକ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଥିବା ବେଳେ ମଧୁସୂଦନଙ୍କୁ ସରକାରୀ ସହାୟତା ମିଳିଲେ ଅଧିକ ଚାଷ ହୋଇପାରିବ ବୋଲି ସେ ଆଶା କରିଛନ୍ତି।



ନିଜ ବଗିଚାରେ କାର୍ଯ୍ୟରତ ମଧୁସୂଦନ ସାହାଣୀ।

- ସଫଳ ଚାଷୀ ମଧୁସୂଦନ
- ଜୈବିକ ପଦ୍ଧତିରେ କରୁଛନ୍ତି ଚାଷ
- ଅନ୍ୟକୁ ଚାଷ କରିବାକୁ ଉତ୍ସାହିତ କରୁଛନ୍ତି

# ନୀରବି ଗଲେ କୁହୁକୁହୁ ବନେ...ଗାୟିକା



ବାଣୀ ଜୟରାମ। ସଙ୍ଗୀତ ଜଗତରେ ଏକ ପରିଚିତ ନାଁ। ସତୁରି ଦଶକରୁ ୫ ଦଶନ୍ଧି ଧରି ଓଡ଼ିଆ ସମେତ ବିଭିନ୍ନ ଭାଷାରେ କଣ୍ଠଦାନ କରିଥିବା ଏହି ବର୍ଷୀୟାନ ଗାୟିକା ଶନିବାର ସବୁଦିନ ପାଇଁ ନୀରବି ଯାଇଥିଲେ ମଧ୍ୟ ତାଙ୍କର ପ୍ରତିଟି ଗୀତ ଆଜିବି ସେମିତି ଅଭୁଲା ହୋଇ ରହିଛି। ବିଶେଷକରି ଓଡ଼ିଶାର ସଙ୍ଗୀତ କ୍ଷେତ୍ରରେ ତାଙ୍କ ଅବଦାନ ତାଙ୍କୁ ସବୁବେଳେ ମନେ ରଖିବ। ୧୯୪୫ ନଭେମ୍ବର ୩୦ରେ ତତ୍କାଳୀନ ମାଡ୍ରାସ ପ୍ରେସିଡେନ୍ସିର ଭେଲୋରଠାରେ ଜନ୍ମଗ୍ରହଣ

## ୧୯୮୧ରେ ଶ୍ରେଷ୍ଠ ଗାୟିକା ରାଜ୍ୟ ପୁରସ୍କାର

କରିଥିଲେ ମଧ୍ୟ ଓଡ଼ିଶା ସହ ଥିଲା ତାଙ୍କର ନିଆରା ସମ୍ପର୍କ। ତାଙ୍କ ଗୀତକୁ ଏବେ ବି ଓଡ଼ିଶାର ଶ୍ରୋତାମାନେ ଗୁଣୁଗୁଣେଇଥାନ୍ତି। ୧୯୭୬ରେ ଚଳଚ୍ଚିତ୍ର 'ଶେଷ ଶ୍ରାବଣ'ମେଘ ବରଷିଲା ଟୁପୁରୁ ଟୁପୁରୁ.., ହାଏରେ ହାଏ ଗରଜେ ମେଘ.., ୧୯୭୮ରେ 'ବଳିଦାନ' ଚଳଚ୍ଚିତ୍ରର ଟିକ୍ ଟିକ୍ ହୁଏ ମୋ ଛାତି...ଆଦି ହିଟ୍ ଗୀତ ଭେଟି ଦେଇଥିଲେ। ସେହିପରି 'ଗୌରୀ' ଫିଲ୍ମର 'ଆମ ଗାଁର ମଉ ପାଇଛି ଏ ଜୀବନେ, ରଜନୀ ଗୋ, କି ସୁନ୍ଦର ଆହା କି ଆନନ୍ଦମୟ, 'ସତୀ ଅନସୂୟା' ଚଳଚ୍ଚିତ୍ରର କୁହୁକୁହୁ ବନେ କୁହୁକୁହୁ, 'ତପସ୍ୟା'ର ଢାଳି ଦିଅ ସାରା ଧରଣୀରେ ଆଜି, ଝୁଲିଝୁଲି ଖେଳେ ଦୋଳି ଟିକି ନାଆ 'ଓ 'ବନ୍ଧୁ ମହାନ୍ତି'ର ନ ଯା ସଜନୀ, ମା ଗୋ ମମତାମୟୀ ମାତା, 'ପୂଜା' ସିନେମାର ହିପ ହିପ ହୁରେ ଆଦିରେ ସେ କଣ୍ଠଦାନ କରି ସମସ୍ତଙ୍କର ପ୍ରିୟ ହୋଇଥିଲେ। ଏହାଛଡ଼ା ଅଲିଭା ଦାଗ, ରାମାୟଣ, ମୁକ୍ତି, ଜୟ ମା ମଙ୍ଗଳା, ମୁକ୍ତି, ଦେବଯାନୀ, ସିନ୍ଦୂରବିନ୍ଦୁ, ଅସ୍ତରାଗ, ରାମ ବଳରାମ, ପୁନର୍ମିଳନ, କୃଷ୍ଣସୁଦାମା, ରାମରହିମ ଓ ପର ଝିଅ ଘର ଭାଙ୍ଗେନା ଆଦି ଚଳଚ୍ଚିତ୍ରରେ ଗୀତ ଗାଇଛନ୍ତି। ସେ ଗାଇଥିବା 'ସିନ୍ଦୂର ବିନ୍ଦୁ' ଚଳଚିତ୍ରର କେଉଁ ନାମ ଧରି ଡାକିବି ତୁମକୁ' ଓ ବଳିଦାନ'ର ଆହେ ଦୟାମୟ ବିଶ୍ୱ ବିହାରୀ' ଓ 'ତପସ୍ୟା'ର ଢାଳିଦିଅ ସାରା ଧରଣୀରେ ଆଜି..' ଭଳି ଭଜନ ଶ୍ରୋତାଙ୍କ ପ୍ରିୟ ହୋଇପାରିଥିଲା। ତେବେ ଚଳଚ୍ଚିତ୍ର ଦେବଯାନୀରେ କଣ୍ଠଦାନ ପାଇଁ ୧୯୮୧ରେ ସେ ଶ୍ରେଷ୍ଠ ଗାୟିକା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଥିଲେ।

## ଓଡ଼ିଆ ସଙ୍ଗୀତରେ ଏଣ୍ଟ୍ରି କରାଇଥିଲେ ପ୍ରଫୁଲ୍ଲ କର

ସତୁରି ଦଶକରେ ଓଡ଼ିଆ ସଙ୍ଗୀତରେ ପ୍ରବେଶ କରିଥିଲେ ମଧ୍ୟ ୯୦ ଦଶକର ଅନେକ ଗୀତରେ କଣ୍ଠଦାନ କରି ସେ ସର୍ବାଧିକ ଲୋକପ୍ରିୟ ହୋଇଥିଲେ। ତେବେ ବାଣୀ ଜୟରାମଙ୍କ ଅଧିକାଂଶ ଗୀତର ସଙ୍ଗୀତ ନିର୍ଦ୍ଦେଶକ ହେଉଛନ୍ତି ସ୍ୱର୍ଗତ ପ୍ରଫୁଲ୍ଲ କର। ସେ ରାଜ୍ୟ ପୁରସ୍କାର ପାଇବା ସମୟରେ ଓଡ଼ିଆ ସଙ୍ଗୀତରେ ତାଙ୍କ ଯାତ୍ରା ସମ୍ପର୍କରେ ବଖାଣିଥିଲେ। ସେ କହିଥିଲେ, ପ୍ରଫୁଲ୍ଲଜୀ ହିଁ ମୋତେ ଓଡିଆ ସଙ୍ଗୀତକୁ ଟାଣି ଆଣିଛନ୍ତି। ତାଙ୍କ ନିର୍ଦ୍ଦେଶନାରେ ମୁଁ ପ୍ରାୟ ୫୦ଟି ଭଳି ଗୀତ ଗାଇଛି।

## ଅକ୍ଷୟଙ୍କ ସହ ହିପ୍ ହିପ୍ ହୁରେ..

୧୯୮୧ରେ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସହ ସେ 'ପୂଜା' ଚଳଚ୍ଚିତ୍ରର ହିପ୍ ହିପ୍ ହୁରେ..ଗାଡ଼ିଯାଏ ଗଡ଼ିରେ..ଗୀତରେ କଣ୍ଠଦାନ କରିଛନ୍ତି। ଅକ୍ଷୟଙ୍କ ସହ ଏହା ତାଙ୍କର ଏକମାତ୍ର ଗୀତ। ଏହି ଗୀତର ସ୍ୱରକାର ଥିଲେ ପ୍ରଫୁଲ୍ଲ କର।

## ଗମ୍ଭୀର ଓ ସରଳ ମଣିଷ ଥିଲେ



ତାଙ୍କର ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର 'ଗୁଡ଼ି'ର 'ବୋଲେ ରେ ପପିହରା'... ଗୀତ ଗାଇଥିଲେ। ସେବେଠାରୁ ତାଙ୍କ ବିଷୟରେ ଜାଣିବାକୁ ପାଇଥିଲି। ଏହାପରେ ତାଙ୍କ ସହ 'ଜୟ ମା' ମଙ୍ଗଳା' ଚଳଚ୍ଚିତ୍ରରେ ଗୀତ ଗାଇବାର ସୁଯୋଗ ପାଇଥିଲି। ସେ ସମୟରେ ତାଙ୍କ ସହ କିଛିଦିନ ମିଶିଥିଲି। ସେ ଜଣେ ଗମ୍ଭୀର ଏବଂ ସରଳ ମଣିଷ ଥିଲେ। ପ୍ରଫୁଲ୍ଲ କର ତାଙ୍କୁ ଅନେକ ଓଡ଼ିଆ ଗୀତ ଗାଇବାକୁ ଦେଇଥିଲେ। ଦକ୍ଷିଣ ଭାରତର ସେ ଜଣେ ଭଲ ଗାୟିକା। ଶାସ୍ତ୍ରୀୟ ସଙ୍ଗୀତ ଶିଖିଥିବା ଜଣେ ଭଲ କଳାକାର। ଏମାନେ ସମାଜର ସମ୍ପତ୍ତି। ତାଙ୍କ ବିୟୋଗରେ ଅପୂରଣୀୟ କ୍ଷତି ଘଟିଛି। ଜଣେ ଭଲ କଳାକାରଙ୍କୁ ହରାଇଲୁ। ହେଲେ ସେ ସବୁଦିନ ପାଇଁ ଆମ ଭିତରେ ରହିବେ।

—ଡ. ଚିତ୍ତରଞ୍ଜନ ପାଣି, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତଜ୍ଞ

## ସଙ୍ଗୀତ ସାଧନାରେ ତାଙ୍କ ସ୍ଥାନ ଶୀର୍ଷରେ



'ସତୀ ଅନସୂୟା' ଚଳଚ୍ଚିତ୍ରରେ ତାଙ୍କ ସହ ଗୀତ ଗାଇବାର ସୁଯୋଗ ମିଳିଥିଲା। ସେହି ଗୀତ ଗୋଟିଏ ଟେକ୍‌ରେ ଓକେ ହୋଇଥିଲା। ଗୀତର ନାମ ଥିଲା କୁହୁ କୁହୁ ବନେ..। ଗାଇବା ସମୟରେ ମୁଁ ତାଙ୍କ ସହ ମୋ ଅନୁଭୂତି ବାଣ୍ଟିଥିଲି। ତାଙ୍କର ବ୍ୟବହାର ଅତ୍ୟନ୍ତ ଭଲ। ତାଙ୍କଠାରୁ ବହୁତ କିଛି ଶିଖିବାକୁ ପାଇଛି। ସଙ୍ଗୀତ ସାଧନାରେ ତାଙ୍କ ସ୍ଥାନ ଶୀର୍ଷରେ। ତାଙ୍କ ଭଳି ଗାୟିକା ଆଉ ଜନ୍ମ ନେବେନି।

—ସୁବାସ ଦାଶ, ଗାୟକ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନୀହାର



@ ଆଶିଷ



@ ସଞ୍ଜୀବ



@ ବଣ୍ଟି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୨।୨୦୨୩

| | |
|---|---|
| ୪,୩୫,୮୬୩ ଟଙ୍କା | |
| ସୁନା | ୬.୫୫୦ ଗ୍ରାମ୍ |
| ରୁପା | ୭.୩୦୦ ଗ୍ରାମ୍ |

## 'ମୋ ବସ୍' ଧକ୍କାରେ ବୃଦ୍ଧା ମୃତ

ଭୁବନେଶ୍ୱର,୪।୨(ବ୍ୟୁରୋ) : ଚାଳକଙ୍କ ବେପରୁଆ ଗାଡି ଚାଳନା ଯୋଗୁ 'ମୋ ବସ୍' ବାରମ୍ବାର ଦୁର୍ଘଟଣା ଘଟାଉଛି। ଇତିମଧ୍ୟରେ ରାଜଧାନୀରେ ଏକାଧିକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ଆଉଜଣଙ୍କ ଜୀବନ ନେଇଛି। ବାଳକାଟୀ ଅଭିମୁଖେ ଯାଉଥିବା ମୋ ବସ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିପିଲି ଡାଣ୍ଡମୁକୁନ୍ଦପୁରର ବିକାଶ ପାତ୍ର (୭୦)। ବିକାଶ ଭୁବନେଶ୍ୱରରେ ରହୁଥିବା ତାଙ୍କ ଝିଅ ଘରକୁ ଆସି ଶନିବାର ସନ୍ଧ୍ୟାରେ ନିଜ ଗ୍ରାମ ଡାଣ୍ଡମୁକୁନ୍ଦପୁରକୁ ଫେରିବାକୁ ମାଷ୍ଟର କ୍ୟାଣ୍ଟିନସ୍ଥିତ ମୋ ବସ୍ ଟର୍ମିନାଲରେ ଅପେକ୍ଷା କରିଥିଲେ। ଏହି ସମୟରେ ରୁଟ୍ ନମ୍ବର ୩୪ରେ ଚାଲୁଥିବା ମୋ ବସ୍ (ନଂ.ଓଡି୦୨ ବିଜେ୯୪୧୨) ଟର୍ମିନାଲ ମଧ୍ୟରେ ଯାତ୍ରୀଙ୍କୁ ଓହ୍ଲାଇ ପାର୍କ କରୁଥିବା ସମୟରେ ସମ୍ମୁଖରେ ଠିଆ ହୋଇଥିବା ବିକାଶଙ୍କ ଉପରେ ଚଢ଼ି ଯାଇ କିଛି ବାଟ ଘୋଷାଡି ନେଇଥିଲା। ପାଖରେ ଉପସ୍ଥିତ ଥିବା ଜଣେ ଘରୋଇ ବସ୍ ଚାଳକ ପାଟି କରିବାରୁ ବସ୍‌ଟି ଅଟକିଥିଲା। ପରେ ଉପସ୍ଥିତ ଲୋକେ ବସ ତଳୁ ବୃଦ୍ଧାଙ୍କୁ ଟାଣି ବାହାରକୁ ଆଣିଥିଲେ। ଖବର ପାଇ ସ୍ଥାନୀୟ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ବିକାଶଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# 'ରାମମନ୍ଦିର ବହୁ ଆଗରୁ ନିର୍ମାଣ ହେବାର ଥିଲା'

■ମହାପ୍ରଭୁଙ୍କୁ ଦର୍ଶନ କଲେ ଅଭିନେତା ଅରୁଣ ଗୋଭିଲ

■ଆଜି ଭୁବନେଶ୍ୱରରେ 'ଶୁଣ ଶ୍ରୀରାମ କାହାଣୀ'ର ଶୁଭାରମ୍ଭ

ପୁରୀ ଅଫିସ, ୪।୨

ନବେ ଦଶକରେ ଟିଭି ଧାରାବାହିକ 'ରାମାୟଣ'ରେ ଶ୍ରୀରାମ ଚରିତ୍ରରେ ଅଭିନୟ କରି ଲୋକପ୍ରିୟତା ଅର୍ଜନ କରିଥିବା ଅଭିନେତା ଅରୁଣ ଗୋଭିଲ ଶନିବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସନ୍ଧ୍ୟାରେ ସେ ସହଧର୍ମିଣୀ ଶ୍ରୀଲେଖାଙ୍କ ସହ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଉଭୟଙ୍କୁ ସେବାୟତମାନଙ୍କ ପକ୍ଷରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପାଟ ଓ ପତିତପାବନ ବାନା ଦିଆଯାଇ ସ୍ୱାଗତ କରାଯାଇଥିଲା। ପରେ ଅରୁଣ ସସ୍ତ୍ରୀକ ବାଇଶ ପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇଥିଲେ। ଭିତରକାଠ ପାଖରେ ରତ୍ନସିଂହାସନାରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଭିତରବେଢ଼ାସ୍ଥିତ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିସାରି କିଛି ସମୟ ଶ୍ରୀମନ୍ଦିର ପରିସରରେ ବିତାଇ ଫେରିଥିଲେ।

ଏହି ଅବସରରେ ଅରୁଣ କହିଥିଲେ, ଶ୍ରୀଜଗନ୍ନାଥଙ୍କ ଧାମକୁ ଆସି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ସୌଭାଗ୍ୟ ମିଳିଲା। ପୂର୍ବରୁ ମଧ୍ୟ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲି। ଚଳିତ ଥର 'ଶୁଣ ଶ୍ରୀରାମ କାହାଣୀ' ନାମକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଓଡ଼ିଶା ଆସିଛି। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ପୂର୍ବରୁ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଛି। ସେହିପରି ଅନେକ ଭାରତୀୟ ଶ୍ରୀରାମ ଭାବେ ତାଙ୍କ ପ୍ରତିଛବିକୁ କଳ୍ପନା କରିବା ସମ୍ପର୍କରେ ସେ କହିଛନ୍ତି, ପ୍ରଭୁ ଶ୍ରୀରାମଙ୍କ ଉପରେ ଲୋକଙ୍କର ଗଭୀର ଆସ୍ଥା ରହିଛି। ନିର୍ଦ୍ଦେଶକ ରାମାନନ୍ଦ ସାଗରଙ୍କ 'ରାମାୟଣ' ନିର୍ମାଣ ହେବା ପୂର୍ବରୁ ଅନ୍ୟ କୌଣସି ସିରିଏଲ ଏତେ ଲୋକପ୍ରିୟ ହୋଇ ନ ଥିଲା। ଏହାପରେ ମଧ୍ୟ ସେଭଳି ଲୋକପ୍ରିୟତା ଆଉ ଦେଖିବାକୁ ମିଳି ନାହିଁ। ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ଧ୍ୟାନ କଲାବେଳେ ତାଙ୍କ ଚେହେରା ସାମ୍ନାକୁ ଆସିଥାଏ ବୋଲି ସେ ଲୋକଙ୍କଠାରୁ ଶୁଣିବାକୁ ପାଇଛନ୍ତି। ତେବେ ସେ ଛବି ତାଙ୍କର ନୁହେଁ ବରଂ ତାହା ସେମାନଙ୍କର ପ୍ରଭୁ ଶ୍ରୀରାମଙ୍କ ଉପରେ ଥିବା ଆସ୍ଥା, ଯାହା ଏକ ସ୍ୱରୂପ ବା ଆକାର ନେଇଥାଏ ବୋଲି ଅରୁଣ ପ୍ରକାଶ କରିଛନ୍ତି। ପ୍ରଭୁ ଶ୍ରୀରାମଙ୍କ ଆଦର୍ଶରେ ଆଜିର ଯୁବପିଢ଼ି ଅନୁପ୍ରାଣିତ ହୋଇ ମାତାପିତା ଓ ଗୁରୁଜନଙ୍କୁ ଭକ୍ତି ତଥା ସମ୍ମାନ ପ୍ରଦର୍ଶନ କରିବା ଉଚିତ। ସେହିପରି ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣ ହେବାଠାରୁ ଖୁସିର କଥା ଆଉ କିଛି ନାହିଁ। ଏହି ମନ୍ଦିର ଆହୁରି ଆଗରୁ ନିର୍ମାଣ ହୋଇଥିଲେ ଭଲ ହୋଇଥାନ୍ତା। ତେବେ ଯେତେବେଳେ ଭଗବାନଙ୍କ ଇଚ୍ଛା ହୋଇଥାଏ ସେତେବେଳେ ସେ ଆସିଥାନ୍ତି। କୋଭିଡ୍ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାମାୟଣ ପ୍ରଦର୍ଶିତ ହେବା ନେଇ ସେ କହିଛନ୍ତି, ଏହା ଭଲ କଥା। ଅସୁବିଧା ସମୟରେ ଭଗବାନ ଆଗମନ କରିଥାନ୍ତି। ଅରୁଣ ଆହୁରି କହିଛନ୍ତି, ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ମହାବୀର ହନୁମାନ ରହିଛନ୍ତି। ପୌରାଣିକ ମତବାଦ ଅନୁଯାୟୀ, ପ୍ରଭୁ ରାମଚନ୍ଦ୍ର ଧରାପୃଷ୍ଠରୁ ବିଦାୟ ନେବା ସମୟରେ ହନୁମାନଙ୍କୁ କହିଥିଲେ, କଳିଯୁଗରେ ଶ୍ରୀଜଗନ୍ନାଥଙ୍କ ନିକଟରେ ରହି ତାଙ୍କ ସେବା କରିବା ପାଇଁ। ଯେଉଁଠି ହନୁମାନ ରହିଥାନ୍ତି ସେଠାରେ ରାମକଥା ହୋଇଥାଏ ବୋଲି ଅରୁଣ ମତବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ରବିବାର ଭୁବନେଶ୍ୱରର ଉତ୍କଳ ମଣ୍ଡପରେ 'ଶୁଣ ଶ୍ରୀରାମ କାହାଣୀ'ର ଶୁଭାରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ଅରୁଣ ଯୋଗଦେବେ। ଏଥିରେ ରାମାୟଣର ବିଷୟବସ୍ତୁ ପ୍ରଦର୍ଶନ ହେବ। ୩ ହଜାରରୁ ଅଧିକ ଲୋକ କାର୍ଯ୍ୟକ୍ରମରେ ଯୋଗଦେବାର ଆଶା ରହିଛି।



'ଶୁଣ ଶ୍ରୀରାମ କାହାଣୀ' କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡ଼ିଶା ଆସିଥିବା ଅବସରରେ ଅଭିନେତା ଅରୁଣ ଗୋଭିଲ ସସ୍ତ୍ରୀକ ଶନିବାର ମହାପ୍ରଭୁଙ୍କୁ ଦର୍ଶନ କରିସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି।

# ୧୧ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ ଅଫିସ,୪।୨

ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୧୧ ତାରିଖ ପୂର୍ବାହ୍ନ ୧୦ଟାରୁ ଓଡ଼ିଶା ହାଇକୋର୍ଟ ସମେତ ଜିଲାର ସମସ୍ତ ସିଭିଲ କୋର୍ଟ ଓ ସମସ୍ତ ତାଲୁକସ୍ତରୀୟ କୋର୍ଟ ପରିସରରେ ଅନୁଷ୍ଠିତ ହେବ। ଏଥିରେ ଦେୱାନୀ ଓ ଫୌଜଦାରି(ସାଲିସଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କରଣ, ବିଦ୍ୟୁତ୍, ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ଭଳି ବିଚାରାଧୀନ ମାମଲା ଆପୋସ ସହମତିରେ ସମାଧାନ କରାଯିବ। ଏଥିରେ ମଧ୍ୟ କଚେରିରେ ଦାଏର ହୋଇ ନ ଥିବା ପ୍ରାକ୍ ମକଦ୍ଦମାସ୍ତରୀୟ ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଚେକ୍ ବାଉନ୍ସ, ପାରିବାରିକ ବିବାଦ ଆଦିର ସମାଧାନ ହୋଇପାରିବ। କୌଣସି ବିଚାରାଧୀନ ମାମଲାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହେଲେ ପୂର୍ବରୁ ପଇଠ ହୋଇଥିବା କୋର୍ଟ ଫି' ଫେରସ୍ତ ହୋଇପାରିବ। ଏହାଦ୍ୱାରା ଦୀର୍ଘଦିନ ଧରି ଚାଲୁ ରହିଥିବା ମାମଲାର ସହଜ ସମାଧାନ ସହିତ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ରକ୍ଷା ମିଳିଥାଏ। ଏହି ଲୋକ ଅଦାଲତରେ ମକଦ୍ଦମା ତଥା ବିବାଦର ସମାଧାନ ପାଇଁ ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ ଓ ଚୂଡ଼ାନ୍ତ। ବିସ୍ତୃତ ସୂଚନା ପାଇଁ ଜନସାଧାରଣ ଜିଲା ବା ତାଲୁକସ୍ତରୀୟ ଆଇନସେବା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କଟକ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ ଜଣାଇଛନ୍ତି।




ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଇଞ୍ଜିନିୟର ଏକତା ମଞ୍ଚ ପକ୍ଷରୁ ଭୁବନେଶ୍ୱର ପାୱାର ହାଉସ୍ ଛକସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।



ପୁରୀର ବିଶ୍ୱରୂପା ପଟ୍ଟନାୟକଙ୍କ ଦ୍ୱାରା ଅଙ୍କିତ ଗଜଉଦ୍ଧାରଣ ବେଶ ଚିତ୍ରକଳା।




ବିଶ୍ୱ କର୍କଟ ଦିବସ ପାଳନ ଅବସରରେ ଶନିବାର ଉତ୍କଳ ହସ୍ପିଟାଲ ପକ୍ଷରୁ ଭୁବନେଶ୍ୱର ରୂପାଲି ଛକରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

**ଫେବୃୟାରୀ ୧୫ରେ ଗହମ ଇ- ନିଲାମ**

**ନୂଆଦିଲ୍ଲୀ:** କେନ୍ଦ୍ର ସରକାର ସାରା ଦେଶରେ ଖୋଲା ବଜାର ବିକ୍ରୟ ଯୋଜନା (ଓଏମଏସଏସ) ଅଧୀନରେ ଗହମ ବିକ୍ରି ପାଇଁ ଇ-ନିଲାମ ଫେବୃୟାରୀ ୧୫ରେ ଅନୁଷ୍ଠିତ ହେବ ବୋଲି ଖାଦ୍ୟ ଏବଂ ଜନସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ତେବେ ରାଷ୍ଟ୍ରାୟତ୍ତ ଫୁଡ କର୍ପୋରେସନ ଅଫ ଇଣ୍ଡିଆ (ଏଫସିଆଇ) ଦେଶରେ ଗହମ ଏବଂ ଗହମ ଉତ୍ପାଦର ମୂଲ୍ୟ ବୃଦ୍ଧି ପାଇଁ ଖୋଲା ବଜାର ବିକ୍ରୟ ଯୋଜନା (ଓଏମ୍‌ଏସ୍‌ଏସ୍) ଅଧୀନରେ ଥିବା ବଫର ଷ୍ଟକରୁ ୨୫ ଲକ୍ଷ ଟନ ଗହମ ବିକ୍ରୟ କରିବାକୁ ବାଧତାମୂଳକ କରାଯାଇଛି।

# 'ଆଦାନୀ ମାମଲାରେ ଦେଶର ଛବି ପ୍ରଭାବିତ ହୋଇନାହିଁ'

ନୂଆଦିଲ୍ଲୀ,୪।୨

ଗତ କିଛି ଦିନ ହେବ ସାରା ଦେଶ ଏପରିକି ବିଶ୍ୱରେ ମଧ୍ୟ ହିଣ୍ଡେନବର୍ଗ ରିପୋର୍ଟକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏପରିକି ଦୀର୍ଘ ଦିନ ଧରି ଚୁପ ରହିଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ଆଦାନୀ ଗ୍ରୁପ ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି। ବିଶେଷକରି ହିଣ୍ଡେନବର୍ଗ ରିପୋର୍ଟ ଓ ଆଦାନୀ ମାମଲାରେ ଭାରତର ଛବି ଅଥବା ଆର୍ଥିକସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ନିର୍ମଳା ମତପ୍ରକାଶ କରିଛନ୍ତି। ସେହିଭଳି ଗତ ୨ ଦିନ (ଶୁକ୍ରବାର ଓ ଶନିବାର) ଧରି ସଂସଦରେ ବିରୋଧୀ ଦଳମାନେ ଆଦାନୀ ଗ୍ରୁପର ଶେୟାର ମୂଲ୍ୟ ହ୍ରାସ ସହ ହିଣ୍ଡେନବର୍ଗ ରିପୋର୍ଟକୁ ନେଇ ବିରୋଧୀ ହଇଗୋଳ କରିବା ସହ ଓ ଅର୍ଥମନ୍ତ୍ରୀଙ୍କ ଜବାବ ମାଗିଥିଲେ। ଫଳରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ଉକ୍ତ ଘଟଣା ସମ୍ପର୍କରେ ସଫେଇ ଦେଇ କହିଛନ୍ତି ଏଥିଯୋଗୁ ଭାରତରେ କୌଣସି ପ୍ରକାର ପରିବର୍ତ୍ତନ ପ୍ରଭାବିତ ହେବାର ଆଶଙ୍କା ନାହିଁ। ଏପରିକି ଗତ ୨ ଦିନ ମଧ୍ୟରେ ଆମର ବୈଦେଶିକ ମୁଦ୍ରାଭଣ୍ଡାରରେ ୮ମିଲିୟନ ଡଲାର ବୃଦ୍ଧି ହୋଇଛି। ବିଶେଷକରି ଭାରତୀୟ ଇକ୍ୱିଟି ବଜାରରେ ଆଇପିଓ, ଏଫପିଓର ଯିବା ଆସିବା ଲାଗି ରହିଛି। ସେହିଭଳି ଅର୍ଥମନ୍ତ୍ରୀ ଦେଶବାସୀ ଓ ନିବେଶକଙ୍କୁ ଆଶ୍ୱାସନା ଦେଇ କହିଛନ୍ତି ଯେ, ନିୟାମକ ତାଙ୍କ କାମ କରିବେ। ଏପରିକି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଉକ୍ତ ମାମଲାରେ ମଧ୍ୟ ବୟାନ ଜାରି କରିସାରିଛନ୍ତି। ଏହା ପୂର୍ବରୁ ମଧ୍ୟ ଏଫପିଓ ପ୍ରତ୍ୟାହାର ହୋଇଛି, ତେବେ ବିରୋଧୀ ଦଳ ସଂସଦରେ ଉକ୍ତ ପ୍ରସଙ୍ଗର ମିଳିତ ସଂସଦୀୟ ସମିତି (ଜେପିସି) ଯାଞ୍ଚ ଲାଗି ଦାବି କରୁଥିଲେ। ତେବେ ଏହା ପୂର୍ବରୁ ଆରବିଆଇ ନିବେଶକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସ୍ଥିର ଥିବା କହିଥିଲେ। ସେହିପରି ଆରବିଆଇ ନିଜେ ସତର୍କ ଥିବା ଓ ଦେଶର ବ୍ୟାଙ୍କିଙ୍ଗ କ୍ଷେତ୍ରର ସ୍ଥିରତା ଉପରେ ନଜର ରଖିଥିବା କହିଥିଲେ। ତେବେ ଆଦାନୀ ଗ୍ରୁପ ତାଙ୍କ ଫ୍ଲାଗଶିପ୍ କମ୍ପାନୀ ଆଦାନୀ ଏଣ୍ଟରପ୍ରାଇଜେସ୍‌ଙ୍କ ୨୦,୦୦୦ କୋଟି ଟଙ୍କାର ଫଲୋ ଅନ ପବ୍ଲିକ୍ ଅଫର (ଏଫପିଓ) ବୁଧବାର ପ୍ରତ୍ୟାହାର କରି ନେଇଛନ୍ତି। ଫଳରେ ୨୦ ହଜାର କୋଟି ଟଙ୍କା ଲାଗି ସବସ୍କ୍ରିପସନ ନିମନ୍ତେ ୨୭ ଜାନୁୟାରୀରେ ଏଫପିଓ ଖୋଲିଥିଲା ଓ ୩୧ ଜାନୁୟାରୀରେ ଫୁଲ ସବସ୍କ୍ରାଇବ୍ ହେବା ପରେ କ୍ଲୋଜ ହୋଇଥିଲା। ସେହିପରି ଫଲୋଅନ ପବ୍ଲିକ୍ ଅଫରକୁ ସେକେଣ୍ଡାରୀ ଅଫରିଂ ଭାବେ ମଧ୍ୟ ଜଣାଯାଏ। ଏହା ଏକ ଏପରି ପ୍ରୋସେସ୍ ଯେଉଁଥିରେ ଷ୍ଟକ୍ ଏକ୍ସଚେଞ୍ଜରେ ଲିଷ୍ଟେଡ କମ୍ପାନୀ ତାଙ୍କ ଶେୟାରଧାରୀଙ୍କ ସମେତ ନୂଆ ନିବେଶକଙ୍କୁ ମଧ୍ୟ ଶେୟାର ଜାରି କରିଥାନ୍ତି। ତେବେ ଏହା ପୂର୍ବରୁ ୨୪ ଜାନୁୟାରୀରେ ହିଣ୍ଡେନବର୍ଗ ରିପୋର୍ଟ ସାମ୍ନାକୁ ଆସିଥିଲା। ଏହା ପରଠାରୁ ଆଦାନୀ ଗ୍ରୁପ କମ୍ପାନୀଙ୍କ ଶେୟାର ମୂଲ୍ୟ ହ୍ରାସ ହେବାରେ ଲାଗିଛି। ଏପରିକି ହିଣ୍ଡେନବର୍ଗ ତାଙ୍କ ରିପୋର୍ଟରେ ଆଦାନୀ ଗ୍ରୁପଙ୍କ ଲିଷ୍ଟେଡ ୭କମ୍ପାନୀର ୮୫% ଓଭର ଭାଲ୍ୟୁଡ ସମ୍ପର୍କରେ ରିପୋର୍ଟରେ ମଧ୍ୟ ଉଲ୍ଲେଖ କରିଥିଲା ଯେ ଆଦାନୀ ସମୂହ ଦୀର୍ଘ ଦଶନ୍ଧିରୁ ଷ୍ଟକ୍ ହେରଫେର ଓ ମନିଲଣ୍ଡରିଂରେ ଲାଗି ରହିଛନ୍ତି।


ନିର୍ମଳା ସୀତାରମନ

## ଜାନୁୟାରୀରେ ୧.୨୬ ଲକ୍ଷ ଟନ୍ ମାଙ୍ଗାନିଜ୍ ଉତ୍ପାଦନ

ନୂଆଦିଲ୍ଲୀ, ୪।୨

ଚଳିତ ଆର୍ଥିକ ବର୍ଷ ଜାନୁୟାରୀ ମାସରେ ୧.୨୬ ଲକ୍ଷ ଟନ୍ ମାଙ୍ଗାନିଜ୍ ଖଣି ଉତ୍ପାଦନ ହୋଇଛି ବୋଲି ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ଏଥିରେ କୁହାଯାଇଛି, 'ମାଙ୍ଗାନିଜ ଓର ଭାରତ ଲିମିଟେଡ' (ଏମ୍‌ଓଆଇଏଲ୍) କମ୍ପାନୀ ଜାନୁୟାରୀରେ ଖଣି ଉତ୍ପାଦନ କରିବାରେ ଭଲ ପ୍ରଦର୍ଶନ କରିଛି। ଯାହାକି ଗତବର୍ଷ ସମାନ ଅବଧି ସମୟ ତୁଳନାରେ ୭.୭ ପ୍ରତିଶତ ଅଧିକ ମାଙ୍ଗାନିଜ୍ ଉତ୍ପାଦନ ହୋଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଜାନୁୟାରୀରେ ୧.୩୨ ଲକ୍ଷ ଟନ୍ ମାଙ୍ଗାନିଜ୍ ଖଣି ଉତ୍ପାଦନ ବିକ୍ରିରେ ୨୦୨୨ ଜାନୁୟାରୀରେ ୩୧ ପ୍ରତିଶତ ଅଧିକ ରହିଥିଲା। ତେବେ ଏ ସମ୍ପର୍କରେ 'ମାଙ୍ଗାନିଜ ଓର ଭାରତ ଲିମିଟେଡ୍ (ଏମ୍‌ଓଆଇଏଲ୍) ସିଏମ୍‌ଡି ଅଜିତ କୁମାର ସାକ୍ସେନା କହିଛନ୍ତି, ଗତ କିଛି ମାସ ମଧ୍ୟରେ କମ୍ପାନୀ ଭଲ ପ୍ରଦର୍ଶନ କରୁଛି ଏବଂ ଆଗାମୀ ବର୍ଷ ଗୁଡ଼ିକରେ ଭଲ ପ୍ରଦର୍ଶନ କରିବ ବୋଲି କମ୍ପାନୀ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି ବୋଲି ସେ ମତପ୍ରକାଶ କରିଛନ୍ତି।

## ନୂଆପଡ଼ାରେ ଟ୍ରେଣ୍ଡ୍‌ସର ଏକ୍ସକ୍ଲୁସିଭ ଷ୍ଟୋର




ଭୁବନେଶ୍ୱର,୪।୨

ରିଲାଏନ୍ସ ରିଟେଲର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ 'ଟ୍ରେଣ୍ଡ୍‌ସ'ର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର ଓଡ଼ିଶା ବଜାରରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ନୂଆପଡା ଜିଲାର ପ୍ରମୁଖ ବଜାର ନୂଆପଡା ଟାଉନଠାରେ ଉକ୍ତ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ସେହିଭଳି ୭୧୯୨ ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ ଏହି ଷ୍ଟୋର୍‌ରେ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦଘାଟନୀ ଅଫର ସହ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟର ବ୍ୟାପକ ସମ୍ଭାର ଉପଲବ୍ଧ। ଯେପରିକି ୩୯୯୯ ଟଙ୍କାର କିଣାକିଣି କରନ୍ତୁ ଏବଂ ମାତ୍ର ୨୪୯ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଆନ୍ତୁ। କେବଳ ସେତିକି ନୁହେଁ, ୩୯୯୯ ଟଙ୍କାର କିଣାକିଣି ଉପରେ ଗ୍ରାହକମାନେ ୨୦୦୦ ଟଙ୍କା ମୂଲ୍ୟର କୁପନ୍ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ସେହିପରି ଉକ୍ତ ଷ୍ଟୋରର ମଡର୍ନ ଲୁକ୍ ଏବଂ ପରିବେଶ ନୂଆପଡା ସହରବାସୀଙ୍କ ସମେତ ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକମାନଙ୍କ ଲାଗି ଉଚ୍ଚମାନର ଉତ୍ପାଦ ଓ ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜର ସମ୍ଭାର ସୁଲଭ ମୂଲ୍ୟରେ ଯୋଗାଇ ଦେଉଛି। ଏପରିକି ଏହାର ଗ୍ରାହକମାନେ ବର୍ତ୍ତମାନ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍‌ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟରେ ପାଇପାରିବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।

## 'ଏକ ବିଲିୟନ ଡଲାର ଉଦ୍ୟୋଗରେ ପରିଣତ ହେବ ତତ୍ତ୍ୱ'

ଭୁବନେଶ୍ୱର,୪।୨

ରାଜ୍ୟର ପ୍ରମୁଖ ଆଇଟି କମ୍ପାନୀ 'ତତ୍ତ୍ୱ ଟେକ୍ନୋଲୋଜିସ୍'ର ୨୧ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ତା'ର ଆଗାମୀ ଦଶନ୍ଧି ପାଇଁ ଯୋଜନା ଓ ଲକ୍ଷ୍ୟ 'ତତ୍ତ୍ୱ ୨.୦'ର ଉନ୍ମୋଚନ ସହ ଏକ ବିଲିୟନ ଡଲାର ଉଦ୍ୟୋଗରେ ପରିଣତ ହେବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ଏପରିକି ତତ୍ତ୍ୱ ଇମ୍ପାକ୍ଟ ଷ୍ଟେଟ୍‌ମେଣ୍ଟ-୨୦୨୨ର ଉନ୍ମୋଚନ ମଧ୍ୟ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଆଇଟି ମନ୍ତ୍ରୀ ଅଶୋକ ପଣ୍ଡା ଯୋଗ ଦେଇଥିବା ବେଳେ ଆଇଟି ସଚିବ ମନୋଜ ମିଶ୍ର, ଷ୍ଟାର୍ଟଅପ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧକ୍ଷ ଡା. ଓମକାର ରାଏ, ଇସ୍ରାଏଲର ଜିଆଜଦ ଫର୍ଜଲି, ଆମେରିକାର ନଚିକେତା ଏବଂ ଆମେରିକାର ସୁନୀଲ ସାବତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏ ସମ୍ପର୍କରେ ତତ୍ତ୍ୱ ଟେକ୍ନୋଲୋଜିସ୍ ଲିଃ.ର ଏମ୍‌ଡି ଅୟସକାନ୍ତ ମହାନ୍ତି କହିଛନ୍ତି,'ଟେକ୍ନୋଲୋଜି ଦ୍ରୁତ ବେଗରେ ବିକଶିତ ହେଉଥିବା ସମୟରେ ଆମେ ଗ୍ରାହକଙ୍କ ବ୍ୟବସାୟିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜିଟାଲ ରୂପାନ୍ତରଣର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛୁ। ଏପରିକି ଆମେ ଆଗାମୀ ବର୍ଷଗୁଡିକରେ ଏକ ବିଲିୟନ ଡଲାର କମ୍ପାନୀରେ ପରିଣତ ହେବାକୁ ଉଦ୍ୟମ କରୁଛୁ। ସେହିଭଳି କମ୍ପାନୀର ସହପ୍ରତିଷ୍ଠାତା ତଥା ସିଇଓ ତପେନ୍ଦ୍ର ସେନାପତି କହିଛନ୍ତି, ଆମ ସଂସ୍କୃତିରେ ଉଦ୍ଭାବନ ରହିବା ସହ ତତ୍ତ୍ୱର ଉଜ୍ଜ୍ୱଳ ପ୍ରତିଭାମାନେ ନିରନ୍ତର ଉଦ୍ଭାବନ ମାଧ୍ୟମରେ ସବୁ ବର୍ଗର ଲୋକଙ୍କ ଜୀବନକୁ ପରିବର୍ତ୍ତନ କରୁଛନ୍ତି। ଅପରପକ୍ଷରେ ତତ୍ତ୍ୱର ଟେକ୍ନୋଲୋଜି ବିଭାଗର ନିର୍ଦ୍ଦେଶକ ସ୍ମୃତି ନାୟକ, ଗ୍ଲୋବାଲାଇଜେଶନ କାରଣରୁ ବର୍ତ୍ତମାନ ବ୍ୟବସାୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।


ଅନ୍ତଃରାଷ୍ଟ୍ରୀୟ ଅଟୋମୋବାଇଲ କମ୍ପାନୀ ବିଏମ୍‌ଡବ୍ଲ୍ୟୁ ଇଣ୍ଡିଆ ପକ୍ଷରୁ ୨ଦିନିଆ ଗାଡ଼ିଚାଳନା କୌଶଳ (ଟ୍ରେନିଂ ପ୍ରୋଗ୍ରାମ) କାର୍ଯ୍ୟକ୍ରମ 'ଜିଏସ୍ ଏକ୍ସପେରିଏନ୍ସ ୨୦୨୩ ଇନ୍ ଇଣ୍ଡିଆ' ଅନୁଷ୍ଠିତ ହୋଯାଇଛି। ଏହି ପରିପ୍ରେକ୍ଷିରେ ବିଏମ୍‌ଡବ୍ଲ୍ୟୁ ମୋଟରରାଡ ଦ୍ୱାରା କୌଶଳ ପ୍ରଦର୍ଶନ କରାଯାଉଛି।

## 'ଆଇଡିଆନେକ୍ସ୍ଟ ୩ୟ ଚାପ୍ଟରର ଗ୍ରାଜୁଏଶନ ଡେ'

ଭୁବନେଶ୍ୱର,୪।୨

ନିତି ଆୟୋଗର ଅଟଳ ଇନୋଭେଶନ ମିଶନ (ଏଆଇଏମ୍) ଦ୍ୱାରା ସମର୍ଥିତ ଅଟଳ ଇନ୍‌କ୍ୟୁବେଶନ ସେଣ୍ଟର୍-ନାଳନ୍ଦା (ଏଆଇସି-ନାଳନ୍ଦା) ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ତଥା ପ୍ରି-ଇନ୍‌କ୍ୟୁବେଶନ ପ୍ରୋଗ୍ରାମ 'ଆଇଡିଆନେକ୍ସ୍ଟ୩.୦ ଦ ଷ୍ଟୁଡେଣ୍ଟ ଏଡିଶନର ୩ୟ ଚାପ୍ଟର୍‌ର ଗ୍ରାଜୁଏଶନ ଡେ' ନିକଟରେ ଆୟୋଜିତ ହୋଇଯାଇଛି। ଏପରିକି ଏଆଇସି-ନାଳନ୍ଦା ଏଭଳି ଏକ କାର୍ଯ୍ୟକ୍ରମକୁ ଦୀର୍ଘ ମାସ ପର୍ଯ୍ୟନ୍ତ ଛାତ୍ର ଉଦ୍ଭାବକଙ୍କ ପାଇଁ ପରିଚାଳନା କରିଥିଲା। ସେହିଭଳି 'ଆଇଡିଆନେକ୍ସ୍ଟ' ଛାତ୍ର ଉଦ୍ଭାବକମାନଙ୍କୁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରିଥିଲା ଯେଉଁଠାରେ ସେମାନେ ନିଜର ବିଚାରକୁ ପ୍ରୋଟୋଟାଇପ୍‌ରେ ପରିଣତ କରିବା ଏବଂ ନିଜର ପ୍ରାରମ୍ଭିକ ଉଦ୍ୟୋଗୀ ଯାତ୍ରାରେ ଶିଳ୍ପ ଓ ଉପଭୋକ୍ତା-କୈନ୍ଦ୍ରିକ ଏକ୍ସପୋଜର ପାଇବା ପାଇଁ ଆବଶ୍ୟକ ଠିକ୍ ମାର୍ଗଦର୍ଶନ ପାଇପାରିବେ ଓ ଏକ ଷ୍ଟାର୍ଟଅପ୍ ନିର୍ମାଣ କରିବାକୁ ସକ୍ଷମ ହେବେ। ଏହି ଅବସରରେ ୪ ଜଣ ଜୁରୀ ସଦସ୍ୟଙ୍କ ଏକ ପ୍ୟାନେଲ ନିକଟରେ ବିଭିନ୍ନ କ୍ଷେତ୍ରର ୧୨ଟି ଷ୍ଟାର୍ଟଅପ୍ ନିଜର ଉପସ୍ଥାପନା ଦେଇଥିଲେ। ଏହା ପରେ ନେଟ୍‌ୱର୍କିଂ ଲଞ୍ଚ ଓ ଫାଇନାଲ ଗ୍ରାଜୁଏଶନ ସେରିମୋନି ହୋଇଥିଲା। ଏ ସମ୍ପର୍କରେ ଏଆଇସି-ନାଳନ୍ଦାର ସିଇଓ ଦେବ୍‌ଜ୍ୟୋତି ମହାନ୍ତି ପ୍ରି-ଇନ୍‌କ୍ୟୁବେଶନ ପ୍ରୋଗ୍ରାମର ଅତିଥି ତଥା ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଜଣାଇବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ମତପ୍ରକାଶ କରିଥିଲେ। ସେହିଭଳି ଆଇଆଇଏମ୍-ରାଞ୍ଚିର ପ୍ରଫେସର ଡା. ଅସିତ ମହାପାତ୍ର, ହାଇଟେକ୍ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ପୂର୍ବତନ ଡିନ୍ ଓ ପ୍ରଫେସର୍ ଡା.ପୟୋଧର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ପରିଶେଷରେ ସମସ୍ତ ୧୨ଟି ଟିମ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଫୁର୍‌ସତ୍**

## ଜାତି ପ୍ରମାଣପତ୍ର ପାଇଁ କୁକୁରର ଆବେଦନ

ପାଟନା




ବିହାରର ଗୟାରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଜାତି ପ୍ରମାଣପତ୍ର ପାଇଁ ଟମି ନାମକ ଏକ କୁକୁର ଅବେଦନ କରିଥିବା ସରକାରୀ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଗତ ଜାନୁୟାରୀ ୭ରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ତରଫରୁ ଜାତି ଭିତ୍ତିକ ଜନଗଣାନା ଆରମ୍ଭ କରାଯାଇଥିଲା। ବିହାରର ଅନେକ ଲୋକ ଜାତି ପ୍ରମାଣପତ୍ର ପାଇଁ ଆବଦେନ କରିଥିବାବେଳେ ଟମି ଏଥିରୁ ଜଣେ। ଏନେଇ ଆଧାର କାର୍ଡର ଆବଶ୍ୟକତା ରହିଥିବାବେଳେ ଟମିର ଆଧାର କାର୍ଡର ଫଟୋ ମଧ୍ୟ ଅବେଦନ ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି। ଆଧାରକାର୍ଡରେ ଥିବା ତଥ୍ୟ ଅନୁସାରେ ଟମିର ଫଟୋ ଥିବାବେଳେ ବାପାଙ୍କ ନାଁ ଜାଗାରେ ଶେରୁ ଏବଂ ମା'ଙ୍କ ସ୍ଥାନରେ ଗିନି ଲେଖା ରହିଛି। ସେହିପରି ପେସା ସ୍ଥାନରେ ଛାତ୍ର ଲେଖାଯାଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଟମିର ଆଧାରକାର୍ଡ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ତେବେ ସରକାରୀ ଅଫିସରଙ୍କ ଅଭିଯୋଗକ୍ରମେ ସ୍ଥାନୀୟ ପୋଲିସ ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଖୋଜିବା ଆରମ୍ଭ କରିଛି।

## ନୱାଜୁଦ୍ଦିନଙ୍କୁ କୋର୍ଟ ନୋଟିସ

**ମୁମ୍ବାଇ:** ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ସେଲ୍ଫମେଡ୍ କଳାକାର ଭାବେ ପରିଚିତ ନୱାଜୁଦ୍ଦିନ ସିଦ୍ଦିକିଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ଆଲିୟା ନିର୍ଯାତନା ଅଭିଯୋଗ ଆଣିବାପରେ ମୁମ୍ବାଇର ଏକ କୋର୍ଟ ତାଙ୍କୁ ନୋଟିସ ଜାରି କରିଛନ୍ତି। ନୱାଜୁଦ୍ଦିନ ଓ ତାଙ୍କ ପରିବାର ଲୋକେ ସେମାନଙ୍କ ପାଖରେ ଆଲିୟାଙ୍କୁ ରଖିବାକୁ ଚାହୁଁ ନ ଥିବା ସେ କହିଛନ୍ତି। ଆଲିୟାଙ୍କୁ ଖାଦ୍ୟ ଦିଆଯାଉ ନ ଥିବାବେଳେ ଶୋଇବା ପାଇଁ ଉପଯୁକ୍ତ ଶଯ୍ୟା ଏବଂ ଟଏଲେଟ ମଧ୍ୟ ଯିବାକୁ ଦିଆଯାଉ ନାହିଁ। ସେମାନେ ଆଲିୟାଙ୍କୁ ଘରୁ ବାହାର କରିବା ଲାଗି ବହୁ ଅସୁବିଧାରେ ପକାଉ ଥିବା ସେ ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ଆଲିୟାଙ୍କ ଓକିଲ ରିଜୱାନ ସିଦ୍ଦିକି କହିଛନ୍ତି, ଆଲିୟାଙ୍କୁ ଘରୁ ବାହାର କରିବା ଲାଗି କିଛିଦିନ ପୂର୍ବେ ନୱାଜୁଦ୍ଦିନଙ୍କ ମା' ତାଙ୍କ ବିରୋଧରେ ଥାନାରେ ମିଛ ଅଭିଯୋଗ କରିଥିଲେ। ଆଲିୟାଙ୍କ ପାଇଁ ନୱାଜୁଦ୍ଦିନ ପୁରୁଷ ଦେହରକ୍ଷୀ ନିୟୋଜିତ ଘରର ଚାରିଆଡ଼େ କ୍ୟାମେରା ଖଞ୍ଜିଛନ୍ତି। ଆଲିୟା ଥାନାରେ ଅଭିଯୋଗ କରିଥିଲେ ସୁଦ୍ଧା ପୋଲିସ ଏହା ଉପରେ ଦୃଷ୍ଟି ନିକ୍ଷେପ କରୁ ନ ଥିବା ରିଜୱାନ କହିଛନ୍ତି। ଆଲିୟା ତାଙ୍କ ପିଲା ୟନି ଓ ଶୋରାଙ୍କ ସହ ନୱାଜୁଦ୍ଦିନଙ୍କ ଅନ୍ଧେରିସ୍ଥିତ ଘରେ ରହୁଛନ୍ତି। ୨୦୨୧ରେ ନୱାଜୁଦ୍ଦିନ ହ୍ୱାଟ୍ସଆପ୍ ଜରିଆରେ ଡିଭୋର୍ସ ନୋଟିସ୍ ପଠାଇଥିବା ଆଲିୟା କହିଛନ୍ତି।




ଚାଇନା ବୈଜ୍ଞାନିକମାନଙ୍କ ଦ୍ୱାରା କ୍ଲୋନିଂ ଜରିଆରେ ଜନ୍ମିତ 'ସୁପର କାଓ' ପାଖରେ ନିଜ ଜୀବନ କାଳ ମଧ୍ୟରେ ୧,୦୦,୦୦୦ ଲିଟର କ୍ଷୀର ଉତ୍ପାଦନ କରିବାର କ୍ଷମତା ରହିଛି।

## ବହୁତ ଭଲ ନୟନତାରା

**ମୁମ୍ବାଇ:** ଶାହରୁଖ ଖାନ୍ ନିଜ ଫିଲ୍ମ 'ପଠାନ୍' ପାଇଁ ଅନେକ ପ୍ରଶଂସା ସାଉଁଟାରେ ଲାଗିଛନ୍ତି। ଏହାବ୍ୟତୀତ ସେ ଏବେ ନିଜ ଆଗାମୀ ଫିଲ୍ମ 'ଯବାନ' ଲାଗି ପ୍ରସ୍ତୁତ ହେଉଛନ୍ତି। ଦକ୍ଷିଣ ଭାରତୀୟ ଫିଲ୍ମ ନିର୍ଦ୍ଦେଶକ ଆଥିଲିଙ୍କ ଦ୍ୱାରା ନିର୍ମିତ ଫିଲ୍ମ ଯବାନରେ ଶାହରୁଖ ସାଉଥ୍ ବ୍ୟୁଟି ନୟନତାରାଙ୍କ ସହ କାମ କରିଛନ୍ତି। ଦୁହେଁ ପ୍ରଥମଥର ପାଇଁ ବିଗ୍‌ସ୍କ୍ରିନ୍ ଶେୟାର କରିଥିବାବେଳେ ବଲିଉଡ୍‌ର ଏହି ଲୋକପ୍ରିୟ ଅଭିନେତା ନୟନତାରାଙ୍କର ଖୁବ୍ ପ୍ରଶଂସା କରିଛନ୍ତି। ନିଜର ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି ଯେ, ନୟନତାରା ଜଣେ ଅଭିଜ୍ଞ କଳାକାର। ସେ ବହୁତ୍ ଭଲ ଏବଂ କାମକୁ ନେଇ ଖୁବ୍ ସିରିୟସ୍। ଖାଲି ସେତିକି ନୁହେଁ, ନୟନତାରା। ଏକାଧିକ ଭାଷା ଏବଂ ସେଗୁଡ଼ିକର ଉଚ୍ଚାରଣ ବେଶ୍ ସୁନ୍ଦର ଭାବେ କରିପାରୁଥିବା ଶାହରୁଖ୍ କହିଛନ୍ତି। ରେଡ୍ ଚିଲିଜ୍ ପ୍ରଯୋଜିତ ଫିଲ୍ମ ଯବାନରେ ଶାହରୁଖ୍ ଏବଂ ନୟନତାରାଙ୍କ ସହ ବିଜୟ ସେତୁପତି ଏବଂ ସାନିଆ ମାଲହୋତ୍ରା ଅଭିନୟ କରିଛନ୍ତି। ଅସନ୍ତା ଜୁନ୍ ୨ରେ ଏହି ମଲ୍ଟିଷ୍ଟାରର୍ ଫିଲ୍ମ ପ୍ରେକ୍ଷାଳୟକୁ ଓହ୍ଲାଇବ।






ନୂଆଦିଲ୍ଲୀସ୍ଥିତ ଏଆଇସିସି କାର୍ଯ୍ୟାଳୟରେ ଶନିବାର ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଅଜୟ ମାକେନ 'ଲୋକପାଳ'କୁ ନେଇ କେଜ୍‌ରିୱାଲ ସରକାରଙ୍କ ଉପରେ ବର୍ଷିଛନ୍ତି।

# ଶିନ୍ଦେ ଅଣ-ସାମ୍ବିଧାନିକ ମୁଖ୍ୟମନ୍ତ୍ରୀ : ଆଦିତ୍ୟ

**ମୁମ୍ବାଇ,୪।୨ :** ଉଦ୍ଧବ ଠାକରେଙ୍କ ପୁଅ ତଥା ପୂର୍ବତନ ମନ୍ତ୍ରୀ ଆଦିତ୍ୟ ଠାକରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କୁ ଜଣେ ଅଣ-ସାମ୍ବିଧାନିକ ମୁଖ୍ୟମନ୍ତ୍ରୀ ବୋଲି କହିଛନ୍ତି। ଏହା ସହିତ ସେ ଶିନ୍ଦେଙ୍କୁ ବିଧାନସଭା ନିର୍ବାଚନରେ ଲଢ଼େଇ ପାଇଁ ଆହ୍ୱାନ ଦେଇଛନ୍ତି। ମୁଁ ମୋ ଆସନରୁ ଇସ୍ତଫା ଦେବି ଏବଂ ଶିନ୍ଦେ ମଧ୍ୟ ନିଜ ଆସନରୁ ଇସ୍ତଫା ଦିଅନ୍ତୁ। ଏହାପରେ ମୁଁ ତାଙ୍କ ସହିତ ୱର୍ଲି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁଛି ବୋଲି ସେ କହିଛନ୍ତି। ମୁଁ ସେମାନଙ୍କୁ ଚ୍ୟାଲେଞ୍ଜ ଦେଉଛି। ଆଉ ଯେଉଁଆଡେ ଯାଉଛି ଏହା କହୁଛି।



ଆଦିତ୍ୟ ଠାକରେ

ରାଜ୍ୟର ପରିବେଶ ଗେରିକ ହେବାରେ ଲାଗିଛି। ଶିନ୍ଦେଙ୍କ ସହିତ ଥିବା ୧୩ ଦେଶଦ୍ରୋହୀ ଏମ୍ପି ଏବଂ ୪୦ ବିଧାୟକ ଇସ୍ତଫା ଦେବା ଆବଶ୍ୟକ। ସେମାନେ କିପରି ପୁନର୍ବାର ଜିତେବେ ତାହା ଦେଖାଯିବ ବୋଲି ସେ କହିଛନ୍ତି। ଏଥିସହିତ ଆଦିତ୍ୟ କହିଛନ୍ତି, ସମସ୍ତ ପ୍ରଶାସନିକ କ୍ଷମତା ଅବା ଟଙ୍କାର ପ୍ରୟୋଗ କଲେ ମଧ୍ୟ ଜଣେ ପ୍ରକୃତ ଶିବ ସୈନିକଙ୍କୁ କିଣି ପାରିବେ ନାହିଁ। ମୁଁ ଅନୁଭବ କରୁଛି ଯେ ମୁମ୍ବାଇରେ ଏକଛତ୍ରବାଦୀ ଶାସନ ଚାଲିଛି। ଗୋଟିଏ ବର୍ଷ ବିତିଗଲାଣି, କିନ୍ତୁ ସେମାନେ ବିଏମ୍‌ସି ପାଇଁ ନିର୍ବାଚନ କରୁନାହାଁନ୍ତି। ସେମାନେ ଜଣେ ପ୍ରଶାସକ ନିଯୁକ୍ତ କରିଛନ୍ତି ଏବଂ ଏବେଠୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଉଛନ୍ତି।

# ପୋଲିସ ଆଇ ମା' କାହାଣୀ କହୁଛି: ଜୟନାରାୟଣ

## ନବ ଦାସ ହତ୍ୟା ମାମଲା

**ଭୁବନେଶ୍ୱର,୪।୨(ବ୍ୟୁରୋ):** ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ପୁଣି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ପୋଲିସ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଆଉ ସେ ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି। ସେ କହିଛନ୍ତି, ଦୈନିକ ନୂଆ ନୂଆ ଆଇ ମା' କାହାଣୀ ଓଡ଼ିଶା ପୋଲିସ କହୁଛି। ଆମେ ଆଈ ମା' କାହାଣୀରେ କାହିଁକି ଯିବା। ଯେଉଁଠି ରାଜ୍ୟ ସରକାରଙ୍କ ଉପରେ ଆକ୍ଷେପ ଆସିବ, ସେଠି ମାମଲାର ତଦନ୍ତ କେନ୍ଦ୍ରିୟ ସଂସ୍ଥା କରିବ। ଏହା ସଙ୍ଘୀୟ ବ୍ୟବସ୍ଥାରେ ରହିଛି। 'ଆଇନ ତା' ବାଟରେ ଯିବ' କଥା କହୁଥିବା ରାଜ୍ୟ ସରକାର ସେହି ଅନୁସାରେ ଯାଆନ୍ତୁ। ଯଦି ଓଡ଼ିଶା ପୋଲିସ ନାଁରେ ଅଭିଯୋଗ ରହିଛି, ତାହାହେଲେ କେନ୍ଦ୍ରୀୟ ସଂସ୍ଥା ସିବିଆଇ ତଦନ୍ତ କରୁ। ସେହି ବ୍ୟବସ୍ଥା ଅନୁସାରେ ମାମଲାର ତଦନ୍ତଭାର ସିବିଆଇକୁ ଦିଅନ୍ତୁ। ତାହା ନ କରି ପ୍ରତିଦିନ ନୂଆ ନୂଆ କାହାଣୀ ତିଆରି କରୁଛନ୍ତି ବୋଲି ଜୟନାରାୟଣ କହିଛନ୍ତି।

# ଦେଶବାସୀଙ୍କ ଦ୍ୱାରା ଆଦୃତ ହୋଇଛି ଅମୃତ କାଳର ବଜେଟ: ଅର୍ଜୁନ ମୁଣ୍ଡା

**ଭୁବନେଶ୍ୱର,୪।୨(ବ୍ୟୁରୋ):** ମୋଦି ସରକାର ଶାସନ କ୍ଷମତାକୁ ଆସିବାପରେ ଦେଶର ବିକାଶ ପାଇଁ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରାଇଛନ୍ତି। ଦେଶର ସୁରକ୍ଷା ଏବଂ ଜନତାଙ୍କ ମତକୁ ନେଇ ମୋଦି ସରକାର ଦେଶର ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିଛନ୍ତି। ସାମଗ୍ରିକ ବିକାଶ, ସବୁଜ ବିକାଶ, ଯୁବଶକ୍ତି, ଦେଶର ଶେଷ ବ୍ୟକ୍ତି ପାଖକୁ ବଜେଟ ପହଞ୍ଚାଇବା, ସଶକ୍ତ ଆର୍ଥିକ କ୍ଷେତ୍ର, ଭିତ୍ତିଭୂମି ଓ ପୁଞ୍ଜି ନିବେଶ ଏବଂ କ୍ଷମତାର ବିକାଶକୁ ଆଧାରକରି ମୋଦି ସରକାର କେନ୍ଦ୍ରରେ ଏକ ଜନକଲ୍ୟାଣକାରୀ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିଛନ୍ତି। ଏହି ବଜେଟକୁ କୃଷକ, ମହିଳା, ଯୁବ ଉଦ୍ୟୋଗୀ, ଆଦିବାସୀ ଜାତି ଓ ଜନଜାତି, ପଛୁଆବର୍ଗ, ଆର୍ଥିକ ଅନଗ୍ରସର ଦୁର୍ବଳ ଶ୍ରେଣୀ, ମଧ୍ୟମ ବର୍ଗ ସମସ୍ତେ ପ୍ରଶଂସା କରିଛନ୍ତି। ଦେଶବାସୀଙ୍କ ଦ୍ୱାରା ଅମୃତକାଳର ବଜେଟ ଆଦୃତ ହୋଇଛି ବୋଲି ଶନିବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ଅର୍ଜୁନ ମୁଣ୍ଡା କହିଛନ୍ତି।



ଅର୍ଜୁନ ମୁଣ୍ଡା

ଏଥିସହିତ ମୁଣ୍ଡା କହିଛନ୍ତି,ଓଡ଼ିଶାର କେତେକ ବର୍ଗଙ୍କୁ ଅନୁସୂଚିତ ଜନଜାତିରେ ଅନ୍ତର୍ଭୁକ୍ତ କରିବା, ରାଜନୈତିକ ବୟାନବାଜି ବିଷୟ ନୁହେଁ ବରଂ ଏହା ସମ୍ପୂର୍ଣ୍ଣ ଭାବେ ସାମ୍ବିଧାନିକ ବିଷୟ। ରାଜ୍ୟ ସରକାର ଯେଉଁ ୧୨୦ ଗୋଷ୍ଠୀଙ୍କ କଥା କହୁଛନ୍ତି ସେଥିରୁ ନବଦେ ବିନା ତଥ୍ୟ ପ୍ରମାଣ ସହ ୧୦ ଗୋଷ୍ଠୀ ପାଇଁ ଚିଠି ଲେଖିଛନ୍ତି। ବାକି ୧୧୦ ମଧ୍ୟରୁ ୭୧ରେ କୌଣସି ପ୍ରାମାଣିକ ତଥ୍ୟ ନାହିଁ। ସେହି ୭୧ ମଧ୍ୟରୁ ୩୮ର ଆଥୋନୋଗ୍ରାଫି ରିପୋର୍ଟ ନ ଥିବା କାରଣରୁ ବାରମ୍ବାର ପ୍ରତ୍ୟାଖ୍ୟାନ ହେଉଛି। ରାଜ୍ୟ ସରକାର ତାହାର ଆଥୋନୋଗ୍ରାଫି ରିପୋର୍ଟ ପ୍ରସ୍ତୁତ କରୁନାହାନ୍ତି। ବାକି ୩୩ରୁ ୨ଟି ଜାତିର କିଛି ତଥ୍ୟ ନାହିଁ, ୫ଙ୍କର ଅତିରିକ୍ତ ତଥ୍ୟ ମଗାଯାଇଛି ଓ ୨୬ ଜାତିଙ୍କର ତର୍ଜମା ନିମନ୍ତେ ଆରଜିଆଇକୁ ପଠାଯାଇଛି। ଅନ୍ୟପକ୍ଷରେ ୧୩ଟି ଜାତିଙ୍କୁ ନିଆଯାଇଥିବାବେଳେ ଆଉ ୩୬ଙ୍କ ପାଇଁ ନିଷ୍ପତ୍ତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏପରି କି ପାଉଡି ଏବଂ ପାଉରି ଭୂୟାଁ ପିବିଟିଜିରେ ଆସୁଥିବା ବେଳେ ସେମାନେ ଆଜିପର୍ଯ୍ୟନ୍ତ ଅନୁସୂଚିତ ଜନଜାତି ବର୍ଗରୁ ବଞ୍ଚିତ ଥିଲେ। ଏବେ ତାଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ବୋଲି କେନ୍ଦ୍ର ମନ୍ତ୍ରୀ ମୁଣ୍ଡା କହିଛନ୍ତି।

# କେନ୍ଦ୍ର ବଜେଟ ବିରୋଧରେ ଯୁବ କଂଗ୍ରେସର ବିକ୍ଷୋଭ

**ଭୁବନେଶ୍ୱର,୪।୨(ବ୍ୟୁରୋ):** ଭୁବନେଶ୍ୱର ମଧ୍ୟ ବିଧାନସଭା ଯୁବ କଂଗ୍ରେସ ସଭାପତି ସୁରଜ ରାଉତଙ୍କ ନେତୃତ୍ୱରେ କେନ୍ଦ୍ର ବଜେଟ ବିରୋଧରେ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଭୁବନେଶ୍ୱର ଜିଲା ଯୁବ କଂଗ୍ରେସ ସଭାପତି ରଣଜିତ୍ ପାତ୍ର ଯୋଗଦେଇ କହିଛନ୍ତି, 'କେନ୍ଦ୍ର ସରକାରଙ୍କ ବଜେଟ ନୈରାଶ୍ୟଜନକ ଏବଂ ଅନ୍ତଃସାରଶୂନ୍ୟ। ଏହିବଜେଟ ଯୁବକ, ଛାତ୍ର ଓ କୃଷକ ବିରୋଧୀ। ବର୍ଷକୁ ୨ କୋଟି ନିଯୁକ୍ତି ଦେବାର ସ୍ୱପ୍ନ ଦେଖାଇଥିବା ମୋଦି ସରକାର ବଜେଟରେ ନିଯୁକ୍ତି ସମ୍ପର୍କରେ ନୀରବ ରହିଛନ୍ତି। ଦେଶର ବେକାରି ସମସ୍ୟା ଅନିୟନ୍ତ୍ରିତ ହୋଇଥିବା ବେଳେ ଚଳିତ ବଜେଟରେ ପର୍ଯ୍ୟାପ୍ତ ନିଯୁକ୍ତି ସମ୍ପର୍କରେ କୌଣସି ସୂଚନା ନାହିଁ।' ଏଥିସହ ବଜେଟ ବିରୋଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସିଥାରାମନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

# କର୍ନାଟକ ନିର୍ବାଚନ ପାଇଁ ଧର୍ମେନ୍ଦ୍ର ଭାଜପା ପ୍ରଭାରୀ

**ନୂଆଦିଲ୍ଲୀ,୪।୨**

କର୍ନାଟକ ବିଧାନସଭା ନିର୍ବାଚନ ଆସନ୍ତା ମେ' ମାସ ବେଳକୁ ହେବାକୁ ଥିବାବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭାଜପା ଏହାର ପ୍ରଭାରୀ ନିଯୁକ୍ତ କରିଛି। ସେହିପରି ତାମିଲନାଡୁର ଭାଜପା ରାଜ୍ୟ ସଭାପତି କେ. ଆନ୍ନାମଲାଇଙ୍କୁ କର୍ନାଟକ ନିର୍ବାଚନ ପାଇଁ ସହପ୍ରଭାରୀ ନିଯୁକ୍ତ କରାଯାଇଛି। ଶନିବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ୨୨୪ ଆସନ ବିଶିଷ୍ଟ କର୍ନାଟକ ବିଧାନସଭା ନିର୍ବାଚନରେ ବିଜୟ ହୋଇ କ୍ଷମତା ବଜାୟ ରଖିବାକୁ ଭାଜପା ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ନିକଟରେ ଭାରତ ଯୋଡ଼ୋ ଯାତ୍ରା ଶେଷ କରିଥିବା କଂଗ୍ରେସ ମଧ୍ୟ କ୍ଷମତାକୁ ଫେରିବା ଲାଗି ଉଦ୍ୟମ ଚଳାଇଛି। ଭାଜପା ୧୫୦ ଆସନରେ ଜିତିବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିବାବେଳେ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ସହ ପ୍ରାକ୍ ନିର୍ବାଚନୀ ମେଣ୍ଟ ହେବ ନାହିଁ ବୋଲି କହିଛି। ଉତ୍ତରପ୍ରଦେଶ ନିର୍ବାଚନ ପାଇଁ ଧର୍ମେନ୍ଦ୍ର ଭାଜପା ପ୍ରଭାରୀ ଥିଲେ। ଦଳ ଭିତରେ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ଲାଗି ରହିଥିବାବେଳେ ସେ ସମସ୍ତଙ୍କ ସହ ସମନ୍ୱୟ ରକ୍ଷା କରି ଦଳକୁ ବିଜୟୀ କରାଇଥିବାରୁ ପ୍ରଶଂସିତ ହୋଇଥିଲେ। କର୍ନାଟକ ଭାଜପାରେ ଏକାଧିକ ବିବାଦ ଲାଗିରହିଥିବାବେଳେ ସେଠାରେ ଦଳର ନିର୍ବାଚନ ପରିଚାଳନା ଦାୟିତ୍ୱ ଧର୍ମେନ୍ଦ୍ରଙ୍କୁ ଦିଆଯାଇଛି।

# ନାଗାଲାଣ୍ଡ ନିର୍ବାଚନ : କଂଗ୍ରେସର ୨୧ ପ୍ରାର୍ଥୀଙ୍କ ନାମ ଘୋଷଣା

**ନୂଆଦିଲ୍ଲୀ,୪।୨(ପି.ଟି.)**

ନାଗାଲାଣ୍ଡ ବିଧାନସଭା ନିର୍ବାଚନ ଲାଗି କଂଗ୍ରେସ ଶନିବାର ୨୧ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ନାଗାଲାଣ୍ଡ ପ୍ରଦେଶ କଂଗ୍ରେସ ସଭାପତି କେ. ଥେରିଙ୍କୁ ଡିମାପୁର-୧ ଆସନରୁ ପ୍ରାର୍ଥୀ କରାଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ପରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଫେବୃୟାରୀ ୨୭ରେ ନାଗାଲାଣ୍ଡ ବିଧାନସଭା ନିର୍ବାଚନ ଥିବାବେଳେ ମାର୍ଚ୍ଚ ୨ରେ ଫଳ ପ୍ରକାଶ ପାଇବ।


झारखण्ड सरकार
ग्रामीण कार्य विभाग मुख्य अभियंता का कार्यालय
102, द्वितीय तल्ला, अभियंत्रण भवन, कचहरी रोड, राँची

ई–निविदा आमंत्रण सूचना

ई–निविदा संख्या:- 253/2022-23/RWD/JAMSHEDPUR दिनांक :- 04.02.2023

मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि |
|---|---|---|---|---|---|
| 1. | RWD/ JAMSHEDPUR/ 26/SRPKG-02/2022-23 | (i) कोरूकोचा से बालीजुडी तक पथ का विशेष मरम्मति कार्य (लं– 4.500 कि0मी0)<br>(ii) पी0डी0 बागान से चियाबांधी तक का विशेष पथ मरम्मति कार्य (लं– 2.800 कि0मी0)<br>(iii) मानुषमुडिया से लोधासोल–सरडीहा पी0एम0जी0एस0वाई0–III रोड तक पथ का विशेष मरम्मति कार्य (लं– 3.700 कि0मी0)<br>(iv) बघारा, चूड़ा पुलिया से एन0एच0 भाया केशरदा उच्च विद्यालय तक पथ का विशेष मरम्मति कार्य (लं– 3.000 कि0मी0) | 5,78,92,400.00 | पाँच करोड़ अठहत्तर लाख बानबे हजार चार सौ रू0 मात्र | 18 माह |
| 2. | RWD/ JAMSHEDPUR/ 27/SRPKG-03/2022-23 | (i) सिंहपूरा से बागजाता तक पथ का विशेष मरम्मति कार्य (लं– 2.950 कि0मी0)<br>(ii) भावराडीह से राजोग्राम तक पथ का विशेष मरम्मति कार्य (लं– 2.230 कि0मी0)<br>(iii) पुरनापानी चौक से घाघीडीह कैनाल तक पथ का विशेष मरम्मति कार्य (लं– 2.393 कि0मी0)<br>(iv) हाता–मुसाबनी मुख्य रोड से सासपुर तक पथ का विशेष मरम्मति कार्य (लं– 2.650 कि0मी0) | 5,63,75,100.00 | पाँच करोड़ तिरसठ लाख पचहत्तर हजार एक सौ रू0 मात्र | 18 माह |

2. वेबसाईट में निविदा प्रकाशन की तिथिः– 15.02.2023
3. ई–निविदा प्राप्ति की अंतिम तिथि एवं समयः– 27.02.2023 अपराह्न 5.00 बजे तक।
4. (क) मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, जमशेदपुर में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समयः– 28.02.2023 पूर्वाह्न 10.00 बजे से अपराह्न 3.30 बजे तक।
5. निविदा खोलने की तिथि एवं समयः– 01.03.2023 पूर्वाह्न 11.30 बजे।
6. निविदा आमंत्रित करने वाले पदाधिकारी का नाम एवं पताः– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
7. ई–निविदा प्रकोष्ठ का दूरभाष सं0– 0651–2207818
8. निविदा शुल्क झारखण्ड राज्य में अवस्थित भारतीय स्टेट बैंक/अन्य राष्ट्रीयकृत बैंक द्वारा निर्गत बैंक ड्राफ्ट के रूप में कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर के पक्ष में एवं जमशेदपुर में भुगतेय होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

नोडल पदाधिकारी
ई–प्रोक्युर्मन्ट सेल

PR 289280 (Rural Work Department)22-23*D



**GOVERNMENT OF ODISHA**
**OFFICE OF THE EXECUTIVE ENGINEER, P.H. DIVISION, BALASORE**
Phone: 9437086137, e-mail: eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)

**Invitation for Bids (IFB) dt.01.02.2023**

No. C-2397:- The Executive Engineer, P.H. Division, Balasore on behalf of Governor of Odisha invites Item Rate bids in Double cover system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. in Lakh) | Period of Comp-letion | Availability of bid documents for online bidding From | To | Last date and time of seeking clarification | Date & time of opening of technical bid |
|---|---|---|---|---|---|---|---|---|
| 1 | Supply of ISI Marked DI (K-7) Pipes for the work "Improvement of water supply to Sabarasahi, Gumugad, Gouri Pada, Talapada and Habibnagar areas of Dhamnagar N.A.C. | EEPHBLS-51 dt.01.02.2023 | 50.67 | 30 (thirty) days | 11.00 Hrs. of dt. 08.02.2023 | 17.00 Hrs. of dt.23.02.2023 | 17.00 Hrs. of 17.02.2023 | 11.00 Hrs. of 24.02.2023 |

The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Name and Address of the officer inviting bid:- The Executive Engineer, P.H. Division, Balasore - 756056, Odisha, Phone: 9437086137

OIPR-13053/11/0017/2223 Sd./- Executive Engineer, P.H. Division, Balasore



**GOVERNMENT OF ODISHA** No.O-1754
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT/P.O.- NAYABAZAR, CUTTACK -753004, Tel.No. 0671-2444488, Email- serw_kpd@yahoo.com
No. Tender Online RCK-03/23 Letter No.348 Date: 01.2.23

**e-Procurement NOTICE**

1. Name of the work : Tender for the building projects of constn. of R.I. Office-cum-Residence during 2022-23 in the Dist. of Jajpur & Kendrapara
2. Total No. of work : 10 (Ten) Nos. of work
3. Class of contractor : As specified in the Column-6 of the Annexure
4. Time of completion : As specified in the Column-7 of the Annexure
5. Detail Projects : As per Annexure attached
6. Other details :

| Procurement Officer | Bid Identification No. | Availability of tender online for bidding From | To | Last date & time of seeking tender clarification | Date & time of opening of tender: Technical bid | Financial bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-03/23 | 15.02.2023 at 11.30 A.M. | 01.03.2023 to 05.00 P.M. | 28.02.2023 upto 02.00 P.M. | 02.03.2023 at 11.30 A.M. | To be intimated later |

Further details can be seen from the website www.tendersorissa.gov.in

Sd./- Chief Construction Engineer, Rural Works Circle, Kendrapara-Jajpur
OIPR-25129/11/0053/2223



**PANCHAYAT SAMITI ANGUL**
**INVITATION FOR BIDS (IFB)**
**IDENTIFICATION No. AGLB-03/2022-23**
E-mail address: ori-bangul@nic.in

The Block Development Officer, Angul on behalf of the Governor of Odisha invites percentage rate composite bid in single cover system for the works "Construction of P.H.C.(N)" from the class B contractors, registered with the State Government and contractors of equivalent grade / class registered with Central Government / MES / Railway to be eventually drawn up in PWD P-I form, for execution of Building (Civil Work). The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the Stae PWD in appropriate class of eligibility before signing the agreement. Bidders may submit bids for any or all the 03 (three) Nos. of P.H.C. (N). The details of the eligibility criteria, EMD, enclosures etc. along with the list of project and date & time of sale, receipt and opening of bid document can be viewed & downloaded from the District website i.e. www.angul.nic.in.

Sd./- Block Development Officer, Angul



**COMMUNITY HEALTH CENTRE, ULLUNDA, DIST.- SONEPUR**

**Tender Call Notice for Hiring of Vehicle**

Sealed tenders are invited from Travel Agencies/ Transporters / Tour Operator / Individuals / Private Organization / NGOs situated within CHC, Ullunda for supply of vehicle on monthly hiring basis to be used in CHC, Ullunda for Mobile Health Unit under Swasthya Sanjog of CHC, Ullunda. Last date for submitting the documents is 24.02.2023 on or before 12.00 Noon through Regd. Post only. For detail information and documents, please visit www.subarnapur.nic.in. The authority has reserve the right to cancel the whole process without any notice.

Sd./- Medical Officer I/C
CHC, Ullunda



**OFFICE OF THE UTKAL BALASHRAM, BALASORE**
Letter No. 379 Date: 03.02.2023

**TENDER CALL NOTICE**

No. g-98: The sealed tenders are invited from the intending registered firm/registered supplier for supply of (A) Office Item, (B) Kitchen Equipments, (C) Library Equipments, (D) Study Materials, (D) Hostel Room Equipments, (E) Wash Room Equipments for the use of inmates of Utkal Balashram, Balasore Sakha for the year 2022-23. The details of the tender documents are available in the District website **www.baleswar.nic.in**. The same can be purchased from the Honorary Secretary, Utkal Balashram, Balasore on any working day till 5 P.M. of 21.02.2023 on payment as per specification.
The last date of submission of tender papers by Registered/ Speed Post is on or before 22.02.2023 till 3 P.M.

Sd./- Superintendent
Utkal Balashram, Balasore
OIPR-33045/11/0007/2223



**GOVERNMENT OF ODISHA** No. A-1099
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
MAHANADI, BRAHMANI & BAITARANI SYSTEM, CHANDIKHOLE
Email ID: cembbschandikhole@gmail.com

**CORRIGENDUM NOTICE**

'e' Procurement Notice No. CE&BM, MBBS-04 of 2022-23 (Online)

1. The Name of work may be read as "Raising & Strengthening of Kharinasi Saline Embankment from RD 5.654 Km to RD 9.500 Km. (Working RD 5.654 Km to RD 9.099 Km) instead of "Raising & Strengthening of Kharinasi Saline Embankment from RD 5.654 Km to RD 9.500 Km (Working RD 5.654 Km to RD 8.900 Km)
2. The tender cost may be read as Rs.14,26,00,826.00 instead of Rs.14,26,09,907.00

All other terms & conditions remain same.

Sd./- (Er. Bijay Kumar Samal)
Chief Engineer & Basin Manager
Mahanadi, Brahmani & Baitarani System, Chandikhole
OIPR-32415/11/0005/2223



**OFFICE OF THE EXECUTIVE ENGINEER BALASORE (ROADS & BUILDINGS) DIVISION - II**
At/P.O.: Bhaskarganj, Balasore, Contact No.: 06782-263149
No. B-1220 E Mail ID: eepwdbls2@gmail.com

**SHORT TENDER CALL NOTICE**

**BID INVITATION No. EE (R and B) BLS-II-54/2022-23**

| | | |
|---|---|---|
| 1 | The Executive Engineer, Balasore (R&B) Division-II, Balasore on behalf of the Governor of Odisha invites Percentage rate bids to be received in ONLINE MODE only for Roads & Buildings works. | |
| 2 | No. of Work | 1 No. |
| 3 | Nature of Work | Building work of Balasore (R&B) Division-II |
| 4 | Class of Contractor | "B" Class of Contractor |
| 5 | Approx. value of Work | Rs.66.15 lakhs |
| 6 | Tender Cost | Rs.10000.00 per work |
| 7 | Availability of Bid Documents in the website | From 10.00 hours of Dt.07.02.2023 to 16.00 hours of Dt.17.02.2023 |
| 8 | Date of Opening of Bid | Dt.20.02.2023 at 11.30 hours |
| 9 | Other details can be seen in the bidding documents from the website: https://tendersorissa.gov.in. | |

Executive Engineer
Balasore (R&B) Division-II
OIPR-34155/11/0013/2223



**OFFICE OF THE DIVISIONAL FOREST OFFICER, DHENKANAL DIVISION**
Tele Fax No. - 06762226717, e-mail Id- dfo.dhenkanal@odisha.gov.in

**SHORT TENDER NOTICE**

Tender No. 18/2022-23 Date 03.02.2023

No.MM-450:- Divisional Forest Officer, Dhenkanal Division, Dhenkanal on behalf of Governor of Odisha invites sealed tender from reputed intending Suppliers having valid GSTIN and PAN Registration No. for supply of Iron angle (50x50x6) - 5,245 K.G. / 1200 Meters / 268 Nos. Iron Flat (25x5)- 2351 K.G. / 1000 meter / 1021 Nos. G.I. Pole of 1" - 850 meter / 143 Nos. and G.I. Pole 2" - 300 meter / 51 Nos. required for construction of different enclosures in Kapilash Zoo of Dhenkanal Division during the year 2022-23. The tender papers with details of terms and conditions can be available in the Division Office, Dhenkanal on payment of Rs.1,000/- (One thousand) only in cash during office hours from 06.02.2023 to 13.02.2023. The tender paper can be suibmitted at the above mentioned address on or before 14.02.2023 latest by 5.30 P.M. by speed post / registered post / by hand only. The tender will be opened in the office of the undersigned on 15.02.2023 at 11.00 A.M.

Sd./- Conservator of Forests
I/C Dhenkanal Division
OIPR-08037/11/0052/2223



**GOVERNMENT OF ODISHA**
**"e" PROCUREMENT NOTICE**
**WORKS DEPARTMENT**
E-mail: pwdoff_khd@yahoo.com

**Tender Call Notice No. 27/2022-23**

No. B-1223: The Superintending Engineer, Khurda (R&B) Division, Khurda on behalf of Governor of Odisha invites percentage rate bid in Single Cover System in ONLINE MODE from eligible class of contractors having valid registration certificate for execution of the E.I. works as detailed below:

1. Nature of Work : E.I. Work
2. No. of Work : 02 Nos.
3. Tender Cost : Rs.6000.00 (Online)
4. Class of Contractor : Original Equipment Manufacturer (OEM)/Registered firm having experience in similar nature of work having valid Electrical Licence from ELBO or MOU with Electrical Contractor having valid electrical licence from ELBO
5. Available of Bid documents in the website. : From Dt. 08.02.2023 at 10.30 AM to Dt . 17.02.2023 at 5.00 PM
6. Date of opening of Bids : Dt 20.02.2023 at 11.30 AM
7. Bidders have to participate in ONLINE bidding only. Further details can be seen from the Website: **https://tenderodisha.gov.in**. Any information regarding Addendum / Corrigendum / Cancellation of tender can be available in the said website.

Sd./- Executive Engineer,
Khurda (R&B) Division, Khurda
OIPR-34095/11/0013/2223



**GOVERNMENT OF ODISHA**
**RURAL WATER SUPPLY & SANITATION ORGANISATION**
**OFFICE OF THE SUPERINTENDING ENGINEER**
**RWS&S DIVISION, DHENKANAL**
E-mail-eerwss-dkl@nic.in

**INVITATIONS FOR BIDS THROUGH e-Procurement**

Bid Identification No.-11/S.E./ RWSS/ 2022-23 / Dhenkanal / Dt.30.01.2023

No.O-1735:- The Superintending Engineer, RWS&S Division, Dhenkanal on behalf of Governor of Odisha invites percentage bid through e-procurement in single cover system from contractors having experience as mentioned in DTCN of work for the Projects according to norm of e-Procurement system in online mode.

**Nature of work:** Execution of External Electrification work in different RWSS points under Kamakhyanagar Block in Dhenkanal District.

| | | |
|---|---|---|
| 1 | No. of tenders | 03 Nos. |
| 2 | Tender paper cost | 4,000/- to 6,000/- (Online) |
| 3 | Value of work | Rs.5.56 lakh to 11.41 lakh (Excluding GST) |
| 4 | Class of contractor | Electrical (H.T.) |
| 5 | Date & time of availability of bid document in portal | 13.02.2023 at 11.00 A.M. 22.02.2023 upto 5.00 P.M. |
| 6 | Date & time of seeking tender clarification | 17.02.2023 upto 05.00 P.M. |
| 7 | Date & time of opening of tender | 23.02.2023 at 11.00 A.M. in the Office of the Superintending Engineer, RWS&S Division, Dhenkanal |
| 8 | Time of completion | 02 (Two) months |
| 9 | The bidders have to participate in online bidding only. Further details can be seen from the website https://www.tendersorissa.gov.in. | |
| 10 | Corrigendum if any shall be publish in the above website only. | |

Sd./- Superintending Engineer,
RWS&S Division, Dhenkanal
OIPR-25029/11/0002/2223


See Career Appointment on every Wednesday & Saturday

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୫ ଫେବୃୟାରୀ, ୨୦୨୩



## ଏ ସପ୍ତାହର ପ୍ରଶ୍ନ

୧– ଡିଭାଇନ୍ କମେଡ଼ି ପୁସ୍ତକର ଲେଖକ......... ?
୨– ବିଶ୍ୱ ବିବାହ ଦିବସ ................ ତାରିଖରେ ପାଳନ କରାଯାଏ ?
୩– ତାସ୍‌କେଣ୍ଟ ................ ଦେଶର ରାଜଧାନୀ ?
୪– ୧୫ତମ ବ୍ରିକ୍ସ ସମ୍ମିଳନୀ–୨୦୨୩ ..........ସହରରେ ଆୟୋଜନ କରାଯିବ ?
୫– 'ଏଫ୍‌ଏସ୍‌ଏସ୍‌ଏଆଇ'ର ଫୁଲ୍‌ଫର୍ମ .............. ?

## ଗତ ଥରର ଉତ୍ତର

୧ ନାଗାଲାଣ୍ଡ
୨ ଭରଭି
୩ ବିହାର
୪ ପୋଲୋ
୫ ୱିଲିୟମ୍ ସାୱାୟା

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର

## ଟପ୍ ୧୦

### ଲୋକପ୍ରିୟ ଚଳଚ୍ଚିତ୍ର– ୨୦୨୩




୧............ ଅବତାର: ଦି ୱେ ଅଫ୍ ୱାଟର
୨............ ଏମ୍‌ଏଗାନ୍
୩............ ପୁସ୍ ଇନ୍ ବୁଟ୍ସ: ଦି ଲାଷ୍ଟ ୱିଶ୍
୪............ ଏ ମ୍ୟାନ୍ କଲ୍ଡ ଓଟୋ
୫............ ପ୍ଲେନ୍
୬............ ମିସିଂ
୭............ ବ୍ଲାକ୍ ପାନ୍ଥର:ୱାକାଣ୍ଡା ଫର୍‌ଏଭର୍
୮............ ପଠାନ୍
୯............ ଦି ହ୍ୱେଲ୍
୧୦............ ହ୍ୱାଇଟ୍ନୀ ହଷ୍ଟନ୍

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

**ୟୁଥ୍ ଆଲର୍ଟ**

# ଆଇଲ୍ୟାସେସ୍ ବ୍ୟବହାର କରୁଥିଲେ...

ଆଖିକୁ ସୁନ୍ଦର କରିବା ପାଇଁ କେହି କାଜଲ ତ କିଏ ଆଇଲାଇନର, ମସ୍କରା ଆଉ ଆଇଶ୍ୟାଡୋ ଭଳି ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରନ୍ତି । ଏମିତିକି କେହି କେହି ଆଖିକୁ ଆଟ୍ରାକ୍ଟିଭ୍ କରିବା ଲାଗି ଆର୍ଟିଫିସିଆଲ୍ ଆଇଲ୍ୟାସ୍ ଲଗାଇବାକୁ ବି ପଛାଉ ନାହାନ୍ତି। ହେଲେ ଏହି ୟୁଜ୍ ଆଣ୍ଡ ଥ୍ରୋ ଆଇଲ୍ୟାସେସ୍ ଆଖିକୁ ସୁନ୍ଦର ତ କରୁଛି, ହେଲେ ଏହାର ଅଧିକ ବ୍ୟବହାର ଆଖି ପାଇଁ କ୍ଷତିକାରକ ସାଜୁଛି...



➤ଆଇଲ୍ୟାସେସ୍ ଆଖିକୁ ସୁନ୍ଦର ଏବଂ ଆକର୍ଷଣୀୟ କରିଥାଏ। ହେଲେ ଆପଣଙ୍କ ଆଖିପତା ବହୁତ ସୂକ୍ଷ୍ମ ଏବଂ କୋମଳ ହୋଇଥାଏ। ତେଣୁ ବାରମ୍ବାର ଏଭଳି ଆଇଲ୍ୟାସେସ୍ ଲଗାଇବା କ୍ଷତିକାରକ ହୋଇପାରେ। ଏହି ଆର୍ଟିଫିସିଆଲ୍ ପ୍ରଡକ୍ଟ କାହା କାହାଠାରେ ସଂକ୍ରମଣ ଭଳି ସମସ୍ୟା ଉପୁଜାଇଥାଏ, ଏମିତିକି ଏଥିପାଇଁ ଆଖିପତାର ବାଳ ମଧ୍ୟ ଝଡ଼ିଥାଏ।

➤ବଡ଼ ଆଇଲ୍ୟାସେସ୍ ବ୍ୟବହାର କରିବା ଯୋଗୁ ଆଖି ଚାରିପାଖେ ଇରିଟେଶନ୍ ଏବଂ ଇଚିଂ ପରି ସମସ୍ୟା ହୋଇଥାଏ। ଏଥିସହ ଆଇଲ୍ୟାସେସ୍ ଲଗେଇବା ସମୟରେ ବ୍ୟବହୃତ ହେଉଥିବା ଅଠାରେ କେତେକଙ୍କର ଆଲର୍ଜି ହୋଇ ଆଖିପତା କୁଣ୍ଡେଇ ହୋଇ ଲାଲ୍ ପଡ଼ିଯାଏ।

➤କେହି କେହି ଖର୍ଚ୍ଚ କମିବା ଉଦ୍ଦେଶ୍ୟରେ ଅନ୍ୟର ବ୍ୟବହୃତ ଆଇଲ୍ୟାସେସ୍‌କୁ ପୁଣି ବ୍ୟବହାର କରିଥା'ନ୍ତି। ହେଲେ ଏହାଦ୍ୱାରା ଇନ୍‌ଫେକ୍ସନ୍‌ର ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ କାହାର ଆଇଲ୍ୟାସେସ୍ ବ୍ୟବହାର କରନ୍ତୁ ନାହିଁ କିମ୍ବା ନିଜର ଆଉ କାହାକୁ ଦିଅନ୍ତୁ ନାହିଁ।

➤ଏହାକୁ ଲଗାଇବା ପାଇଁ ଗ୍ଲୁ ଆବଶ୍ୟକ ହୋଇଥାଏ। ହେଲେ ବାରମ୍ବାର ଏହି ଗ୍ଲୁ ଲାଗି ଆପଣଙ୍କ ପ୍ରାକୃତିକ ଆଖିବାଳ ବଢ଼ିବା ବନ୍ଦ ହୋଇଯାଏ ଏବଂ କୃତ୍ରିମ ଆଇଲ୍ୟାସ୍‌ସେର ଭାରରେ ସେଗୁଡ଼ିକ ଛିଡ଼ିଥାଏ ଏବଂ ଫଲିକଲ୍‌କୁ କ୍ଷତି ପହଞ୍ଚାଇଥାଏ।

➤ଆଇଲ୍ୟାସେସ୍‌ଗୁଡ଼ିକୁ ସୁନ୍ଦର ଏବଂ ଆଖିପତାରେ ଦୀର୍ଘ ସମୟ ପାଇଁ ରହିବା ଲାଗି ଫାର୍ମଲଡିହାଇଡ୍ ଏବଂ ଲ୍ୟାଟେକ୍ସ ଭଳି ରାସାୟନିକ ମିଶାଯାଇଥାଏ, ଯଦ୍ୱାରା ଆଖିଫୁଲିବା ସହ ଦୃଷ୍ଟିଶକ୍ତି ହ୍ରାସ ପାଏ।

➤ଏହାର ଅଧିକ ବ୍ୟବହାର ଯୋଗୁ ଆଖିରେ ଲୁବ୍ରିକେଶନ୍‌ର ମାତ୍ରା କମିଯାଏ ଏବଂ ଡ୍ରାଏ ଆଇଜ୍ ସମସ୍ୟା ଉପୁଜେ। ଶସ୍ତା ଏବଂ ଏକ୍ସପାୟର ହୋଇଥିବା ଆଇ କସ୍‌ମେଟିକ୍ ପ୍ରଡକ୍ଟ ଯୋଗୁ ଆଖି କୁଣ୍ଡେଇହେବା ସହ ଅସ୍ପଷ୍ଟ ଦେଖାଯିବା, ଡର୍ମାଟାଇଟିସ୍ ଏବଂ ଲାଇଟ୍ ସେନ୍‌ସିଟିଭିଟି ପରି ସମସ୍ୟା ଦେଖାଦିଏ।



# ଉତ୍ତମ ସହକର୍ମୀ

କର୍ମକ୍ଷେତ୍ରରେ ସମସ୍ତଙ୍କ ପ୍ରିୟଭାଜନ ହେବାକୁ କିଏ ବା ନ ଚାହେଁ। ଏଥିପାଇଁ ଜଣେ ଦକ୍ଷ ତଥା ସମୟାନୁବର୍ତ୍ତୀ କର୍ମଚାରୀ ହେବା ସହ ସଭିଙ୍କ ସହ ଭଲ ବ୍ୟବହାର, ବିଶ୍ୱସ୍ତ ଆଚରଣ ରହିବା ହିଁ ଜଣେ ଉତ୍ତମ ସହକର୍ମୀର ପରିଚୟଦିଏ...



**କଥା ହୁଅନ୍ତୁ:** ଅନେକ କର୍ମଚାରୀ ଥାଆନ୍ତି, ଯିଏ ଅଫିସ୍‌କୁ ଆସିବା ପରେ କେବଳ ନିଜ କାମ ସାରି ଚାଲିଯାଆନ୍ତି। ଅତି ଆବଶ୍ୟକ ନ ପଡ଼ିଲେ କାହା ସହ କଥା ହୁଅନ୍ତି ନାହିଁ। ଏଭଳି ବ୍ୟବହାର ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ତେଣୁ ଯଥାସମ୍ଭବ କାମ ପରେ କିଛି ସମୟ ପାଇଲେ ସମସ୍ତଙ୍କ ସହ କଥା ହୁଅନ୍ତୁ। ଏହାଦ୍ୱାରା ଏକ ସୁସମ୍ପର୍କ ସ୍ଥାପନ ହୋଇଥାଏ। ହେଲେ ମନେରଖନ୍ତୁ, କଥା ହେବା ଆଳରେ ଯେପରି ଅନ୍ୟ କେହି ଡିଷ୍ଟର୍ବ ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦିଅନ୍ତୁ, ନଚେତ୍ ଏହି ଅଭ୍ୟାସ ଯୋଗୁ ଅନ୍ୟମାନେ ଆପଣଙ୍କୁ ଆଭଏଡ୍ କରିପାରନ୍ତି।

**ହସିବା ବି ଆବଶ୍ୟକ:** ଅନେକ କର୍ମଚାରୀ କାମ କରିବା ବେଳେ ସାମାନ୍ୟ ଚାପ ପଡ଼ିଲେ ଚିଡ଼ିଥା'ନ୍ତି କିମ୍ବା ଅନ୍ୟମାନଙ୍କ ସହ କଥା ହେବା ବେଳେ ରାଗିଥା'ନ୍ତି। ଏପରି କରିବା ଦ୍ୱାରା ସଭିଙ୍କ ମନରେ ଆପଣଙ୍କ ପ୍ରତି ବଦ୍‌ରାଗୀ, ଅହଂକାରୀ ଭଳି ଭାବନା ସୃଷ୍ଟି ହୋଇଥାଏ। ଏଣୁ ଅନ୍ୟମାନେ ଧୀରେ ଧୀରେ ଆପଣଙ୍କଠାରୁ ଦୂରେଇ ଯିବେ। ତେଣୁ ଆବଶ୍ୟକ ସ୍ଥଳେ ସଭିଙ୍କ ସହ ହସହସ ମୁହଁରେ କଥା ହୁଅନ୍ତୁ।

**ଉତ୍ତମ ପରିବେଶ ଗଢ଼ନ୍ତୁ:** ଯେହେତୁ କର୍ମକ୍ଷେତ୍ର ପ୍ରତ୍ୟେକଙ୍କ ଲାଗି ଆଉ ଏକ ଘର ଏବଂ ଏହାର କର୍ମଚାରୀ ପରିବାର ସଦୃଶ, ତେଣୁ ଏହାର ପରିବେଶକୁ ଭଲ କରିବା ଲାଗି ନିଜକୁ ହିଁ ଉଦ୍ୟମ କରିବାକୁ ହୋଇଥାଏ। ସେଥିପାଇଁ ମନେରଖନ୍ତୁ, ମଣିଷର ବ୍ୟବହାର ଏବଂ ଆଚରଣ ଅନ୍ୟମାନଙ୍କୁ ଆକୃଷ୍ଟ କରିଥାଏ। ତେଣୁ କର୍ମ କ୍ଷେତ୍ରରେ ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଏହାଦ୍ୱାରା କାମ କରିବା ଲାଗି ଏକ ଉତ୍ତମ ପରିବେଶ ସୃଷ୍ଟି ହୋଇପାରିବ।

**ବିଶ୍ୱସ୍ତ ହୁଅନ୍ତୁ:** ସଚ୍ଚୋଟପଣିଆ ମଣିଷର ଏକ ବଡ଼ ଗୁଣ। ଅଫିସରେ ଯଦି କେହି ଆପଣଙ୍କୁ ବିଶ୍ୱାସରେ କିଛି କୁହନ୍ତି, ତେବେ ତାହାକୁ ଗୋପନ ରଖନ୍ତୁ। ଅଫିସ ରାଜନୀତିରେ ମୁଣ୍ଡ ଖେଳାନ୍ତୁ ନାହିଁ। ସେହିପରି କାହା ସମ୍ପର୍କରେ ଅନ୍ୟ ଆଗରେ କହିବାର ଭୁଲ ଆଦୌ କରନ୍ତୁ ନାହିଁ, ନଚେତ୍ ଏହାଦ୍ୱାରା ନା କେବଳ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆସିବ ବରଂ ଆପଣଙ୍କ ପ୍ରତି ଅନ୍ୟମାନେ ବିଶ୍ୱାସ ହରାଇପାରନ୍ତି। ତେଣୁ ସର୍ବଦା ପରୋପକାରୀ ଏବଂ ବିଶ୍ୱସ୍ତ ହେବାକୁ ଚେଷ୍ଟା କରନ୍ତୁ।

**ସାହାଯ୍ୟ କରନ୍ତୁ:** ନିଜ ବସ୍ ହୁଅନ୍ତୁ ଅବା ସହକର୍ମୀଙ୍କୁ ସର୍ବଦା ସାହାଯ୍ୟ କରନ୍ତୁ। କାହାର କୌଣସି ଅସୁବିଧା ସମୟରେ ସହଯୋଗର ହାତ ବଢ଼ାଇଲେ ସମ୍ପର୍କ ବଢ଼ିଥାଏ। ତେଣୁ କାହାର ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଡାକ୍ତରଖାନା ନେଇଯିବା କିମ୍ବା ସେଠାକୁ ଯାଇ ଦେଖାକରିବା, କାହାର ମନ ଖରାପ ଥିଲେ ବୁଝାଇବା ଏବଂ ସାନ୍ତ୍ୱନା ଦେବା, ଆବଶ୍ୟକ ଥିଲେ କାହାକୁ ଆର୍ଥିକ ସହାୟତା କରିବା ଜଣେ ଉତ୍ତମ ସହକର୍ମୀଙ୍କ ପରିଚୟ; ଯଦ୍ୱାରା ନା କେବଳ ଅନ୍ୟଜଣେ ଉପକୃତ ହେବେ ବରଂ ଏହାହିଁ ଆପଣଙ୍କୁ ପରବର୍ତ୍ତୀ ସମୟରେ ବେଶ୍ କାମରେ ଆସିପାରେ।

**ସଭିଙ୍କୁ ଗୁରୁତ୍ୱ ଦିଅନ୍ତୁ:** ଅନେକ କର୍ମଜୀବୀ ଯେଉଁମାନେ କେବଳ ନିଜ ସମସ୍କନ୍ଧଙ୍କ ସହ ମିଳାମିଶା କରନ୍ତି ଏବଂ ଅନ୍ୟମାନଙ୍କୁ ଅଣଦେଖା କରନ୍ତି। ଏପରି କରିବା ଠିକ୍ ନୁହେଁ। ତେଣୁ ଅଫିସରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଠାରୁ ଆରମ୍ଭ କରି ନୀଚପଦସ୍ଥ ଅଧିକାରୀ ଏମିତିକି ପିଅନ ପର୍ଯ୍ୟନ୍ତ ସମସ୍ତଙ୍କ ସହ ଉତ୍ତମ ସମ୍ପର୍କ ରଖିବା ହିଁ ଜଣେ ଭଲ ସହକର୍ମୀଙ୍କ ପରିଚୟ ଦିଏ।







### ଏମାନେ କ'ଣ କୁହନ୍ତି



**ରାଧାଶ୍ୟାମ ବେହେରା** (କର୍ମଜୀବୀ, ଆଇଟି ସେଲ୍, ବାଲେଶ୍ୱର)– ଅଫିସ୍‌ରେ ମୁଁ କେବଳ ମୋ କାମକୁ ନେଇ ସମସ୍ତଙ୍କ ସହ ମିଳାମିଶା କରେ। ଅଯଥା ଅଫିସ୍ ରାଜନୀତିରେ ପଶିବାକୁ ଚେଷ୍ଟା କରେ ନାହିଁ। ସହକର୍ମୀମାନେ ମିଶି ଅନ୍ୟ କାହା ବିରୋଧରେ ଗପୁଥିଲେ ସେ ବିଷୟକୁ ଅଣଦେଖା କରେ। ନିଜ ଦୁର୍ବଳତା ବିଷୟରେ କାହା ଆଗରେ କହେ ନାହିଁ। ଅଫିସ୍‌ରେ କଠିନ ପରିଶ୍ରମ କରେ। ବସ୍ କିମ୍ବା ସିନିୟର ଦେଉଥିବା କାମକୁ ଯଥାଶୀଘ୍ର ସାରିବାକୁ ଚେଷ୍ଟା କରେ। ଯଥା ସମ୍ଭବ ଅଫିସରେ ସମସ୍ତଙ୍କ ସହ ସୁସମ୍ପର୍କ ରଖିବାକୁ ଚେଷ୍ଟା କରେ।



**ସମୁଦ୍ରିକା ମହାନ୍ତି**(ଶିକ୍ଷୟିତ୍ରୀ, ଅକ୍ସଫୋର୍ଡ ପବ୍ଲିକ୍ ସ୍କୁଲ୍, ତେଲେଙ୍ଗାପେଣ୍ଠ, କଟକ)– ନିଜ କର୍ମକ୍ଷେତ୍ରରେ ସହକର୍ମୀମାନେ ମୋର ଆଉ ଏକ ପରିବାର ସଦୃଶ। ତେଣୁ ସେମାନଙ୍କ ସହ ସର୍ବଦା ଉତ୍ତମ ବ୍ୟବହାର କରେ। ମୋର କୌଣସି କାର୍ଯ୍ୟକଳାପ ଯେପରି କାହାକୁ ମାନସିକ ସ୍ତରରେ ଆଘାତ ନ ପହଞ୍ଚାଏ ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଏ।

**ୟୁଥ୍ କ୍ଲବ**

# ଅବହେଳିତଙ୍କ ମୁହଁରେ ଫୁଟାଉଛନ୍ତି ହସ

କେନ୍ଦୁଝର ଖଣିଖାଦାନ ଅଞ୍ଚଳରେ ରହୁଥିବା ଅନେକ ଅବହେଳିତ ଶିଶୁଙ୍କ ମୁହଁରେ ହସ ଫୁଟାଇବାକୁ ଅଣ୍ଟା ଭିଡ଼ିଛନ୍ତି ସେମାନେ। କେବେ କୋଭିଡ୍ ମୁକାବିଲା କରିବା ତ ଆଉ କେବେ ପ୍ରଦୂଷଣମୁକ୍ତ କେନ୍ଦୁଝର ଗଢ଼ିବା ଲକ୍ଷ୍ୟରେ ବୃକ୍ଷରୋପଣ କରିବା ଆଉ ପୁଣି କେବେ ଅସହାୟଙ୍କ ସହାୟତା ଲାଗି ରକ୍ତଦାନ କରିବାକୁ ବି ପଛାଇ ନ ଥାଆନ୍ତି । ସେମାନେ ହେଉଛନ୍ତି କେନ୍ଦୁଝରରେ ଥିବା 'ଖୁସି ଦ ଇନ୍‌କ୍ରିଡେବଲ ଭାରତ' ନାମକ ୟୁଥ୍ କ୍ଲବ୍‌ର ସଦସ୍ୟମାନେ।

୨୦୨୦ରେ ଯେତେବେଳେ କୋଭିଡ୍‌ରେ ସମଗ୍ର ଦେଶ ସ୍ତବ୍ଧ ହୋଇଯାଇଥିଲା, ବିଶେଷକରି ଅବହେଳିତ ପିଲାମାନଙ୍କ ସମସ୍ୟା ବଢ଼ିଲା ; ସେତେବେଳେ କିଛି ଯୁବକ ମିଶି ଆରମ୍ଭ କରିଥିଲେ ଏହି କ୍ଲବ। ବର୍ତ୍ତମାନ ଏଥିରେ ପାଖାପାଖି ୩୦ ଜଣ ସଦସ୍ୟ ସକ୍ରିୟ କାମ କରୁଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ପରୋକ୍ଷରେ ସହାୟତାର ହାତ ବଢ଼ାଇ ଏହି ଅଭିଯାନରେ ସାମିଲ ହୋଇ କାମ କରିଚାଲିଛନ୍ତି । ବିଭିନ୍ନ ହାଟିଂ ବା ବସ୍ତିରେ ରହୁଥିବା ବିଶେଷକରି ଖଣିଦ୍ୱାରା କ୍ଷତିଗ୍ରସ୍ତ ଏବଂ ଅବହେଳିତ ବଡ଼ବିଲ ପୌରାଞ୍ଚଳରେ ରହୁଥିବା ଗରିବ ଅବହେଳିତ ଶିଶୁଙ୍କୁ ମାଗଣା ଶିକ୍ଷାଦାନ କରିବା ସହ ସେମାନଙ୍କ ସମସ୍ୟା ବୁଝି ସମାଧାନ କରିବା ଭଳି କାମରେ ଲାଗିଛନ୍ତି ଏହି ୟୁଥ କ୍ଲବର ସଦସ୍ୟା ସଦସ୍ୟମାନେ। କାହାରି ଅନୁଦାନରେ ନୁହେଁ, ନିଜର ପାରିଶ୍ରମିକ ଅର୍ଥରୁ କିଛି କିଛି ଦେଇ ଏହି ସଦସ୍ୟମାନେ ଉକ୍ତ କାମକୁ ଆଗେଇ ନେଉଛନ୍ତି। ତେବେ ଏହି କାର୍ଯ୍ୟ ଅନ୍ୟମାନଙ୍କୁ କିପରି ପ୍ରେରଣା ଯୋଗାଇବ ଏବଂ ଅଧିକରୁ ଅଧିକ ଲୋକ ଏଭଳି କାର୍ଯ୍ୟ ପାଇଁ ଆଗେଇ ଆସିବେ, ସେହି ଲକ୍ଷ୍ୟ ନେଇ ଏକ ୱେବ୍ ପୋର୍ଟାଲ୍ ଗଠନ କରିଛନ୍ତି।

ସଂସ୍ଥାର ସଭାପତି ଅତୁଲ ଗିରି ଓ ସାଧାରଣ ସମ୍ପାଦକ ମନୀଷ ଠାକୁର ଅନ୍ୟ ସମସ୍ତ ସଦସ୍ୟମାନଙ୍କ ସହାୟତାରେ ଏହି ଅଭିଯାନକୁ ଆଗେଇ ନେଉଛନ୍ତି। ବର୍ତ୍ତମାନ ସୁଦ୍ଧା ସେମାନେ ୫୦୦ରୁ ଊର୍ଦ୍ଧ୍ୱ ଗରିବ ତଥା ଆଦିବାସୀ ଅବହେଳିତ ପିଲାଙ୍କୁ ପାଠପଢ଼ା ଉପକରଣ, କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରିଛନ୍ତି। ଏହା ସହ ପରିବେଶ ସୁରକ୍ଷା, ନିଆଁ ଦାଉରୁ ଜଙ୍ଗଲର ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ ଆଦି କ୍ଷେତ୍ରରେ ନିଃସ୍ୱାର୍ଥପର ଭାବରେ କାମ କରିବା ସହ ପିଲାଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରିଆସୁଛନ୍ତି। କେବଳ ଏତିକି ନୁହେଁ, ଶିଶୁ ଶ୍ରମ ବିରୋଧୀ ଅଭିଯାନ, ବୃକ୍ଷରୋପଣ, ପୋଷାକ ବଣ୍ଟନ, ରକ୍ତଦାନ ଶିବିର ଆୟୋଜନ ଆଦି ସାମାଜିକ ଓ ସଚେତନତାମୂଳକ କାର୍ଯ୍ୟ କରି ସ୍ଥାନୀୟ ଅଞ୍ଚଳରେ ତଥା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଏହି କ୍ଲବ। ତେବେ ଏଭଳି ସମାଜଧର୍ମୀ କାର୍ଯ୍ୟ ପାଇଁ କ୍ଲବ୍ ବିଭିନ୍ନ ସ୍ଥାନରୁ ସମ୍ମାନିତ, ସମ୍ବର୍ଦ୍ଧିତ ଓ ପୁରସ୍କୃତ ହୋଇଛି।

– ନରେଶ ଚନ୍ଦ୍ର ପଟ୍ଟନାୟକ


'ଖୁସି ଦ ଇନ୍‌କ୍ରିଡେବଲ ଭାରତ' ୟୁଥ୍ କ୍ଲବ୍‌ର ସଦସ୍ୟମାନେ।

# ଅଲିମ୍ପିକ୍ସ ବର୍ଜନ ପାଇଁ ୟୁକ୍ରେନ୍‌ର ଧମକ

**ଲାଉସାନେ,୪।୨(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪କୁ ବର୍ଜନର ଧମକ ଦେଇଛି ୟୁକ୍ରେନ୍। ଅଲିମ୍ପିକ୍ସକୁ ମାତ୍ର ୧୮ ମାସ ସମୟ ବାକି ରହିଥିବା ବେଳେ ରୁଷ୍ ଓ ବେଲାରୁଷ୍‌କୁ ବାସନ୍ଦ କରିବା ନେଇ ୟୁକ୍ରେନ୍ ଜୋର୍‌ଦାର ଉଦ୍ୟମ କରିଛି। ଗତ ୧୦ ଦିନ ହେବ ୟୁକ୍ରେନ୍ ପକ୍ଷରୁ ଉଭୟ ରାଷ୍ଟ୍ରକୁ ବାଦ୍ ନ ଦେଲେ ଅଲିମ୍ପିକ୍ସ ବର୍ଜନର ଏକ ପ୍ରଚାର ଅଭିଯାନ ଚଳାଯାଉଛି ଏବଂ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି(ଆଇଓସି) ଉପରେ ଚାପ ପକାଯାଉଛି। ଏହାକୁ ନେଇ ଆଇଓସି ସଭାପତିଙ୍କ ପକ୍ଷରୁ ଏକ ମତାମତ ମଧ୍ୟ ଜାରି କରାଯାଇଛି। ରାଜନେତାମାନେ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ମାନଙ୍କୁ ମାଧ୍ୟମ ଭାବରେ ବ୍ୟବହାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ରୁଷ୍ ଓ ବେଲାରୁଷ୍‌ର ଆଥ୍‌ଲେଟମାନେ ନିରପେକ୍ଷ ଭାବେ ଅଂଶଗ୍ରହଣ କରିବେ। ଗୋଟିଏ ଦେଶର ଭୁଲ୍ ପାଇଁ ଏହାର ଆଥ୍‌ଲେଟମାନଙ୍କୁ ଦଣ୍ଡିତ କରାଯିବା ସମ୍ପୂର୍ଣ୍ଣ ଭୁଲ୍। ତେଣୁ ଆଥ୍‌ଲେଟମାନଙ୍କ ଅଂଶଗ୍ରହଣକୁ ବିରୋଧ କରୁଥିବା ଦେଶକୁ ଦଣ୍ଡିତ କରାଯିବ ବୋଲି ଆଇଓସି ସ୍ପଷ୍ଟ କରିଛି।

## ନିୟମାବଳୀ

ଅଲିମ୍ପିକ୍ସ ନିୟମାବଳୀ ଅନୁସାରେ କୌଣସି ଦେଶକୁ ବାସନ୍ଦ କରିବା ନେଇ ସେପରି କିଛି ନିୟମ ନାହିଁ। ୨୦୬ଟି ଦେଶର ଅଲିମ୍ପିକ୍ସରେ ଅଂଶଗ୍ରହଣର ଅଧିକାର ରହିଛି ବୋଲି ଉଲ୍ଲେଖ ରହିଛି। ରୁଷ୍ ଏବଂ ବେଲାରୁଷ୍ ବିପକ୍ଷରେ କାର୍ଯ୍ୟ କରିବା ପାଇଁ କୌଣସି ସ୍ପଷ୍ଟ ଲିଖିତ ନିୟମ ନ ଥିବା ବେଳେ ମିଳିତ ଜାତିସଂଘ ବିରୋଧରେ ଯାଇ ଯୁଦ୍ଧ କରିବା ବିପକ୍ଷରେ କାର୍ଯ୍ୟାନୁଷ୍ଠାନର କୌଣସି ବ୍ୟବସ୍ଥା ନ ଥିବା କହିଛନ୍ତି ଆଇଓସି ମାନବାଧିକାର କମିଶନର ଓକିଲ ସିଲ୍ଭିଆ ଶେଙ୍କ।

## ବର୍ଜନର ଇତିହାସ

ଅଲିମ୍ପିକ୍ସକୁ ଅତୀତରେ ଅନେକ ଦେଶ ବର୍ଜନ କରିଛନ୍ତି। ତେବେ ୧୯୮୮ ସିଓଲ ଅଲିମ୍ପିକ୍ସ ପରଠାରୁ କୌଣସି ଦେଶ ଅଲିମ୍ପିକ୍ସକୁ ବର୍ଜନ କରିନାହାନ୍ତି। ୧୯୭୬-୧୯୮୪ ମଧ୍ୟରେ ଏହି ବୟକଟ୍ ସବୁଠାରୁ ଶୀର୍ଷରେ ରହିଥିଲା। ୧୯୭୬ରେ ନ୍ୟୁଜିଲାଣ୍ଡର ଅଂଶଗ୍ରହଣକୁ ବିରୋଧ କରି ଆଫ୍ରିକୀୟ ରାଷ୍ଟ୍ରଗୁଡ଼ିକ ମଣ୍ଟ୍ରିଲ ଅଲିମ୍ପିକ୍ସକୁ ବର୍ଜନ କରିଥିଲେ। ସେହିପରି ୧୯୮୦ରେ ଆଫଗାନିସ୍ତାନ ଉପରେ ସୋଭିଏତ୍ ୟୁନିୟନର ଆକ୍ରମଣକୁ ବିରୋଧ କରି ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱରେ ପ୍ରାୟ ୬୦ଟି ଦେଶ ଅଲିମ୍ପିକ୍ସ ବର୍ଜନ କରିଥିଲେ। ୧୯୮୪ରେ ଲସ୍‌ଏଞ୍ଜେଲସ୍ ଅଲିମ୍ପିକ୍ସକୁ ସୋଭିଏତ୍ ୟୁନିୟନ ନେତୃତ୍ୱରେ ପୂର୍ବ ୟୁରୋପୀୟ ଦେଶଗୁଡ଼ିକ ବର୍ଜନ କରିଥିଲେ।

## ବାସନ୍ଦ

ଅଲିମ୍ପିକ୍ସରୁ ଅନେକ ଦେଶଙ୍କୁ ବିଭିନ୍ନ କାରଣରୁ ବାସନ୍ଦ ମଧ୍ୟ କରାଯାଇଛି। ଜାତିଗତ ଭେଦଭାବ କାରଣରୁ ୧୯୬୪-୧୯୮୮ ଯାଏ ଦକ୍ଷିଣ ଆଫ୍ରିକାକୁ ବାସନ୍ଦ କରିଥିଲା ଆଇଓସି। ତେବେ ଦକ୍ଷିଣ ଆଫ୍ରିକା ଉପରେ ମିଳିତ ଜାତିସଂଘ ପକ୍ଷରୁ ସାଙ୍କ୍‌ଶନ ଲାଗୁ କରାଯାଇଥିବା ବେଳେ ରୁଷିଆ ଉପରେ ଏହା ଲାଗୁ କରାଯାଇନାହିଁ। ଟୋକିଓ ୨୦୨୦ରୁ ଓହରିବା କାରଣରୁ ଉତ୍ତର କୋରିଆକୁ ବେଜିଂ ୱିଣ୍ଟର ଅଲିମ୍ପିକ୍ସରୁ ବାସନ୍ଦ କରାଯାଇଥିଲା। ମହିଳାମାନଙ୍କୁ ଖେଳିବାର ଅଧିକାର ପ୍ରଦାନ କରାଯାଇ ନ ଥିବାରୁ ୨୦୨୪ ଅଲିମ୍ପିକ୍ସରୁ ଆଫଗାନିସ୍ତାନକୁ ବାସନ୍ଦ କରାଯାଇପାରେ।

## ନିରପେକ୍ଷ ଆଥଲେଟ୍

ରୁଷ୍ ଏବଂ ବେଲାରୁଷ୍ ଆଥ୍‌ଲେଟମାନେ ନିରପେକ୍ଷ ଭାବରେ ଅଂଶଗ୍ରହଣ କରିବା ପାଇଁ ଆଇଓସି ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ୧୯୯୨ରେ ଯୁଗୋସ୍ଲୋଭିଆର ଆଥଲେଟ୍ ଏବଂ ୨୦୧୬ରେ କୁଏତ୍‌ର ଆଥ୍‌ଲେଟମାନେ ନିରପେକ୍ଷ ଭାବେ ଅଲିମ୍ପିକ୍ସ ପତାକା ଅଧୀନରେ ଅଂଶଗ୍ରହଣ କରିଥିଲେ।

# ନେପାଳରେ ଟାଇଟଲ ଜିତିଲେ ଓଡ଼ିଶାର ଦେବାଶିଷ

**ଭୁବନେଶ୍ୱର, ୪।୨ (କ୍ରୀଡ଼ା ପ୍ରତିନିଧି)**



ଦେବାଶିଷ ସାହୁ ପଦକ ପ୍ରଦର୍ଶନ କରୁଛନ୍ତି।

ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବୀ ପ୍ରଦର୍ଶନ କରି ସମ୍ପ୍ରତି ଚର୍ଚ୍ଚାରେ ରହିଥିବା ଓଡ଼ିଶା ଟେନିସ ପ୍ରତିଭା ଦେବାଶିଷ ସାହୁ କ୍ୟାରିୟରରେ ଆଉ ଏକ ବଡ଼ ସଫଳତା ହାସଲ କରିଛନ୍ତି। ନେପାଳର କାଠମାଣ୍ଡୁରେ ଅନୁଷ୍ଠିତ ଜୁନିୟର ଆଇଟିଏଫ୍ ଜେ୬୦ ଟୁର୍ଣ୍ଣାମେଣ୍ଟର ସିଙ୍ଗଲ୍ସରେ ସେ ଚାମ୍ପିୟନ ଓ ଡବଲ୍ସରେ ରନରଅପ୍ ହୋଇଛନ୍ତି। ପୂର୍ବରୁ ଜୁନିୟର ଡେଭିସ୍ କପ୍ ଖେଳି ସାରିଥିବା ଦେବାଶିଷ ପ୍ରଥମ ଓଡ଼ିଆ ଖେଳାଳିଭାବେ ଏପରି ସଫଳତା ପାଇଛନ୍ତି ଏବଂ ୱାର୍ଲ୍ଡ ଆଇଟିଏଫ୍ ର୍‍ୟାଙ୍କିଙ୍ଗ୍‌ର ୩୫୦ରେ ପହଞ୍ଚି ଯାଇଛନ୍ତି। ଫଳରେ ଗ୍ରାଣ୍ଡସ୍ଲାମ ଖେଳିବା ଦିଗରେ ସେ ଆଗକୁ ବଢ଼ିଛନ୍ତି। ନେପାଳ ପ୍ରତିଯୋଗିତାର ସିଙ୍ଗଲ୍ସ ଫାଇନାଲ ଅବସରରେ ସେ ଦ୍ୱିତୀୟ ସିଡ୍ ତାଇୱାନର କାଇ ଇନ୍ ୟାଙ୍ଗ୍‌ଙ୍କୁ ୬-୧, ୪-୪, ୭-୬ (୭/୩)ରେ ପରାସ୍ତ କରିଥିଲେ। ଫାଇନାଲରେ ଟପ୍ ସିଡ୍ ଖେଳାଳି ଭିଏତନାମ୍‌ର ଫାମ୍ ଲା ହ୍ୱାଙ୍ଗ ଆନ୍‌ଙ୍କୁ ୪-୬, ୬-୧, ୬-୩ ସେଟ୍‌ରେ ହରାଇ ଦେଇଥିଲେ। ଡବଲ୍ସରେ ଦେବାଶିଷ ଓ ସ୍ମିଥ ପଟେଲଙ୍କ ଯୋଡ଼ି ସେମିଫାଇନାଲରେ ହଂକଂର ହୋଙ୍ଗ୍ କିଉ ଲାଉ ଓ ଭାରତର ବଂଶ ନନ୍ଦାଲଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ଟାଇଟଲ ପର୍ଯ୍ୟାୟରେ ଆମେରିକାର ଆରାଭ ସମ୍ରାଟ ହାଦା ଓ ନେପାଳର ଆକି ଜୁବେନ ରାୱତ ଯୋଡ଼ିଙ୍କଠାରୁ ୬-୩, ୫-୭ ଓ ସୁପର ଟାଇବ୍ରେକର ୮-୧୦ରେ ହାରି ଯାଇଥିଲେ। ଢେଙ୍କାନାଳ ଗଁଦିଆର ଅନୁକମ୍ପା ସାହୁ ଓ ଲକ୍ଷ୍ମୀକାନ୍ତ ସାହୁଙ୍କ ପୁତ୍ର ଦେବାଶିଷ ଏବେ ଅହମଦାବାଦସ୍ଥିତ ଅଲଟୋଭେଲ ଆଲେକଜାଣ୍ଡର ୱାସ୍‌କେ ଟେନିସ ଏକାଡେମୀରେ ଶ୍ରୀମଲ ଭଟ୍ଟଙ୍କଠାରୁ କୋଚିଂ ନେଉଛନ୍ତି।



ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ମହିଳା ଓ ପୁରୁଷ ଦଳ।

# ପ୍ରି-କ୍ୱାର୍ଟରରେ ଓଡ଼ିଶା ମହିଳା, ପୁରୁଷ ଦଳ

**ଭୁବନେଶ୍ୱର, ୪।୨ (କ୍ରୀଡ଼ା ପ୍ରତିନିଧି)**

**ଜାତୀୟ ସିନିୟର ଭଲିବଲ**

ଆସାମର ଗୁଆହାଟୀଠାରେ ଚାଲିଥିବା ୭୧ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ଶନିବାର ଡବଲ ବିଜୟ ହାସଲ କରି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ଦଳ ଏହାର ଦ୍ୱିତୀୟ ମ୍ୟାଚରେ ଲଦାଖକୁ ୩:୦ (୨୫-୫, ୨୫-୪, ୨୫-୫) ଓ ତୃତୀୟ ମ୍ୟାଚରେ ଆନ୍ଧ୍ର ପ୍ରଦେଶକୁ ୩:୦ (୨୫-୯, ୨୫-୧୩, ୨୫-୧୧) ସେଟ୍‌ରେ ହରାଇ ଦେଇଛି। ପୁରୁଷ ଦଳ ଏହାର ତୃତୀୟ ମ୍ୟାଚରେ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଗୁଜରାଟକୁ ୩:୨ (୨୭-୨୯, ୨୬-୨୪, ୨୨-୨୫, ୨୫-୧୯, ୧୯-୯) ସେଟ୍‌ରେ ପରାସ୍ତ କରିଛି। ରବିବାର ଓଡ଼ିଶା ପୁରୁଷ ଦଳ ପୁଡୁଚେରୀକୁ ଏବଂ ମହିଳା ଦଳ ଉତ୍ତରାଖଣ୍ଡକୁ ଭେଟିବ। ଯଦି ଏହି ୨ଟି ମ୍ୟାଚରେ ପୁରୁଷ ଓ ମହିଳା ଦଳ ବିଜୟୀ ହୁଏ ତେବେ ପୁଲରେ ଟପ୍ପର ହେବେ।

# ଆହାନ ସିଙ୍ଗଲ୍ସ ଚାମ୍ପିୟନ

**ଭୁବନେଶ୍ୱର, ୪।୨ (କ୍ରୀଡ଼ା ପ୍ରତିନିଧି)**



ପୁରସ୍କାର ସହ ଆହାନ।

ଓଡ଼ିଶାର ପ୍ରତିଭା ସମ୍ପନ୍ନ ଟେନିସ ଖେଳାଳି ଆହାନ କ୍ୟାରିୟରରେ ଆଉ ଏକ ସଫଳତା ପାଇଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆନ ଟେନିସ ଟୁର୍ଣ୍ଣାମେଣ୍ଟର ୧୪ ବର୍ଷରୁ କମ୍ ବର୍ଗ ସିଙ୍ଗଲ୍ସରେ ଚାମ୍ପିୟନ ଓ ଡବଲ୍ସରେ ରନରଅପ୍ ହୋଇଛନ୍ତି। ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆହାନ ସିଙ୍ଗଲ୍ସ ଫାଇନାଲରେ ଅନ୍ୟତମ ଭାରତୀୟ ପ୍ରତିଦ୍ୱନ୍ଦ୍ୱୀ ପ୍ରାଚି ମଲିକଙ୍କୁ ୬-୧, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଡବଲ୍ସରେ ସେ ମେହା ପାଟିଲଙ୍କୁ ସାଥିକରି ଖେଳିଥିଲେ। ତେବେ ଆହାନ-ମେହା ଯୋଡ଼ି ଫାଇନାଲରେ ପ୍ରାଚି ମଲିକ ଓ ସୁପ୍ରିୟାଂଶି ଶେଖାୱତଙ୍କଠାରୁ ୪-୬, ୪-୬ ସେଟ୍‌ରେ ହାରି ଯାଇଛନ୍ତି। ଆହାନ ପ୍ରଥମଥରପାଇଁ ଏସିଆନ ଟୁର୍ଣ୍ଣାମେଣ୍ଟର ୧୪ ବର୍ଷରୁ କମ୍ ବର୍ଗରେ ଟାଇଟଲ ହାସଲ କରିଛନ୍ତି। ସେ ଏସ୍ ବେସ୍ ଟେନିସ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।

# ଓଏଫ୍‌ସିରେ ଯୋଗଦେଲେ ପ୍ରିନ୍ସଟନ୍ ରେବେଲୋ

**ଭୁବନେଶ୍ୱର,୪।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ଚଳିତ ସିଜନ ପାଇଁ ମିଡ୍‌ଫିଲ୍ଡର ପ୍ରିନ୍ସଟନ୍ ରେବେଲୋଙ୍କୁ ସାଇନ୍ କରିଛି। ଏଫ୍‌ସି ଗୋଆ ପକ୍ଷରୁ ମିଡ୍‌ଫିଲ୍ଡର ଭାବେ ଖେଳୁଥିବା ପ୍ରିନ୍ସଟନ୍ ୨୦୨୪ ସିଜନ୍ ଯାଏ ଓଏଫ୍‌ସି ସହିତ ଯୋଗଦେଇଛନ୍ତି। ଗୋଆର ବେଟାଲବାଟିମ୍‌ରେ ଜନ୍ମିତ ରେବେଲୋ ୮ ବର୍ଷରୁ କମ୍ ଏକ ଟୁର୍ଣ୍ଣାମେଣ୍ଟ ଖେଳୁଥିବା ବେଳେ କୋଚ୍ ଏବାନ୍‌ମସ୍କିଟାଙ୍କ ନଜରରେ ଆସନ୍ତି। ଏହାପରେ ସେ ଭେଲ୍ସାଓ ପେଲ୍ କ୍ଲବ୍ ପାଇଁ ଖେଳନ୍ତି। ୨୦୧୪ରେ ସେ ଇଂଲଣ୍ଡ ଯାଇ କ୍ୱିନ୍ସ ପାର୍କ ରେଞ୍ଜର୍ସର ୧୫ ବର୍ଷରୁ କମ୍ ଦଳ ପାଇଁ ଖେଳନ୍ତି। ୨୦୧୬ରେ ଭାରତ ଫେରିବା ସହିତ ଭାସ୍କୋ କ୍ଲବ ପକ୍ଷରୁ ଖେଳନ୍ତି। ୬ ଆସିଷ୍ଟ ଏବଂ ୩ ଗୋଲ ପରେ ସେ ଆଇ ଲିଗ୍‌ରେ ଇଣ୍ଡିଆନ ଆରୋଜ୍ ପକ୍ଷରୁ ଖେଳିଥିଲେ। ଏହାପରେ ୧୮ ଓ ୧୯ ବର୍ଷରୁ କମ୍ ଭାରତୀୟ ଦଳ ପକ୍ଷରୁ ଖେଳିଥିଲେ। ପ୍ରକାଶ ଯେ, ୨୦୨୦-୨୧ ସିଜନରେ ଏଫ୍‌ସି ଗୋଆକୁ ଚାମ୍ପିୟନ କରାଇବାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା।

# ଓଡ଼ିଶା କ୍ଲବ ପାୱାର ଲିଫ୍ଟିଙ୍ଗ୍ ପ୍ରତିଯୋଗିତା ଆରମ୍ଭ

**ଭୁବନେଶ୍ୱର, ୪।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ପ୍ରଥମ ରାଜ୍ୟ କ୍ଲବ ସ୍ତରୀୟ ପାୱାର ଲିଫ୍ଟିଙ୍ଗ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ କ୍ଲବରୁ ୧୫୦ରୁ ଅଧିକ ଶକ୍ତି ଉତ୍ତୋଳକ ଭାଗ ନେଇଛନ୍ତି। ପ୍ରଥମ ଦିବସରେ ଉତ୍କଳ କରାଟେ ସ୍କୁଲ ପ୍ରାଧାନ୍ୟ ବିସ୍ତାର କରି ୩ ପଦକ ହାସଲ କରିଥିବା ବେଳେ ଶକ୍ତିମାନ ଜିମ୍ ୨ଟି ସ୍ୱର୍ଣ୍ଣ ପଦକ ପାଇଛି। ଉଦ୍‌ଘାଟନୀ ଉତ୍ସବରେ ଡ଼ଃ ଗୌରୀ ମହାନ୍ତି, ଅନ୍ତର୍ଜାତୀୟ ଶକ୍ତି ଉତ୍ତୋଳକ ପ୍ରଦୀପ କୁମାର ପାତ୍ର, ସମରେନ୍ଦ୍ର ରାଉତରାୟ, ଶକ୍ତି ରଞ୍ଜନ ବାରିକ, କୃଷ୍ଣଚନ୍ଦ୍ର ସାହୁ, ଜାଭେଦ ଅର୍ସଦ, ଅବିନାଶ ପୁନ୍ଦିର, ଅଭିଷେକ ଆଚାର୍ଯ୍ୟ ଓ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେବା ସହ ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଏଭଳି ପ୍ରତିଯୋଗିତାର ଆୟୋଜନ ଦ୍ୱାରା ଶକ୍ତି ଉତ୍ତୋଳନ କ୍ରୀଡ଼ାର ମାନ ବୃଦ୍ଧି ପାଇବ ବୋଲି ସଂଘର ସମ୍ପାଦକ ଡ଼ଃ ହରି ପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।




ଓଡ଼ିଶା କ୍ଲବ ପାୱାର ଲିଫ୍ଟିଙ୍ଗ୍ ପ୍ରତିଯୋଗିତା ଉଦ୍‌ଘାଟନୀ ଅବସରରେ ଅତିଥି ଓ କର୍ମକର୍ତ୍ତା।

## ବୋପାନ୍ନା-ଭାମ୍ବ୍ରି ଯୋଡ଼ି ପରାସ୍ତ

**ହିଲେରଡ୍ (ଡେନ୍‌ମାର୍କ), ୪।୨(ପି.ଟି.)**

ଡେନ୍‌ମାର୍କ ବିପକ୍ଷ ଡେଭିସ୍ କପ୍ ୱାର୍ଲ୍ଡ ଗ୍ରୁପ୍ ପ୍ଲେ-ଅଫ୍ ଡବଲ୍ସ ମ୍ୟାଚ୍‌ରେ ଭାରତୀୟ ଯୋଡ଼ି ରୋହନ ବୋପାନ୍ନା ଓ ୟୁକି ଭାମ୍ବ୍ରି ହାରିଯାଇଛନ୍ତି। ବିଶ୍ୱର ୯ ନମ୍ବର ଯୋଡ଼ି ହୋଲ୍‌ଗର ରୁନ୍ ଓ ଜୋହାନେସ୍ ଇନ୍‌ଗିଲ୍‌ଡସେନ୍ ୬-୨, ୬-୪ ସିଧାସଳଖ ସେଟ୍‌ରେ ତାଙ୍କୁ ହରାଇ ଦେଇଛନ୍ତି। ଫଳରେ ଏହି ମୁକାବିଲାରେ ଡେନ୍‌ମାର୍କ ୨-୧ରେ ଅଗ୍ରଣୀ ଲାଭ କରିଛି। ରୁନଙ୍କ୍ ଉପସ୍ଥିତି ସମ୍ଭବତଃ ଏଥିରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଭାରତ ଯଦି ଏହି ମୁକାବିଲା ହାରିଯାଏ ତେବେ ୱାର୍ଲ୍ଡ ଗ୍ରୁପ୍-୨କୁ ଖସିଯିବ।

## ସମୁଦ୍ର ପଥରେ ଯାତ୍ରା କରିବ ଅଲିମ୍ପିକ୍ସ ମଶାଲ

**ମାର୍ସେଲି,୪।୨(ପି.ଟି.):** ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ ପାଇଁ ସମୁଦ୍ର ପଥରେ ଯାତ୍ରା କରିବ ଅଲିମ୍ପିକ୍ସ ମଶାଲ। ପାରମ୍ପରିକ ଭାବେ ସ୍ଥଳପଥରେ ଯାତ୍ରା କରୁଥିବା ମଶାଲ ପ୍ରଥମ ଥର ପାଇଁ ସମୁଦ୍ରରେ ଯାତ୍ରା କରିବ। ୩ଟି ଜାହାଜ ମାଧ୍ୟମରେ ଏହା ଗ୍ରୀସ୍‌ରୁ ବାହାରି ଫ୍ରାନ୍ସର ମାର୍ସେଲେରେ ପହଞ୍ଚିବ। ପୁରାତନ ଅଲିମ୍ପିଆ ସହରରେ ସୂର୍ଯ୍ୟୋଦୟ ସହ ଅଲିମ୍ପିକ୍ସ ମଶାଲରେ ଅଗ୍ନି ସଂଯୋଗ କରାଯାଏ। ପରେ ଭୂ-ମଧ୍ୟସାଗର ଉପକୂଳ ଦେଇ ଏଥେନ୍ସ ପରିକ୍ରମା କରାଯାଇଥାଏ। ମାର୍ସେଲେ ମାରିନା ଦେଇ ଏହି ମଶାଲ ଯାତ୍ରା କରିବ। ଜୁଲାଇ ୨୬ରୁ ଏହି ମଶାଲ ଯାତ୍ରା ଆରମ୍ଭ ହେବ।

# ଡବଲ ସ୍ୱର୍ଣ୍ଣ ବିଜୟିନୀ ପାର୍ବତୀଙ୍କ ପ୍ରତ୍ୟାବର୍ତ୍ତନ



ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ ପରେ ପଦକ ସହ ପାର୍ବତୀ ସେଠୀ।

**ଭୁବନେଶ୍ୱର, ୪।୨ (କ୍ରୀଡ଼ା ପ୍ରତିନିଧି)**

ହାଇଦ୍ରାବାଦରେ ଅନୁଷ୍ଠିତ ୫ମ ଜାତୀୟ ମାଷ୍ଟର ଗେମ୍ସର ଉଭୟ ଡିସ୍‌କସ୍ ଓ ଶଟ୍‌ପୁଟରେ ସ୍ୱର୍ଣ୍ଣ ପଦକ ଜିତି ଶନିବାର ଭୁବନେଶ୍ୱର ଫେରିଛନ୍ତି ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଆଥଲେଟ୍ ପାର୍ବତୀ ସେଠୀ। ୧୯୯୦ରୁ ଦୀର୍ଘ ତିନି ଦଶନ୍ଧୀଧରି କ୍ରୀଡ଼ାରେ ସକ୍ରିୟ ରହିଥିବା ପାର୍ବତୀ ଅନେକ ପ୍ରତିଯୋଗିତାରେ ପଦକ ଜିତି ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି। ଡିସ୍‌କସ୍ କୁଇନ୍‌ଭାବେ ପରିଚିତ ଏହି ତାରକା ଆଥଲେଟ୍ ସମ୍ପ୍ରତି ଇଣ୍ଡିଆନ ରେଲୱେରେ ଟିଟିଆଇଭାବେ କାର୍ଯ୍ୟରତ। ରାଜ୍ୟ ସରକାରଙ୍କଠାରୁ ସାହାଯ୍ୟ ସହଯୋଗ ମିଳିଲେ ସେ ଆଗାମୀ ଦିନରେ ଅଧିକ ସଫଳତା ହାସଲ କରିବା ସହ ଅନେକ କ୍ରୀଡ଼ାବିତ୍ ପ୍ରସ୍ତୁତ କରି ଓଡ଼ିଶାକୁ ଗର୍ବିତ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ପାର୍ବତୀ ପ୍ରକାଶ କରିଛନ୍ତି।

# ଚୟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ଅନୁପମା

**ଭୁବନେଶ୍ୱର,୪।୨(ସ୍ପୋର୍ଟ୍ସ ବ୍ୟୁରୋ)**

**ଏସୀୟ ଜୁଜୁତ୍ସୁ**

ଏସୀୟ ଜୁଜୁତ୍ସୁ ପ୍ରତିଯୋଗିତା ପାଇଁ ଭାରତୀୟ ଦଳର ମନୋନୟନ ଶିବିରରେ ଅଂଶଗ୍ରହଣ କରିବେ ଓଡ଼ିଶାର ଅନୁପମା ସ୍ୱାଇଁ। ରବିବାର ଦିଲ୍ଲୀର ପ୍ରୋ ଫାଇଟ୍ କ୍ଲବରେ ଭାରତୀୟ ଦଳ ଚୟନ ହେବ। ଥାଇଲାଣ୍ଡରେ ଫେବୃୟାରୀ ୨୩ରୁ ୨୮ ଯାଏ ସପ୍ତମ ଏସୀୟ ଜୁଜୁତ୍ସୁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ପୂର୍ବରୁ ଅନୁପମା ୩ଥର ଏସୀୟ ଜୁଜୁତ୍ସୁ ପ୍ରତିଯୋଗିତାରେ ଭାଗ ନେଇ ୩ଟି ପଦକ ମଧ୍ୟ ହାସଲ କରିଛନ୍ତି। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ୱାର୍ଲ୍ଡ ମାଷ୍ଟର୍ସ ମାର୍ସିଆଲ ଆର୍ଟସରେ ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଥିଲେ। ବିଗତ ୪ ବର୍ଷ ଧରି ଜାତୀୟ ଜୁଜୁତ୍ସୁ ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣ ପଦକ ମଧ୍ୟ ହାସଲ କରିଛନ୍ତି। ଏସୀୟ ପ୍ରତିଯୋଗିତା ପାଇଁ ଅନୁପମାଙ୍କୁ ଶୁଭକାମନା ଜଣାଇଛି ରାଜ୍ୟ ଜୁଜୁତ୍ସୁ ସଂଘ।



ଏସୀୟ ଜୁଜୁତ୍ସୁ ପାଇଁ ଚୟନ ପ୍ରକ୍ରିୟାରେ ଭାଗନେବା ପୂର୍ବରୁ ଅନୁପମା ସ୍ୱାଇଁଙ୍କୁ ରାଜ୍ୟ ଆସୋସିଏଶନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଦୀପା କର୍ମକାରଙ୍କୁ ୨୧ ମାସ ବାସନ୍ଦ

**ନୂଆଦିଲ୍ଲୀ, ୪।୨**

ଷ୍ଟାର ଜିମ୍ନାଷ୍ଟ ଦୀପା କର୍ମକାରଙ୍କୁ ୨୧ ମାସ ବାସନ୍ଦ କରାଯାଇଛି। ଇଣ୍ଟରନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଆଇଟିଏ) ଦ୍ୱାରା କରାଯାଇଥିବା ଡୋପ୍ ଟେଷ୍ଟରେ ସେ ବିଫଳ ହୋଇଥିଲେ। ଆଇଟିଏ ଏକ ସଂସ୍ଥା, ଯିଏକି ଇଣ୍ଟରନ୍ୟାଶନାଲ ଜିମ୍ନାଷ୍ଟିକ୍ସ ଫେଡେରେଶନ(ଏଫ୍‌ଆଇଜି)ର ଡୋପିଙ୍ଗ୍ ପ୍ରୋଗ୍ରାମ ପରିଚାଳନା କରିଥାଏ। ୨୦୨୧ ଅକ୍ଟୋବର ୧୧ରେ ପ୍ରତିଯୋଗିତା ବାହାରେ କର୍ମକାରଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରେ ୱାଡା (ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି) ଦ୍ୱାରା ନିଷିଦ୍ଧ ପଦାର୍ଥ ହାଇଜେନାମିନ୍‌ର ମାତ୍ରା ରହିଥିଲା। ବାସନ୍ଦ ଦଣ୍ଡ ପିଛିଲା ତାରିଖରୁ ଲାଗୁ କରାଯାଇଛି। ଏହାର ଅବଧି ଚଳିତ ବର୍ଷ ଜୁଲାଇ ୧୦ରେ ଶେଷ ହେବ। କର୍ମକାର ୨୦୧୬ ରିଓ ଅଲିମ୍ପିକ୍ସ ଭଲ୍ଟ ଇଭେଣ୍ଟରେ ଚତୁର୍ଥ ସ୍ଥାନ ଅଧିକାର କରି ସୁନାମ ଅର୍ଜନ କରିଥିଲେ। ୨୦୧୭ରେ ଲିଗାମେଣ୍ଟ ଇଞ୍ଜୁରି ପରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ତାଙ୍କର ଶେଷ ଏଫ୍‌ଆଇଜି ଇଭେଣ୍ଟ ବାକୁଠାରେ ୨୦୧୯ ବିଶ୍ୱକପ୍ ରହିଥିଲା। କର୍ମକାର କହିଛନ୍ତି, ତାଙ୍କ ଶରୀରକୁ ଏହି ନିଷିଦ୍ଧ ଉପାଦାନ କିପରି ପ୍ରବେଶ କଲା ସେ ସମ୍ପର୍କରେ ଜାଣନ୍ତିନାହିଁ। ତେବେ ଭାରତର ଏହି ଷ୍ଟାର ଜିମ୍ନାଷ୍ଟ ଡୋପିଙ୍ଗ୍ ନିୟମ ଉଲ୍ଲଂଘନ କରିଥିବା ସ୍ୱୀକାର କରିଛନ୍ତି। ଦଣ୍ଡ ବିଧାନକୁ ସେ ଗ୍ରହଣ କରିଛନ୍ତି। ଚଳିତ ବର୍ଷ ଜୁଲାଇରେ ସେ ଖେଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ତ୍ରିପୁରା ରାଜ୍ୟର କର୍ମକାରଙ୍କୁ ବର୍ତ୍ତମାନ ଭାରତର ଶ୍ରେଷ୍ଠ ଜିମ୍ନାଷ୍ଟ ରୂପେ ବିବେଚନା କରାଯାଉଛି। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ଭଲ୍ଟ ଇଭେଣ୍ଟରେ ସେ ପ୍ରଥମ ଭାରତୀୟ ମହିଳା ଭାବେ ଫାଇନାଲରେ ପ୍ରବେଶ କରିବା ସହ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ସେ ଆହୁରି ମଧ୍ୟ ଏସିଆନ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ଜିତିଥିଲେ। ପରେ ପ୍ରଥମ ଭାରତୀୟ ଜିମ୍ନାଷ୍ଟ ଭାବେ ୨୦୧୫ ୱାର୍ଲ୍ଡ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଚାମ୍ପିୟନଶିପ୍‌ର ଫାଇନାଲ ଷ୍ଟେଜ୍‌କୁ ଉନ୍ନୀତ ହୋଇଥିଲେ। ଇଭେଣ୍ଟରେ ସେ ୫ମ ସ୍ଥାନ ଅଧିକାର କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ